# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୨/୨୦୧୮ (୨୦ ପୃଷ୍ଠା ) Sambalpur, Wednesday, September 12/ 2018 ★★

୧୪ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ମନସ୍ୱିନୀଙ୍କୁ ପ୍ରୋ-କବାଡି ସୁଯୋଗ

ରାଜ୍ୟର ଦ୍ୱିତୀୟ ମହିଳା ଖେଳାଳିଭାବେ ପ୍ରୋ-କବାଡି ଲିଗ୍‌ରେ ବୈଷୟିକ ଅଫସିଆଲ ଦାୟିତ୍ୱ ତୁଲାଇବେ ଯାଜପୁରର ମନସ୍ୱିନୀ ସାହୁ ।

୧୯

୦୨

## ଦବଙ୍ଗ-୩ ରିଲିଜ୍ ସୂଚନା ଦେଲେ ସଲମାନ୍

ସଲମାନ୍ ଖାନ୍ ଅଭିନୀତ ଫିଲ୍ମ 'ଦବଙ୍ଗ'କୁ ସୋମବାର ୮ବର୍ଷ ପୂରିଛି। ତେବେ ଦବଙ୍ଗ-୩ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ବୋଲି ସଲମାନ୍‌ଙ୍କଠାରୁ ସୂଚନା ମିଳିଛି ।



## ଆଶା, ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

■ **ଅଙ୍ଗନୱାଡି ସହାୟିକା ପାଇବେ ୨୨୫୦ ଟଙ୍କା**

ନୂଆଦିଲ୍ଲୀ,୧୧।୯(ପି.ଟି.)

ଦେଶର ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଖୁସି ଖବର। ମଙ୍ଗଳବାର ସେମାନଙ୍କ ମାସିକ ପାରିଶ୍ରମିକ ରାଶି ବୃଦ୍ଧି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଶା କର୍ମୀମାନଙ୍କୁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ନିୟମିତ ଭତ୍ତା ଦୁଇଗୁଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିସହିତ ସମସ୍ତ ଆଶାକର୍ମୀ ଏବଂ ସେମାନଙ୍କ ସହାୟିକାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଗତ ମାଗଣା ବୀମାଭୁକ୍ତ କରାଯିବ। ସେମାନେ ବିନା କୌଣସି ଦେୟରେ ୪ ଲକ୍ଷ ଟଙ୍କା ଯାଏ ଦୁର୍ଘଟଣାଜନିତ ବୀମା ସୁବିଧା ପାଇପାରିବେ।

☞ପୃଷ୍ଠା–୭

# ଖାଇକୁ ଖସିଲା ବସ୍: ୫୨ ମୃତ



ଦୁର୍ଘଟଣାଗ୍ରସ୍ତ ବସ୍ ।

ହାଇଦ୍ରାବାଦ,୧୧।୯(ଆଇଏଏନ୍‌ଏସ୍)

ତେଲେଙ୍ଗାନାର ଜଗତିଆଲ୍ ଜିଲାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୭୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ସରକାରୀ ବସ୍ ଖାଇକୁ ଖସିପଡ଼ିଛି। ଏଥିରେ ୫୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ବୋଲି ଜଣାପଡ଼ିଛି। ମଙ୍ଗଳବାରକୁ ଶୁଭଦିନ ମନେକରି ଭକ୍ତମାନେ କୋଣ୍ଡାଗଟ୍ଟୁ ପାହାଡ ଉପରେ ଥିବା ଅଞ୍ଜନେୟ ସ୍ୱାମୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନେ ଦର୍ଶନ ସାରି ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମ (ଟିଏସ୍‌ଆର୍‌ଟିସି)ର ବସ୍‌ରେ ଫେରୁଥିଲେ। ବସ୍

☞ପୃଷ୍ଠା–୭

## ବନ୍ଧୁକ ଦେଖାଇ ୧୯ ଲକ୍ଷ ଲୁଟ୍

ବଲାଙ୍ଗୀର ଅଫିସ/ଦେଓଗାଁ,୧୧।୯(ଡି.ଏନ୍.ଏ.)

ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବନ୍ଧୁକ ଦେଖାଇ ୩ ଜଣ ଲୁଟେରା ୧୯ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯିବା ଘଟଣା ବଲାଙ୍ଗୀର ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ତୁଷରା ଆନ୍ଧ୍ର ବ୍ୟାଙ୍କରୁ ଏକ ମାରୁତି ଭ୍ୟାନ୍‌ରେ ୧୯ଲକ୍ଷ ଟଙ୍କା ନେଇ ବଡ଼ବନ୍ଧ ଗାଁସ୍ଥିତ ଆନ୍ଧ୍ର ବ୍ୟାଙ୍କକୁ ନିଆଯାଉଥିବା ବାଟରେ ସାରସବାହାଲ ଗାଁ ନିକଟରେ ଏହି ଲୁଟ୍ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ତୁଷରା ଥାନାରେ ଏକ ମାମଲା (ନଂ. ୨୩୨/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏସ୍‌ପି କେ. ଶିବା ସୁବ୍ରମଣି, ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ,

☞ପୃଷ୍ଠା–୭









ଆମ ସହର
**ପାରାଦୀପ**
ପୃଷ୍ଠା-୧୦/୧୧


**ଆଜିର ସମ୍ପାଦକୀୟ**

**ଯୁଦ୍ଧକୁ ଅପେକ୍ଷା**

**ଆଜିର ମନ୍ତବ୍ୟ**

"ମୋ ଧର୍ମ ମତେ ଜଣା, କାହାଠାରୁ ହିନ୍ଦୁତ୍ୱ ଶିକ୍ଷା ନେବା ଦରକାର ନାହିଁ।
**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

# ୩ ବିଧାୟକ, ଜଣେ ଅଫିସରଙ୍କ ବିଜେଡିରେ ମୁଁ ନାହିଁ: ଦାମ

ଭୁବନେଶ୍ୱର,୧୧।୯(ବ୍ୟୁରୋ)



ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦାମୋଦର ରାଉତଙ୍କୁ ନେଇ ବିଜେଡି ଶିବିରରେ ଝଡ ସୃଷ୍ଟି ହୋଇଛି। କିଛି ଦିନ ଧରି ସରକାରଙ୍କ ବିରୋଧରେ ଚାରା, ଓମ୍‌ଫେଡ୍ ଏବଂ ସମବାୟ ବିଭାଗରେ ହୋଇଥିବା ଦୁର୍ନୀତି ଅଭିଯୋଗ ସେ ଆଣିଥିଲେ। ଏହାକୁ ନେଇ ଜଗତସିଂହପୁର ବିଜେଡିରେ ତାଙ୍କୁ ବିରୋଧ କରାଯାଇଥିଲା। ଏପରିକି ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜଗତସିଂହପୁର ପୂର୍ବତନ ବିଧାୟକ ବିଷ୍ଣୁ ଚରଣ ଦାସ ଏବଂ ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଫେରାଦ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏଥିସହିତ ଏରସମା ଏବଂ ବାଲିକୁଦା ଅଞ୍ଚଳର ଶତାଧିକ କର୍ମୀ ନବୀନ ନିବାସ ଠାରେ ମଙ୍ଗଳବାର ଦାମଙ୍କ ବହିଷ୍କାର ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତ କରିବା ପୂର୍ବରୁ ଗଣମାଧ୍ୟମକୁ କହିଛନ୍ତି ଯେ ଦାମ ରାଉତଙ୍କ ବିରୋଧରେ ଅଭିଯୋଗ ଆସିଛି।

☞ପୃଷ୍ଠା–୭





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
11.09.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 55 | 100 | 110 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 57 | 102 | 112 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers








ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ଭୋଟର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବ। ୨୦୧୯ ନିର୍ବାଚନରେ ଭାଜପାର ବିଜୟ ପରବର୍ତ୍ତୀ ୫୦ ବର୍ଷ ପାଇଁ ଦେଶ ଶାସନ କରିବାର ବାଟ ଫିଟାଇବ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ

## ସଂକ୍ଷେପରେ

### ପରଲୋକରେ ଶରିଫ୍ଙ୍କ ସ୍ତ୍ରୀ



**ଲଣ୍ଡନ/ଇସ୍ଲାମାବାଦ,୧୧ା୯ (ପି.ଟି.):** ଜୀବନ ଯୁଦ୍ଧରେ ହାରିଗଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ଙ୍କ ସ୍ତ୍ରୀ କୁଲ୍ସୁମ୍। ଲଣ୍ଡନ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର କୁଲ୍ସୁମଙ୍କ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। କର୍କଟ ସହ ସଂଘର୍ଷ କରୁଥିବା କୁଲ୍ସୁମଙ୍କ ଲଣ୍ଡନସ୍ଥିତ ହାର୍ଲେ ଷ୍ଟ୍ରିଟ୍ କ୍ଲିନିକ୍ରେ ଜୁନ୍ ୨୦୧୪ରୁ ଚିକିତ୍ସା ଚାଲିଥିଲା। ଫୁସ୍ଫୁସ୍ ସମସ୍ୟା ଉପୁଜିବା ପରେ ସୋମବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାପରେ ମଙ୍ଗଳବାର ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍ରେ ରଖାଯାଇଥିଲା। କିନ୍ତୁ ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିପାରି ନ ଥିଲେ। କୁଲ୍ସୁମ୍ଙ୍କ ପରଲୋକ ବିଷୟରେ ଶରିଫ୍ଙ୍କ ଭାଇ ତଥା ପିଏମ୍ଏଲ୍ଏନ୍ର ସଭାପତି ଶାହବାଜ୍ ଶରିଫ୍ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ନୱାଜ ଏବଂ ତାଙ୍କ ଝିଅ ମରିୟମ୍, ଜାମାତା ମହମ୍ମଦ ସଫ୍ଦାର ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ରାୱଲପିଣ୍ଡିର ଆଦିଆଲା ଜେଲରେ ସଜା କାଟୁଛନ୍ତି। କୁଲ୍ସୁମ୍ଙ୍କ ମୃତଦେହ ଲଣ୍ଡନରୁ ପାକିସ୍ତାନ ଆଣିବା ଲାଗି ପରିବାର ସଦସ୍ୟ ଉଦ୍ୟମ କରୁଥିବା ଜଣାପଡ଼ିଛି। ପାକିସ୍ତାନରେ ହିଁ ତାଙ୍କର ଅନ୍ତିମ ସତ୍କାର କରାଯିବ। କୁଲ୍ସୁମ୍ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍।

### ସେନା ସଂସ୍କାର ପାଇଁ ଆଲୋଚନା ଆରମ୍ଭ

**ନୂଆଦିଲ୍ଲୀ,୧୧ା୯:** ସେନାରେ ସଂସ୍କାର ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଯାଇଛି। ସେନାର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ମଙ୍ଗଳବାର ଏ ସମ୍ପର୍କିତ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୨.୫ ଲକ୍ଷ ବଳ ବିଶିଷ୍ଟ ଭାରତୀୟ ସେନାକୁ ସଙ୍କୁଚିତ ଏବଂ ପରାକ୍ରମଶାଳୀ କରିବା ତଥା ଏହାର ସାଙ୍ଗଠନିକ ଢାଞ୍ଚା ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବାର୍ଷିକ ୬୦୦୦-୭୦୦୦ କୋଟି ଟଙ୍କା ଆଗାମୀ ୬ ବର୍ଷ ମଧ୍ୟରେ ସଞ୍ଚୟ କରିବା ପାଇଁ ସେନାରେ ଦେଢ଼ଲକ୍ଷ ଚାକିରି ଛଟେଇ କରିବା ସମ୍ପର୍କରେ ମଧ ବିଚାର କରାଯାଉଥିବା କୁହାଯାଉଛି।

### ବିସ୍ଫୋରଣରେ ୨୫ ନିହତ

**କାବୁଲ,୧୧ା୯(ଏ.ପି.):** ପୂର୍ବ ଅଫଗାନିସ୍ତାନର ନାନ୍ଗରହାରରେ ମଙ୍ଗଳବାର ଆତ୍ମଘାତୀ ଆକ୍ରମଣରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩୦ ଜଣ ଆହତ ହୋଇଛନ୍ତି। ୪୦୦ରୁ ଅଧିକ ଲୋକ ଏକାଠି ହୋଇ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା ସମୟରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଆଚିନ୍ ଜିଲାର ଲୋକେ ସ୍ଥାନୀୟ ପୋଲିସ କମାଣ୍ଡରଙ୍କ ବିରୋଧରେ ଅଭିଯୋଗ ନେଇ ବିକ୍ଷୋଭ କରିବା ସମୟରେ ଏହି ଘଟଣା ଘଟିଛି।

■ ମାତ୍ର ୨୫୦୦ ଟଙ୍କାରେ ଆଧାର ସଫ୍ଟୱେର ହ୍ୟାକ୍

# ବିପଦରେ ବ୍ୟକ୍ତିଗତ ତଥ୍ୟ

ନୂଆଦିଲ୍ଲୀ,୧୧ା୯

ଆଧାର କାର୍ଡର ସୁରକ୍ଷାକୁ ନେଇ ଦେଶରେ ଦୀର୍ଘ ସମୟ ଧରି ବିବାଦ ଓ ବିତର୍କ ଲାଗି ରହିଥିବାବେଳେ ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ରିପୋର୍ଟ ଆସିଛି। ମାତ୍ର ୨୫୦୦ ଟଙ୍କାର ଏକ ସଫ୍ଟୱେର ପ୍ୟାଚ୍ରେ ବିଶ୍ୱର କୌଣସି କୋଣରେ ବସିଥିବା ଜଣେ ବ୍ୟକ୍ତି ଭାରତୀୟଙ୍କ ଆଧାର ତଥ୍ୟକୁ ହ୍ୟାକ୍ କରିପାରିବେ। କେବଳ ଏତିକି ନୁହେଁ, ପ୍ୟାଚ୍ ସହାୟତାରେ ବ୍ୟକ୍ତିଗତ ତଥ୍ୟ ଅଦଳବଦଳ କରି ଆଧାର କାର୍ଡ ମଧ ତିଆରି କରାଯାଇପାରୁଛି। ଏହାକୁ ପ୍ରୟୋଗ କରି ୧ ବିଲିୟନ (୧୦୦ କୋଟି)ରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି। ୩ ମାସର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ହଫ୍ପୋଷ୍ଟ ଇଣ୍ଡିଆ ତା' ରିପୋର୍ଟରେ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ପ୍ରଶ୍ନ ଉଠାଇ ଭାରତର ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ବିଶ୍ୱର ଯେକୌଣସି ତଥ୍ୟକୁ ହ୍ୟାକ୍ କରାଯାଇପାରିବ ବୋଲି ଏକାଧିକ ରିପୋର୍ଟ ପ୍ରକାଶ ପାଇସାରିଲାଣି। ଏହାକୁ ନେଇ ୟୁଆଇଡିଏଆଇ ବାରମ୍ବାର ସଫେଇ ଦେବାରେ ଲାଗିଛି। ଆଧାର ପାଇଁ ଫେସ୍ ରିକଗ୍ନିଶନ ଟେକ୍ନିକ୍ ବା ଚେହେରା ଚିହ୍ନଟ କୌଶଳ ଉପରେ କାମ ଚାଲିଛି। ଏହାଦ୍ୱାରା ଆଧାର ତଥ୍ୟକୁ ଅଧିକ ସୁରକ୍ଷିତ ରଖାଯାଇପାରିବ ବୋଲି ୟୁଆଇଡିଏଆଇ ଯୁକ୍ତି ବାଢ଼ି ଆଧାରକୁ ବାଧ୍ୟତାମୂଳକ କରିବାକୁ ଅଗ୍ରସର ହେଉଥିବାବେଳେ ତଥ୍ୟ ହେରଫେରର ପେଡ଼ି ଖୋଲିଛି ହଫ୍ପୋଷ୍ଟ ଇଣ୍ଡିଆ। ବିଶ୍ୱର ୫ ଜଣ ବଛା ବଛା ବିଶେଷଜ୍ଞଙ୍କ ସହାୟତାରେ ୩ ମାସ ଧରି ଯାଞ୍ଚ ଚାଲିଥିଲା। ତଦନ୍ତ ଶେଷ ହେବା ପରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ, ନୂଆ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରିବା ପାଇଁ ଏକ ଆଧାର ସଫ୍ଟୱେର ଉପଲବ୍ଧ। ଏଥିରେ ଏକ ପ୍ୟାଚ୍ ରହିଛି, ଯାହାର ମୂଲ୍ୟ ମାତ୍ର ୨୫୦୦ ଟଙ୍କା। ଉକ୍ତ ପ୍ୟାଚ୍କୁ ବ୍ୟବହାର କରି ଆଧାରର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ଅକାମୀ କରାଯାଇପାରୁଛି। ଏହି ପ୍ୟାଚ୍ ଜରିଆରେ ଯେକେହି ଅନଧିକୃତ ବ୍ୟକ୍ତି ବିଶ୍ୱର କୌଣସି ସ୍ଥାନରୁ କମ୍ପ୍ୟୁଟର ଆଗରେ ବସି ଆଧାର ଏନ୍ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍ଇନ୍ କରିପାରିବେ। ସମ୍ପୃକ୍ତ ବ୍ୟକ୍ତି ଯାହାଙ୍କୁ ଚାହିଁବେ, ତାଙ୍କ ନାମ ପଞ୍ଜୀକରଣ କରି ଆଧାର ନମ୍ବର ତିଆରି କରିପାରିବେ। ଏହାକୁ ବ୍ୟବହାର କରି ୧ ବିଲିୟନରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହେରଫେର କରାଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

ଆଧାରରେ ନାମ ତାଲିକାଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ସଫ୍ଟୱେରକୁ ହ୍ୟାକ୍ କରାଯିବା ଏହି ୧୨ ଅଙ୍କ ବିଶିଷ୍ଟ ପରିଚୟ ନମ୍ବରର ପବିତ୍ରତା ପ୍ରତି ଉପହାସ। ଏହାଦ୍ୱାରା ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ବିପଦରେ ପଡ଼ିଛି। ଭବିଷ୍ୟତରେ ନାମ ପଞ୍ଜୀକରଣ ବେଳେ ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ୟୁଆଇଡିଏଆଇ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। ସେହିପରି ବହୁ ଲୋକଙ୍କ ଅଜାଣତରେ ସେମାନଙ୍କ ଫୋନ୍ରେ ୟୁଆଇଡିଏଆଇର ହେଲ୍ପଲାଇନ୍ ନମ୍ବର କିପରି ଷ୍ଟୋର ହୋଇଯାଇଥିଲା ବୋଲି ଗତମାସ ସ୍ପଷ୍ଟୀକରଣ ମାଗିଥିବା ଫ୍ରାନ୍ସର ସୁରକ୍ଷା ବିଶେଷଜ୍ଞ ଇଲିୟଟ୍ ଏଲ୍ଡର୍ସନ ସଦ୍ୟ ବିବାଦକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ତ୍ରୁଟି କୁ ଏଡାଇବା ଲାଗି ହ୍ୟାକର୍ସଙ୍କ ସହ କାମ କରିବାକୁ ୟୁଆଇଡିଏଆଇକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ସେ ପୁଣି ଦୋହରାଇଛନ୍ତି ଯେ, ବିଶ୍ୱରେ ଏପରି କିଛି ନାହିଁ, ଯାହାକୁ ହ୍ୟାକ୍ କରାଯାଇପାରିବ ନାହିଁ।

### କାଠଗଡ଼ାରେ ୟୁଆଇଡିଏଆଇ

- ■ତଥ୍ୟ ପ୍ରଘଟର ପେଡି ଖୋଲିଲା ହଫିଙ୍ଗ୍ଟନପୋଷ୍ଟ ଇଣ୍ଡିଆ
- ■ପ୍ୟାଚ୍ ଜରିଆରେ ଯେକେହି ଆଧାର ଏନ୍ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍ଇନ୍ କରିପାରିବେ
- ■ଏହାକୁ ବ୍ୟବହାର କରି ୧୦୦ କୋଟି ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି
- ■ସଫ୍ଟୱେରକୁ ହ୍ୟାକ୍ କରାଯିବା ଆଧାରର ପବିତ୍ରତା ପ୍ରତି ଉପହାସ: କଂଗ୍ରେସ



### ସଫ୍ଟୱେର ପ୍ୟାଚ୍ କ'ଣ

ହଫ୍ପୋଷ୍ଟ ଇଣ୍ଡିଆର ତଦନ୍ତରୁ ଜଣାପଡ଼ିଛି ଯେ, ଆଧାର ସଫ୍ଟୱେରରେ ସଂଲଗ୍ନ ପ୍ୟାଚ୍ର ଦାମ ହେଉଛି ମାତ୍ର ୨୫୦୦ ଟଙ୍କା। ଏହି ପ୍ୟାଚ୍ ବଳରେ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ତିଆରି ସମ୍ଭବ। ପ୍ୟାଚ୍ ବ୍ୟବହାର କରି ଆଧାର ଏନ୍ରୋଲମେଣ୍ଟ ଅପରେଟର୍ସଙ୍କ ବାୟୋମେଟ୍ରିକ୍ ଅଥେଣ୍ଟିକେଶନକୁ ସମ୍ପୂର୍ଣ୍ଣ ଭାବେ ବାଇପାସ୍ କରାଯାଇପାରିବ। ଏହାଦ୍ୱାରା ଜଣେ ୟୁଜର ସ୍ୱାଧୀନ ଭାବେ ଆଧାର ନମ୍ବର ତିଆରି କରିପାରିବେ। କାରଣ ଆଧାର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ସଫ୍ଟୱେରରେ ସଂଲଗ୍ନ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)କୁ ଅକାମୀ କରିବା ପାଇଁ ଏହି ପ୍ୟାଚ୍ ସକ୍ଷମ। ଏଥିସହ ପ୍ୟାଚ୍ ଏନ୍ରୋଲମେଣ୍ଟ ସଫ୍ଟୱେରରେ ଥିବା ଇରିସ୍ ଚିହ୍ନଟ ବ୍ୟବସ୍ଥାର ସୂକ୍ଷ୍ମାନୁଭବ ଦକ୍ଷତାକୁ ହ୍ରାସ କରିଥାଏ। ଏହି ପ୍ୟାଚ୍କୁ ଆଧାର ସଫ୍ଟୱେରରେ ବ୍ୟବହାର କରାଯାଇପାରିବ ବୋଲି ୩ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଓ ୨ ଜଣ ଭାରତୀୟ ବିଶ୍ଳେଷକ ବାରମ୍ବାର ଯାଞ୍ଚ କରି ନିଶ୍ଚିତ କରିଛନ୍ତି।

■ କେରଳ ନନ୍ ବଳାତ୍କାର ମାମଲା

## ଭାଟିକାନ୍କୁ ଚିଠି ଲେଖିଲେ ପୀଡ଼ିତା

କୋଟାୟାମ୍/କୋଚି,୧୧ା୯(ପି.ଟି.)

ଜଲନ୍ଧର ରୋମାନ୍ କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ମୁଲକ୍କଲ୍ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା କେରଳୀ ନନ୍ ମଙ୍ଗଳବାର ନ୍ୟାୟ ପାଇଁ ଭାଟିକାନ୍ ସିଟିକୁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବାଇସପ୍ ଫ୍ରାଙ୍କୋ କହିଛନ୍ତି।

ଭାଟିକାନ୍ର ଆପୋଷ୍ଟୋଲିକ୍ ନନ୍ସିଓ (ଏକ ପ୍ରକାରର ରାଷ୍ଟ୍ରଦୂତ ମିଶନ୍)ଙ୍କ ନିକଟକୁ ଲେଖିଥିବା ଚିଠିରେ ପୀଡ଼ିତା ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ବଳାତ୍କାର କରିବା ପରେ ବାଇସପ୍ ଫ୍ରାଙ୍କୋ ଏବେ ନିଜ ପଦର ଅପବ୍ୟବହାର କରୁଛନ୍ତି। ନିଜ ସହଯୋଗୀଙ୍କ ସହ ମିଶି ପୋଲିସ ତଦନ୍ତକୁ ମଧ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ବିରୋଧରେ ଦୁଇମାସ ପୂର୍ବରୁ ମାମଲା ଦାଏର ହୋଇଛି। କିନ୍ତୁ ଅର୍ଥବଳ ଏବଂ ରାଜନୈତିକ ଲିଙ୍କ୍ ଜରିଆରେ ରକ୍ଷା ପାଇଯାଉଛନ୍ତି ସେ ଗୁହାରି କରିଛନ୍ତି। ସେପଟେ ନନ୍ଙ୍କୁ ନ୍ୟାୟ ଦାବିରେ କୋଚିର ବିଭିନ୍ନ କାଥୋଲିକ୍ ରିଫର୍ମ ଅର୍ଗାନାଇଜେଶନ୍ ପକ୍ଷରୁ ଆରମ୍ଭ ହୋଇଥିବା ବିକ୍ଷୋଭ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ବାଇସପ୍ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଜଲନ୍ଧର କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ୨୦୧୪ରୁ ୨୦୧୬ ମଧ୍ୟରେ ତାଙ୍କୁ ୧୩ଥର ବଳାତ୍କାର କରିଥିବା କେରଳର ଜଣେ ନନ୍ ଅଭିଯୋଗ ଆଣିବା ପରେ ଏହାକୁ ଚାରିଆଡ଼ୁ ବିରୋଧ କରାଯାଇଥିଲା।

**ଅଭିଯୋଗ ଖଣ୍ଡନ କଲେ ବାଇସପ୍**




## ଆଶାରାମଙ୍କ କ୍ଷମା ଆବେଦନ

ଯୋଧପୁର,୧୧ା୯(ପି.ଟି.)

ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ରାଜସ୍ଥାନର ଯୋଧପୁର ଜେଲରେ ଆଜୀବନ ବନ୍ଦୀ ଜୀବନ ବିତାଉଥିବା ଆଶାରାମ ନିଜର ଦଣ୍ଡ କୋହଳ କରିବାକୁ ରାଜସ୍ଥାନ ରାଜ୍ୟପାଳଙ୍କ ନିକଟରେ କ୍ଷମା ଆବେଦନ କରିଛନ୍ତି। ସେ କହିଛନ୍ତି, ତାଙ୍କର ବାର୍ଦ୍ଧକ୍ୟ ସମୟରେ ଆଜୀବନ କାରାଦଣ୍ଡ ଖୁବ୍ ନିଷ୍ଠୁର ଦଣ୍ଡ। ଆଶାରାମଙ୍କ ଆବେଦନକୁ ରାଜ୍ୟପାଳ କଲ୍ୟାଣ ସିଂ ଗ୍ରହଣ କରି ଏହାକୁ ଗୃହ ବିଭାଗ ନିକଟକୁ ପଠାଇଦେଇଛନ୍ତି। ଗୃହ ବିଭାଗ ଯୋଧପୁର ସେଣ୍ଟ୍ରାଲ ଜେଲ ପ୍ରଶାସନ ପାଖକୁ ଏହି ଆବେଦନକୁ ପଠାଇଦେଇଛି। ଏବେ ଜିଲା ପ୍ରଶାସନ ଏବଂ ପୋଲିସକୁ ଏକ ରିପୋର୍ଟ ଦେବାକୁ ଜେଲ କର୍ତ୍ତୃପକ୍ଷ କହିଛନ୍ତି। ରିପୋର୍ଟ ଆସିବା ପରେ ଆଶାରାମଙ୍କ ଆବେଦନ ଉପରେ ବିଚାର କରାଯିବ।

## ଫୁର୍ସତ

### ପୃଥିବୀର ୨ଗୁଣ ଆକୃତି ଗ୍ରହ

**ଟରଣ୍ଟୋ:** ନାସାର କେପ୍ଲର ସ୍ପେସ୍ ଟେଲିସ୍କୋପ୍ ତଥ୍ୟ ବ୍ୟବହାର କରି ଅନ୍ତର୍ଜାତୀୟ ବୈଜ୍ଞାନିକଙ୍କର ଏକ ଟିମ୍ ଏକ ନୂଆ ଗ୍ରହ ଆବିଷ୍କାର କରିଛି। ଏହା ପୃଥିବୀ ଆକୃତିର ୨ଗୁଣ ଏବଂ ୧୪୫ ଆଲୋକବର୍ଷ ଦୂରତାରେ ଅବସ୍ଥିତ।

'ଓଲ୍ଫ ୫୦୩ ବି' ନାମକ ଏହି ନୂଆଗ୍ରହ ଏହାର ନକ୍ଷତ୍ର ଚତୁର୍ଦ୍ଦିଗରେ ଥରେ ଘୂରିଆସିବାକୁ ୬ ଦିନ ସମୟ ନିଏ। ତେଣୁ ଗ୍ରହଟି ନକ୍ଷତ୍ରର ଅତି ନିକଟବର୍ତ୍ତୀ। ସେଥିପାଇଁ ଉକ୍ତ ଗ୍ରହଟି ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଏ ବୋଲି କାନାଡାସ୍ଥିତ ୟୁନିଭର୍ସାଇଟ୍ ଡି ମଣ୍ଟ୍ରିଲ୍ର ପ୍ରଫେସର ବିଜର୍ନ ବେନେକେ ପ୍ରକାଶ କରିଛନ୍ତି। 'ଓଲ୍ଫ ୫୦୩'ର ଗଠନ ପ୍ରଣାଳୀ ସମ୍ପର୍କରେ ଭଲ ଭାବରେ ଜାଣିବା ପାଇଁ ଜ୍ୟୋତିର୍ବିଜ୍ଞାନୀମାନେ ଉକ୍ତ ନକ୍ଷତ୍ରର ସ୍ପେକ୍ଟ୍ରମ୍ (ଆଲୋକ ବର୍ଣ୍ଣାଳି) ନିର୍ଦ୍ଧାରଣ କରିଥିଲେ। ଏଥିରୁ ଜଣାପଡିଲା ଯେ, ଉକ୍ତ ନକ୍ଷତ୍ରର ଉଜ୍ଜ୍ୱଳତା ସୂର୍ଯ୍ୟଙ୍କଠାରୁ ସାମାନ୍ୟ କମ୍ ଏବଂ ଏହାର ବୟସ ସୂର୍ଯ୍ୟର ୨ଗୁଣ।



### ଟସ୍ରେ ସ୍ଥିର ହୋଇଥିଲା ୧୯୭୬ ବୁକର ପ୍ରାଇଜ୍

ଲଣ୍ଡନ

୧୯୭୬ରେ ବୁକର ପ୍ରାଇଜ୍ କଏନ୍ ଟସ୍ ଦ୍ୱାରା ସ୍ଥିର ହୋଇଥିଲା। କାରଣ ଚୟନ ଦାୟିତ୍ୱରେ ଥିବା ୩ ଜଣ ବିଚାରକ ଜଣେ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ ବୋଲି ବ୍ରିଟିଶ୍ ଲାଇବ୍ରେରି ଦ୍ୱାରା ଅନ୍ଲାଇନରେ ପୋଷ୍ଟ କରାଯାଇଥିବା ଏକ ଐତିହାସିକ ଦଲିଲ୍ରୁ ଜଣାପଡିଛି।

୧୯୭୬ରେ ଲେଖକ ଡାଭିଡ ଷ୍ଟୋରି ତାଙ୍କ ଉପନ୍ୟାସ 'ସାଭିଲେ' ଲାଗି ସୌଭାଗ୍ୟକ୍ରମେ ଏହି ପୁରସ୍କାର ପାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ୨୧,୦୦୦ ପାଉଣ୍ଡ ଅର୍ଥରାଶି ପ୍ରଦାନ କରାଯାଇଥିଲା। କଏନ୍ ଟସ୍ ପୂର୍ବରୁ ୩ ଜଣିଆ ବିଚାରକ ମଣ୍ଡଳୀ ପୁରସ୍କାର ପାଇଁ ଜଣଙ୍କୁ ବାଛିବାରେ ଅକ୍ଷମତା ପ୍ରକାଶ କରିଥିଲେ ବୋଲି ପୂର୍ବତନ ପ୍ରଶାସକ ମାର୍ଟିନ୍ ଗଫ୍ ପରେ ପ୍ରକାଶ କରିଥିଲେ। 'ଦି ଗାର୍ଡିଅନ୍'ରେ ଗଫ୍ଙ୍କର ଏ ସଂକ୍ରାନ୍ତୀୟ ଏକ ସାକ୍ଷାତକାର ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ଡାଭିଡଙ୍କ ଉପନ୍ୟାସ ଏବଂ ଆଉ ଏକ ପୁସ୍ତକକୁ ନେଇ ଦୁଇ ବିଚାରକ ଔପନ୍ୟାସିକ ୱାଲଟର ଆଲେନ୍ ଏବଂ ସମାଲୋଚକ ଫ୍ରାଙ୍କିସ୍ କିଙ୍ଗ୍ କୌଣସି ସ୍ଥିର ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ଅବଶ୍ୟ ପ୍ରଧାନମନ୍ତ୍ରୀ ହାରୋଲ୍ଡ ୱିଲଶନ୍ଙ୍କ ସ୍ତ୍ରୀ ତଥା ଅନ୍ୟତମ ବିଚାରକ କବୟିତ୍ରୀ ମାରି ୱିଲଶନଙ୍କ ନିଷ୍ପତ୍ତି ଏ କ୍ଷେତ୍ରରେ ନିର୍ଣ୍ଣାୟକ ହୋଇପାରିଥାଆନ୍ତା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଅପମାନିତ ହୋଇ ବିତର୍କରୁ ଓହରିଯାଇଥିଲେ। ତେବେ ବିଜୟୀ ପ୍ରାର୍ଥୀ ଚୟନରେ ଅଚଳାବସ୍ଥା ଦେଖାଦେଇଥିଲା। ବିଚାରକଙ୍କ ମଧ୍ୟରୁ ଜଣେ କହିଥିଲେ, ଦୁଇଟି ପୁସ୍ତକ ମଧ୍ୟରୁ ମୁଁ ଗୋଟିଏକୁ ପସନ୍ଦ କରିପାରିବି। ଅନ୍ୟ ଜଣେ କହିଥିଲେ, ମୁଁ ଡାଭିଡଙ୍କ ପୁସ୍ତକକୁ ସମର୍ଥନ କରୁଥିବାରୁ ଏଥିପାଇଁ କଏନ୍ ପକାଇବା ଉଚିତ। ଦୁଇ ବିଚାରକ କଏନ୍ ପକାଇବା ପରେ ଲେଖକ ଡାଭିଡ ବିଜୟୀ ହୋଇଥିଲେ। ପୂର୍ବତନ ପ୍ରଶାସକ ଗଫ୍ ଏକ ସାକ୍ଷାତକାରରେ ଏହି ବିଷୟ କହିଥିବା ଗାର୍ଡିୟନ୍ ନ୍ୟୁଜ୍ପେପରରେ ପ୍ରକାଶ ପାଇଛି।




### ଇତିହାସର ଆଇନାରେ

### ସେପ୍ଟେମ୍ବର ୧୨ର ପ୍ରମୁଖ ଘଟଣା

୨୦୧୫ ସେପ୍ଟେମ୍ବର ୧୨ରେ ମଧ୍ୟପ୍ରଦେଶର ପେଟଲାୱାଡରେ ବିସ୍ଫୋରଣ ଘଟି ୧୦୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ ଆହତ ହୋଇଥିଲେ। ପ୍ରଥମ ବିସ୍ଫୋରଣ ଏକ ରେଷ୍ଟୁରାଣ୍ଟରେ ଏବଂ ଦ୍ୱିତୀୟଟି ଗୋଦାମ ଭିତରେ ଘଟିଥିଲା। ଗୋଦାମରେ ବେଆଇନ ଭାବରେ ଥିବା ବିସ୍ଫୋରକ ସାମଗ୍ରୀ ସଂସ୍ପର୍ଶରେ ଗ୍ୟାସ ସିଲିଣ୍ଡର ଆସିବା ଯୋଗୁ ଏହି ବିସ୍ଫୋରଣ ହୋଇଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡିଥିଲା।

୧୯୫୯ ସେପ୍ଟେମ୍ବର ୧୨ରେ ସୋଭିଏଟ୍ ୟୁନିୟନ ଲୁନିକା-୨ ନାମକ ଏକ ରକେଟ୍ ଉତ୍କ୍ଷେପଣ କରିଥିଲା। ଏହା ହେଉଛି ସୋଭିଏଟ୍ ୟୁନିୟନର ମାନବନିର୍ମିତ ପ୍ରଥମ ମହାକାଶ ଯାନ, ଯାହାକି ଚନ୍ଦ୍ରପୃଷ୍ଠରେ ସଫଳତାର ସହିତ ପହଞ୍ଚି ପାରିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୪.୩ |
| ଚାନ୍ଦବାଲି | ୩୪.୬ | ୨୫.୦ |
| କଟକ | ୩୪.୫ | ୨୪.୬ |
| ପାରାଦ୍ୱୀପ | ୩୧.୭ | ୨୮.୩ |
| ଭୁବନେଶ୍ୱର | ୩୪.୧ | ୨୫.୪ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୩୪.୭ | ୨୧.୦ |
| ବାରିପଦା | ୩୩.୨ | ୨୫.୦ |
| ଝାରସୁଗୁଡ଼ା | ୩୩.୨ | ୨୫.୫ |
| କେନ୍ଦୁଝର | ୩୧.୧ | ୨୨.୮ |
| ସମ୍ବଲପୁର | ୩୪.୦ | ୨୨.୨ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | ୩୨.୨ | ୨୩.୭ |
| ଭବାନୀପାଟଣା | ୩୩.୫ | ୨୫.୦ |
| ବଲାଙ୍ଗୀର | ୩୪.୩ | ୨୪.୦ |
| କୋରାପୁଟ | ୨୯.୮ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୫ | ୨୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୨.୦ | ୨୩.୪ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

## ଆସୁଛି 'ଦବଙ୍ଗ-୩'

**ମୁମ୍ବାଇ:** 'ଦବଙ୍ଗ-୩' ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି ବୋଲି ପ୍ରଶଂସକଙ୍କ ନିମନ୍ତେ ଏକ ବଡ ସରପ୍ରାଇଜ୍ ଛାଡିଛନ୍ତି ସଲମାନ୍। ଦୀର୍ଘ ୮ବର୍ଷ ତଳେ 'ଦବଙ୍ଗ୍' ରିଲିଜ ହୋଇଥିବା ବେଳେ ସୋମବାର ଏହାର ବର୍ଷପୂର୍ତ୍ତି ପାଳନ କରାଯାଇଛି। ଏଥିପାଇଁ ସେ ଏବଂ ସୋନାକ୍ଷୀ ସିହ୍ନା ପୂର୍ତ୍ତିଉତ୍ସବ ପାଳନ କରିଛନ୍ତି। ସେମାନେ ଫିଲ୍ମ ସେଟ୍ରୁ ଉଭୟଙ୍କ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ୫୨ ବର୍ଷ ବୟସ୍କ ଏହି ଅଭିନେତା ସୋନାକ୍ଷୀଙ୍କ ସହିତ ଫଟୋ ପୋଷ୍ଟ କରି ତା' ତଳେ ଲେଖିଛନ୍ତି– 'ଆଜ୍ ଏଇଟ୍ ସାଲ୍ ହୋ ଗୟି ଦବଙ୍ଗ କୋ'। ଆପଣମାନଙ୍କ ଅନୁକୂଳ ମତାମତ ଓ ପ୍ରଶଂସା ପାଇଁ ଧନ୍ୟବାଦ। ଆସନ୍ତା ବର୍ଷ ଦବଙ୍ଗ-୩ରେ ଦେଖାହେବ। ସଲମାନ୍ ଏହା ପୋଷ୍ଟ କରିବାର ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ଲାଇକ୍ କରିଛନ୍ତି। ସେମାନେ ସଲମାନ୍ଙ୍କ ସ୍ନେହପୂର୍ଣ୍ଣ ବାର୍ତ୍ତାରେ ଉଲ୍ଲସିତ ହୋଇପଡିଛନ୍ତି। ଅନେକ ପ୍ରଶଂସକ ମଧ ଅଜସ୍ର ମତାମତ ଅଜାଡି ଦେଇଛନ୍ତି। ଯେପରି–'ସ୍ୱାଗତ ହୈ ଆପ୍କା ପାଣ୍ଡେଜି ଅଗ୍ଲେ ସାଲ୍ ଭି', 'ଲଭ୍ ୟୁ ଭାଇ', 'କ୍ୟାନ୍ ନଟ୍ ୱେଟ୍ ଭାଇଜାନ୍' ଏବଂ 'ଏଇଟ୍ ଇୟର୍ସ? ଟାଇମ୍ ଫ୍ଲାଇଜ୍ ସୋ ଫାଷ୍ଟ' ଇତ୍ୟାଦି।




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗୋଖାଦ୍ୟ ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବେ ଡିପ୍ରେଶନ ବା ବିଷାଦଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ରାଞ୍ଚିସ୍ଥିତ ରାଜେନ୍ଦ୍ର ଆୟୁର୍ବେଦ ସଂସ୍ଥାର ନିର୍ଦ୍ଦେଶକ ଆର୍ କେ ଶ୍ରୀବାସ୍ତବ ଏହି ସୂଚନା ଦେଇଛନ୍ତି। ଦିଲ୍ଲୀସ୍ଥିତ ଏମ୍ସର ଡାକ୍ତରମାନେ ମଧ୍ୟ ଏହା କହିଛନ୍ତି। ସେଠାରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରମାନେ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି।




## ୪୦ କିଲୋ ଲ୍ୟାଣ୍ଡମାଇନ ଜବତ

**ରାଉରକେଲା ଅଫିସ,୧୧।୯**

ଝାରଖଣ୍ଡ ସୀମା ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଓଜନର ଏକ ଲ୍ୟାଣ୍ଡମାଇନ ଜବତ ହୋଇଛି। ମଙ୍ଗଳବାର ସିଆରପିଏଫ ଜବାନମାନଙ୍କ ଦ୍ୱାରା କମ୍ବିଂ ବେଳେ ଏହାକୁ ଉଦ୍ଧାର କରାଯାଇଛି। ମାଓବାଦୀଙ୍କ ଦ୍ୱାରା ଏକ ନିଛାଟିଆ ସ୍ଥାନରେ ତାର ଘେର ମଧ୍ୟରେ ଏହି ଲ୍ୟାଣ୍ଡମାଇନ ଖଞ୍ଜା ଯାଇଥିବା ସୂଚନା ମିଳିଛି। ଏକ ବଡ଼ଧରଣର ବିସ୍ଫୋରଣ ଘଟାଇବାକୁ ଯାଇ ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ ବିଛାଇଥିବା ଆଶଙ୍କା କରାଯାଉଛି। ସୀମାନ୍ତ ଛୋଟାନାଗ୍ରା ବଡ଼ିଆର ଗାଁରୁ ପ୍ରାୟ ୫କିମି ଦୂର ଜଙ୍ଗଲରୁ ଏହି ଲ୍ୟାଣ୍ଡମାଇନ୍‌କୁ ଠାବ କରାଯାଇଥିଲା। ତେବେ ଏ ସମ୍ପର୍କରେ ରାଉରକେଲା ପୋଲିସ ନିକଟରେ ସୂଚନା ନ ଥିବା ଜଣାଯାଇଛି।

■ଏସ୍‌ଟି/ଏସ୍‌ସି ବିଭାଗ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଯୋଜନା

# ଚଳିତବର୍ଷରୁ ୨୧ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷାଦାନ ପଦ୍ଧତିର ପୁନର୍ଗଠନ କରାଯାଇଛି। ଜନଜାତି ବହୁଳ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଲାଗି ବିଭାଗ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷରେ ମୟୂରଭଞ୍ଜ, ଗଜପତି, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲାର ୨୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇ ଯୁକ୍ତ୨ ବିଜ୍ଞାନ ପାଠପଢ଼ା ଚାଲିଛି। ସେହିପରି ଚଳିତ ୨୦୧୮-୧୯ ଶିକ୍ଷାବର୍ଷରେ ରାଜ୍ୟ ସରକାର ଗଜପତି, କନ୍ଧମାଳ, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାର ଅଧିକ ୨୧ଟି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଉନ୍ନୀତ ବିଦ୍ୟାଳୟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୭ଟି ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ଓ ଇଂଲିଶ ବିଭାଗରେ ୨୩୦ ପିଜିଟିଙ୍କୁ ନିଯୁକ୍ତି ଦେବା ଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା। ଇତିମଧ୍ୟରେ ଓପିଏସ୍‌ସି ପକ୍ଷରୁ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ୧୫୪ ଜଣ ପ୍ରାର୍ଥୀଙ୍କ ନାମ ଚୟନ କରାଯାଇଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ପିଜିଟି ଶିକ୍ଷକମାନେ ବେତନ ପାଇବେ। ଅତିଶୀଘ୍ର ରାଜ୍ୟ ସରକାର ୧୫୪ ଜଣ ନବନିଯୁକ୍ତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ଏବଂ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।











ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବିଜୟ
ପରିବାରବର୍ଗ


ସିପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified


matrimonial

### BRIDE WANTED

Manglic bride professional, serving for my son B.Engg., MBA working at Bangalore as Business analyst. Contact: Dr. Satrughna Behera. 7750852243. D-64148

automobile

### SALE

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64147

real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Balianta. Owner: 9437033320. D-64308

Immediate ready for construction land at Rasulgarh near Hitech Square (NH-5). 16,20,000/- . 9938771877. D-64307

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

healthcare

All type of massage and good therapy full body massage Sai herbal spa. 7609005923. D-64202

Now Matrimonial ads. only on Wednesday & Sunday Book 1 Get 1 FREE

Opening newly ayurvedic full body message ladies, gents: 7438851534 7609923705. D-38528

business

Doodh Sagar Company ସହିତ ଗୋପାଳନ ବ୍ୟବସାୟର ଅଂଶୀଦାର ହୋଇ ଘରେବସି ଚୁକ୍ତିଭିତ୍ତିକ ମାସିକିଆ ଅର୍ଥ ଉପାର୍ଜନ କରନ୍ତୁ। 8763244211. D-63840

### AFFIDAVIT

I Siba Prasad Pradhan, S/o Antarjyami Pradhan, At/Po-Chhamunda, PS-Jagannath Prasad, aged about 33 years have changed my name to Bharggav Roy. Henceforth I will be known as Bharggav Roy for all purposes. D-8326

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By an affidavit before The Notary Public, Jharsuguda I Suneel Kumar Prasad, S/o- Shiv Balak Prasad, at present, R/o-H block, Room-8, Aditya Aluminium Township, Lapanga, Dist.- Sambalpur declare that my name has been mentioned as Sunil Kumar Prasad, S/o- Sevbalak Prasad in SSC certificate and Sunil Kumar Prasad, S/o- Sev Balak Prasad mentioned in my passport. Where as the actual name is Suneel Kumar Prasad, S/o- Shiv Balak Prasad. That above both the names are relates to one and same person. D-37353

### କିଛି ତଥ୍ୟ

ଅଗଷ୍ଟ ୩୧ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବିଦେଶୀ ବିନିମୟ ମୂଲ୍ୟ ୧.୧୯୧ ବିଲିୟନ ଡଲାର ହ୍ରାସ ପାଇଛି। ଫଳରେ ଏହା ୪୦୦.୧୦୧ ବିଲିୟନ ଡଲାରକୁ ଖସି ଆସିଛି।

—ଭାରତୀୟ ରିଜର୍ଭ ବ୍ୟାଙ୍କ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପ୍ରଥମ ସ୍ୱନକ୍ଷତ୍ର ଦିବସର ଶୁଭେଚ୍ଛା



(ଶିପୁନ)
**ଆୟୁସମାନ ମିଶ୍ର**
ନବୀନ୍‌ବାଗ ଖୋର୍ଦ୍ଧା

ଆଜି ତୋର ପ୍ରଥମ ସ୍ୱନକ୍ଷେତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ଯେ ତୋତେ ସେ ଦୀର୍ଘାୟୁ, ନୀରୋଗ ଏବଂ ଯଶସ୍ୱୀ କରନ୍ତୁ। ଆଶୀର୍ବାଦ ସହ: ବୁଢାବାପା, ବୁଢୀମା, ଅଜା, ଆଈ ସହ ପରିବାରବର୍ଗ। ଧ-୫୮୬୯୪

### ଜନ୍ମଦିନ ଶୁଭେଚ୍ଛା



**ରୁତୁରାଜ (ମିଙ୍କୁ)**
ଆନନ୍ଦପୁର, ଜଗତସିଂହପୁର

ତୋର ଚଳାପଥ କୁସୁମିତ ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ଝଙ୍କଡ଼ ବାସିନୀ ମା' ସାରଳାଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ ବନ୍ଧୁ ଓ ପରିବାରବର୍ଗ। ଧ-୮୩୩୧

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂରୁ ଚକମକ ଗୋରୀ ସୁନ୍ଦର**
**ନିରେଖି ଦେଖିଲେ କାଳୀ ସୁନ୍ଦର।**

ଗୌରବର୍ଣ୍ଣ ଆଖିକୁ ଚକ୍‌ମକ୍ କରେ, ମାତ୍ର ଗୁଣ ନ ଥିଲେ ଗୌରବର୍ଣ୍ଣ ଫିକା ପଡ଼ିଯାଇଥାଏ। ରୂପବତୀ ହୋଇଥିଲେ ମଧ୍ୟ ଯଦି ତା'ଠାରେ ସ୍ନେହ, ଆଦର ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ। ସେହିପରି କଳା ବା ଶ୍ୟାମଳ ବର୍ଣ୍ଣ ଆଖିକୁ ସୁନ୍ଦର ଲାଗୁ ନ ଥିଲେ ମଧ୍ୟ ଯଦି ସେ ସୁଗୁଣାଯୁକ୍ତା ହୋଇଥାଏ ତା'ହେଲେ ସେ ଅଧିକ ଗ୍ରହଣୀୟ ହୋଇଥାଏ। ଗୁଣ ନ ଥିଲେ ରୂପ ବ୍ୟର୍ଥ। ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନ କୁଣିଆକୁ ଚର୍ଚ୍ଚା ହେଉଛି**
**ନିତି କୁଣିଆ ତଡ଼ା ଖାଉଛି।**

ଅତି ପରିଚୟେ ଗୌରବ ନଷ୍ଟ। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବାର ଆଶଙ୍କା ରହିଥାଏ। ସେଭଳି କାରଣ ବା ଉଦ୍ଦେଶ୍ୟ ନ ଥାଇ ଯେଉଁ ବ୍ୟକ୍ତି ବାରମ୍ବାର ଯିବା ଆସିବା କରନ୍ତି ସେମାନେ ତାଙ୍କ ଗରିମା ବା ଓଜନ ଅକ୍ଲେଶରେ ହରାଇବସନ୍ତି। ଦିନିକିଆ କୁଣିଆ ବା ଅତିଥି ଘରେ ଭଲ ଚର୍ଚ୍ଚା ପାଇଥାଏ ପରନ୍ତୁ ନିତିଦିନିଆ କୁଣିଆକୁ ଘରେ ସମସ୍ତେ ନାକ ଟେକନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର

ଭଦ୍ରକ ଅଫିସ,୧୧।୯

ସ୍ୱାଧୀନତା ଆନ୍ଦୋଳନର ଏକ ଅନିର୍ବାଣ, ପ୍ରେରଣାଦାୟୀ ଦୀପଶିଖା ନିର୍ବାପିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କର ୧୦୪ବର୍ଷ ବୟସରେ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ଜିଲା ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇପଡିଥିଲା। ବହୁ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଶିକ୍ଷାବିତ୍, ସାହିତ୍ୟିକ , ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଆସି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ସହରର ନୂଆବଜାରସ୍ଥିତ ବାସଭବନ 'କାନ୍ତ କୁଟୀର'କୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରର ସଦସ୍ୟ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାତିରେ ଅନ୍ତିମ ସଂସ୍କାର ପାଇଁ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି।



ଗୌରଚନ୍ଦ୍ର ମହାପାତ୍ର।

ବାହାରେ ରହୁଥିବା ପରିବାରର ଅନ୍ୟ ସଦସ୍ୟମାନେ ଆସି ପହଞ୍ଚିବା ପରେ ବୁଧବାର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯିବ । ଗୌରଚନ୍ଦ୍ରଙ୍କ ଜନ୍ମସ୍ଥାନ ଭଦ୍ରକର ତିହିଡି ବ୍ଲକ ଅଧୀନ ତାଳପଦା ଗାଁରେ। ସେ ତାଙ୍କ ଶେଷଜୀବନ ଭଦ୍ରକ ନୂଆବଜାର 'କାନ୍ତ କୁଟୀର'ରେ କଟାଇଥିଲେ। ସେ ଏକାଧାରରେ ଜଣେ ବିଶିଷ୍ଟ ସଂଗ୍ରାମୀ, ଶିକ୍ଷାବିତ୍, ସାରସ୍ୱତ ସାଧକ ଓ ସାହିତ୍ୟ ସଂଗଠକ ଥିଲେ। ଯୁବପିଢି ପାଇଁ ମଧ୍ୟ ଆଦର୍ଶର ଉତ୍ସ ଥିଲେ । ଅନେକେ ତାଙ୍କ ପରାମର୍ଶ ନେବା ଲାଗି ଧାଇଁ ଆସୁଥିଲେ। ଏକ ସାହିତ୍ୟିକ ପରିବାରର ଦାୟାଦ ଭାବେ ସେ ସର୍ବଦା ନିଜକୁ ଗୌରବାନ୍ୱିତ ମନେ କରୁଥିଲେ। ସମସ୍ତଙ୍କୁ ସମ ଦୃଷ୍ଟିରେ ଦେଖୁଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରାବସ୍ଥାରେ ସେ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ। ତାଙ୍କ ପିତାଙ୍କ ଆଦର୍ଶ ଓ ପ୍ରେରଣାକୁ ପାଥେୟ କରି ସ୍ୱାଧୀନମନା ଗୌରଚନ୍ଦ୍ର ଭଦ୍ରକ ଜିଲାରେ ସ୍ୱାଧୀନତା ଆନ୍ଦୋଳନର ବହ୍ନି ଜାଳି ଦେଇଥିଲେ। ସେ ସବୁବେଳେ ଖଦଡ ବସ୍ତ୍ର ପରିଧାନ କରୁଥିଲେ। ଦେଶ ସ୍ୱାଧୀନ ହେବା ପରେ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସଂଘର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ଜିଲା ଓ ଜିଲା ବାହାରର ବହୁ ସଙ୍ଗଠନ ସହିତ ସେ ଜଡିତ ଥିଲେ। ଏଭଳି ଅନେକ ସ୍ମୃତି ଓ ସଂଘର୍ଷର କାହାଣୀ ଅଙ୍ଗେ ନିଭାଇଥିବା ଏହି ଶତାୟୁ ସଂଗ୍ରାମୀ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ରୋଗରେ ପୀଡିତ ଥିଲେ। ମଙ୍ଗଳବାର ତାଙ୍କୁ ଭଦ୍ରକ ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ଜୀବନ ଦୀପ ଲିଭିଗଲା। ଗୌରଚନ୍ଦ୍ରଙ୍କ ରଚିତ ଅନେକ ଅଗ୍ନିବର୍ଷୀ କବିତା ଓ ଅନ୍ୟ ପୁସ୍ତକ ଆଜି ବି ସଂଗ୍ରାମୀଙ୍କ ଜୟଗାଥା ମନେପକାଇ ଦିଏ । 'ଶାସନର ଚକତଳେ', 'ଆମ ଗୌରବ', 'ସେଇ ଦେଶ ମୋ ଘର', 'ସେବା ସଂଘ', 'ଗାଁ ମାଟି ଡାକ', 'କିଛି ଅଭୁଲା ସ୍ମୃତି' ଭଳି ଅମଳିନ ସୃଷ୍ଟି ତାଙ୍କୁ ଚିରକାଳ ଅମର ରଖିବ ବୋଲି ବହୁବିଶିଷ୍ଟ ବ୍ୟକ୍ତି ଶୋକ ବାର୍ତ୍ତାରେ କହିଛନ୍ତି।

## ଦୁର୍ଘଟଣାରେ ଆହତ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

ଭାପୁର,୧୧।୯(ଡି.ଏନ୍.ଏ.)- ନୟାଗଡ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ସାଇକେଲରେ ଯାଉଥିବାବେଳେ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଫତେଗଡ଼ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ଭାପୁର ବଜାରକୁ ମଧ୍ୟାହ୍ନ ସମୟରେ ସାଇକେଲରେ ଆସୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ଅଟକାଇ ଦୁର୍ବ୍ୟବହାର କରିବାରୁ ସେ ସାଇକେଲରୁ ତଳେ ପଡିଯାଇ ଗୁରୁତର ହୋଇଥିଲେ। ପରେ ଯୁବକମାନେ ତାଙ୍କୁ ଶାଳଙ୍କରିଆ ଆମ୍ବତୋଟାକୁ ଟେକିନେଇ ଗଣବଳାତ୍କାର କରିଥିବା ନାବାଳିକା କହିଛନ୍ତି। ଏ ନେଇ ତାଙ୍କ ମଉସା ମଙ୍ଗଳବାର ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଂ ନନ୍ଦି ବେହେରା
ନିରାଳ (ଆସିକା) ଗଞ୍ଜାମ
ତିରୋଧାନ : ୦୧-୦୯-୨୦୧୮

ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

ହତଭାଗ ପୁଅ- ନାରାୟଣ, ରବିନ୍ଦ୍ର, ନଳିନୀକାନ୍ତ ବୋହୂ- ଭାଗ୍ୟଲତା, ଭାଲେଣ୍ଟିନା, ଶିଳା ଝିଅ- କିଶୋରୀ, ମହନ୍ତର, ଗୋଲାପ, ଶ୍ରୀମତୀ ଜ୍ୱାଇଁ - ଦୁର୍ଯ୍ୟୋଧନ, ଲକ୍ଷ୍ମଣ, କୁଞ୍ଜବର୍ଣ୍ଣ, ନାରାୟଣ ନାତି ନାତୁଣି - ବସୁନ୍ଧରା, ନିଳମାଧବ, ରାଜୀବଲୋଚନ ଦେବଜିତ୍, ବିଭୂକାନ୍ତ, ବୁଲୁ, ଗୋବିନ୍ଦ, ପପୁ, କୃଷ୍ଣ ସନ୍ତୋଷ, ବସନ୍ତ, ସୁଶାନ୍ତ, ଶ୍ରୀମନ୍ତ, ସୁବାଶିନୀ, ପ୍ରଭାସିନୀ, ବନିତା ଓ ଆତ୍ମୀୟ ସ୍ୱଜନ

ଧ-୮୩୪୧

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସତ୍ୟବତୀ ପଟ୍ଟନାୟକ**
ସ୍ୱା: ସ୍ୱର୍ଗତ ବେଣୁପାଣି ପଟ୍ଟନାୟକ
ନି/ପୋ- ଚିପିଲିମା, ଥାନା- ବୁର୍ଲା, ଜି- ସମ୍ବଲପୁର
ଆବିର୍ଭାବ: ୨୫।୦୫।୧୯୪୪
ତିରୋଧାନ: ୦୨।୦୯।୨୦୧୮
ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀ

ତୁମର ଭଲପାଇବା, ତ୍ୟାଗ, କର୍ମପ୍ରବଣତା, ନିଷ୍ଠାପରତା ଆମ୍ଭମାନଙ୍କୁ ଚିରକାଳ ପ୍ରେରଣା ଦେଉଥିବ। ପ୍ରତି ସମୟରେ ତୁମର ଅନୁପସ୍ଥିତିକୁ ଅନୁଭବ କରି ଝୁରି ହେଉଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବଡଠାକୁର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭାଇ-ଭାଇବୋହୂ, ନାତି-ନାତୁଣୀ, ଭାଣିଜୀ, ଭଣଜା-ଭଣଜାବୋହୂ, ଭଉଣୀ, ପୁତୁରା, ଝିଆରୀ ତଥା ପଟ୍ଟନାୟକ ପରିବାର, ବନ୍ଧୁବର୍ଗ। ଧ-୬୨୪୪୨

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ପ୍ରମିଳା ଭୋଳ**
କେତକୀପାଟଣା, ପୁରୀ
ଆବିର୍ଭାବ: ୧୫।୧୨।୧୯୫୧
ତିରୋଧାନ: ୧୬।୦୯।୨୦୧୫
(ବାଲିତୃତୀୟା)

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଦୀନବଂଧୁ, ପୁଅ-ବାପି, ଗୁନି, ଜିତୁ, ଦୀପୁ ଓ ଲିଙ୍କୁ, ବୋହୂ-ରୋଜି, ଝୁମି, ନାତି-ସାଇ। ଧ-୬୩୮୩୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ**
ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ରାଜ୍ୟସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର

ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ। ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ। ଧ-୬୩୩୬୮

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୌମେନ୍ଦ୍ର ସାହୁ**
ଦୋରବାଙ୍ଗ
ଆବିର୍ଭାବ: ୨୦।୦୬।୧୯୮୧
ତିରୋଧାନ: ୨୨।୦୮।୨୦୦୯
ବାଲିତୃତୀୟା

ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୮୩୨୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର**
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ଝାଡୁଆପଡ଼ା, ସମ୍ବଲପୁର
(୧୯୧୦-୧୯୯୭) ବାଲିତୃତୀୟା

ଏକବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ବନ୍ଧୁସ୍ୱଜନ। ଧ-୮୨୨୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୈଳାସ ଚନ୍ଦ୍ର ଭଞ୍ଜଶାଳୀ**
ପ୍ଲଟ ନଂ-୮୯, କାନନ ବିହାର, ଫେଜ-୨, ପଟିଆ, ଭୁବନେଶ୍ୱର
ତିରୋଧାନ: ୨।୦୯।୨୦୧୮

ହେ ପୁଣ୍ୟାତ୍ମା ଆପଣଙ୍କ ସ୍ପଷ୍ଟବାଦିତା, ସତ୍ୟନିଷ୍ଠା, କର୍ତ୍ତବ୍ୟ ପରାୟଣତା ଏବଂ ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଗୁରୁଦେବ ଶ୍ରୀସୀତାରାମ ଦାସ ଓଁକାର ନାଥଙ୍କ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଏତିକି ପ୍ରାର୍ଥନା। ଅଭାଗିନୀ ପତ୍ନୀ ଗୀତିକା, ପୁତ୍ର-ରଜତ, କନ୍ୟା-ମନ୍ଦିରା, ମଧୁମିତା, ସ୍ୱପ୍ନା ଓ ପରିବାରବର୍ଗ। ଧ-୫୬୧୪୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମସ୍ଥାନରୁ ଚନ୍ଦ୍ର ଷଷ୍ଠଭାଗସ୍ଥ ହେତୁ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟାଇବେ।

**ବୃଷ** ଭାଗ୍ୟାଧିପ କେତୁ ନକ୍ଷତ୍ରସ୍ଥ ହେତୁ କୌଣସି କାମ ସମ୍ପନ୍ନ କରିବା ଦିଗରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କୌଣସି ବନ୍ଧୁ କିମ୍ବା ସହକର୍ମୀ ଅଥବା ପାଖ ପଡୋଶୀମାନେ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଚତୁର୍ଥ ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ଆଦରଣୀୟ କରାଇବେ। କିନ୍ତୁ ନିଜ ଘରେ ତାହାର ଓଲଟା ଫଳ ସ୍ୱରୂପ ସମାଲୋଚନାର ଶରବ୍ୟ ହେବାକୁ ପଡିପାରେ। ନୂତନ କର୍ମାରମ୍ଭ ସାଙ୍ଗକୁ ପ୍ରଶାସନ, ପ୍ରକାଶନ, ରାଜନୀତି, ସଭାସମିତି ପାଇଁ ଦିନଟି ଭଲ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଆଜି ଘାତବାର ଜନିତ ବାରାଧିପ ବୁଧ ବକ୍ରତ୍ୱରେ ଫାଟ ସୃଷ୍ଟି କରାଇପାରନ୍ତି। ସତର୍କତା ଅଭାବରୁ ହାତ, ପାଦରେ ଆଘାତ କିମ୍ବା ସ୍ନାୟବିକ ଦୁର୍ବଳତାରୁ ବିସ୍ମରଣଜନିତ ସମସ୍ୟା ଆସିବ। ମନ କଥା ମନରେ ରଖି କାମ ନ କଲେ କଳହ ଲାଗି ଅଶାନ୍ତିର ବାତାବରଣ ସୃଷ୍ଟିର ଆଶଙ୍କା ରହିଛି । କିନ୍ତୁ ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ ।

**ସିଂହ** ଶୁଭ ଗ୍ରହମାନଙ୍କ ସୁପ୍ରଭାବରୁ ବିଭିନ୍ନ ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା** ଅର୍ଥସଂକଟ ହିଁ ଆଜିର ମୁଖ୍ୟ ସମସ୍ୟା ରୂପରେ ଅସ୍ଥିରତାକୁ ଡାକି ଆଣିବ। ବାଧକାଧିପ ବୃହସ୍ପତି ଧନ ସ୍ଥାନରେ ଅର୍ଥନୀତିକୁ ପ୍ରଭାବିତ କରିବା ସହ କୌଣସି ଅନାକାଂକ୍ଷିତ ସମସ୍ୟା ସୃଷ୍ଟି କରିପାରେ। ଶତ୍ରୁତା କରୁଥିବା ଲୋକଟିର ମନକୁ ବାଧିଲା ଭଳି କଥାରୁ ଦୁଃଖ ପ୍ରକାଶ କରିବେ। ଅବଶ୍ୟ ସ୍ୱାତୀ ଓ ଚିତ୍ରା ନକ୍ଷତ୍ର ପାଇଁ ଅସୁବିଧା ହେବନାହିଁ।

**ତୁଳା** ବନ୍ଧୁମାନଙ୍କ ସହାନୁଭୂତି ଓ ଆଦରବୋଳା କଥାରେ ଦୁଃଖର ମାତ୍ରା ଲାଘବ ହୋଇଯିବ। ତଥାପି ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବରେ ତାହାକୁ ସମ୍ପନ୍ନ କରି ଖୁସି ହୋଇଯିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାରିବାରିକ ଜୀବନକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଉତ୍ତରାଷାଢା ନକ୍ଷତ୍ରର ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ।

**ମକର** ବିଭିନ୍ନ କ୍ଷେତ୍ର ସମସ୍ୟାବହୁଳ ହେଉଥିବାରୁ ମାନସିକ ଅସ୍ଥିରତା ଲାଗିରହିବ। ତଥାପି ଶ୍ରବଣା ନକ୍ଷତ୍ରର ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯାଇ ସମାଲୋଚିତ ହୋଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଅର୍ଥ ଓ ଲୋକ ସମ୍ପର୍କ ଆପଣଙ୍କୁ ସଂକଟମୁକ୍ତ କରିବାରେ ସହାୟକ ହେବ। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିବାର ସୂଚନା ରହିଛି ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ବୁଧବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ଅନ୍ନପ୍ରସ୍ତାବ, ବୁଧବାମନ ଓଷା ତୃତୀୟପାଳି, ସେପ୍ଟେମ୍ବର ୧୨ ତାରିଖ, ମୁସଲିମ୍ ନବବର୍ଷ, ମହରମ୍ ମାସ ଆରମ୍ଭ,ଅଲ୍-ହିଜରା, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦ ।୩୭ମି. ଗତେ ତୁଳାଚନ୍ଦ୍ର, କର୍କଟରାଶିର ଘାତବାର, ସକାଳ ଘ୬ ।୫୫ମି. ଗତେ ଘ୮ ।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪ ।୪୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୧ମି. ଗତେ ଘ୧ ।୫୦ମି. ମଧ୍ୟେ, ଘ୪ ।୪୭ମି. ଗତେ ଘ୬ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧ ।୪୩ମି. ଗତେ ଘ୧ ।୧୫ମି. ମଧ୍ୟେ ରାହୁକାଳ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍






# ରାଜ୍ୟୱାରି ତେଲ ଦର ଓ ଲାଗୁ କରାଯାଇଥିବା ଭାଟ୍

ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଭାଟ୍ ଦରରେ ବ୍ୟାପକ ଭିନ୍ନତା ରହିଛି। ଏହାବ୍ୟତୀତ ସେମାନେ ଅନ୍ୟାନ୍ୟ ଟିକସ ଏବଂ ସେସ୍ ଆଦାୟ କରୁଛନ୍ତି। ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲର ଠିକ୍ ଦର ସମ୍ପର୍କିତ ତଥ୍ୟ ତୈଳ କମ୍ପାନୀଗୁଡ଼ିକ ଦର୍ଶାଉଛନ୍ତି, କିନ୍ତୁ ଅନ୍ୟ ରାଜ୍ୟର ଏଭଳି ସୂଚନା ମିଳିପାରୁନାହିଁ। ତୈଳ ଦର ଓ ଭାଟ୍ ମଧ୍ୟରେ ତୁଳନା କଲେ ଜଣାପଡ଼େ ଯେ, ଏ ଦୁହିଁଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ।




ପେଟ୍ରୋଲ ଓ ଡିଜେଲ ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଟିକସ ହ୍ରାସ ଘୋଷଣା କରିଛନ୍ତି।

ସୂତ୍ର: ଏଚ୍‌ପିସିଏଲ୍ ୱେବ୍‌ସାଇଟ୍ ଏବଂ ପିପିଏସି

## ■ ଜେଲ ଗଲେ ଟିଟୋଙ୍କ ୨ ସହଯୋଗୀ

# ରିମାଣ୍ଡରେ ଯିବେ ନିଲମ୍ବିତ ଆଇଆଇସି

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋ ଲିଙ୍କ୍‌ରେ ଅଧିକ ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜଟଣୀର ପୂର୍ବତନ ତଥା ନିଲମ୍ବିତ ଆଇଆଇସି ସଞ୍ଜୀବ ମହାନ୍ତିଙ୍କୁ ରିମାଣ୍ଡରେ ନେବ। ଏଥିପାଇଁ ଭୁବନେଶ୍ୱର କୋର୍ଟରେ ଏସ୍‌ଟିଏଫ ପକ୍ଷରୁ ଆବେଦନ କରାଯାଇଛି। କୋର୍ଟଙ୍କ ଅନୁମତି ମିଳିବା ପରେ ତାଙ୍କୁ ଏସ୍‌ଟିଏଫ ରିମାଣ୍ଡରେ ନେଇ ପଚରାଉଚରା କରିବ।

ଅନ୍ୟପଟେ ନିଲମ୍ବିତ ଆଇଆଇସି ସଞ୍ଜୀବ ଏବଂ ଟିଟୋଙ୍କ ମଧ୍ୟସ୍ଥ ସାଜିଥିବା ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁରର ଦୀପ୍ତି ରଞ୍ଜନ ଦାସଙ୍କ ସମେତ ଟିଟୋଙ୍କ ଅନ୍ୟତମ ସହଯୋଗୀ କଟକ ଟାଙ୍ଗୀ ଅଞ୍ଚଳର ଚିତ୍ତରଞ୍ଜନ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଦଫା ୩୮୭, ୫୦୬, ୧୨୦ବ(ବି), ୩୪ ଏବଂ ୨୫ ଓ ୨୭ ଆର୍ମ୍ସ ଆକ୍ଟରେ ମାମଲା(୧୧/୧୮) ରୁଜୁ ହୋଇଛି। ଦୀପ୍ତିଙ୍କୁ ଏସ୍‌ଟିଏଫ୍ କଡ଼ା ସୁରକ୍ଷା ମଧ୍ୟରେ କୁଜଙ୍ଗ ଜେଏମ୍‌ଏଫସିରେ ହାଜର କରିଥିଲା। ରବିବାର ସକାଳେ ଏସ୍‌ଟିଏଫ୍ ଦୀପ୍ତିଙ୍କ ମୁକୁନ୍ଦପୁର ଓ ପଟିଆସ୍ଥିତ ଘରେ ଚଢାଉ କରିଥିଲା। ଚଢାଉ ବେଳେ ଗୋଟିଏ ବନ୍ଧୁକ,୧୨ ରାଉଣ୍ଡ ଗୁଳି, ଗୋଟିଏ ଅଡି କାର, ଗୋଟିଏ ସୁଇଫ୍ଟ କାର ଓ ୬୪ ହଜାର ଟଙ୍କା ଜବତ ହୋଇଥିଲା। ସେହିଦିନ ରାତିରେ ଟାଙ୍ଗୀ ସରଦୋଳା ଗ୍ରାମର ଚିତ୍ତରଞ୍ଜନଙ୍କ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରି ତାଙ୍କୁ ଗିରଫ କରିଥିଲା ବୋଲି ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି।

ସେହିପରି ପୂର୍ବରୁ ସପୋ ଦେଇଥିବା ବୟାନ ଆଧାରରେ ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ କରିଛି।



ଦୀପ୍ତି



ଦୀପ୍ତି ରଞ୍ଜନ

■ ଟିଟୋ ଲିଙ୍କରେ ପଚରାଉଚରା କରିବ ଏସ୍‌ଟିଏଫ

■ ଦୀପ୍ତିଙ୍କ ଯୁବତୀ ଚାଲାଣ ଘଟଣାର ଖୋଳତାଡ଼ ଆରମ୍ଭ

ସଞ୍ଜୀବଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଟିଟୋ ଏବଂ ଦୀପ୍ତିଙ୍କ ଆପରାଧିକ ସାମ୍ରାଜ୍ୟର ଆଉକିଛି ତଥ୍ୟ ମିଳିପାରେ। ଏହାସହ ଥାନା ବାବୁ ସେମାନଙ୍କ ଦ୍ୱାରା କେତେ ଫାଇଦା ପାଇଛନ୍ତି ତାହାର ମଧ୍ୟ ପର୍ଦ୍ଦାଫାଶ ହୋଇପାରିବ। ମଙ୍ଗଳବାର ଏସ୍‌ଟିଏଫ୍ ଦୀପ୍ତିଙ୍କୁ ପଚରାଉଚରା କରିବା ବେଳେ କିଛି ବିସ୍ଫୋରକ ତଥ୍ୟ ମିଳିଛି। ଟିଟୋ, ସଞ୍ଜୀବ ଏବଂ ଦୀପ୍ତି ଏକାଧିକ ଥର ଗୋଆ ଯାଇଛନ୍ତି। ସେଠାରେ ହୋଟେଲରେ ରହିବା ସହ ଯୁବତୀଙ୍କ ସହ ମଉଜମସ୍ତି କରିଥିବା ଦୀପ୍ତି ଏସ୍‌ଟିଏଫ୍ ଆଗରେ ସ୍ୱୀକାର କରିଛନ୍ତି। ଏଠାରେ ଖବରଦାତା ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଆଶଙ୍କା କରି ସେମାନେ ଗୋଆରେ ମିଟିଂ କରୁଥିଲେ। ସଞ୍ଜୀବ ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରିବା ନେଇ ସେଠାରେ ମୋଟା ରକମର ଡିଲ୍ ହେଉଥିଲା। ଦୀପ୍ତିଙ୍କଠାରୁ ଏସବୁ ତଥ୍ୟ ମିଳିବା ପରେ ଏସ୍‌ଟିଏଫ୍ ସଞ୍ଜୀବଙ୍କୁ ରିମାଣ୍ଡରେ ନେଇ ଟିଟୋଙ୍କଠାରୁ ସେ କେତେ ଫାଇଦା ପାଇଛନ୍ତି ଏବଂ କେଉଁ କାର୍ଯ୍ୟରେ ସହଯୋଗ କରିଛନ୍ତି ତାହା ଜାଣିବା ଲାଗି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏହା ବ୍ୟତୀତ ଦୀପ୍ତି ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏସ୍‌ଟିଏଫ୍ ଏହାର ତଦନ୍ତ ଆରମ୍ଭ କରିଛି। ସେ ଜଗତ୍‌ସିଂହପୁର ଜିଲାରୁ ଏକାଧିକ ଯୁବତୀଙ୍କୁ ଗୋଆ ଚାଲାଣ କରିଥିବା ନେଇ ଏସ୍‌ଟିଏଫ୍ ହାତରେ ପ୍ରମାଣ ଲାଗିଛି। ତେଣୁ ଏସ୍‌ଟିଏଫ ଦୀପ୍ତିଙ୍କୁ ମଧ୍ୟ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି।

# ଭଞ୍ଜନଗର ଜେଲରୁ ବିଚାରାଧୀନ ବନ୍ଦୀ ଚମ୍ପଟ

ଭଞ୍ଜନଗର,୧୧।୯(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରରୁ ମଙ୍ଗଳବାର ଅପରାହ୍ଣରେ ଜଣେ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଛନ୍ତି। ସେ ହେଲେ ବାବୁ ନାୟକ। ତାଙ୍କୁ ଧରିବା ପାଇଁ ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ରାସ୍ତା ସିଲ୍ କରି ଯାଞ୍ଚ ଚଳାଇଛି। ଭଞ୍ଜନଗର ଦମକଳ କେନ୍ଦ୍ର ନିକଟସ୍ଥ ବାଲିସାହିର ବାବୁ ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ବ୍ୟାଙ୍କ ଡକାୟତି ସମେତ ଏକାଧିକ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ପୋଲିସ ତାଙ୍କୁ ଏନକାଉଣ୍ଟର କରି ଗିରଫ କରିଥିଲା। ଗୋଡ଼ରେ ୪ ଗୁଳି ବାଜିଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଇଥିଲା। ସେଠାରେ ବାବୁ ସୁସ୍ଥ ହୋଇଥିଲେ ମଧ୍ୟ ଠିକ୍ ଭାବେ ଚାଲିପାରୁ ନ ଥିଲେ। ଗତବର୍ଷ ଅକ୍ଟୋବର ୧୦ ତାରିଖରେ ତାଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ଜେଲରେ ଥିବା ସମୟରେ ଫେରାର ହେବା ପାଇଁ ସେ ଯୋଜନା କରିଥିଲେ। ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ଟାରେ ବାବୁ ବାହାନା କରି ପରିସ୍ରାଗାରକୁ ଯାଇଥିଲେ। ପୂର୍ବ ଯୋଜନା ପ୍ରକାରେ କେହି ଜଣେ ବ୍ୟକ୍ତି ବାହାରୁ ଜେଲ ପାଚେରି ଉପରକୁ ରଶି ପକାଇଥିଲେ। ଉକ୍ତ ରଶି ଧରି ବାବୁ ପାଚେରି ଡେ଼ଇଁ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ଜେଲ କର୍ମଚାରୀ ଏକଥା ଜାଣିଥିଲେ। ଏହାପରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବାବୁଙ୍କ ସୁରାକ ମିଳି ନ ଥିଲା। ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସ୍ମିତାରାଣୀ ଖଟୁଆ କହିଛନ୍ତି, ବିଚାରାଧୀନ ବନ୍ଦୀ ବାବୁଙ୍କ ଫେରାର ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଛି। ବାବୁ ଠିକ୍ ଭାବେ ଚାଲି ପାରୁ ନଥିଲେ। କୌଣସି ଜଣେ ବ୍ୟକ୍ତିଙ୍କ ଗାଡ଼ିରେ ସେ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି । ସୂଚନାଯୋଗ୍ୟ, କିଛିଦିନ ହେବ ଭଞ୍ଜନଗର ଜେଲର କେତୋଟି ସିସିଟିଭି କ୍ୟାମେରା ଅଚଳ ପଡିଛି। ଅନ୍ୟପକ୍ଷରେ ଜେଲରେ କର୍ମଚାରୀ ଅଭାବରୁ ସୁରକ୍ଷା ବ୍ୟବସ୍ଥା ଢିଲା ରହିଛି। ଗତ ମାସରେ ଭଞ୍ଜନଗର କୋର୍ଟରୁ ଫେରାର ହୋଇଯାଇଥିବା ଜଣେ ହତ୍ୟା ଅଭିଯୁକ୍ତ ଏ ପର୍ଯ୍ୟନ୍ତ ଧରାପଡି ନ ଥିବା ବେଳେ ଜେଲରୁ ବନ୍ଦୀ ଚମ୍ପଟ ଘଟଣା ଭଞ୍ଜନଗର ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି।




# ଗଭୀର ସମୁଦ୍ରରେ ଡଙ୍ଗା ବୁଡ଼ିଲା

## ■ ୭ ମତ୍ସ୍ୟଜୀବୀ ଆହତ, ଜଣେ ଗୁରୁତର



ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀ।

**ଗଞ୍ଜାମ,୧୧।୯(ଡି.ଏନ.ଏ.):** ଗଞ୍ଜାମ ଥାନା ଅଗସ୍ତିନୂଆଗାଁ ସାନନୋଳିଆ ନୂଆଗାଁର ୭ଜଣ ମତ୍ସ୍ୟଜୀବୀ ଗୋଟିଏ ଡ଼ଙ୍ଗାରେ ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୪ଟାରେ ମାଛ ମାରିବାକୁ ସମୁଦ୍ରକୁ ଯାଇଥିଲେ। କୂଳଠାରୁ ପ୍ରାୟ ୩୦୦ ମିଟର ଗଲା ପରେ ଏକ ଉଚ୍ଚ ଜୁଆର ମାଡ଼ରେ ହଠାତ୍ ଡ଼ଙ୍ଗାଟି ବୁଡ଼ି ଯାଇଥିଲା। ଫଳରେ ସେଠାରେ ମାଛ ମାରୁଥିବା ଗୋଖରକୁଦା ଗ୍ରାମର ଅନ୍ୟ ମତ୍ସ୍ୟଜୀବୀମାନେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଡ଼ଙ୍ଗାରେ ଥିବା ୭ ଜଣ ପହଁରି ପହଁରି ଗୋଖରକୁଦା ବେଳାଭୂମିକୁ ଆସିବା ପରେ ସେମାନଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ନୋଳିଆ ନୂଆଗାଁର ଡି. ଗୁରେୟା, ଡି. ସନ୍ନ୍ୟାସୀ, ଡି. କାଲେୟା, ଡି. ସୀମାଦ୍ରି, ଏ. ଆରେୟା, ଏ. ମୁକୋଡୁ ଏବଂ ଏମ. ନାରାୟଣ। ସେମାନଙ୍କ ମଧ୍ୟରୁ ଡି. ସନ୍ନ୍ୟାସୀ ଗୁରୁତର ଥିବା ଜଣାପଡ଼ିଛି। ଡଙ୍ଗାରେ ଲାଗିଥିବା ମୋଟରର ଧୂଆଁ ନିର୍ଗତ ପାଇପ ତାଙ୍କ ଦେହରେ ଲାଗି ପୋଡି ଯାଇଛି।






ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା' ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
–ଶ୍ରୀମା



# ଯୁଦ୍ଧକୁ ଅପେକ୍ଷା

ଚଳିତବର୍ଷ ମେ'ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ପ୍ରଦାନ କରିଥିଲା ଯେ, ଫ୍ରାନ୍ସକୁ ଅତିକ୍ରମ କରି ଭାରତ ବିଶ୍ୱର ପ୍ରତିରକ୍ଷା ଦିଗରେ ସର୍ବାଧିକ ଖର୍ଚ୍ଚ କରୁଥିବା ଶ୍ରେଷ୍ଠ ୫ ଦେଶ ତାଲିକାରେ ସ୍ଥାନ ପାଇଛି। ଆମେରିକା, ଚାଇନା, ସୌଦି ଆରବ ଏବଂ ରୁଷିଆ ପରେ ଭାରତ ରହିଛି। ଆମେରିକା ଓ ଚାଇନାର ପ୍ରତିରକ୍ଷା ଖର୍ଚ୍ଚ ଯଥାକ୍ରମେ ୬୧୦ ବିଲିୟନ ଡଲାର ଓ ୨୨୮ ବିଲିୟନ ଡଲାର ରହିଥିବା ବେଳେ ଭାରତର ରହିଛି ମାତ୍ର ୬୩.୯ ବିଲିୟନ ଡଲାର। କୁହାଯାଉଛି ଚାଇନାର ଅର୍ଥନୀତି ପୂର୍ବାପେକ୍ଷା ଦୁର୍ବଳ ହୋଇଯାଇଥିବାରୁ ସୈନ୍ୟ ସଂଖ୍ୟା କମାଇ ଆଧୁନିକ ଅସ୍ତ୍ରଶସ୍ତ୍ରରେ ବଳୀୟାନ ହେବାକୁ ପ୍ରସ୍ତୁତି ଆରମ୍ଭ କରିଛି। ସମ୍ଭବତଃ ତାହାକୁ ଦେଖି ଭାରତୀୟ ସେନା ତା'ର ଆକାର କମାଇବାକୁ ଯାଇ ଦେଢ଼ ଲକ୍ଷ ସୈନ୍ୟ ଓ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବା ପାଇଁ ଯୋଜନା କରିଛି। ବର୍ତ୍ତମାନ ଭାରତୀୟ ସେନାରେ ୧୪ ଲକ୍ଷ ସୈନ୍ୟ ଅଛନ୍ତି। ହେଲେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ରେ ୨୨ ଲକ୍ଷ ୮୫ ହଜାର ସୈନ୍ୟ ଅଛନ୍ତି। ଉପରଲିଖିତ ଖର୍ଚ୍ଚ ପରିସଂଖ୍ୟାନକୁ ଦେଖିଲେ ଭାରତଠାରୁ ଚାଇନା ଅଧିକ ୧୬୪.୧ ବିଲିୟନ ଡଲାର ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛି। ତେଣୁ ଚାଇନା ସହ ଭାରତର ପ୍ରତିରକ୍ଷା ସ୍ଥିତିକୁ ତୁଳନା କରାଯିବା ଉଚିତ ନୁହେଁ।

ଭାରତ ଅଦ୍ୟାବଧି ତା'ର ସବୁ ସୀମାନ୍ତରେ ଶତ୍ରୁଙ୍କ ଗତିବିଧି ଲକ୍ଷ୍ୟ କରିବା ଲାଗି ଆଧୁନିକ ଯନ୍ତ୍ର ଖଞ୍ଜିବାରେ ସକ୍ଷମ ହୋଇପାରି ନାହିଁ। ଗତବର୍ଷ କେବଳ ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟ ପୁଞ୍ଚ୍ ଓ ରାଜୌରି ସେକ୍ଟରରେ ଆମେରିକା ନିର୍ମିତ ଆକାଶମାର୍ଗରୁ ନିରୀକ୍ଷଣ କରାଯାଇପାରୁଥିବା ଡ୍ରୋନ୍ ଖଞ୍ଜା ଯାଇଥିଲା। ଏ ସବୁଥିରୁ କେତେ କାର୍ଯ୍ୟକ୍ଷମ ଥିବ, ତାହା ଭାରତୀୟ ରକ୍ଷଣାବେକ୍ଷଣର ଇତିହାସ ଦେଖିଲେ ବୁଝାପଡ଼ିବ। ୨୦୧୩ରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଉପରେ ନଜର ରଖାଯିବା ଲାଗି ଚାଇନା ସୀମାରେ ଯେଉଁ ହାଇ ରିଜଲ୍ୟୁଶନ ସର୍ଭିଲାନ୍ସ କ୍ୟାମେରା ଲଗାଯାଇଥିଲା, ସେଗୁଡ଼ିକ କିଛିଦିନ ପରେ ଅକାମୀ ହୋଇଯାଇଥିବା ଖବର ମିଳିଥିଲା। ତେଣୁ ଭାରତ ଅଚାନକ ଚାହିଁଲେ ମଧ୍ୟ ପ୍ରତିରକ୍ଷା ସରଞ୍ଜାମ ଯୋଗାଡ଼ କରି ତାହାକୁ କାମରେ ଲଗାଇବାରେ ସକ୍ଷମ ହୋଇପାରୁ ନାହିଁ। ଯେତେବେଳେ ରାଫେଲ ଯୁଦ୍ଧ ବିମାନ ଲାଗି ରାଜିନାମା ସ୍ୱାକ୍ଷରିତ ହୋଇ ତାହା ଦୁର୍ନୀତି ଜାଲରେ ପଡ଼ିଯାଇଛି, ସେଭଳି କ୍ଷେତ୍ରରେ ଅତ୍ୟାଧୁନିକ ଯୁଦ୍ଧ ପାଇଁ ଭାରତ କିଭଳି ପ୍ରସ୍ତୁତ ହେବ ତାହା ବୁଝିବା କଷ୍ଟକର।

ଏଠାରେ ପ୍ରତିରକ୍ଷା ସମସ୍ୟା କେବଳ ଅର୍ଥ ଦୁର୍ନୀତିରେ ସୀମିତ ନୁହେଁ। ଏଭଳି ଦୁର୍ନୀତିଠାରୁ ଅଧିକ ମାରାତ୍ମକ ହେଉଛି ନିଷ୍ପତ୍ତି ନେବାରେ ଏବଂ ଅସ୍ତ୍ରଶସ୍ତ୍ର କିଣିବାରେ ଘଟୁଥିବା ଅତ୍ୟଧିକ ବିଳମ୍ବ।

ଭାରତ ସରକାର ଯଦି ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଚାହୁଁଥା'ନ୍ତି, ତେବେ ପ୍ରଥମେ ଏହାର କ୍ରୟ ନୀତିରେ ପରିବର୍ତ୍ତନ ଆଣିବା ଦରକାର। ବୋଫର୍ସଠାରୁ ଆରମ୍ଭ କରି ଅଗୁସ୍ତା ୱେଷ୍ଟଲାଣ୍ଡ୍ ଏବଂ ଏବେ ରାଫେଲ ଚୁକ୍ତିରେ ଅନେକ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଥିବା ବିଷୟ ସମସ୍ତଙ୍କୁ ଜଣା। ଯେହେତୁ ଏହି କ୍ରୟ ଚୁକ୍ତିରେ ବିପୁଳ ପରିମାଣର ଅର୍ଥ କାରବାର ହୋଇଥାଏ, ସେହେତୁ ଅଧିକ ପରିମାଣର ଦୁର୍ନୀତି ଆଶଙ୍କା ରହିବା ସ୍ୱାଭାବିକ। ଏ ଦିଗରେ ପ୍ରଥମେ ସ୍ୱଚ୍ଛତା ଅଣାଯିବା ଆବଶ୍ୟକ। ଯେହେତୁ ସ୍ୱଚ୍ଛତା ରଖାଯାଇପାରୁ ନାହିଁ, ସେଥିପାଇଁ ନିଷ୍ପତ୍ତି ନେବାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଳମ୍ବ ଘଟୁଛି। ଆଧୁନିକ ପ୍ରତିରକ୍ଷା ସରଞ୍ଜାମ ସବୁବେଳେ ଆଧୁନିକ ହୋଇ ରହେନାହିଁ। ସମୟ ବିତିଗଲେ ଆହୁରି ଅଧିକ ଶକ୍ତିଶାଳୀ ଟେକ୍‌ନୋଲଜି ବାହାରିବାରେ ଲାଗିଛି। ଅନ୍ୟ ଦେଶଗୁଡ଼ିକରେ ଏହା ଉପରେ ସବୁବେଳେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଗବେଷଣା କରାଯାଉଛି। ସେହି ଗବେଷଣାର ଫଳସ୍ୱରୂପ ନୂଆ ଅସ୍ତ୍ରଶସ୍ତ୍ର ସୃଷ୍ଟି ହେଉଛି। ଏଭଳି ପ୍ରଚ୍ଛଦପଟରେ ଭାରତ ତାହାର ସେନାର ଆକାର କମାଇବାର ଚେଷ୍ଟା କେତେଦୂର ଯୁକ୍ତିଯୁକ୍ତ, ତାହା କେବଳ ବିଶେଷଜ୍ଞମାନେ ମତ ଦେଇପାରିବେ। ଗୋଟାଏ ପଟେ ଯୁଦ୍ଧ ପ୍ରସ୍ତୁତିର ଅଭାବ ସହିତ ଅନ୍ୟପଟେ ଯଦି ସୈନ୍ୟ ସଂଖ୍ୟା କମିଯିବ, ତେବେ ତାହାର ସାମଗ୍ରିକ ପ୍ରଭାବ କେଉଁ ରୂପ ଧାରଣ କରିବ ତାହା ଏବେ ଆକଳନ କରିବା ଅତ୍ୟନ୍ତ କଷ୍ଟକର। ଏହାର ଅର୍ଥ ହେଲା ଏଭଳି ନିଷ୍ପତ୍ତିର ପ୍ରଭାବ ଜାଣିବାକୁ ହେଲେ ବାସ୍ତବ ଯୁଦ୍ଧ ଘଟିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ସେତେବେଳେ ଯଦି ସୈନ୍ୟ ସଂଖ୍ୟା ହ୍ରାସର ନକାରାତ୍ମକ ପ୍ରଭାବ ଜଣାପଡ଼ିବ, ତେବେ ପରିସ୍ଥିତିକୁ ସୁଧାରିବାର ସୁଯୋଗ ହାତଛଡ଼ା ହୋଇଯାଇଥିବ।

## ଚିରନ୍ତନୀ

ସନ୍ଧ୍ୟା–ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା।
(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | A | | | | | C | | E | | | | |
| 5 | 0 | | | | | | 9 | | | D | | 3 | | |
| | | D | | | | 4 | 7 | | | A | 2 | 6 | 9 | |
| | | | 3 | | | | | 0 | | 9 | | | 7 | |
| | | A | C | | | | 6 | | | | 8 | | B | |
| | 8 | 6 | | | | | | | 1 | 7 | | 9 | | |
| | | 2 | | 5 | 6 | | | | A | 0 | | | | |
| 4 | | | | 9 | | | | | D | 6 | E | 0 | | |
| | | E | | 2 | | 3 | | 7 | | | 4 | 8 | 6 | |
| | | | | 0 | B | 5 | 4 | | | | | E | A | |
| | | | 1 | E | C | | | 2 | | | 7 | D | | |
| A | B | 4 | | 3 | D | | 0 | | 9 | | | | C | |
| D | 5 | 7 | | | | | | | | | 0 | | | |
| | | C | | B | | | | 3 | 2 | | | | E | |
| | | | | | | C | | 5 | | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | A | 5 | B | 4 | 7 | E | 1 | 3 | 2 | 9 | D | 0 | 8 |
| 3 | B | 9 | 7 | 8 | 0 | 5 | C | 6 | D | A | E | 1 | 2 | 4 |
| 4 | 5 | 0 | D | E | 9 | A | 2 | B | 8 | 1 | C | 6 | 7 | 3 |
| D | 7 | 8 | 2 | 1 | A | 9 | 3 | 0 | 4 | B | 6 | 5 | C | E |
| 1 | 2 | E | 6 | C | 3 | 8 | 4 | D | 0 | 5 | 7 | A | B | 9 |
| 7 | 3 | 4 | A | 9 | 1 | B | 0 | 5 | C | 6 | 2 | E | 8 | D |
| 8 | C | 6 | 4 | 7 | B | E | 1 | 2 | A | 0 | D | 9 | 3 | 5 |
| E | A | 5 | C | 0 | 6 | 4 | D | 8 | 9 | 7 | 3 | B | 1 | 2 |
| B | 0 | 1 | 3 | D | 2 | 6 | 9 | C | 5 | E | 8 | 7 | 4 | A |
| 2 | 9 | D | E | 5 | 8 | 3 | 7 | A | 1 | 4 | B | C | 6 | 0 |
| 9 | D | 7 | 8 | 3 | E | 1 | A | 4 | 6 | C | 0 | 2 | 5 | B |
| 6 | 1 | 3 | 9 | 4 | 5 | 2 | B | 7 | E | 8 | A | 0 | D | C |
| A | 4 | C | 0 | 2 | 7 | D | 5 | E | B | 3 | 1 | 8 | 9 | 6 |
| 0 | 8 | B | 1 | A | D | C | 6 | 3 | 2 | 9 | 5 | 4 | E | 7 |
| 5 | E | 2 | B | 6 | C | 0 | 8 | 9 | 7 | D | 4 | 3 | A | 1 |

ଗତକାଲିର ଉତ୍ତର

# ତଥ୍ୟ ପ୍ରସାରରେ ଅତିରଞ୍ଜନ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଶୁକ୍ରବାର ସକାଳୁ ସକାଳୁ ଫୋନ୍‌ଟେ ପାଇ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଆରପଟରୁ ବନ୍ଧୁଜଣକ ବିକଳ ହୋଇ ପଚାରିଥିଲେ– ''ଆଜି ମୋର ଭୁବନେଶ୍ୱରରେ ଗୋଟେ ଜରୁରୀ କାମ ଅଛି, କିନ୍ତୁ ଶୁଣିଲି ସରକାର ପ୍ରବଳ ବର୍ଷାର ଚେତାବନୀ ଦେଇ ଭୁବନେଶ୍ୱରର ସମସ୍ତ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସାରା ଓଡ଼ିଶାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ଆଦେଶ ଜାରି କରିଛନ୍ତି।'' ବଡ ଅଡୁଆ ଲାଗିଲା ମୋତେ। ପାଗ ଅବଶ୍ୟ ମେଘୁଆ ଥିଲା କିନ୍ତୁ ମୋତେ ବଡ଼ ବର୍ଷାର କୌଣସି ସୂଚନା ଦିଶୁ ନ ଥାଏ। ମୁଁ ପାଣିପାଗ ବିଭାଗରୁ ସକାଳର ଉପଗ୍ରହ ଚିତ୍ର ଦେଖିଲି, ବଡ଼ ବର୍ଷା ତ ଦୂରର କଥା ଦିନଟି ଶୁଖିଲା ରହିବାର ସମସ୍ତ ସୂଚନା ସେଥିରେ ସ୍ପଷ୍ଟ ଥିଲା। ମନରେ ଅନେକ ପ୍ରଶ୍ନ ଆସିଲା। ସରକାର କ'ଣ ସତରେ ପାଣିପାଗ ବିଭାଗର ପୂର୍ବାନୁମାନ ଆଧାରରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ? ସତରେ କ'ଣ ଜଳବାୟୁ ବିଭାଗ ସେମିତି ଏକ ପୂର୍ବାନୁମାନ ଜାରି କରିଥିଲା? ଯଦି ଜାରି କରିଥିଲା ତା'ହେଲେ କ'ଣ ଆମର ବର୍ଷା ପୂର୍ବାନୁମାନ ବ୍ୟବସ୍ଥା ଏତେ ଦୁର୍ବଳ? ଏହି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବା କଥା, କାରଣ ଭୁବନେଶ୍ୱର ଭଳି ଏକ ସହରରେ ଯେଉଁଠି ଉନ୍ନତ ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଅଛି, ସେଠି କାହିଁକି ସ୍କୁଲ ବନ୍ଦ ରହିବ ବୋଲି ସରକାର ଘୋଷଣା କଲେ?

ସେମିତି ଏକ ଫୋନ୍ ପାଇଥିଲି ଜୁଲାଇ ୨୨ ତାରିଖ ସକାଳୁ। ମୁମ୍ବାଇରେ ଥିବା ବନ୍ଧୁଜଣକ ସିଧା ଆରମ୍ଭ କଲେ, ''ତୁମର କିଛି ଅସୁବିଧା ହୋଇନି ତ?'' ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନର କାରଣ ପଚାରିଲି। କହିଲେ ସବୁ ଟିଭି ଚ୍ୟାନେଲରେ ଏବେ ଖବର ଚାଲିଛି ଯେ ବୁର୍ଲା ଓ ସମ୍ବଲପୁରରେ ରେକର୍ଡ ବର୍ଷା ହୋଇଛି। ମୁଁ ବି ଟିଭି ଖୋଲିଲି। ଖବର ଆସୁଥିଲା ଯେ ବୁର୍ଲାରେ ୨୪ ଘଣ୍ଟା ଭିତରେ ୬୨୨ ମିଲିମିଟର ବର୍ଷା ହୋଇଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଟିଭିରେ ତଥା ସାମାଜିକ ଗଣମାଧ୍ୟମଗୁଡ଼ିକରେ କହିଚାଲିଥାନ୍ତି ଯେ ତାହା କୌଣସି ଏକ ଦିନରେ ହୋଇଥିବା ବର୍ଷାର ସର୍ବକାଳୀନ ରେକର୍ଡ। ଏହା ସହିତ ସମ୍ବଲପୁରରେ ୫୪୦ ମିଲିମିଟର ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ସେମିତି ଭୀଷଣ ବର୍ଷା ହୋଇଥିବାର ଖବର ଆସୁଥାଏ। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା କାରଣ ମୁଁ ସେହିଦିନ ସମ୍ବଲପୁରରେ ଥାଏ। ପୂର୍ବଦିନ ସନ୍ଧ୍ୟାରୁ ରାତିର ପ୍ରଥମ ପହରରେ ବର୍ଷା ଅବଶ୍ୟ ଖୁବ୍ ହୋଇଥାଏ, କିନ୍ତୁ ତାହା କେବେ ବି ୫୦୦–୬୦୦ ମିଲିମିଟର ହେବ ନାହିଁ ବୋଲି ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଥାଏ। ତେବେ ଗଣମାଧ୍ୟମରେ ଯେତେବେଳେ ଏତେ ବର୍ଷା ହୋଇଛି ବୋଲି ଖବର ଆସୁଛି, ସମ୍ବଲପୁର ସହରର ସ୍ଥିତି କ'ଣ ତାହା ଦେଖିବା ପାଇଁ ବାହାରିପଡିଲି।

ନର୍ଦ୍ଦମା ଜଳ ତଥା ବର୍ଷା ସମୟରେ ବନ୍ୟାଜଳ ନିଷ୍କାସନ କରୁଥିବା ସମ୍ବଲପୁରର ଦୁଇଟି ନାଳ ହେଲା ଧୋବି ଯୋର ଓ ଟଙ୍ଗନା ନାଳ। ନାଳ ଉଛୁଳିବା ତ ଦୂରର କଥା, ବହୁଥିବା ପାଣିର ସ୍ତର ପ୍ରାୟ ଅଧା ହିଁ ଥିଲା। ହଁ, ଅବଶ୍ୟ ଅନେକ ଅଞ୍ଚଳରେ ଘରେ ପାଣି ପଶିଥାଏ, କିନ୍ତୁ ସେହିସବୁ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଏତେ ଖରାପ ଯେ ବେଙ୍ଗ ମୂତିଲେ ବି ତାହା ବୁଡ଼ିବ। କିଛି ପୋଲରେ ନର୍ଦ୍ଦମା ଦଳ, ପ୍ଲାଷ୍ଟିକ ଆଦି ଜମା ହେବା କାରଣରୁ ପାଣି ନିଷ୍କାସନ ହୋଇ ନ ପାରି କିଛି ଅଞ୍ଚଳ ଜଳପ୍ଲାବିତ ହୋଇଥାଏ। କିନ୍ତୁ ସେହି ମଇଳା କାଢ଼ିଦେବା ମାତ୍ରେ ପାଣି ସଙ୍ଗେ ସଙ୍ଗେ ଖସିଗଲା। କୌଣସି ଗୋଟିଏ ବି ସ୍ଥାନରେ ସର୍ବକାଳୀନ ରେକର୍ଡ ବର୍ଷାର ଟିକିଏ ବି ପ୍ରମାଣ ପାଇଲିନି। ପରଦିନ ଦେଖିଲା ବେଳକୁ ମହାନଦୀର ଖଇରମୂଳଠାରେ ମାତ୍ର ୩ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ମୁଁ ହିସାବ କରି ଦେଖିଲି ଯେ, ହୀରାକୁଦର ଜଳଭଣ୍ଡାରରୁ ଟୋପାଏ ପାଣି ତଳକୁ ନ ଆସିଲେ ମଧ୍ୟ ଯଦି ହୀରାକୁଦ ଏବଂ ଖଇରମାଳ ମଧ୍ୟରେ ଥିବା ଅଞ୍ଚଳରେ ହାରାହାରି ୨୦୦ ମିଲିମିଟର ବର୍ଷା ହୋଇଥିବ ଏବଂ ତାହାର ମାତ୍ର ଏକ–ଚତୁର୍ଥାଂଶ ପାଣି ମହାନଦୀରେ ପ୍ରବାହିତ ହୁଏ ତେବେ ଖଇରମାଳଠାରେ ହାରାହାରି ପ୍ରାୟ ୭ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେବା କଥା ଏବଂ ସର୍ବାଧିକ ଅନ୍ୟୁନ ୯ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିବା କଥା। କିନ୍ତୁ ଖଇରମାଳରେ ୪ଲକ୍ଷ କ୍ୟୁସେକ୍ ପାଣି ବି ବହିଲାନି କି ନରାଜ ବା ମୁଣ୍ଡଳୀରେ ୭ଲକ୍ଷ କ୍ୟୁସେକ୍‌ର ପ୍ରବାହ ହେଲା ନାହିଁ। ସରକାରୀ ତଥ୍ୟ ଓ ଘୋଷଣା ଯେ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଥିଲା ତାହାର ପ୍ରମାଣ ଜଳ ଜଳ ଦିଶୁଥିଲା।

ମହାନଦୀର ପ୍ରବାହକୁ ନେଇ ମଧ୍ୟ ଓଡ଼ିଶା ସରକାର ସେମିତି ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ ତଥ୍ୟ ବାରମ୍ବାର ଦେଇଛନ୍ତି। ଅଗଷ୍ଟ ଶେଷ ସପ୍ତାହରେ ସେମିତି ଏକ ଭ୍ରାନ୍ତିର ପ୍ରସାରରେ ସରକାର ଓ ସରକାରୀ ଦଳ ଜଡିତ ଥିଲେ। ଓଡ଼ିଶାର ଶାସନରେ ଥିବା ବିଭିନ୍ନ ବ୍ୟକ୍ତି ଅଭିଯୋଗ କଲେ ଯେ, ଛତିଶଗଡ଼ର ବିଭିନ୍ନ ଜଳଭଣ୍ଡାରରୁ ପାଣି ଛାଡିବା କାରଣରୁ ମହାନଦୀରେ ବଡ଼ ବନ୍ୟା ହେବାକୁ ଯାଉଛି। ବାସ୍ତବତା ହେଲା, ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଥିଲା କିନ୍ତୁ ଛତିଶଗଡ଼ର କୌଣସି ବଡ ବନ୍ଧ ସେମାନେ ପାଉଥିବା ପ୍ରବାହରୁ ମାତ୍ରାଧିକ ବନ୍ୟାଜଳ ତଳକୁ ଛାଡି ନ ଥିଲେ। ତାହାର ପ୍ରମାଣ ହେଲା, ପ୍ରାୟ ପ୍ରତ୍ୟେକ ଦିନ ସେହି ରାଜ୍ୟର ବଡ ଜଳଭଣ୍ଡାରର ଜଳସ୍ତର ବଢିଥିଲା। ଯଦି ସେମାନେ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳଠାରୁ ଅଧିକ ଜଳ ଛାଡ଼ିଥାନ୍ତେ, ଜଳଭଣ୍ଡାରର ଜଳସ୍ତର ବଢ଼ି ନ ଥାନ୍ତା।

ଶାସନରେ ଥିବା ଲୋକେ ସେମିତି ଅନ୍ୟଏକ ଅଭିଯୋଗ କଲେ ଯେ କଲମା ବ୍ୟାରେଜର ଗେଟ୍ ପରିଚାଳନା ବିଷୟରେ ଛତିଶଗଡ଼ ତଥ୍ୟ ଦେଉ ନ ଥିବା ଯୋଗୁ ଓଡ଼ିଶାକୁ ବନ୍ୟା ପ୍ରଶମନ ପ୍ରସ୍ତୁତିରେ ଘୋର ଅସୁବିଧା ହେଉଛି। ଓଡ଼ିଶା ସରକାରରେ ଥିବା ନେତା ଓ ଅଫିସର କ'ଣ ଏତିକି ବି ଜାଣି ନାହାନ୍ତି ଯେ, କଲମା ଭଳି ବ୍ୟାରେଜର ଗେଟ୍ ବନ୍ୟା ସମୟରେ ପ୍ରାୟ ଖୋଲା ରହେ ଏବଂ ସେଭଳି ବ୍ୟାରେଜର ବନ୍ୟାଜଳ ଧାରଣ କରିବାର ସମ୍ଭାବନା ବିଶେଷ ନାହିଁ କି ବନ୍ୟା ସଙ୍କଟ ବଢାଇବାରେ ସେପରି ବ୍ୟାରେଜର ବିଶେଷ ଭୂମିକା ନାହିଁ?

କେନ୍ଦ୍ର ସରକାର ମଧ୍ୟ ଏମିତି ଅନେକ ଭ୍ରାନ୍ତ ତଥ୍ୟର ପ୍ରସାର କରୁଛନ୍ତି। ଏଭଳି ବିଭ୍ରାନ୍ତିର ପ୍ରସାରରେ ସରକାର ଜଡିତ ରହିବା ଚିନ୍ତାଜନକ। ଏବେ ସୂଚନାର ଅନେକ ଉତ୍ସ ରହୁଛି। ଅନେକ ଉତ୍ସ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟର ପ୍ରସାର କରୁଛନ୍ତି। ସରକାର ମିଥ୍ୟା ତଥ୍ୟର ପ୍ରସାରକାରୀ ହେବା ଉଚିତ ନୁହେଁ। ଦୁଃଖର କଥା ଅନେକ ଗଣମାଧ୍ୟମ ଓ ଖବରଦାତା ମଧ୍ୟ ପ୍ରାପ୍ତ ତଥ୍ୟର ଯାଞ୍ଚ କରୁନାହାନ୍ତି ବା ଜାଣିଶୁଣି ମିଥ୍ୟା ତଥ୍ୟ ପ୍ରସାରରେ ଭାଗୀଦାର ହେଉଛନ୍ତି। କିନ୍ତୁ ଲୋକେ ଚାହିଁଲେ ତଥ୍ୟର ସତ୍ୟତାକୁ ଅତି ସହଜରେ ଯାଞ୍ଚ କରିପାରିବେ। ଏବେ ଅନେକଙ୍କ ପାଖରେ ଫୋନ୍ ଓ ଇଣ୍ଟର୍‌ନେଟ ସଂଯୋଗ ଅଛି। ଠିକ୍ ତଥ୍ୟ ଖୋଜିବା ସମସ୍ତଙ୍କ ହାତପାଆନ୍ତାରେ। ମିଥ୍ୟାର ବାରମ୍ବାର ପ୍ରସାର ଆମକୁ ଅଧିକ ବିପଦପ୍ରବଣ କରିଦେବ। ବର୍ଷା ନ ଥାଇ ସ୍କୁଲ ବନ୍ଦ କରିବା, ଛୋଟ ଏକ ପ୍ରବାହକୁ ବିଶାଳ ବନ୍ୟା ବୋଲି ଡରାଇବା ଭଳି ମିଥ୍ୟାର ବାରମ୍ବାର ପ୍ରସାର ଦ୍ୱାରା ଭବିଷ୍ୟତରେ ବଡ଼ ସମସ୍ୟାକୁ ଡାକି ଆଣିବାର ଆଶଙ୍କା ଅଛି। ପିଲାଦିନର ମିଛୁଆ ରାଧୁଆ ଗପ ମନେ ପଡିଯାଉଛି– ମିଛରେ 'ବାଘ ଖାଇଗଲା ହୋ ଧାଇଁଆସ' କହି ରାଧୁଆ ଗାଁ ଲୋକଙ୍କୁ ଡାକୁଥିଲା। ଗାଁଲୋକ ଠେଙ୍ଗାବାଡ଼ି ଧରି ଆସିଲାବେଳେକୁ ରାଧୁଆ ଗଛଡାଳରେ ବସି ହସୁଛି। କିନ୍ତୁ ସତରେ ଯେଉଁଦିନ ବାଘ ଆସି ରାଧୁଆକୁ ଖାଇଲା, ସେଦିନ ସେ ଯେତେ ଡାକିଲେ ବି ଗାଁଲୋକ ସେ ମିଛରେ ଡାକୁଛି ଭାବି ଆଉ ଆସିଲେ ନାହିଁ।

# ବନ୍ଦ ପାଳନର ଚିତ୍ର ଓ ଚରିତ୍ର



ଡ.ପ୍ରଫୁଲ୍ଲ କୁମାର ସାହୁ

ଏଇ କେତେଦିନ ହେଲା ବଢ଼ିଚାଲିଛି ଡିଜେଲ, ପେଟ୍ରୋଲ ଓ ରନ୍ଧନଗ୍ୟାସ୍ ଦର। ଏ ନେଇ ଲୋକଙ୍କ ଅସନ୍ତୋଷକୁ ଆଧାର କରି ଏବେ ସରଗରମ ହୋଇଉଠିଛି ଦେଶର ରାଜନୈତିକ ପାଣିପାଗ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଅତ୍ୟଧିକ ମୂଲ୍ୟବୃଦ୍ଧି ତଥା ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ତୈଳଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବୋଲି ସଫେଇ ଦେଉଛନ୍ତି ସରକାର। ଅନ୍ୟପକ୍ଷରେ ଇନ୍ଧନର ମାତ୍ରାଧିକ ମୂଲ୍ୟ ବଢ଼େଇ ନିର୍ବାଚନରେ ଭୋଟ କିଣିବା ପାଇଁ ମୋଦି ସରକାର ଟଙ୍କା ଠୁଳ କରୁଛନ୍ତି ବୋଲି ଅଭିଯୋଗ ଆଣି ତା'ର ପ୍ରତିବାଦରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ପର୍ଯ୍ୟାୟକ୍ରମେ ଜାରି ରହିଛି ବିକ୍ଷୋଭ, ହରତାଳ ଓ ବନ୍ଦ ପାଳନ। ଏହି କ୍ରମରେ ସୋମବାର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଭାରତ ବନ୍ଦ ଡାକରା ଯୋଗୁ ୮ଘଣ୍ଟା ଧରି ଅଚଳ ହୋଇଗଲା ଦେଶର ସ୍ୱାଭାବିକ ଜୀବନଯାତ୍ରା। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଲୋକଙ୍କ ଉପରେ ସରକାରଙ୍କ ତେଲ ଚଡ଼କ ଯେତିକି ପୀଡ଼ାଦାୟକ ତା'ଠାରୁ ଅଧିକ ଦୁଃଖଦାୟକ ଉକ୍ତ ପ୍ରତିବାଦର ତରିକା।

ଆମ ଦେଶରେ ମୁକ୍ତି ସଂଗ୍ରାମ ସମୟରୁ ହରତାଳର ଜନ୍ମ। ସେତେବେଳେ ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଯାଇ ଗାନ୍ଧିଜୀ ଆମକୁ ଶିଖାଇଥିଲେ ଅନଶନ, ସତ୍ୟାଗ୍ରହ ଓ ଅସହଯୋଗ। ସେଥିପାଇଁ ସ୍ୱାଧୀନତା ପ୍ରାପ୍ତିର ଆଦ୍ୟ କାଳରେ ପ୍ରତିବାଦର ଅର୍ଥ ଥିଲା– କଲମ ଛାଡ଼, କଳାବ୍ୟାଜ୍ ପରିଧାନ ଓ ଶୋଭାଯାତ୍ରା ଆଦି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ମାତ୍ର ପରବର୍ତ୍ତୀ ସମୟରେ ରାଜନୀତି କଳୁଷିତ ହେବା ସହିତ ଆଦର୍ଶହୀନ ହୋଇପଡ଼ିଲା ବିକ୍ଷୋଭର ସ୍ୱରୂପ। ଏହି କ୍ରମରେ ଏବେ ପ୍ରତିବାଦ କହିଲେ ଠାକୁ ଠା ରାସ୍ତାବନ୍ଦ, ଅଖ ବନ୍ଦ, ଚକ ବନ୍ଦ, ଟ୍ରେନ୍ ବନ୍ଦ, ବସ୍ ବନ୍ଦ, ବଜାର ସହର ବନ୍ଦ, ସ୍କୁଲକଲେଜ, କୋର୍ଟକଚେରି ସବୁ ବନ୍ଦ। ସାଧାରଣତଃ ହରତାଳ କରାଯାଏ ସମୂହ ସ୍ୱାର୍ଥକୁ ନେଇ। ଏବେ କିନ୍ତୁ ଦଳୀୟ ସ୍ୱାର୍ଥ ହାସଲ ପାଇଁ ଦିଆଯାଉଛି ବନ୍ଦ ଡାକରା। ଆଗେ କେବଳ ଶାସନ କ୍ଷମତାରେ ନ ଥିବା ଦଳଗୁଡ଼ିକ ଆପଣାଉଥିଲେ ଆନ୍ଦୋଳନାତ୍ମକ ପନ୍ଥା। ଏବେ ଜନମତକୁ ନିଜ ସପକ୍ଷରେ ଜାବୁଡ଼ି ଧରିବା ପାଇଁ କ୍ଷମତାସୀନ ଦଳଗୁଡ଼ିକ ପକ୍ଷରୁ ବି ଚାଲିଛି ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ। ସେଥିପାଇଁ ଆମ ରାଜ୍ୟରେ ଏକ ଅଛିଣ୍ଡା ଗଣିତରେ ପରିଣତ ହେଲାଣି ବନ୍ଦ ପାଳନ। ସମ୍ପୂର୍ଣ୍ଣ ଜନବିରୋଧୀ ହୋଇ ପଡ଼ିଲାଣି ତା'ର ଚିତ୍ର ଓ ଚରିତ୍ର। ଆଜି ଗୋଟିଏ ଦଳ ଭାରତ ବନ୍ଦ ଡାକରା ଦେଲାଣି ତ କାଲି ଓଡ଼ିଶା ବନ୍ଦ ଡାକରା ଦେଲାଣି ଆଉ ଗୋଟିଏ ଦଳ। ଏହା ବାଦ୍ ଆଞ୍ଚଳିକ ସମସ୍ୟାକୁ କେନ୍ଦ୍ରକରି ପ୍ରତିଦିନ ଆନ୍ଦୋଳନ ଚାଲିଛି ରାଜ୍ୟର କେଉଁଠି ନା କେଉଁଠି। ଏପରି କି ରାସ୍ତା ଦୁର୍ଘଟଣା, ଶିକ୍ଷକ ବଦଳି, ମାଙ୍କଡ଼ ଉତ୍ପାତ, ହାତୀ ଫସଲ ଖାଇଯିବା ଆଦି ଛୋଟ ଛୋଟ ଘଟଣାକୁ ନେଇ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଉଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବାର ଅଧିକାର ସମ୍ବିଧାନପ୍ରଦତ୍ତ। ମାତ୍ର ପ୍ରତିବାଦ ଆଳରେ ଅନ୍ୟମାନଙ୍କୁ ହଇରାଣ କରିବା କେବଳ ଅମାନବିକତା ନୁହେଁ, ସାମାଜିକ ଅପରାଧ ମଧ୍ୟ। ୧୯୯୭ ମସିହାରେ ଏ ସମ୍ପର୍କିତ ଏକ ରାୟ ପ୍ରଦାନ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି– କୌଣସି ସଙ୍ଗଠନ, ଅନୁଷ୍ଠାନ କିମ୍ବା ରାଜନୈତିକ ଦଳ ଯଦି ବନ୍ଦ ଡାକରା ଦିଅନ୍ତି ତେବେ ତାହା ସମ୍ପୂର୍ଣ୍ଣ ବେଆଇନ ଓ ଅସାମ୍ବିଧାନିକ। ତେଣୁ ଆନ୍ଦୋଳନ ଆଳରେ ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ମାତ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅବଜ୍ଞା କରି ବନ୍ଦ ପାଳନକୁ ଏଠି ପ୍ରତିବାଦର ମାଧ୍ୟମ ଭାବରେ ସ୍ୱୀକୃତି ଦେଲେଣି ସବୁ ରାଜନୈତିକ ଦଳ। ଅଗଣତାନ୍ତ୍ରିକ ନୀତିକୁ ଆପଣେଇ ନେଇଥିବା ଏସବୁ ଦଳ ବା ସଙ୍ଗଠନର ଶୃଙ୍ଖଳା ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାକୁ ଚାଲିଯାଉଛି ବନ୍ଦକାଳୀନ ପରିସ୍ଥିତି।

ବନ୍ଦ ପାଳନ ବେଳେ ଗଣ୍ଡଗୋଳ, ମାରପିଟ ଓ ପୋଡ଼ାଜଳାକୁ ଆୟୁଧ ଭାବରେ ଗ୍ରହଣ କରିନିଅନ୍ତି ଦଳର ଉତ୍ପାତିଆ କର୍ମୀ। ତାଙ୍କ କଥା ନ ମାନି ଦୋକାନ ବଜାର ଖୋଲିଲେ ସେମାନେ ଲୁଟ୍‌ପାଟ୍ କରନ୍ତି, ଗାଡ଼ି ରାସ୍ତାକୁ ବାହାର କଲେ ଟେକା ମାରି କାଚ ଭାଙ୍ଗନ୍ତି କିମ୍ବା ନିଆଁ ଲଗେଇ ସମ୍ପୂର୍ଣ୍ଣ ପୋଡ଼ି ଦିଅନ୍ତି। ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେଶନ୍‌ରେ ପିଲାଛୁଆଙ୍କୁ ଧରି ଭୋକ ଉପାସରେ ଡହଳ ବିକଳ ହୁଅନ୍ତି ହଜାର ହଜାର ଯାତ୍ରୀ। ବିକ୍ଷୋଭକାରୀ ଭାବନ୍ତିନି ପ୍ରତିଦିନ ମଜୁରି ଲାଗି କିମ୍ବା ରାସ୍ତା କଡ଼ରେ ଛୋଟ ମୋଟ ବେପାର କରି ବଞ୍ଚୁଥିବା ମଣିଷଙ୍କ ଦୁଃଖ।

ବନ୍ଦ ପ୍ରଭାବ କମିବା ବେଳକୁ କିଛି ରୋଗୀଙ୍କ ଜୀବନଦୀପ ଲିଭିଯିବା ସହିତ ଜଳିପୋଡ଼ି ଯାଏ ଅକଳନ ସରକାରୀ ସମ୍ପତ୍ତି। ବନ୍ଦ ପାଳନର ଆଉ ଏକ କ୍ଷତିକାରକ ଦିଗ ହେଉଛି ପ୍ରଦୂଷଣ। ବିକ୍ଷୋଭକାରୀମାନେ ଠାକୁ ଠା ଜାଳୁଥିବା ଟାୟାରରୁ ନିର୍ଗତ ହୁଏ କଳା ଧୂଆଁ, ଯେଉଁଥିରେ ଥାଏ ଅତି ମାରାତ୍ମକ ବିଷାକ୍ତ ପଦାର୍ଥ। ଏହାଦ୍ୱାରା ସୃଷ୍ଟି ହୁଏ ମୁଣ୍ଡ ବୁଲେଇବା, ଉନ୍ମାଦନା, ମାନ୍ଦା ଲାଗିବା, ଚର୍ମ ଓ ଚକ୍ଷୁ କୁଣ୍ଡେଇ ହେବା ଭଳି ସ୍ୱାସ୍ଥ୍ୟଗତ ସମସ୍ୟା। ଆମ ନେତାମାନେ ଯଦି ଏକଥା ଥରେ ଭାବନ୍ତେ ତେବେ ବଦଳି ଯାଆନ୍ତା ଆମ ପ୍ରତିବାଦର ତରିକା। ଏ ଦେଶ ଆମର ଓ ଜାତୀୟ ସମ୍ପତ୍ତି ଆମର– ଲୋକଙ୍କ ଭିତରେ ଯଦି ଏହି ଭାବନା ଭରିଯାଆନ୍ତା ତେବେ ବଦଳିଯାଆନ୍ତା ବନ୍ଦ୍‌ର ଚିତ୍ର ଓ ଚରିତ୍ର।

ଭଦ୍ରକ, ମୋ– ୯୪୩୮୮୫୫୦୮୮

## ଏଇ ଭାରତରେ

ମା'ର ନାଗରିକତ୍ୱ ମାମଲା ଲଢ଼ିବା ପାଇଁ ପାଖରେ ପଇସା ନ ଥିବାରୁ ଜଣେ ବ୍ୟକ୍ତି ହତାଶ ହୋଇପଡିବା ସହିତ ନିଜ ଉପରେ ଚରମ ପ୍ରତିଶୋଧ ନେଇଛନ୍ତି। ଏପରି ଏକ ଘଟଣା ଆସାମରେ ଘଟିଛି। ବିନୟ ଚାନ୍ଦ ନାମକ ଏହି ବ୍ୟକ୍ତି ଦିନ ମଜୁରିଆ। ତାଙ୍କ ମା'ଙ୍କ ନାଗରିକତ୍ୱ ପାଇଁ ଆଇନଗତ ଯୁଦ୍ଧ ଲଢ଼ି ସବୁ ପଇସା ସାରିଦେଇଥିଲେ। କାରଣ ତାଙ୍କ ମା' ଆସାମ୍ ଡାଉଟ୍‌ଫୁଲ୍ ବା ଡି–ଭୋଟର ତାଲିକାରେ ରହିଥିଲେ। ବିନୟଙ୍କ ପରିବାର ଏବଂ ପଡୋଶୀଙ୍କ କହିବାନୁଯାୟୀ, ବିନୟଙ୍କ ମା' ଫରେନର୍ସ ଟ୍ରିବ୍ୟୁନାଲ୍‌ରେ ମାମଲା ହାରିଯାଇଥିଲେ। ସେଥିପାଇଁ ବିନୟ ହାଇକୋର୍ଟ ଯିବାକୁ ଚାହିଁଥିଲେ ବି ତାଙ୍କ ପାଖରେ ପଇସା ନ ଥିଲା। ଏଥିଯୋଗୁ ସେ ମାନସିକ ସ୍ତରରେ ବିଚଳିତ ହୋଇପଡିଥିଲେ। ସେ ଅଧିକାଂଶ ସମୟ ଚାପରେ ରହୁଥିଲେ। ମୋ ପାଖରେ ତ ପଇସା ନାହିଁ, ତୋ ପାଇଁ କେମିତି ମାମଲା ଲଢ଼ିବି ବୋଲି ସେ ବାରମ୍ବାର କହୁଥିବା ତାଙ୍କ ମା' ପ୍ରକାଶ କରିଛନ୍ତି। ଉକ୍ତ ପରିବାର ପାଖରେ ୧୯୬୦ ମସିହାର ଜମି ଦଲିଲ୍ ଅଛି। ପ୍ରତ୍ୟେକ ନିର୍ବାଚନରେ ସେମାନେ ଭୋଟ ଦେଇଆସୁଛନ୍ତି। ତେବେ ବି ଫରେନର ଟ୍ରିବ୍ୟୁନାଲ୍ ଦ୍ୱାରା ସେମାନଙ୍କୁ ସନ୍ଦେହଜନକ ନାଗରିକ ବିବେଚନା କରାଯାଇଛି। ଆଇନଗତ ଲଢ଼େଇ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ତେଣୁ ସେ ଚାପରେ ରହୁଥିଲେ ବୋଲି ତାଙ୍କର ଜଣେ ପଡୋଶୀ ପ୍ରକାଶ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଆସାମରେ ଯେଉଁ ଏନ୍‌ଆର୍‌ସି ଚିଠା ପ୍ରସ୍ତୁତ କରାଯାଇଥିଲା ସେଥିରେ ୧.୨୫ ଲକ୍ଷ ଡି–ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ବିନୟଙ୍କ ପରିବାର ରହିଛି। ବିନୟଙ୍କ ମୃତ୍ୟୁ ପରେ ଉକ୍ତ ପରିବାର ଉପରେ ହତାଶାର କଳାବାଦଲ ଢାଙ୍କି ହୋଇଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୩

- ସୋମାଲିଆରେ ଜାତିସଂଘର ହେଲିକପ୍ଟରରୁ ବେସାମରିକ ଲୋକଙ୍କ ଉପରକୁ ଗୁଳିମାଡ଼ କରାଯିବା ଫଳରେ ୧୫୦ ଜଣଙ୍କ ମୃତ୍ୟୁ।
- ନୂଆଦିଲ୍ଲୀର ରାଇସିନା ରୋଡ଼ସ୍ଥିତ ଜାତୀୟ ଯୁବକଂଗ୍ରେସ (ଇ) ସଦର କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୫ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମ ଓ ଆଧ୍ୟାତ୍ମିକତା

ମହାଶୟ,

ପ୍ରକାଶ ବାବୁଙ୍କ ପ୍ରକାଶିତ ପ୍ରବନ୍ଧ 'ଧର୍ମ ଓ ଆଧ୍ୟାତ୍ମିକତା' (୧୨।୮) ପଢ଼ି ମନର ଅଳନ୍ଧୁ ଦୂର ହେଲା। କଥାରେ ଅଛି–'ଧର୍ମ ଏକା ସିନା ମହତପଣିଆ ଆଉ ସବୁ କଥା ଅଢ଼େଇ ଦିନିଆ।' କିନ୍ତୁ ଆଧ୍ୟାତ୍ମିକତାଯୁକ୍ତ ଧର୍ମ ହିଁ ଅସଲ ଧର୍ମ– ଚିତା, ଚଇତନ, ମାଳା, ତିଳକ ବାହ୍ୟ ଆଡ଼ମ୍ବର। ମୂଳକଥା ହେଲା ମାନବିକତା, ଯାହା ସୁଧା ମୂର୍ତ୍ତି ଦେଖାଇଥିଲେ ଚିତ୍ରା ପ୍ରତି। ଧୀରେ ଧୀରେ ସମାଜରେ ଧର୍ମ ନାମରେ ସାମ୍ପ୍ରଦାୟିକତା ବଢ଼ିଚାଲିଛି। ମାତ୍ର ଆଧ୍ୟାତ୍ମିକତା ଭିତରେ ସାମ୍ପ୍ରଦାୟିକତା ନାହିଁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ସିନେ ଜଗତରେ ପ୍ରେମ ଓ ବିବାହ

ପୂର୍ବତନ ବିଶ୍ୱସୁନ୍ଦରୀ ପ୍ରିୟଙ୍କା ଚୋପ୍ରା ନିଜ ପ୍ରେମିକ ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କୁ ସାଙ୍ଗରେ ଧରି ଭାରତରେ ପହଞ୍ଚିବା ଖବର ପ୍ରକାଶ ପାଇଛି। ବଲିଉଡ୍‌ର ଚିତ୍ରତାରକାମାନେ ପ୍ରାୟ ନିଜ ପ୍ରେମିକଙ୍କୁ ଚୟନ କରି ବାହା ହେବାର ନଜିର ରହିଛି। ତେବେ ଅଭିନୟ ଜଗତରେ ପାଦ ଥାପି ଶୀର୍ଷରେ ପହଞ୍ଚିବାର ବହୁବର୍ଷ ଅତିବାହିତ ହେବା ପରେ ବୟସଜନିତ ବିଲକ୍ଷଣ ପ୍ରକାଶ ପାଇବା ବେଳକୁ ବିବାହ କଥା ମନେପଡୁଛି। ପ୍ରେମ ଓ ବିବାହ କରି ୧୫/୧୬ ବର୍ଷ ଘରସଂସାର କଲା ପରେ ଛାଡ଼ପତ୍ର ଘଟଣା ଚଳଚ୍ଚିତ୍ର ଜଗତରେ ମଧ୍ୟ କମ୍ ନୁହେଁ। ତେବେ ପ୍ରିୟଙ୍କାଙ୍କ ବୟସ ୩୫ ହୋଇଥିବା ବେଳେ ତାଙ୍କ ଆମେରିକୀୟ ପ୍ରେମିକ ତାଙ୍କଠାରୁ ବୟସରେ ୧୦ ବର୍ଷ ସାନ। ଏପରି ସମ୍ପର୍କ କେତେଦିନ ତିଷ୍ଠିବ ତାହା ସମୟ କହିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆବର୍ଜନା ପରିଚାଳନା ଜରୁରୀ

ଅଧୁନା ଇ–ଆବର୍ଜନା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବ୍ୟବହାର ପରେ ନଷ୍ଟପ୍ରାପ୍ତ ମୋବାଇଲ ଫୋନ, ଏହାର ଜରି କଭର, କମ୍ପ୍ୟୁଟର ଯନ୍ତ୍ରାଂଶ ସବୁ ମନଇଚ୍ଛା ବାହାରେ ଫିଙ୍ଗିଦିଆଯାଏ। ଏଥିରେ ଥିବା ଓଜନିଆ ଧାତୁ, ରାସାୟନିକ ଦ୍ରବ୍ୟ, ପାରଦ, କ୍ରୋମିୟମ, କାଚଗୁଣ୍ଡ, ଫସ୍‌ଫରସ୍ ଆଦି ମାଟି ଉପରେ ଜମାହୋଇ ପରିବେଶକୁ ପ୍ରଦୂଷିତ କରିଥାଏ। ଏପରି ଇ–ଆବର୍ଜନାର ସୁପରିଚାଳନା ପାଇଁ ପରିବେଶ ବିଭାଗ, ପୌର, ମହାନଗର ନିଗମ ପ୍ରଶାସନ ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

# ଶିକ୍ଷକଙ୍କ ପାଇଁ ବିଧାନସଭା ହୁଲସ୍ଥୁଲ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଦାବିପୂରଣ ପାଇଁ ଦୀର୍ଘଦିନ ହେବ ଖରା, ବର୍ଷାରେ ରାଜଧାନୀ ରାସ୍ତାରେ ବସିରହିଛନ୍ତି ଶିକ୍ଷକମାନେ। ରାଜ୍ୟରେ ଶିକ୍ଷା ଭୁଶୁଡ଼ି ପଡ଼ିଲାଣି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ପିଲାଙ୍କଠାରୁ ଏ ସରକାର ଶିକ୍ଷା ଅଧିକାର ଛଡ଼ାଇ ନେଇଛନ୍ତି। ଶିକ୍ଷକଙ୍କୁ ଡାକି ଆଲୋଚନା କରୁନାହାନ୍ତି। ରାସ୍ତା ଅବରୋଧ ହୋଇରହିଛି। ଲୋକମାନେ ଯିବା ଆସିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ବାଚସ୍ପତି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରନ୍ତୁ। ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚଳାଇ ଦେବୁ ନାହିଁ। ଏଭଳି ପ୍ରଚଣ୍ଡ ଆକ୍ରମଣ କରି ସରକାରଙ୍କୁ ଘାଇଲା କରି ଦେଇଥିଲେ ବିରୋଧୀ।

ମଙ୍ଗଳବାର ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। କଂଗ୍ରେସ ସଦସ୍ୟମାନେ ଚୁପ୍ ହୋଇ ବସି ରହିଥିବା ବେଳେ ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରବି ନାୟକ ଏବଂ ଗୋବିନ୍ଦ ଦାସ ଗୃହର ମଧ୍ୟଭାଗକୁ ଆସି ଏନଟିପିସି ପ୍ରକଳ୍ପକୁ ଅନୁମତି ବିଳମ୍ବ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ଏହି ସମୟରେ ବାଚସ୍ପତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ପ୍ରଥମ ପ୍ରଶ୍ନ ୧୫୧ର ଉତ୍ତର ଦେବାକୁ ଡାକିଥିଲେ। ମହାରଥୀ ହୋହଲ୍ଲା ମଧ୍ୟରେ ଉତ୍ତର ପଢ଼ି ଚାଲିଥିଲେ। ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ମାଇକ ଟାଣି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବାଚସ୍ପତି ବାଧ ହୋଇ ମାତ୍ର ୧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରି ଦେଇଥିଲେ।

୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୂନ୍ୟ କାଳ ଶେଷ ହେବା ପରେ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା 'ରାଜ ରାସ୍ତାରେ ଶିକ୍ଷକ, ସ୍କୁଲରେ ତାଲା । ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର ମୁଲତବୀ ପ୍ରସ୍ତାବକୁ ସମର୍ଥନ କରି ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ, କେବଳ ସ୍କୁଲ ବନ୍ଦ ନାହିଁ, କଲେଜ ମଧ୍ୟ ବନ୍ଦ ରହିଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଶିକ୍ଷକ ସମସ୍ୟା ଉପରେ ଗୃହରେ ଉତ୍ତର ଦେବା କଥା। ସମ୍ବିଧାନର ଅନୁଚ୍ଛେଦ ୨୧(୨) ଅନୁଯାୟୀ ଶିକ୍ଷା ଏକ ମୌଳିକ ଅଧିକାର। ୬ ବର୍ଷରୁ ୧୪ ବର୍ଷ ଯାଏ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଶିକ୍ଷା ଦେବା ପାଇଁ ସରକାର ସ୍କୁଲ ପ୍ରତିଷ୍ଠା କରିବେ। ସ୍କୁଲରେ ଭଲ ଶିକ୍ଷକ ନିଯୁକ୍ତି ଦେବେ ଓ ସେମାନଙ୍କୁ ଭଲ ଦରମା ଦେବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍କୁଲରେ ୬୦ ଜଣ ପିଲାଙ୍କ ପାଇଁ ୨ଜଣ ଶିକ୍ଷକ, ୬୧ରୁ ୯୦ ଛାତ୍ରଙ୍କ ପାଇଁ ୩ ଏବଂ ୧୦୦ ପିଲାଙ୍କ ପାଇଁ ୫ ଶିକ୍ଷକ ଓ ଜଣେ ପ୍ରଧାନ ଶିକ୍ଷକ ରହିବା ଜରୁରୀ।

ସରକାର ଇସ୍ୟୁକୁ ଡାଇଭର୍ଟ କରୁଛନ୍ତି। ଛତା, ଜୋତା, କମ୍ବଳ ବାଣ୍ଟିବାକୁ ପଇସା ଅଛି। ଶିକ୍ଷକଙ୍କୁ ଦରମା ଦେବାକୁ ପଇସା ନାହିଁ। ଶସ୍ତା ଲୋକପ୍ରିୟତା ପାଇଁ ସରକାର ଏଭଳି କରୁଛନ୍ତି। ଶିକ୍ଷା ଏକ ଯୁଗ୍ମ ଦାୟିତ୍ୱ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ପାଇଁ ଅର୍ଥ ଖର୍ଚ୍ଚ କରିବେ। ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଛାତ୍ରମାନଙ୍କର ଦୋଷ କ'ଣ। ସେମାନେ କାହିଁକି ଶିକ୍ଷାରୁ ବଞ୍ଚିତ ହେବେ। ସରକାର ନିଜର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରୁନାହାନ୍ତି। ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କିଛି ଲାଭ ହେଉ ନାହିଁ। ବାଚସ୍ପତି ଗୃହ କାର୍ଯ୍ୟ ବନ୍ଦ କରି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରନ୍ତୁ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, ପ୍ରଫୁଲ୍ଲ ମାଝି, ଦେବେନ୍ଦ୍ର ଶର୍ମା, ଚନ୍ଦ୍ର ଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଶିକ୍ଷାକୁ ଖାଇଲା କିଏ... ନବୀନ ପଟ୍ଟନାୟକ ଆଉ କିଏ, ଶିକ୍ଷକ ଆନ୍ଦୋଳନ ବନ୍ଦ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ତାଳ ମିଳାଇଥିଲେ। ଫଳରେ ମୁଲତବୀ ଆଲୋଚନା ଅଧାରୁ ହଟ୍ଟଗୋଳରେ ଫସିଯାଇଥିଲା। କେବଳ ବିରୋଧୀ ଦଳ ନେତାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ସଦସ୍ୟ ମୁଲତବୀ ଆଲୋଚନାରେ ଭାଗ ନେଇ ନ ଥିଲେ। ବାଚସ୍ପତି ଶାସକ ଦଳ ସଭ୍ୟ ସମୀର ରଞ୍ଜନ ଦାଶ ଓ ମହେଶ ସାହୁଙ୍କୁ କହିବାକୁ ଡାକିଥିଲେ। ହଟ୍ଟଗୋଳ ମଧ୍ୟରେ ସେମାନେ ନିଜର ମତ ରଖି ପାରି ନ ଥିଲେ। ବାଚସ୍ପତି ତରବରିଆ ଭାବେ ମୁଲତବୀ ଆଲୋଚନାକୁ ଶୀଘ୍ର ଶେଷ କରି ଗୃହକୁ ୧୨ଟା ୫୫ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ବିରୋଧୀ କଂଗ୍ରେସ ସଦସ୍ୟମାନେ ପୁଣି ହଟ୍ଟଗୋଳ କଲେ। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଶିକ୍ଷକଙ୍କ ପ୍ରସଙ୍ଗ ଉଠାଇ ସମସ୍ୟା ସମାଧାନ କରିବା ଲାଗି ସର୍ବଦଳୀୟ ବୈଠକ ଡାକିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହନୀପତି ମଧ୍ୟ କେ.ଭି.ଙ୍କ ସହ ସ୍ୱର ମିଳାଇ କହିଲେ ଆଗକୁ ଗଣେଶ ପୂଜା । ୩୦ ଲକ୍ଷ ପିଲାଙ୍କ ଭବିଷ୍ୟତ ବିପଦରେ । ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚାଲିପାରିବ ନାହିଁ କହି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ଗୃହ କାର୍ଯ୍ୟ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ୩୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। କିନ୍ତୁ ବୈଠକ ଅଧିକ ସମୟ ଚାଲିବାରୁ ବାଚସ୍ପତି ଗୃହକୁ ଆଉ ୨ ଥର ୩୦ ମିନିଟ ଲେଖାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ ଶିକ୍ଷକଙ୍କ ସମସ୍ୟା ଆଲୋଚନା ହେଲା। ଶିକ୍ଷକମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ନିର୍ଦ୍ଦେଶ ଦେଲେ। ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ୩ ଭଉଣୀଙ୍କ ସଲୀଳ ସମାଧି

ବାରିପଦା ଅଫିସ/ବଡ଼ସାହି(ସ୍ୱ.ପ୍ର.),୧୧।୯

ପୋଖରୀରେ ଗାଧୋଇବା ବେଳେ ୩ ଭଉଣୀ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବାଙ୍କିଶୋଳ ପଞ୍ଚାୟତ ବଡବିଲା ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ସ୍କୁଲ ଯିବା ପାଇଁ ତରବର ହୋଇ କାନି (୧୦), ପାର୍ବତୀ (୧୨) ଏବଂ ତାଙ୍କ ଦାଦା ଝିଅ ରାଜଶ୍ରୀ(୮) ଗାଁ ପୋଖରୀକୁ ଗାଧୋଇବା ଲାଗି ଯାଇଥିଲେ। ସେମାନଙ୍କ ସହ କାନି ଓ ପାର୍ବତୀଙ୍କ ମା' ମଧ୍ୟ ଯାଇଥିଲେ। ପୋଖରୀକୁ ପଶିବା ପରେ କାନି ଓ ରାଜଶ୍ରୀଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ । ଏହା ଦେଖି ସେଠାରେ ଥିବା ବଡ ଭଉଣୀ ପାର୍ବତୀ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରେ ୩ ଭଉଣୀ ଧରାଧରି ହୋଇ ପାଣିରେ ବୁଡି ଯାଇଥିଲେ। ନିକଟରେ ଉପସ୍ଥିତ ଥିବା ମା' ସେମାନଙ୍କୁ ଉଦ୍ଧାର କରି ନ ପାରି ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ୩ ଭଉଣୀଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସାରା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବଡବିଲା ଗ୍ରାମରେ ଏଥର ଏହି ପୋଖରୀଟି ନୂଆ ଖୋଳାଯାଇଥିଲା। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ପାଲ ମୁର୍ମୁଙ୍କ ୨ ଝିଅ କାନି, ପାର୍ବତୀ ଏବଂ ତାଙ୍କ ଭାଇ ଗୟା ମୁର୍ମୁଙ୍କ ଝିଅ ରାଜଶ୍ରୀ ସହ ମିଶି ସେଠାକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ ପାଣିରେ ବୁଡି ଯିବା ଦେଖି କାନି ଓ ପାର୍ବତୀଙ୍କ ମା' ମାଳତୀ ଡାକ ପକାଇବାରୁ ଗ୍ରାମବାସୀ ଆସି ପହଞ୍ଚିଥିଲେ । ଉଦ୍ଧାର କାର୍ଯ୍ୟ ପାଇଁ ଦମକଳବାହିନୀକୁ ଖବର ଦିଆଯାଇଥିଲା। ଏହା ମଧ୍ୟରେ ଗ୍ରାମବାସୀ ପୋଖରୀକୁ ପଶି ୩ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ନିଆଯାଇଥିଲା। ହେଲେ ବାଟରେ ସେମାନଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ସଦର ଥାନାଧିକାରୀ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ...

ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକରେ ମଧ୍ୟ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଯେଉଁ କର୍ମୀମାନେ ମାସିକ ୩୦୦୦ ଟଙ୍କା ପାରିଶ୍ରମିକ ପାଉଥିଲେ ସେମାନେ ୪୫୦୦ ଟଙ୍କା ଏବଂ ୨୨୦୦ ଟଙ୍କା ପାଉଥିବା କର୍ମୀମାନେ ୩୫୦୦ ଟଙ୍କା ପାଇବେ। ଅଙ୍ଗନୱାଡ଼ି ସହାୟିକାମାନଙ୍କ ପାରିଶ୍ରମିକ ମଧ୍ୟ ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୨୨୫୦ ଟଙ୍କା ହୋଇଛି। ବର୍ଦ୍ଧିତ ପାରିଶ୍ରମିକ ଅକ୍ଟୋବରରୁ ଲାଗୁ ହେବ ଏବଂ ନଭେମ୍ବରରୁ ସେମାନେ ଏହା ପାଇପାରିବେ। କମନ୍ ଆପ୍ଲିକେଶନ୍ ସଫ୍ଟୱେର୍ (ଆଇସିଡିଏସ୍ସିଏଏସ୍) ବ୍ୟବହାର କରିଲେ ଅଙ୍ଗନୱାଡ଼ି କର୍ମୀମାନେ ୨୫୦ରୁ ୫୦୦ ଟଙ୍କା ଲେଖାଏ ଅତିରିକ୍ତ ଭତ୍ତା ପାଇପାରିବେ। ଏହା ପ୍ରଦର୍ଶନ ଭିତ୍ତିକ ହେବ ବୋଲି ଆଶା, ଏଏନ୍ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଭିଡିଓ କନ୍ଫରେନ୍ସିଂ ଜରିଆରେ ବାର୍ତ୍ତାଳାପ କରି ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ଆଶା, ଏଏନ୍ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଭିଡିଓ କନ୍ଫରେନ୍ସିଂ ଜରିଆରେ ସିଧାସଳଖ ଭାବବିନିମୟ କରିଥିଲେ। ମୋଦିଙ୍କ ଘୋଷଣା ପରେ ଦେଶରେ ୧୨,୮୩,୭୦୭ ଅଙ୍ଗନୱାଡ଼ି କର୍ମୀ, ୧୦,୫୦,୫୬୪ ସହାୟିକା ଏବଂ ୧୦,୨୩,୧୩୬ ଆଶାକର୍ମୀ ଏଥିରୁ ଉପକୃତ ହୋଇପାରିବେ। ପ୍ରକାଶ ଯେ, ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭ୍ଲପ୍ମେଣ୍ଟ ସର୍ଭିସ୍ (ଆଇସିଡିଏସ୍)ଯୋଜନାରେ ବର୍ତ୍ତମାନ ଦେଶବ୍ୟାପୀ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ଏବଂ ଏଥିରୁ ୧୦ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳା। ସେପ୍ଟେମ୍ବରକୁ 'ପୋଷଣ ମାସ' ଭାବେ ଘୋଷଣା କରି ଦେଶର ପ୍ରତିଟି ଘରେ ପୋଷଣ ସମ୍ପର୍କିତ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ଏଥିଲାଗି ମୋଦି ଏଭଳି ଘୋଷଣା କରିଥିବା ଜଣାପଡ଼ିଛି।

### ୩ ବିଧାୟକ, ଜଣେ ...

ଏ ନେଇ ବିଚାର କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ଦାମଙ୍କୁ ଦଳରୁ ବହିଷ୍କାର କରାଯାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଦାମ କିନ୍ତୁ ଏ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ସେ ବିଚଳିତ ନୁହନ୍ତି ବୋଲି କହିଛନ୍ତି। ଏହାସହ ୩ଜଣ ବିଧାୟକ ଓ ଜଣେ ଅଫିସରଙ୍କ ଦଳରେ ସେ ନାହାନ୍ତି ବୋଲି କହିଛନ୍ତି। ଅରୁଣ ସାହୁ, ବବି ଦାସ, ଦେବାଶିଷ ସାମନ୍ତରାୟ ଓ ଜଣେ ଅଫିସର ଚଳାଉଥିବା ବିଜେଡିରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଖାଇକୁ ଖସିଲା...

ପାହାଡ଼ରୁ ତଳକୁ ଓହ୍ଲାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଶନିବାରାପେଟ ଗ୍ରାମ ନିକଟରେ ଏକ ସ୍ପିଡ୍ ବ୍ରେକର୍ ଦେଖି ଡ୍ରାଇଭର ବ୍ରେକ୍ ଦେଇଥିଲେ। ଏତିକିବେଳେ ସେ ଭାରସାମ୍ୟ ହରାଇଥିଲେ। ଫଳରେ ବସ୍ ୪ଥର ଓଲଟିଯାଇ ୫ ମିଟର ଗଭୀରତାର ଏକ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଚାହୁଁଚାହୁଁ ୪୭ ଜଣଙ୍କ ଜୀବନ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପରେ ଜଗତିଆଲ ଜିଲାପାଳ ଏ. ଶରତ, ଏସ୍ପି ସିନ୍ଧୁ ଶର୍ମା ଏବଂ ଅନ୍ୟ ଅଧିକାରୀ ଓ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ କରିମ୍ନଗର ଜିଲା ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଜଗତିଆଲ୍ ଏବଂ ପେଡ୍ଡାପଲ୍ଲୀ ଜିଲାର। ସେମାନଙ୍କ ମଧ୍ୟରେ ଡ୍ରାଇଭର ବି.ଶ୍ରୀନିବାସଙ୍କ ସମେତ ୨୬ ମହିଳା ଓ ୧୦ ଶିଶୁ ଅଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି ବୋଲି ତେଲେଙ୍ଗାନା ଅର୍ଥମନ୍ତ୍ରୀ ଏଲେଲା ରାଜେନ୍ଦର ସୂଚନା ଦେଇଛନ୍ତି। ପାହାଡ଼ିଆ ରାସ୍ତାରେ ଡ୍ରାଇଭର ଶ୍ରୀନିବାସଙ୍କ ଗାଡ଼ି ଚଳାଇବାର ଅନୁଭୂତି ନ ଥିବାରୁ ଦୁର୍ଘଟଣା ଘଟିଥିବା ପରିବହନ ମନ୍ତ୍ରୀ ପି. ମହେନ୍ଦର ରେଡ୍ଡୀ କହିଛନ୍ତି। କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଦୁର୍ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି।

### ବନ୍ଧୁକ ଦେଖାଇ...

- ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କକୁ ନିଆଯାଉଥିଲା ଟଙ୍କା
- ନମ୍ବରବିହୀନ ପଲସର ବାଇକ୍‌ରେ ଆସିଥିଲେ ୩ ଲୁଟେରା
- ସାରସବାହାଲ ରାସ୍ତା ମଝିରେ ମାରୁତି ଗାଡ଼ିକୁ ଅଟକାଇଲେ
- ଘଟଣାସ୍ଥଳରେ ଏସ୍ପି ପହଞ୍ଚି କଲେ ତଦନ୍ତ ଆରମ୍ଭ



ସାରସବାହାଲ ବନ୍ଧ ନିକଟରେ ଡକାୟତି ହୋଇଥିବା ମାରୁତି ଭ୍ୟାନକୁ ପୋଲିସ ଛାନଭିନ କରୁଛି।

ତୁଷରା ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କିଛି ସୁରାକ ପାଇନାହିଁ। ୨ଜଣ ବ୍ୟାଙ୍କ କର୍ମଚାରୀ ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଲୁଟ୍ ସମ୍ପର୍କରେ ପଚାରଉଚୁରା କରାଯାଉଛି।

ତୁଷରା ଥାନା ଅନ୍ତର୍ଗତ ତୁଷରା ଆନ୍ଧ୍ର ବ୍ୟାଙ୍କରୁ ଅପରାହ୍ନ ପ୍ରାୟ ୩ଟା ବେଳେ ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କର କ୍ୟାଶିଅର ମୋତିଲାଲ ନାଗ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗାନ୍ଧୀ ମଣ୍ଡଳ ୧୯ ଲକ୍ଷ ଟଙ୍କା ଏକ ବାକ୍ସରେ ଭରି ମାରୁତି ଭ୍ୟାନ୍ (ନଂ. ଓଆର୦୫ଏସ୍୯୯୪୯) ଯୋଗେ ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କକୁ ଫେରୁଥିଲେ। ଭ୍ୟାନ୍‌କୁ ଅନ୍ତର୍ଯ୍ୟାମୀ ଘଡ଼େଇ ଚଲାଉଥିଲେ। ଭ୍ୟାନ୍‌ଟି ୨୬ନଂ ଜାତୀୟ ରାଜପଥର ବଙ୍ଗଳ ଛକ ପାର ହୋଇ ସାରସବାହାଲ ଗାଁ ଆଡ଼କୁ ଯାଉଥିବାବେଳେ ପଛରୁ ଏକ ନମ୍ବରବିହୀନ କଳା ରଙ୍ଗର ପଲସର ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ଭ୍ୟାନ୍‌ର ଆଗପଟ କାଚରେ ଏକ ବାଡ଼ି ସାହାଯ୍ୟରେ ଜୋରରେ ମାଡ଼ ମାରି ଗାଡ଼ି ଅଟକାଇବାକୁ କହିଥିଲେ। ଏଥିରେ ଡ୍ରାଇଭର ଘଡ଼େଇ ଆହତ ହେବା ସହ ଗାଡ଼ି କାଚ ଭାଙ୍ଗିଯାଇଥିଲା। ଫଳରେ ଡ୍ରାଇଭର ଭ୍ୟାନ୍‌କୁ ଅଟକାଇଥିଲେ। ଏହାପରେ ତିନି ଲୁଟେରା ବନ୍ଧୁକ ଦେଖାଇ ସେମାନଙ୍କଠାରୁ ୧୯ଲକ୍ଷ ଟଙ୍କା ଭର୍ତ୍ତି ବାକ୍ସ ଲୁଟିନେଇ ସେଠାରୁ ଚମ୍ପଟ ମାରିଥିବା ଦେଓଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କ କ୍ୟାଶିଅର ନାଗ ଏ ସମ୍ପର୍କରେ ଦେଓଗାଁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଲୁଟ୍ କରି ଫେରାର ହୋଇଯାଉଥିବା ପଲସର ବାଇକ୍‌କୁ ଦେଖିଥିବା କିଛି ପିଲାଙ୍କୁ ମଧ୍ୟ ପୋଲିସ ପଚରାଉଚୁରା ଜାରି ରଖିଛି। ବିନା ସୁରକ୍ଷାରେ ଏକ ମାରୁତି ଭ୍ୟାନ୍‌ରେ ଏତେ ଟଙ୍କା ଧରି ଗୋଟିଏ ବ୍ୟାଙ୍କରୁ ଆଉ ଗୋଟିଏ ବ୍ୟାଙ୍କକୁ ନିଆଯିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବଡ଼ବନ୍ଧ ବ୍ୟାଙ୍କ ଶାଖା ପରିଚାଳକ ମହମ୍ମଦ ସମ୍‌ଶେର ଆଲମ୍‌ଙ୍କୁ ପଚରାଯିବାରୁ ୪୯ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନା ସୁରକ୍ଷା ଗାର୍ଡରେ ନିଆଯାଇ ପାରିବ ବୋଲି ସେ କହିଛନ୍ତି। ଗତ ୬ ମାସ ଭିତରେ ଦେଓଗାଁ ଫାଣ୍ଡି ଅଞ୍ଚଳରେ ୫ଟି ଡକାୟତି ଘଟଣା ଘଟିଥିବାବେଳେ ଆଜି ବନ୍ଧୁକ ଦେଖାଇ ଦିନ ଦ୍ୱିପ୍ରହରରେ ରାସ୍ତାରୁ ଟଙ୍କା ଲୁଟ୍ ଘଟଣା ଆଇନଶୃଙ୍ଖଳାର ଅବ୍ୟବସ୍ଥାକୁ ପଦାରେ ପକାଇଛି।

DSPL-155



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ସଶକ୍ତିକରଣ ନିମନ୍ତେ ଓଡିଶା ସରକାରଙ୍କ ଅବଦାନ

ବିଦ୍ୟାଳୟରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ପାଇଁ ବାଣୀଶ୍ରୀ ଛାତ୍ରବୃତ୍ତି ପ୍ରଦାନ

| ଶ୍ରେଣୀ | ମାସିକ ବୃତ୍ତି ରାଶି |
|---|---|
| • ପ୍ରାଥମିକ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ) | ୨୦୦ ଟଙ୍କା |
| ମଧ୍ୟ ଏବଂ ଉଚ୍ଚବିଦ୍ୟାଳୟ (ଷଷ୍ଠ ରୁ ଦଶମ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୨୫୦ ଟଙ୍କା |
| +୨ ଏବଂ +୩ ମହାବିଦ୍ୟାଳୟ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୦୦ ଟଙ୍କା |
| ମହାବିଦ୍ୟାଳୟ (ସ୍ନାତକ ଡ଼ିଗ୍ରୀ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| ପ୍ରଯୁକ୍ତି ଏବଂ ବ୍ୟବସାୟିକ ପ୍ରଶିକ୍ଷଣ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| • ଅନ୍ୟ ରାଜ୍ୟରେ ସାଧାରଣ ବୃତ୍ତିଧାରୀ ଛାତ୍ର/ବୈଷୟିକ/ବୃତ୍ତିଗତ/ପ୍ରଥମିକସ୍ତର ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ | ୩୫୦ ଟଙ୍କା |

- ପିତାମାତାଙ୍କର ବାର୍ଷିକ ଆୟ ୬୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବା ।
- ଗୋଟିଏ ଶିକ୍ଷା ବର୍ଷରେ ଦଶମାସ ବୃତ୍ତି ଦିଆଯିବ ।
- ନିମ୍ନଲିଖିତ ଭତ୍ତା ଦୃଷ୍ଟିବାଧିତ ଏବଂ ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ

| ଶ୍ରେଣୀ/ପ୍ରକାର | ମାସିକ ଭତ୍ତା |
|---|---|
| ଦୃଷ୍ଟିବାଧିତ (ପଢିବା ପାଇଁ ଭତ୍ତା) | |
| ପ୍ରାଥମିକ ବିଦ୍ୟାଳୟ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ) | ୧୦୦ ଟଙ୍କା |
| ଉଚ୍ଚ ବିଦ୍ୟାଳୟ (ଷଷ୍ଠ ଶ୍ରେଣୀ ରୁ ଦଶମ ଶ୍ରେଣୀ) | ୧୫୦ ଟଙ୍କା |
| ଅନ୍ୟାନ୍ୟ | ୨୦୦ ଟଙ୍କା |
| ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ | |
| ଶତକଡ଼ା ୭୫ କିମ୍ବା ଅଧିକ ଭିନ୍ନକ୍ଷମମାନଙ୍କ ପାଇଁ (ପରିବହନ ଭତ୍ତା) | ୧୦୦ ଟଙ୍କା |

- ସମସ୍ତ ଦରଖାସ୍ତକାରୀ ଅଧିକ ସୂଚନା ପାଇଁ ନିଜ ନିଜର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।

E-mail : ssepdsec.od@nic.in
Facebook : www.facebook.com/ssepd
Toll Free Helpline : 1800 345 7150

46001/13/0024/1819

ଶକ୍ତି ବିଭାଗ
ଓଡ଼ିଶା ସରକାର

"ରାଜ୍ୟରେ ବର୍ଦ୍ଧିଷ୍ଣୁ ସରକାରୀ ମେଡିକାଲ କଲେଜ ସଂଖ୍ୟାକୁ ଦୃଷ୍ଟିରେ ରଖି, ଆମ ରାଜ୍ୟର ଆର୍ଥିକ ଭାବେ ଦୁର୍ବଳ ଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଡାକ୍ତରୀ ଶିକ୍ଷାର ସୁଯୋଗ ଦେଲେ ନିଶ୍ଚିତ ଭାବେ ସେମାନେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟକ ହୋଇପାରିବେ ।"

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମେଧାବୀ ଛାତ୍ର ଛାତ୍ରୀମାନଙ୍କ ପାଇଁ
ବିନା ଦେୟରେ ମେଡିକାଲ୍ କୋଚିଙ୍ଗ୍ ସୁବିଧା

ଶ୍ରୀ ସୁଶାନ୍ତ ସିଂ
ମାନ୍ୟବର ମନ୍ତ୍ରୀ, ଶକ୍ତି ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା

ଚଳିତ ବର୍ଷ ଚୟନ ହୋଇଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହିତ କରିବେ ।

ସ୍ଥାନ : ଓପିଟିସିଏଲ୍ ପାୱାର ଟ୍ରେନିଂ ସେଣ୍ଟର, ଚନ୍ଦକା, ଭୁବନେଶ୍ୱର
ତାରିଖ : ୧୨.୦୯.୨୦୧୮, ସମୟ : ଅପରାହ୍ନ ୪.୩୦ ମି.



M Power
Powering Medical Education

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ଉଦ୍ୟୋଗ ସେମାନଙ୍କ ସାମାଜିକ ଉତ୍ତରଦାୟିତ୍ୱ ପରିପାଳନ ମାଧ୍ୟମରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ବିନା ଦେୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା (NEET) ପାଇଁ ଆବାସିକ କୋଚିଙ୍ଗ୍ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ (Aakash Institute) ମାଧ୍ୟମରେ ପ୍ରଦାନ କରୁଛନ୍ତି ।

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
Naveen_Odisha | CMO.Odisha | CMO_Odisha

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କୁପୱାଡ଼ା ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ
#### ଖବର ଉଜାଡ଼ିଦେଲା ଭଉଣୀ ବାହାଘର

ଶ୍ରୀନଗର,୧୧।୯: ଭଉଣୀ ବାହାଘର ପାଇଁ ଲାଗିଥିଲା ଖୁସିର ମାହୋଲ। ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ହର୍ଷୋଲ୍ଲାସରେ ଫାଟିପଡୁଥିଲା ଘର। ଏତିକିବେଳେ ଏଭଳି ଗୋଟିଏ ଖବର ଆସିଲା, ଯାହା ଏଥିରେ ନିମିଷକେ ଭଙ୍ଗା ପକାଇଦେଇଥିଲା। ଖବର ପାଇ ସମସ୍ତେ ମର୍ମାହତ ଓ ମ୍ରିୟମାଣ। ମନେହେଉଥିଲା ସତେ ଯେମିତି ପରିବାରକୁ ଆଉ କେବେ ଖୁସି ଫେରିବନି। ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସୋପୁର ନିବାସୀ ଲିୟାକତ୍ ଅହମ୍ମଦ ଲୋନ୍‌ଙ୍କ ଘରେ ମଙ୍ଗଳବାର ଘଟିଛି ଏହି ବିରଳ ଘଟଣା। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ନିହତ ୨ ଲଶ୍କର ଆତଙ୍କବାଦୀଙ୍କ ମଧ୍ୟରେ ଲିୟାକତ୍ ଥିବା ଜଣାପଡ଼ିବା ପରେ ବିବାହ ଉତ୍ସବ ଦିନରେ ପାଳନ କରାଗଲା ଶୋକ ଦିବସ। ହନ୍ଦୱାଡାର ଗାଲୁରା ଅଞ୍ଚଳରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ମିଳିଥିଲା ଗୋଇନ୍ଦା ସୂଚନା। ସୁରକ୍ଷା ବଳ ମଙ୍ଗଳବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ଯବାନଙ୍କୁ ଚ୍ୟାଲେଞ୍ଜ କରି ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଟଳିପଡ଼ିଲେ ଲିୟାକତ୍ ଓ ତାଙ୍କ ସହଯୋଗୀ ଫୁରକାନ୍ ରସିଦ୍ ଲୋନ୍ ଓରଫ ଆଦିଲ। ସେପଟେ ଲିୟାକତ୍‌ଙ୍କ ଭଉଣୀ ବାହାଘର ଚାଲିଥିବାବେଳେ ବିଜୁଳି ବେଗରେ ପହଞ୍ଚିଥିଲା ଏହି ଖବର। ସମସ୍ତେ ସ୍ତବ୍ଧ ହୋଇଗଲେ। ଅଟକିଗଲା ବାହାଘର। ଅପରାହ୍ନରେ ପୋଲିସ ଲିୟାକତ୍‌ଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଦ୍ଧର୍ଷ ଆତଙ୍କବାଦୀ ଲିୟାକତ୍‌ଙ୍କ ନାମରେ ରହିଛି ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଅନେକ ସଙ୍ଗିନ ଆପରାଧିକ ମାମଲା। ସେ ବହୁ ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ଥିଲେ। ଲିୟାକତ୍‌ଙ୍କ କୃତକର୍ମର ଫଳ ଭୋଗିବାରୁ ବର୍ତ୍ତିପାରିଲାନି ତାଙ୍କ ପରିବାର।

■ ସମବାୟ ବିଭାଗର ୩୪୨.୩ କୋଟିର ଅତିରିକ୍ତ ବ୍ୟୟବରାଦ

# ବହୁ ଚାଷୀ ବୀମା ଟଙ୍କା ପାଇ ନ ଥିବା ନେଇ ଅସନ୍ତୋଷ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

୨୦୧୮-୧୯ ଆର୍ଥିକବର୍ଷ ପାଇଁ ସମବାୟ ବିଭାଗର ୩୪୨କୋଟି ୩୦ଲକ୍ଷ ୬୩ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ବିଧାନସଭାରେ ମଙ୍ଗଳବାର ଗୃହୀତ ହୋଇଛି। ଏହି ପ୍ରସଙ୍ଗରେ ଆଲୋଚନାର ପ୍ରାରମ୍ଭରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରୁ ନ ଥିବା କହିଛନ୍ତି। ସେ କହିଥିଲେ ଯେ, ଏହା କୋଅପରେଶନ ବିଭାଗ ନୁହେଁ ବରଂ କରପ୍ସନ ବିଭାଗ। ବିଜୟାନନ୍ଦ ସୁଗାର ମିଲ୍ କାହିଁକି ଚାଲୁ ହେଉ ନାହିଁ। ଏହା ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ। ଏହି ଚିନି କଳ ଚାଲୁ କରିବା ପାଇଁ ମନ୍ତ୍ରୀ ନିଶ୍ଚିତ କରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ଏହାସହ ଶସ୍ୟ ବୀମା ପ୍ରସଙ୍ଗ ଉଠାଇ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତ୍ରୁଟିପୂର୍ଣ୍ଣ କ୍ରପ୍ କଟିଂ ପଲିସି ଯୋଗୁ ଚାଷୀମାନେ ବହୁଳ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିପାଇଁ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଅନ୍ତୁ। ବ୍ୟାଙ୍କଗୁଡିକ ବର୍ତ୍ତମାନ ଚାଷୀଙ୍କୁ ବୀମାରାଶି ପ୍ରଦାନ ଦେବାକୁ ମନା କରିଦେଇଛନ୍ତି। ସମବାୟ ସୋସାଇଟି ଓ ବ୍ୟାଙ୍କଗୁଡିକରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସୁଛି। ଧାନ ସଂଗ୍ରହ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସୁଛି। ସରକାରୀ କର୍ମଚାରୀ, ଏଫ୍‌ସିଆଇ ଓ ମିଲ ମାଲିକମାନେ ମିଳିତ ଭାବେ ଚାଷୀଙ୍କୁ ଲୁଟୁଛନ୍ତି। କୋଅପରେଟିଭ ବ୍ୟାଙ୍କଗୁଡିକ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଫଳରେ ହିତାଧିକାରୀମାନଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚି ପାରୁନି। ଏଗୁଡିକର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଉ। ମିଲ୍ ମାଲିକ ଏବଂ ସୋସାଇଟିଗୁଡିକ ମଧ୍ୟରେ ଭିତିରିଆ ଚୁକ୍ତି ହୋଇଛି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଚୁପ୍ ବସିପଡିଛନ୍ତି। ଚାଷୀମାନଙ୍କୁ ରୂପେ କାର୍ଡ ଦିଆଯାଇଛି। ମାତ୍ର ଏହି କାର୍ଡ ଜରିଆରେ ଚାଷୀମାନେ ଟଙ୍କା ପାଇପାରୁ ନାହାନ୍ତି ବୋଲି ନରସିଂହ କହିଛନ୍ତି।

ବିଜେଡି ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏହି ବ୍ୟୟବରାଦକୁ ସମର୍ଥନ କରି କହିଛନ୍ତି ଯେ, ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଅତୀତରେ ସମବାୟ ବିଭାଗ କାମ କରୁ ନ ଥିଲା। ସେତେବେଳେ ମହାଜନମାନେ ଚଢା ଦରରେ ଚାଷୀମାନଙ୍କୁ ଋଣ ପ୍ରଦାନ କରୁଥିଲେ। ସେହି ସମୟରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ



ହେଉଥିଲେ। ସମବାୟ ବିଭାଗ ଆସିବା ଫଳରେ ଚାଷୀମାନଙ୍କ ଲାଗି ବହୁ ସୁବିଧା ହୋଇଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଯାହା ପ୍ରସ୍ତାବ ଆସିଛି ତାକୁ ପୂର୍ଣ୍ଣଭାବେ ସମର୍ଥନ କରୁଛି। ମାତ୍ର ମୋର କିଛି ପ୍ରଶ୍ନ ପଚାରିବା ସହ କିଛି ପ୍ରସ୍ତାବ ଦେବାର ଅଛି। ବିରୋଧୀ ଦଳ ନେତା ଚିନି କାରଖାନା କଥା ଉଠାଇଛନ୍ତି। ଏବେ ରାଜ୍ୟରେ କେବଳ ବରଗଡ ଏବଂ ଆସ୍କାକୁ ଛାଡିଦେଲେ ଆଉସବୁ ଚିନିକଳ ବନ୍ଦ ହୋଇଯାଇଛି। ବଡମ୍ବାଠାରେ ମଧ୍ୟ ଏକ କୃଷିଭିତ୍ତିକ ଚିନିକଳ ଆରମ୍ଭ କରାଯାଇଥିଲା। କିଛି ସମୟ ସେହି ଚିନି କଳକୁ ସରକାର ପରିଚାଳନା କରିଥିଲେ। ସେତେବେଳେ ମୁଁ ମଧ୍ୟ ପ୍ରତିନିଧି ଥିଲି। ସେହି ଚିନି କଳରୁ ୨କୋଟି ଟଙ୍କା ସରକାର ଲାଭ ପାଇଥିଲେ ଏବଂ ଚାଷୀମାନେ ମଧ୍ୟ ବହୁ ଲାଭବାନ ହୋଇଥିଲେ। ମାତ୍ର ବର୍ତ୍ତମାନ ତା'ର ସ୍ଥିତି କ'ଣ ମନ୍ତ୍ରୀ କହିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏହି ପ୍ରସ୍ତାବକୁ ସମର୍ଥନ କରୁନାହାନ୍ତି କହିବା ସହ ବିଜୟାନନ୍ଦ ଚିନି କାରଖାନା କଥା ଉଠାଇଥିଲେ। ରାଜ୍ୟ ସରକାର କେବଳ ଘୋଷଣା କରିବା ଜାଣିଛନ୍ତି ମାତ୍ର ତୃଣମୂଳସ୍ତରରେ କ'ଣ ଘଟୁଛି ତା'ର ସତ୍ୟତା ସେମାନଙ୍କୁ ଜଣା ନାହିଁ। ପାଟଣାଗଡର ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା ରାଶି ମିଳି ନଥିବା କଥା ସେ କହିଛନ୍ତି। ବିଧାୟକ ଜୀବନ ପ୍ରଦୀପ ଦାସ, ଅଂଶୁମାନ ମହାନ୍ତ, ବିଧାୟକ ଆୟୁବ ଖାନ୍, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରଦୀପ ପୁରୋହିତ, ଯୋଗେନ୍ଦ୍ର ବେହେରା ଏବଂ ପ୍ରଫୁଲ୍ଲ ମାଝି ଆଲୋଚନାରେ ଭାଗ ନେଇଛନ୍ତି।

ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଓଡିଶାରେ ସମବାୟ ବ୍ୟାଙ୍କ ଜରିଆରେ ୬୦ପ୍ରତିଶତ ଚାଷୀ ଋଣ ପାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ପାଇଁ ୧ପ୍ରତିଶତ ସୁଧରେ ୧୬ହଜାର କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ବିଜୟାନନ୍ଦ ଚିନି କାରଖାନା ଖୋଲିବା କଥା କହୁଥିଲେ। ଆଉ କେତେଜଣ ସଦସ୍ୟ ଚାଷୀଙ୍କୁ ବୀମା ଟଙ୍କା ନ ମିଳିବା ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ବୀମା ରାଶି ବାବଦରେ ୧୫ଶହ କୋଟି ଟଙ୍କା ଦିଆଯାଇଛି। ବଳକା ରାଶି ଖୁବ୍‌ଶୀଘ୍ର ବଣ୍ଟାଯିବ। ବଲାଙ୍ଗୀରରେ ୨୦୧୩-୧୪ରେ ଯେଉଁ ଚିନି କାରଖାନା ହୋଇଥିଲା ତାହା ବିଭିନ୍ନ କାରଣରୁ ବନ୍ଦ ହେଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଉଦ୍ୟମ ହୋଇଥିଲା। ଏହା ଉପରେ ବ୍ୟାଙ୍କ ଋଣ ରହିଛି। ବ୍ୟାଙ୍କ ପକ୍ଷରୁ ୩ଥର ଏହାର ନିଲାମ ଡକାଗଲାଣି। ହେଲେ କେହି ନିଲାମ ନେଉ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଅନ୍ୟପକ୍ଷରେ ରାଜ୍ୟରେ ଗାଈ, କୁକୁଡା, ଛେଳି ଚାଷ ପାଇଁ ବିନା ଗ୍ୟାରେଣ୍ଟିରେ ୭% ସୁଧରେ ୧୫ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ପାତ୍ର କହିଛନ୍ତି। ଏହାପରେ ଗୃହରେ ସମବାୟ ବିଭାଗ ଅତିରିକ୍ତ ବ୍ୟୟବରାଦ ଗୃହୀତ ହୋଇଥିଲା।

### ସୁପ୍ରିମକୋର୍ଟରେ ମଣିଷଖିଆ ବାଘୁଣୀ ମାମଲା: ହସ୍ତକ୍ଷେପ କରିବାକୁ ମନାକଲେ ଅଦାଲତ

ନୂଆଦିଲ୍ଲୀ,୧୧।୯(ପି.ଟି.): ମହାରାଷ୍ଟ୍ରର ମଣିଷଖିଆ ବାଘୁଣୀକୁ ନିଶ୍ଚେତକ ଦିଆଯିବା ଉଚିତ ନା ଗୁଳିକରି ହତ୍ୟା କରାଯିବା ଉଚିତ ତାହା ବନ ବିଭାଗ ନିଷ୍ପତ୍ତି ନେଉ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିରେ ସର୍ବୋଚ୍ଚ ଅଦାଲତ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜ୍ୟର ଯାବତ୍‌ମାଲା ଜିଲାର ରାଲେଗାଓଁ ଜିଲାରେ ଏକ ବାଘ ୯ ଜଣଙ୍କୁ ହତ୍ୟା କରିଥିବା ବନ ବିଭାଗ ଅଭିଯୋଗ ଆଣିଛି। 'ଟି୧' ନାମକ ଏହି ବାଘୁଣୀଟି ନିଜର ଦୁଇ ଶାବକ ସହ ଜଣେ ବ୍ୟକ୍ତିଙ୍କ ଶରୀରର ୬୦ ଭାଗ ଖାଇ ଦେବା ପରେ ମହାରାଷ୍ଟ୍ର ବନ ବିଭାଗ ଏହାକୁ ମଣିଷଖିଆ ବାଘୁଣୀ ଆଖ୍ୟା ଦେଇଥିଲା। ବାଘୁଣୀଟି ଗତମାସ ୩ ଜଣଙ୍କୁ ହତ୍ୟାକରିଛି। ତେବେ 'ଟି୧'କୁ ନିଶ୍ଚେତକ ଦିଆଯିବ ନା ଗୁଳିକରି ହତ୍ୟା କରାଯିବ, ତାକୁ ନେଇ ଉପୁଜିଛି ବିବାଦ। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ପୂର୍ବରୁ ଏହି ମାମଲାର ଶୁଣାଣି କରି ବମ୍ବେ ହାଇକୋର୍ଟ ବାଘୁଣୀକୁ ପ୍ରଥମେ ନିଶ୍ଚେତକ ଏବଂ କିଛି ସମସ୍ୟା ଉପୁଜିଲେ ଗୁଳିକରି ହତ୍ୟା କରିବାଲାଗି ବନ ବିଭାଗକୁ ଅନୁମତି ଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ଜଣେ ଆବେଦନକାରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ବାଘୁଣୀ ପ୍ରକୃତରେ ଲୋକଙ୍କୁ ଖାଇଛି ନା ନାହିଁ ତାହା ଏପର୍ଯ୍ୟନ୍ତ ବନ ବିଭାଗ ସ୍ପଷ୍ଟ କରିପାରି ନାହିଁ। ବାଘୁଣୀକୁ ହତ୍ୟାକଲେ ଦୁଇ ଶାବକ ଜଙ୍ଗଲରେ ଏକୁଟିଆ ବଞ୍ଚିପାରିବେ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି। ତେବେ ବାଘୁଣୀ ବିଷୟରେ ନିଷ୍ପତ୍ତି ବନବିଭାଗ ହିଁ ନେଉ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି।

## ଏଚ୍‌ଆଇଭି/ଏଡ୍‌ସ ଆଇନ ଲାଗୁ

ନୂଆଦିଲ୍ଲୀ,୧୧।୯(ପି.ଟି.): ଏଚ୍‌ଆଇଭି ଏବଂ ଏଡ୍‌ସ ସଂକ୍ରମିତଙ୍କ ଅଧିକାର ଆଇନ ମଙ୍ଗଳବାରଠାରୁ ଲାଗୁ ହୋଇଛି। ଏହି ଆଇନ ଏଚ୍‌ଆଇଭି/ଏଡ୍‌ସ ଭୂତାଣୁରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ଚାକିରିରେ କ୍ଷେତ୍ରରେ ସମାନତା ଅଧିକାର ପ୍ରଦାନ କରିବ। ସୋମବାର ଏକ ଗେଜେଟ୍ ନିର୍ଦ୍ଦେଶନାମା ଜରିଆରେ ଆଇନ କାର୍ଯ୍ୟକାରୀ କରାଯିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆଇନରେ ଗତବର୍ଷ ଏପ୍ରିଲ ୨୦ରେ ରାଷ୍ଟ୍ରପତିଙ୍କ ମୋହର ଲାଗିଥିଲେ।

## ରାଜୀବ ହତ୍ୟାକାରୀଙ୍କୁ ମୁକ୍ତି ପ୍ରସଙ୍ଗ: ବିରୋଧ କରିବ କେନ୍ଦ୍ର

ନୂଆଦିଲ୍ଲୀ,୧୧।୯(ପି.ଟି.): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭ ଜଣ ହତ୍ୟାକାରୀଙ୍କୁ ମୁକ୍ତ କରିବା ଲାଗି ତାମିଲନାଡୁ କ୍ୟାବିନେଟ୍ ରାଜ୍ୟପାଳଙ୍କୁ ସୁପାରିସ କରିଛି। ଏହା ବିରୋଧରେ ବାହାରି ପଡ଼ିଛି କେନ୍ଦ୍ର। ରାଜୀବ ହତ୍ୟାକାରୀଙ୍କୁ ମୁକ୍ତ କରିବା ଅଧିକାର ତାମିଲନାଡୁ ରାଜ୍ୟପାଳଙ୍କ ପାଖରେ ନାହିଁ। ଏଥିଲାଗି ତାଙ୍କୁ କେନ୍ଦ୍ର ସରକାରଙ୍କ ପରାମର୍ଶ ନେବାକୁ ପଡ଼ିବ। ସିବିଆଇ ନେତୃତ୍ୱାଧୀନ ଟିମ୍ ଦ୍ୱାରା ଏପର୍ଯ୍ୟନ୍ତ ମାମଲାର ତଦନ୍ତ ଚାଲିଛି। ଏଣୁ ଏଭଳି କିଛି ପଦକ୍ଷେପ ନେବା ପୂର୍ବରୁ ଆଇନ ଅନୁଯାୟୀ ତାଙ୍କୁ କେନ୍ଦ୍ର ସହ ଆଲୋଚନା କରିବାକୁ ପଡ଼ିବ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

9911436726, 9540938429

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ। ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

Aital Companyରେ ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011 70332-00821

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ। (ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194 07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ। ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର,ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ଯେପରି ଏକ ମହମବତି ନିଆଁ ବିନା ଜଳିପାରେ ନାହିଁ,
ସେହିପରି ଆଧାତ୍ମିକତା ବିନା ମନୁଷ୍ୟ ବଞ୍ଚିପାରିବ ନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### କ୍ଷତିପୂରଣ ପାଇଁ ଡିଏଫ୍‌ଓଙ୍କୁ ଭେଟିଲେ ବଦୁଆପାଲି ଗ୍ରାମବାସୀ

**ସମ୍ବଲପୁର, ୧୧।୯(ବ୍ୟୁରୋ)**

ମାନେଶ୍ୱର ବ୍ଲକ ବଦୁଆପାଲି ଗ୍ରାମବାସୀ ମଙ୍ଗଳବାର ଡିଏଫଓ ସଂଜିତ କୁମାର ଯୋଶୀଙ୍କୁ ଭେଟିଛନ୍ତି । ଅଞ୍ଚଳରେ ନିୟମିତ ଭାବେ ହାତୀପଲ ଧାନ ଫସଲ, ଘରଦ୍ୱାରା ନଷ୍ଟ କରୁଥିବା ଏମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନିୟମିତ ଭାବେ ଏପରି ଘଟଣା ଘଟୁଥିଲେ ମଧ୍ୟ କ୍ଷତିପୂରଣ ମିଳୁନାହିଁ । ସ୍ଥାନୀୟ ବନ କର୍ମଚାରୀଙ୍କୁ କହିଲେ ସେମାନେ ଡିଏଫଓଙ୍କୁ ଅଭିଯୋଗ କରିବାକୁ କହୁଛନ୍ତି। ଏପରିକି ଅଭିଯୋଗ କରିବା ସମୟରେ ଗାଳିଗୁଲଜ କରିବା ସହ ଟଙ୍କାଟିଏ ବି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ସ୍ଥାନୀୟ ବନ କର୍ମଚାରୀ, ଅଧିକାରୀମାନେ କହୁଛନ୍ତି। ଏହି ପ୍ରତିନିଧି ଦଳରେ ହୃଷୀକେଶ ପୋଢ, ରାଜ କୁମାର ପୋଢ, ଚନ୍ଦ୍ରମଣୀ ମୁଣ୍ଡା, ଦେବାଶିଷ ମୁଣ୍ଡା, ଆଶିଷ ମୁଣ୍ଡା, ବବଲୁ ମୁଣ୍ଡା, ବିଜୟ ଓରାମ ପ୍ରମୁଖ ସାମିଲ ଥିଲେ।

### ସଟ୍ଟାଖେଳ ଉପରେ ଚଢ଼ାଉ, ୨ ଗିରଫ

**ସମ୍ବଲପୁର, ୧୧।୯(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନା ଓ କ୍ଷେତରାଜପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସଟ୍ଟା ଖେଳାଉଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସଦର ଥାନା ପୋଲିସ ମାନେଶ୍ୱର ଗ୍ରାମର ରବୀନ୍ଦ୍ର ମେହେରଙ୍କୁ ଗିରଫ କରିଥିବାବେଳେ କ୍ଷେତରାଜପୁର ଥାନା ପୋଲିସ କାନଜୁରୀ ଗ୍ରାମର ଲୋକନାଥ ସାହୁଙ୍କୁ ଗିରଫ କରିଛି । ପୃଥକ ପୃଥକ ମାମଲାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।





ସମ୍ବଲପୁର କ୍ଷେତରାଜପୁରଠାରେ ଅଗ୍ରେସନ୍ ଜୟନ୍ତୀ ସମ୍ପର୍କିତ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି (ବାମ) । ଜେସିଆଇ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା ସାଇକଲ ରାଲିକୁ ଏସ୍‌ପି ଅଖିଳେଶ୍ୱର ସିଂ ଉଦ୍‌ଘାଟନ କରିବା ଅବସରରେ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ଦାବିରେ ଭରତାପୁର ପଞ୍ଚାୟତବାସୀଙ୍କ ଧାରଣା

# ୧୦ ଦିନ ସମୟ ନେଲେ ଉପଜିଲାପାଳ

**ରେଢ଼ାଖୋଲ, ୧୧।୯ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ଦାବିରେ ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତର ଶତାଧିକ ଚାଷୀ ଓ କୃଷକ ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଏ ନେଇ ଏକ ଦାବିପତ୍ର ମଧ୍ୟ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ରଙ୍କୁ ଦେଇଥିଲେ। ତେବେ ଦାବିପତ୍ର ଗ୍ରହଣ କରି ଏ ସଂକ୍ରାନ୍ତରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଜଣାଇ ଦିଆଯାଇଛି। ସେ ବୀମା କମ୍ପାନୀ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଡେପୁଟି କଲେକ୍ଟର ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଚାଷୀମାନେ ଗତ ୨୦୧୭ ମସିହାଠାରୁ ବିଭିନ୍ନ ସମୟରେ ଉପଜିଲାପାଳ, ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନେଇ ନ ଥିବା ଯୋଗୁ ବୀମା ରାଶି ଘୋଷଣା ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି କହିଥିଲେ। ଶେଷରେ ଉପଜିଲାପାଳ ବିଶିକେଶନ ଦେହୁରୀ ସନ୍ଧ୍ୟାରେ ସମ୍ବଲପୁରରୁ ଫେରି ଆନ୍ଦୋଳନରତ ଚାଷୀଙ୍କୁ ମନାଇବାରେ ସଫଳ ହୋଇଛନ୍ତି। ସେମାନଙ୍କୁ ନିଜ ଅଫିସକୁ ଡାକି ଉପଜିଲାପାଳ ଆଲୋଚନା କରିଥିଲେ। ସେ ଜିଲାପାଳଙ୍କ ସହ ଆଲୋଚନା କରିବେ। ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବେ। ଏହାପରେ କ'ଣ ଅଗ୍ରଗତି ହେଲା କି ନ ହେଲା ଚାଷୀଙ୍କୁ ଜଣାଇବେ କହି ୧୦ ଦିନ ସମୟ ନେଇଛନ୍ତି। ଏଣୁ ଏହି ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନରତ ଚାଷୀ ଧାରଣାରୁ ଓହରିଥିଲେ। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଭରତାପୁର ଓ ତ୍ରିବେଣପୁର ପଞ୍ଚାୟତ ସମେତ ବ୍ଲକର ୬ଟି ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । ତ୍ରିବଣପୁର ପଞ୍ଚାୟତକୁ ୮୬ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ନେଇ ଘୋଷଣା କରାଯିବା ସହିତ ବୀମା ରାଶି ପ୍ରଦାନ କରାଯାଇ ଥିବାବେଳେ ଭରତାପୁର ପଞ୍ଚାୟତକୁ ମାତ୍ର ୩୯ ପ୍ରତିଶତ ଘୋଷଣା କରାଯାଇଛି । ଭରତାପୁର ପଞ୍ଚାୟତକୁ ମଧ୍ୟ ୮୬ ପ୍ରତିଶତ ଘୋଷଣା କରାଯାଇ ଫସଲ ବୀମା ପ୍ରଦାନ କରାଯିବାକୁ ଚାଷୀ ଦାବି କରିଛନ୍ତି । ଗତ ସେପ୍ଟେମ୍ବର ୩ରେ ଉପଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯିବା ସହ ୧୦ ତାରିଖ ସୁଦ୍ଧା ଫସଲ ବୀମା ପ୍ରଦାନ ପାଇଁ ପଦକ୍ଷେପ ନିଆ ନ ଗଲେ ୧୧ ତାରିଖଠାରୁ ଧାରଣା ଦିଆଯିବ ବୋଲି ଜଣାଇ ଦିଆ ଯାଇଥିଲା। ଏଣୁ ମଙ୍ଗଳବାର ପଞ୍ଚାୟତର ଲିଙ୍ଗରାଜ ସାହୁ, ଶରତ ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ବେଣୁଧର ପ୍ରଧାନ, ଉମାଚରଣ ପ୍ରଧାନ, ଧରଣିଧର ସାହୁ, ଲଳିତ ପ୍ରଧାନ, ଈଶ୍ୱରଚନ୍ଦ୍ର ବିଶ୍ୱାଳ, ଅଗସ୍ତି ସାହୁ, ଲକ୍ଷ୍ମଣ ପ୍ରଧାନ, ଦିଲୀପ କୁମାର ବେହେରା, ଶିବ ସାମଲ, ରାମଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ଚାଷୀ ଓ କୃଷକ ସଙ୍ଗଠନର କର୍ମକର୍ତ୍ତା ଧାରଣାରେ ବସିଥିଲେ।



ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧାରଣାରେ ବସିଛନ୍ତି ।

### ଉତ୍ପାଦନ ଲକ୍ଷ୍ୟରୁ ପଛରେ ପଡିଛି ଏମ୍‌ସିଏଲ୍

**ସମ୍ବଲପୁର,୧୧।୯ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଠାରେ କୋଲ ଇଣ୍ଡିଆ ଅଧ୍ୟକ୍ଷ ଅନୀଲ କୁମାର ଝା ମଙ୍ଗଳବାର ଭିଡିଓ କନଫରେସିଂ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ଏମସିଏଲର ଉଚ୍ଚ ଅଧିକାରୀ, ବିଭାଗୀୟ ଅଧ୍ୟକ୍ଷ, କ୍ଷେତ୍ରୀୟ ମହାପ୍ରବନ୍ଧକଙ୍କ ସହ କୋଇଲା ଉତ୍ପାଦନ ବିଷୟରେ ଆଲୋଚନା କରିଥିଲେ । ଏମସିଏଲ ଅଗଷ୍ଟ- ସେପ୍ଟେମ୍ବରରେ ଲକ୍ଷ୍ୟଠାରୁ ୧୩ ପ୍ରତିଶତ ଉତ୍ପାଦନ କ୍ଷେତ୍ରରେ ପଛରେ ରହିଥିବା ଚର୍ଚ୍ଚା ହୋଇଥିଲା ।



### ସିଙ୍ଗାପୁର ମିସେସ୍ ରିପବ୍ଲିକ୍ ଇଣ୍ଟରନ୍ୟାଶନାଲରେ ଭାଗ ନେବେ ପ୍ରିୟଦର୍ଶିନୀ

**ସମ୍ବଲପୁର,୧୧।୯ (ବ୍ୟୁରୋ)**

ମିସେସ୍ ରିପବ୍ଲିକ ଇଣ୍ଟରନ୍ୟାସନାଲ-୨୦୧୮ ଅକ୍ଟୋବର ୨୭ରୁ ନଭେମ୍ବର ୩ ପର୍ଯ୍ୟନ୍ତ ସିଙ୍ଗାପୁରର ସନ୍ତୋଷା ଆଇଲାଣ୍ଡଠାରେ ଅନୁଷ୍ଠିତ ହେବ । ଏଥିରେ ସମ୍ବଲପୁରର ପ୍ରିୟଦର୍ଶିନୀ ପଣ୍ଡା ଭାଗ ନେବେ। ସେ ଅକ୍ଟୋବର ୨୬ ତାରିଖ ସିଙ୍ଗାପୁର ଯାଇ ଦେଶର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାରେ ପୃଥିବୀର ବିଭିନ୍ନ ଦେଶରୁ ୭୦ଜଣ ପ୍ରତିଯୋଗୀ ଭାଗ ନେବେ । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରେ ପ୍ରିୟଦର୍ଶିନୀ ମିସେସ୍ ଏସିଆ ପେସିଫିକ୍‌ରେ ଟାଇଟଲ ବିଜୟିନୀ ହୋଇଛନ୍ତି ।

### ଶିଶୁ ସୁରକ୍ଷା ସଚେତନତା ଶିବିର

**ସମ୍ବଲପୁର,୧୧।୯ (ବ୍ୟୁରୋ)**

ଲେଡି ଲୁଇସ ଗର୍ଲ୍ସ ହାଇସ୍କୁଲ ଓ ବାଲିବନ୍ଧା ଗର୍ଲ୍ସ ହାଇସ୍କୁଲରେ ମଙ୍ଗଳବାର ଶିଶୁ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସୁନାପାଲି ମହିଳା ଶିଶୁ ସୁରକ୍ଷା ଅଧିକାର ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲେଡି ଲୁଇସ ଗର୍ଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ସାହୁ ଓ ବାଲିବନ୍ଧା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସିନି ବାଡାଙ୍କ ସଂଯୋଜନାରେ ଶିବିର ଆୟୋଜିତ ହୋଇଥିଲା । ଗୀତାରାଣୀ ପଣ୍ଡା, ଇସରତ୍ ରେହେନା, ତିଲୋତ୍ତମା ପୁରୋହିତ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ବିଷୟରେ କହିଥିଲେ।

# ଖଟିଆ ମିଳୁନି, ତଳେ ଗଡୁଛନ୍ତି ରୋଗୀ

**ସମ୍ବଲପୁର,୧୧।୯ (ବ୍ୟୁରୋ)**

**ବୁର୍ଲା ମେଡିକାଲ**
- ନୂଆ କୋଠାକୁ ସ୍ଥାନାନ୍ତର ହେଉନି ମେଡିସିନ ୱାର୍ଡ
- ଆନ୍ଦୋଳନ ଚେତାବନୀ ଦେଲେ ଡାକ୍ତର
- ସମସ୍ୟା ସମାଧାନ ପାଇଁ ୭ ଦିନ ସମୟ ଦେଇଛନ୍ତି

ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ରେ ରୋଗୀ ତଳେ ପଡି କଲବଲ ହେଉଛନ୍ତି। ଶଯ୍ୟା ଅଭାବରୁ ଏହି ସମସ୍ୟା ଉପୁଜିଛି। ତଳେ ପଡି ରହୁଥିବାରୁ ରୋଗୀଙ୍କଠାରେ ସଂକ୍ରମଣ ବା ଇନଫେକସନ ଆଶଙ୍କା ରହୁଛି। ଡାକ୍ତରମାନେ ମଧ୍ୟ ଠିକ୍‌ରେ ଚିକିତ୍ସା କରିବାରେ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ କିନ୍ତୁ ଆଦୌ ଚିନ୍ତିତ ନୁହନ୍ତି। ଏହି ସମସ୍ୟା ମୁଖ୍ୟତଃ ମେଡିସିନ ୱାର୍ଡରେ ସୃଷ୍ଟି ହୋଇଛି। ଶହ ଶହ ରୋଗୀ ବେଡ୍ ନ ପାଇ ତଳେ ପଡିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବାଧ୍ୟ ହୋଇ ସ୍ୱର ଉତ୍ତୋଳନ କରିଛନ୍ତି ଅନେକ ସିନିୟର ରେସିଡେନ୍ସ ଡାକ୍ତର, ହାଉସ ସର୍ଜନ ଓ ପିଜି ଡାକ୍ତରୀ ଛାତ୍ର। ରୋଗୀମାନେ ତଳେ ଶୋଉଥିବାରୁ ଏହି ଡାକ୍ତରମାନେ ସ୍ୱାସ୍ଥ୍ୟ କରିବାକୁ ଗଲାବେଳେ ହଇରାଣ ହେଉଛନ୍ତି। ତଳେ ବସି ବା ଆଣ୍ଠେଇ ରୋଗୀଙ୍କୁ ଦେଖିବାକୁ ପଡୁଛି। ଏଣୁ ଡାକ୍ତରମାନଙ୍କ ମଧ୍ୟରେ ଆନ୍ଦୋଳନାତ୍ମକ ମନୋଭାବ ଦେଖାଦେଇଛି। ୭ ଦିନ ଭିତରେ ସମସ୍ୟାର ସମାଧାନ କରାଯାଇ ନୂଆ କୋଠାକୁ ମେଡିସିନ ବିଭାଗ ସ୍ଥାନାନ୍ତର ଲାଗି ସେମାନେ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନ କରିବେ ବୋଲି ନିଜ ନିଷ୍ପତ୍ତି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ମେଡିସିନ ୱାର୍ଡରେ ମାତ୍ର ୨୪୬ ଶଯ୍ୟା ରହିଛି। ହେଲେ ଖଟିଆ ନ ପାଇ ଶତାଧିକ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।



ବୁର୍ଲା ମେଡିକାଲରେ ବେଡ୍ ନ ପାଇଁ ରୋଗୀ ତଳେ ପଡିଛନ୍ତି।

### ଗଣ୍ଡଗୋଳରୁ ଥାନାରେ ଉଭୟ ପକ୍ଷ ଅଟକ

**ସମ୍ବଲପୁର,୧୧।୯(ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ଥାନା ଅଧୀନ ରେଲୱେ ଷ୍ଟେଶନ ନିକଟରେ ଥିବା ଏକ ଜମି ବିବାଦକୁ ନେଇ ମଙ୍ଗଳବାର ଗଣ୍ଡଗୋଳ ଘଟିଛି । କ୍ଷେତରାଜପୁର ଥାନା ପୋଲିସ ଉଭୟ ପକ୍ଷକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ପୂର୍ବତନ ମ୍ୟୁନିସିପାଲିଟି ଅଧ୍ୟକ୍ଷାଙ୍କ ଜମି ସମ୍ମୁଖରେ ଜଣେ ବ୍ୟକ୍ତି ଚାଓମିନ ଠେଲା କରିଥିଲେ । ଏହାକୁ ଉଚ୍ଛେଦ କରିବାକୁ କହିବା ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ।ଏଥିରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇ ଅଟକ ରଖିଛି।

### ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ, ଲୁଟ୍ କରି ୩ ଗିରଫ

**ରେଙ୍ଗାଲି, ୧୧।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ସାଲେପଡା ଛକରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଗୁଣ୍ଡାରାଜ ଚଳାଇଛନ୍ତି। ଏମାନେ ରାଜ୍ୟ ରାଜପଥ ଉପରେ ଇଟା, ପଥର ପକାଇ ଟ୍ରକ୍‌ଗୁଡିକୁ ଅଟକାଉଛନ୍ତି। ଜୋରଜବରଦସ୍ତ ଟଙ୍କା ମାଗି ଲୁଟ୍‌ପାଟ୍ କରୁଛନ୍ତି। ଏହି ଘଟଣାକୁ ନେଇ ରେଙ୍ଗାଲି ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି । ଏମାନେ ହେଲେ ସାଲେପଡାର କାର୍ତ୍ତିକ ଓରାମ (୨୮), ମହିଜ ଓରାମ (୩୪) ଏବଂ ଅଜିତ ଓରାମ (୨୩)। ସୋମବାର ରାତିରେ ରେଙ୍ଗାଲ ଭାଲେପଡା ଛକରେ ସାଲେପଡା ଗ୍ରାମର ଏହି ଯୁବକମାନେ ୧୦ ନଂ ରାଜ୍ୟ ରାଜପଥ ଉପରେ ଇଟା ପକାଇ ରାସ୍ତା ଅବରୋଧ କରିଥିଲେ। ଝାରସୁଗୁଡାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଟ୍ରକ୍‌ଗୁଡିକୁ ଅଟକାଇଥିଲେ। ଡ୍ରାଇଭରମାନଙ୍କୁ ଭୟଭୀତ କରି ମାଡପିଟ କରି ପାଖାପାଖି ୭ଟି ଗାଡିର କାଚ ଭାଙ୍ଗିଥିଲେ। ଏହି ସମୟରେ ଏଲଆଣ୍ଡଟିର ପାଟ୍ରୋଲିଂ ଗାଡି ଏବଂ ଟ୍ରକ୍ ଡ୍ରାଇଭରମାନେ ମିଶି ଏହି ଯୁବକମାନଙ୍କୁ କାବୁ କରିଥିଲେ। ହେଲେ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଏମାନଙ୍କୁ ପରେ ରେଙ୍ଗାଲି ଥାନାରେ ଜିମା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚମ୍ପେଶ୍ୱରଙ୍କୁ ଅସମ୍ମାନ କରିଛି ଜିଲା ପ୍ରଶାସନ

**ସମ୍ବଲପୁର,୧୧।୯ (ବ୍ୟୁରୋ)**

ରେଢ଼ାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତ ଧଉଁରାଖମନ ଗାଁର ଶହୀଦ ଚମ୍ପେଶ୍ୱର ମହାକୁଡଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସୋମବାର ଶେଷ ହୋଇଛି । ୩ଦିନ ପୂର୍ବରୁ ଖବର ପାଇଥିବା ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ଅନ୍ତିମ ସଂସ୍କାର ପାଇଁ କୌଣସି ପ୍ରକାର ତତ୍ପରତା କରାଯାଇ ନ ଥିଲା । କାଦୁଅ ରାସ୍ତାରେ ଶହୀଦଙ୍କ ପ୍ରାର୍ଥିବ ଶରୀର ତାଙ୍କ ଗାଁକୁ ନିଆଯାଇଥିଲା । ସନ୍ଧ୍ୟାରେ ଗାଁ ମଶଣିରେ ଶବ ସଂସ୍କାର ହୋଇଥିଲା । କିନ୍ତୁ ଆଲୋକ ବ୍ୟବସ୍ଥା ମଧ୍ୟ କରାଯାଇ ନ ଥିଲା । ତେଣୁ ଉପସ୍ଥିତ ଲୋକେ ମୋବାଇଲ ଲାଇଟ୍ ଲଗାଇ ସାହାଯ୍ୟ କରିଥିଲେ। ଜିଲା ପ୍ରଶାସନର ବଡପଣ୍ଡାମାନେ ରେଢ଼ାଖୋଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲେ । ଏହା ଜଣେ ଶହୀଦଙ୍କ ପ୍ରତି ଅସମ୍ମାନ। ଏହାକୁ ଜିଲା ପ୍ରଶାସନର ଅଧିକାରୀମାନେ ଗୁରୁତର ସହ ନେବା ଉଚିତ । ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଏହି ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ଶହୀଦଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ବାରମ୍ବାର ବିଗିଡି ଯାଇଥିଲା । କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ଯୋଗାଇ ଦିଆଯାଇ ନ ଥିଲା। ସେହିପରି ଶହୀଦଙ୍କୁ ଗାର୍ଡ ଅଫ୍ ଅନର ଦେବା ସମୟରେ ଅବ୍ୟବସ୍ଥା ହୋଇଛି। ଏଥିପାଇଁ ପୂର୍ବରୁ ବ୍ୟାରିକେଟିଂ କରାଯାଇଥାଏ । କିନ୍ତୁ ଶହୀଦ ଚମ୍ପେଶ୍ୱର ମହାକୁଡଙ୍କ କ୍ଷେତ୍ରରେ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନ ଥିଲା। ସେହିଭଳି ଭାଜପାର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି ଯେ, ଏହି ଶହୀଦଙ୍କ ପ୍ରତି ରାଜ୍ୟରେ ଯେତିକି ସମ୍ମାନ ଦେବା କଥା ତାହା ହୋଇପାରୁନାହିଁ । ଏହା ଦୁଃଖ ଦାୟକ।



ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ସୂଚନା ଦେଉଛନ୍ତି ।

### ମଶାଣିରୁ ଜୁଇ ଲିଭିଛି, କିନ୍ତୁ ଶହୀଦ ଚମ୍ପେଶ୍ୱରଙ୍କୁ ଭୁଲି ହେଉନି

# ମା' ବାପା ଝୁରୁଛନ୍ତି, ସ୍ତ୍ରୀଙ୍କ ଆଖିରୁ ଲୁହ ଶୁଖୁନି

**ରେଢ଼ାଖୋଲ,୧୧।୯(ଡି.ଏନ.ଏ.)**

ଦେଖୁ ଦେଖୁ ୫ ଦିନ ହେଇଗଲା। ଶୁକ୍ରବାର ଶତ୍ରୁର ଗୁଳିରେ ସେ ଟଳି ପଡିଥିଲେ। ସୋମବାର ଗାଁ ମଶାଣିରେ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଛି। ସଞ୍ଜରୁ ରାତି ୧୨ଟା ପର୍ଯ୍ୟନ୍ତ ନିପଟ ମଫସଲ ଆଉ ଅଖ୍ୟାତ ତାଙ୍କ ଗାଁ ବିଖ୍ୟାତ ହୋଇଯାଇଛି। ହଜାର ହଜାର ଲୋକ ଗାଁକୁ ଛୁଟିଥିଲେ ତାଙ୍କ ଶବାଧାର ସହ। ଜୁଇ ଲିଭିବା ପର୍ଯ୍ୟନ୍ତ ଜନଗହଳି ଲାଗିଥିଲା। ଏ ଗାଁ ସତେ ଯେମିତି ସହର ପାଲଟିଥିଲା। ହେଲେ ମଙ୍ଗଳବାର ଏ ଗାଁରେ ନିରବର ରାଜୁତି। ସବୁ ଚୁପ୍‌ଚାପ୍। ବିଶ୍ୱାସ କରି ହେଉନି ଯେ, ଆଉ ନାହାନ୍ତି ବୋଲି ସେ। ଲାଗୁଛି ଏଇଠି କେଉଁଠି ଅଛନ୍ତି।

ମା' ବାପା ପୁଅକୁ ଝୁରୁଛନ୍ତି। ଏଥର ଦଶହରାରେ ପୁଅ ଆସିବ ବୋଲି କହିଥିଲା। ହେଲେ ସେ ଆଉ କେବେ ବି ଆସିବନି। ସବୁ ଦିନ ପାଇଁ ଚାଲିଗଲା। ଏ ସବୁ ଭାବିଲା ବେଳକୁ ମା' ବାପାଙ୍କ ଖାଇବା ପିଇବାକୁ ମନ ହେଉନି। ସେମାନେ ବଞ୍ଚିଛନ୍ତି ହେଲେ ତାଙ୍କ ଆଗରେ ପୁଅ ଚାଲିଗଲା। ଘର ପିଣ୍ଡାରେ ମା, ବାପା ପୁଅକୁ ଝୁରୁଛନ୍ତି। ସେପଟେ ସ୍ତ୍ରୀଙ୍କ ଆଖିରୁ ବି ଲୁହ ଶୁଖୁନି। ସେ କ'ଣ କରିବେ, କେମିତି ବଞ୍ଚିବେ, ଛୋଟ ପୁଅକୁ କେମିତି ମଣିଷ କରିବେ ସେ ଚିନ୍ତା। ୮ ବର୍ଷର ପୁଅ ଏ କଅଁଳ ବୟସରେ ବାପାଙ୍କୁ ହରାଇଲା। ଗାଁ ବି ମନେ ପକାଉଛି ତାଙ୍କୁ। ଖାଲି ଘରେ ନୁହେଁ ଗାଁରେ ବି ଶୋକାକୁଳ ପରିବେଶ। ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତ ଧଉରାଖମଣ ଗାଁର ଶହୀଦ ଚମ୍ପେଶ୍ୱର ମହାକୁଡଙ୍କ ମା, ବାପା, ସ୍ତ୍ରୀ ପିଲାଙ୍କ ଏ କଥା। ମଣିପୁର ରାଜ୍ୟର ମିଆଁମାର ସୀମାନ୍ତବର୍ତ୍ତୀ କାନ୍ଦେଲ ଜିଲା ଜୌପିରେ ଗତ ଶୁକ୍ରବାର ପିପୁଲ୍ସ ଲିବରେସନ ଆର୍ମି ସହିତ ଗୁଳି ବିନିମୟ ବେଳେ ସେ ଶହୀଦ ହୋଇଯାଇଛନ୍ତି। ମା' ଲକ୍ଷ୍ମୀ ଆଉ ବାପା ସୁରଞ୍ଜି ଶହୀଦ ପୁଅ ଚମ୍ପେଶ୍ୱରଙ୍କ ଫଟୋକୁ ଅନେଇ ନିରବରେ କାନ୍ଦୁଛନ୍ତି। ଅଜାଣତରେ ଆଖିରୁ ଲୁହ ବହି ପଡୁଛି। ଲୁହ ପୋଛୁ ପୋଛୁ ପୁଣି ଧାର ଧାର ଲୁହ। ବୋଲ ମାନୁନି ଅମାନିଆ ଲୁହ। ଘର ଭିତରେ ବୋହୂ ବି ନିରବରେ ସ୍ୱାମୀ ଚମ୍ପେଶ୍ୱରଙ୍କ ସହ କାଟିଥିବା ଦିନ ଗୁଡାକୁ ମନେ ପକାଉଛନ୍ତି। ତାଙ୍କ ଆଖିରେ କେବଳ ଲୁହ ହିଁ ଲୁହ। ଯେତେ ଚେଷ୍ଟା କଲେ ବି ନିଜ ମନକୁ ବୁଝାଇ ପାରୁ ନାହାନ୍ତି। ଛୋଟ ପୁଅର ମୁଣ୍ଡରେ କେତେବେଳ ହାତ ବୁଲେଇ ଆଣୁଛନ୍ତି ତ କେତେବେଳେ ପୁଣି ତାଙ୍କୁ କୋଳକୁ ଭିଡି ନେଇ ଜାବୁଡି ଧରି କାନ୍ଦୁଛନ୍ତି। ସ୍ୱାମୀଙ୍କ ସନ୍ତକ ଛୋଟ ପୁଅ ତାଙ୍କ ସମ୍ପତ୍ତି ବୋଲି ଧରି ନେଇଛନ୍ତି।

ଗାଁ ମଶାଣିରୁ ଜୁଇ ଲିଭିଛି ସତ ହେଲେ ସେହିବାଟେ ଯିବା ଆସିବା କରୁଥିବା ଗାଁ ଲୋକ ବି ଭାବିପାରୁ ନାହାନ୍ତି ଏଇଠି ଚମ୍ପେଶ୍ୱର ସବୁଦିନ ପାଇଁ ଶୋଇଗଲେ। ଗାଁ ଲୋକେ ଘରକୁ ଆସି ବୃଦ୍ଧ ମା, ବାପା, ଆଉ ମଧୁସ୍ମିତାଙ୍କୁ ସାନ୍ତ୍ୱନା ଦେଉଛନ୍ତି। ଚାଷୀ ପରିବାରର ସୁରଞ୍ଜି ମହାକୁଡ ଓ ଲକ୍ଷ୍ମୀ ମହାକୁଡଙ୍କ ୪ ପୁଅରେ ୨ ଝିଅ। ଶହୀଦ ଚମ୍ପେଶ୍ୱର ଥିଲେ ସବୁଠୁ ସାନ ଆଉ ପରିବାରର ଏକମାତ୍ର ଚାକିରିଆ। ଆର୍ଥିକ ଅନଟନ ଭିତରେ ଚମ୍ପେଶ୍ୱର ପାଠ ପଢିଥିଲେ। ତାଙ୍କର ଅନ୍ୟ ୩ ଭାଇ ଚାଷବାସ କରି ଚଳୁଛନ୍ତି। ଗାଁ ପ୍ରାଥମିକ ସ୍କୁଲରେ ଚମ୍ପେଶ୍ୱର ୫ମ ପର୍ଯ୍ୟନ୍ତ ପାଠ ପଢି କଦଳୀଗଡ ହାଇସ୍କୁଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ମାଧପୁର କଲେଜରୁ ଯୁକ୍ତ ୨ ପାସ୍ କରିଥିଲେ। ଏହାପରେ ରେଢାଖୋଲ ଭୀମ ଭୋଇ କଲେଜରେ ଯୁକ୍ତ ୩ରେ ନାମ ଲେଖାଇଥିଲେ। ହେଲେ ୨୦୦୧ରେ ଆସାମ ରାଇଫଲ୍ସରେ ଚାକିରି ପାଇଥିଲେ। ୧୮ ବର୍ଷର ଚାକିରି କାଳ ଭିତରେ ଶେଷରେ ସେ ଦେଶ ପାଇଁ ଲଢି ଶତ୍ରୁପକ୍ଷ ଗୁଳିରେ ଟଳି ପଡିଛନ୍ତି। ତାଙ୍କ ଗାଁ ତଥା ରେଢାଖୋଲ ମାଟି ତାଙ୍କ ପାଇଁ ଗର୍ବିତ। ସବୁଦିନ ପାଇଁ ସେ ମନେ ରହିଥିବେ।



ଶୋକସନ୍ତପ୍ତ ଶହୀଦ ଚମ୍ପେଶ୍ୱରଙ୍କ ସ୍ତ୍ରୀ ମଧୁସ୍ମିତା ଛୋଟ ପୁଅ ସହ।



ଚମ୍ପେଶ୍ୱରଙ୍କ ବୃଦ୍ଧ ମା'ବାପା।

ଧରିତ୍ରୀ DHARITRI
୧୦-୧୧
# ଆମ ସହର
ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



# ବନ୍ଦର ନଗରୀ ପାରାଦୀପ

ବିଶ୍ୱରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଅନ୍ୟତମ ସ୍ଥାନ ହେଉଛି ପାରାଦୀପ। ୫୬ ବର୍ଷର ଇତିହାସ ବହନ କରୁଥିଲେ ମଧ୍ୟ ଏହାର ନାଁ କିପରି ଓ କାହିଁକି ପାରାଦୀପ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଏହାକୁ ନେଇ ନାନା କଥା ଶୁଣିବାକୁ ମିଳେ। କପିଳ ମୁନିଙ୍କ ସ୍ୱର୍ଲିପିରୁ ଜଣାଯାଏ ଯେ ପାରାଦୀପଗଡ଼ରୁ ହିଁ ପାରଦୀପ ନାମ ହୋଇଛି। ବାବା ବଳିଆଙ୍କ ମତରେ ପରାଶର କ୍ଷେତ୍ରରୁ ପାରାଦୀପ ହୋଇଛି। କୁଜଙ୍ଗ ଅଞ୍ଚଳର କୈବର୍ତ୍ତ ସମ୍ପ୍ରଦାୟଙ୍କ ଉପରେ ଗ୍ରନ୍ଥ ଲେଖିଥିବା ଡ. ସତ୍ୟାନନ୍ଦ ପଣ୍ଡାଙ୍କ ଲିଖିତ ପୁସ୍ତକ 'ପାରାଦୀପ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'ରୁ ଜଣାଯାଏ ପାରାଙ୍କ ଡିପରୁ ପାରାଦୀପ ନାଁ ହୋଇଛି। ବନ୍ଦର ପ୍ରତିଷ୍ଠା ପୂର୍ବରୁ ସେହି ସ୍ଥାନ ଘଞ୍ଚ ଜଙ୍ଗଲ ଥିଲା। ସମୁଦ୍ର ବେଳାଭୂମି ଓ ଘଞ୍ଚ ଜଙ୍ଗଲ ମଝିରେ ଏକ ବାଲିର କୁଦ ଥିଲା। ସେହି କୁଦକୁ କୈବର୍ତ୍ତମାନେ ଡିପ ବୋଲି କୁହନ୍ତି। ସେହି ଡିପରେ ବହୁ ସଂଖ୍ୟାରେ ପାରା ଉଡିଆସି ବସୁଥିଲେ। ତେଣୁ ତାହାକୁ ପାରାଙ୍କ ଡିପ ବୋଲି କୁହାଯାଉଥିଲା। ସେହି ଅନୁଯାୟୀ ପାରାଡିପରୁ ପାରାଦୀପ ହୋଇଛି। ପ୍ରାଚୀନ ନୌବାଣିଜ୍ୟ ସମୟରେ ସେହି ଡିପରେ ବୋଇତ ରଖି ଇଂରେଜ ନାବିକମାନେ ବିଶ୍ରାମ ନେଉଥିଲେ। ଓଡ଼ିଶାର କୈବର୍ତ୍ତମାନଙ୍କଠାରୁ ଶୁଣି ଉକ୍ତ ସ୍ଥାନକୁ ସେମାନେ ମଧ୍ୟ ପାରାଡିପ କହୁଥିଲେ। ଅନ୍ୟପକ୍ଷରେ ପାରାଦୀପଗଡ଼ ନାମାନୁସାରେ ଉକ୍ତ ସ୍ଥାନର ନାମ ପାରାଦୀପ ହୋଇଛି ବୋଲି କୁଜଙ୍ଗ ଅଞ୍ଚଳର ଗାନ୍ଧୀ କୁହାଯାଉଥିବା ସ୍ୱର୍ଗତ ବୀରବର ସାମନ୍ତଙ୍କ ଜୀବନୀ ଲିପିରୁ ଜଣାଯାଏ। ପାରାଦୀପ ବନ୍ଦର ସ୍ଥାପନ ବେଳେ ରାଜଜେମା ରତ୍ନମାଳୀ ସ୍ୱାଧୀନ ଭାରତର ପ୍ରଥମ ବିଧାୟିକା ଥିଲେ। ବନ୍ଦର ଉଦ୍‌ଘାଟନ ସଭାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ସେ ମଧ୍ୟ ଉପସ୍ଥିତ ଥିଲେ। ସମୟକ୍ରମେ ପାରାଦୀପର ବିକାଶ ଘଟିଛି। ବନ୍ଦରକୁ ଭିତ୍ତି କରି ଏଠାରେ ଜନବସତି ଗଢି ଉଠିବା ସହ ଏବେ ଏହା ସହରରେ ପରିଣତ ହୋଇଛି। ଏଠାରେ ଦ୍ୱୈତ ଶାସନ ବ୍ୟବସ୍ଥା ଅର୍ଥାତ୍ ବନ୍ଦର ପ୍ରଶାସନ ଓ ପୌର ପ୍ରଶାସନର ବିଧି ବ୍ୟବସ୍ଥାରେ ଶାସନ ଚାଲିଛି। ଉଭୟ ପ୍ରଶାସନ ପକ୍ଷରୁ ମିଳିତ ଭାବେ ପାରାଦୀପବାସୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି।

■ ଯଜ୍ଞ ରାଉତ, ବୁଦ୍ଧିଜୀବୀ

## ଭୌଗୋଳିକ ସ୍ଥିତି

ଓଡ଼ିଶାର ପୂର୍ବ ଉପକୂଳରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ସମୁଦ୍ର କୂଳରେ ରହିଛି ଏହି ସହର। ସହରର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଥିବାବେଳେ ଅନ୍ୟ ୩ ପାର୍ଶ୍ୱରେ ଶିଳ୍ପ ଗଡ଼ିଉଠିଛି। କଲିକତା ବନ୍ଦରଠାରୁ ୨୧୦ ନଟିକାଲ ମାଇଲ (୩୭୮ କିମି) ଓ ବିଶାଖାପାଟଣାଠାରୁ ୨୬୦ ନଟିକାଲ ମାଇଲ୍ (୪୬୮କି.ମି.) ମଧ୍ୟରେ ଏହି ବନ୍ଦର ସହର ଅବସ୍ଥିତ। ଏହା ୨୦. ୧୫, ୫୫.୪୪ ଏନ (ଉତ୍ତର ଅକ୍ଷାଂଶ), ୮୬.୪୦, ୩୪. ୭୨ ଇ (ପୂର୍ବ ଦ୍ରାଘିମା) ମଧ୍ୟରେ ରହିଛି। ପାରାଦୀପର ଦକ୍ଷିଣରେ ଜଟାଧାର ଓ ଉତ୍ତରରେ ମହାନଦୀ ମୁହାଣ ଅବସ୍ଥିତ। ସହରର ଚତୁଃପାର୍ଶ୍ୱରେ ମୋଟ୍ ୨୨୯୯୫ ଏକର ବିଶିଷ୍ଟ ୫୬ଟି କ୍ଷୁଦ୍ର ଓ ବୃହତ୍ ନଦୀନାଳ ଘେରି ରହିଛି।



### ରାଜଧାନୀଠାରୁ ଦୂରତା



ପାରାଦୀପରୁ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଦୂରତା ୧୨୦ କି.ମି ଓ କଟକ ୯୪ କି.ମି ଦୂର। ବସ୍ ଓ ଟ୍ରେନ୍ ମାଧ୍ୟମରେ ଭୁବନେଶ୍ୱରରୁ କଟକ ଦେଇ ପାରାଦୀପ ଯିବାକୁ ହୋଇଥାଏ। ଚଣ୍ଡିଖୋଲରୁ ପାରାଦୀପକୁ ୫ନଂ(କ) ଜାତୀୟ ରାଜପଥ ଓ କଟକରୁ ରାଜ୍ୟ ରାଜପଥ ନଂ.୧୨ ସଂଯୋଗ ହୋଇଛି। ୫ନଂ.(କ) ଜାତୀୟ ରାଜପଥରେ ଯାତ୍ରୀବାହୀ ଗାଡ଼ି ସହ ବହୁ ପଣ୍ୟବାହୀ ଗାଡି ଚଳାଚଳ କରୁଛି। ଦୈନିକ ୭ରୁ ୮ହଜାର ଟ୍ରକ୍ ପାରାଦୀପ ବନ୍ଦରକୁ ଯାତାୟାତ କରିଥାଏ। ରାଜ୍ୟ ରାଜପଥ ୨ ଲେନ୍ ବିଶିଷ୍ଟ ହୋଇଥିବା ବେଳେ ଜାତୀୟ ରାଜପଥ ୪ଲେନ୍ ବିଶିଷ୍ଟ। ଦୁଇ ରାଜପଥ ପାରାଦୀପର ଜିରୋ ପଏଣ୍ଟଠାରେ ମିଶିଛି, ଯାହାକୁ ଦୋଛକି କୁହାଯାଉଛି। ସେହିପରି ରେଳପଥରେ କଟକ ଷ୍ଟେଶନରୁ ପାରାଦୀପ ରେଳ ଷ୍ଟେଶନ (ରଙ୍ଗିଆଗଡ଼) କୁ ଯାଇହେବ, ଯାହାର ଦୂରତା ୮୮ କିମି ରହିଛି। ପାରାଦୀପରେ ଯଦିଓ ବିମାନ ବନ୍ଦର ନାହିଁ, ତେବେ ହେଲିକପ୍ଟର ଯୋଗେ ଯିବା ପାଇଁ ନେହେରୁ ବଙ୍ଗଳାଠାରେ ସ୍ୱତନ୍ତ୍ର ହେଲିପ୍ୟାଡ୍ ନିର୍ମାଣ କରାଯାଇଛି।

### ଜନସଂଖ୍ୟା/ଭୋଟର



୨୦୧୧ ଜନଗଣନା ଅନୁସାରେ ପୌରାଞ୍ଚଳର ଜନସଂଖ୍ୟା ୬୮୩୧୦। ସେମାନଙ୍କ ମଧ୍ୟରେ ମହିଳା ୩୧,୧୬୪ ଓ ପୁରୁଷ ୩୭,୧୪୬ ଅଛନ୍ତି। ୨୦୧୦ ଗୃହ ଗଣନା ଅନୁସାରେ ଏଠାରେ ଘରସଂଖ୍ୟା ଥିଲା ୧୭୩୮୧। ୨୦୧୪ ସାଧାରଣ ନିର୍ବାଚନବେଳେ ଏଠାରେ ଭୋଟର ସଂଖ୍ୟା ଥିଲା ୩୬୫୯୦। ୨୦୧୫ ପୌର ନିର୍ବାଚନ ଭୋଟର ତାଲିକା ଅନୁସାରେ ପାରାଦୀପରେ ୩୭୨୬୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ୧୫୦୩୮, ପୁରୁଷ ୨୨୨୨୫ ଥିବାବେଳେ ଅନ୍ୟାନ୍ୟ ୪ ଅଛନ୍ତି।

### ସହର ରାସ୍ତା

ସହର ମଧ୍ୟରେ ବନ୍ଦର ପ୍ରଶାସନ ପକ୍ଷରୁ ସବୁ କଲୋନୀକୁ ରାସ୍ତା କରାଯାଇଛି। ମୋଟ୍ ୩୨.୪କିମି ରାସ୍ତା ସବୁ କଲୋନୀ ବଜାରକୁ ସଂଯୋଗ ହୋଇଛି। ଦୋଛକଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ୪.୫ କିମି ରାସ୍ତା, ଅଠରବାଙ୍କୀରୁ ନେହେରୁ ବଙ୍ଗଳା ୮ କିମି ରାସ୍ତା କାଉଡିଆ ନଦୀ କୂଳେ ଯାଇଛି। ଅଠରବାଙ୍କୀ ଛକ ଡାହାଣ ପଟ ଓଭର ବ୍ରିଜ ରାସ୍ତା ସହରକୁ ମୁଖ୍ୟ ପ୍ରବେଶପଥ। ଥାନା ଛକ ପାଖରେ ବସଷ୍ଟାଣ୍ଡ ରହିଛି।

### କଲୋନୀ/ବସ୍ତି

ପାରାଦୀପରେ ମଧୁବନ, ନୂଆବଜାର, ଅଠରବାଙ୍କୀ, ନେହେରୁ ବଙ୍ଗଳା, ବିଜୟଚନ୍ଦ୍ରପୁର, ବ୍ୟାଙ୍କ ଲେନ୍, ସ୍କୁଲ ଲେନ୍, ଜଗନ୍ନାଥ ମନ୍ଦିର ଲେନ୍ ସମେତ ଶତାଧିକ କଲୋନୀ ରହିଛି। ଏହାବାଦ୍ ୨୫ରୁ ଉର୍ଦ୍ଧ୍ୱ ବସ୍ତି ରହିଛି। ସମୟକ୍ରମେ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି।

### ଥାନା/ଫାଣ୍ଡି



ପାରାଦୀପରେ ପାରାଦୀପ ଥାନା, ଲକ୍ ଥାନା, ଅଭୟଚାନ୍ଦପୁର ଥାନା, ପାରାଦୀପ ସାମୁଦ୍ରିକ ଥାନା, ଜଟାଧାର ମୁହାଣ ସାମୁଦ୍ରିକ ଥାନା ଆଦି ୫ଟି ଥାନା ରହିଛି। ଏଥିସହ ଘନଗଳିଆ ଓ ପିପିଏଲ ଫାଣ୍ଡି ରହିଛି।

### କଲ୍ୟାଣମଣ୍ଡପ

ପାରାଦୀପରେ ୨ଟି କଲ୍ୟାଣମଣ୍ଡପ ଅଛି। ସେଥିମଧ୍ୟରୁ ଗୋଟିଏ ନୂଆବଜାର ଚିତ୍ତବିନୋଦନ କେନ୍ଦ୍ର ପାଖରେ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବେଳେ ଅନ୍ୟଟି ମଧୁବନ ଜଗନ୍ନାଥ ମନ୍ଦିର ନିକଟରେ ପୌର ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଛି। ଏବେ ପୌର କଲ୍ୟାଣମଣ୍ଡପ ଘର ଉପରେ ଆଉ ଏକ ମଣ୍ଡପ ନିର୍ମାଣ ହେଉଛି।

### ସିନେମା ହଲ୍

ପାରାଦୀପରେ ପୂର୍ବରୁ ୨ଟି ସିନେମା ହଲ୍ ଥିଲା। ସେଥିମଧ୍ୟରୁ ଗୋଟିଏ ହେଲା ବନ୍ଦର ପ୍ରଶାସନ ଦ୍ୱାରା ନିର୍ମିତ ଜୟଦେବ ସଦନ ଓ ଅନ୍ୟଟି ହେଲା କମଳା ସିନେମା ହଲ। ଏବେ ଜୟଦେବ ସଦନରେ ସିନେମା ଚାଲୁନାହିଁ। ତାହାକୁ ନବୀକରଣ କରାଯାଇ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି କରାଯାଉଛି।

### ମନ୍ଦିର/ପୂଜାପାର୍ବଣ

ସହର ଉପକଣ୍ଠରେ ପ୍ରାଚୀନ ଧାମ ଉଦୟବଟ, ଲୋକନାଥ ମନ୍ଦିର, ପାରେଶ୍ୱର, ଶନିଶ୍ଚର, କାଳୀ, ସିଦ୍ଧେଶ୍ୱର ମନ୍ଦିର ଅଛି। ସହର ଭିତରେ ଜଗନ୍ନାଥ ମନ୍ଦିର, ଶାରଳା ମନ୍ଦିର, ହନୁମାନ ମନ୍ଦିର, ଶିବ ମନ୍ଦିର, ସତ୍ୟସାଇ, ଅନୁକୂଳଚନ୍ଦ୍ର, ମାଉସୀ ମା' ମନ୍ଦିର ଆଦି ରହିଛି। ରଥଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମା, ଶିବରାତ୍ରରେ ମନ୍ଦିରଗୁଡ଼ିକରେ ଭିଡ଼ ହୁଏ। ପ୍ରତିବର୍ଷ ସେପ୍ଟେମ୍ବର ମାସରେ ହେଉଥିବା ବିଶ୍ୱକର୍ମା ପୂଜାକୁ ଏଠାରେ ଗଣପର୍ବ ଭାବେ ପାଳନ କରାଯାଏ। ଅନ୍ୟ ପୂଜାପାର୍ବଣ ଭିତରେ କଳିଙ୍ଗ ବାଲିଯାତ୍ରା ପ୍ରମୁଖ ଆକର୍ଷଣ ସାଜିଥାଏ।

### ନଦୀ

ପାରାଦୀପର ଦକ୍ଷିଣରେ ଜଟାଧାର ନଦୀ ଓ ଉତ୍ତରରେ ମହାନଦୀ ପ୍ରବାହିତ। ଏହାବାଦ୍ ଏଠାରେ ଅନେକ ଛୋଟ ନଦୀ ରହିଛି। ସେଗୁଡ଼ିକ ମଧ୍ୟରେ କପିଳଜୋର, ବଟନଦୀ, ତେଲିଆ ନଦୀ, କଂସାରୀ ପାଟିଆ ମତ୍ସ୍ୟଡିଆ, କାଉଡିଆ, ମଝିଆ, ଷଣ୍ଡକୁଦ, ଅଠରବାଙ୍କୀ, ସନ୍ତରା ଆଦି ନଦୀ ଅନ୍ୟତମ।

### ଡମ୍ପିଂୟାର୍ଡ

ପାରାଦୀପର ମଧୁବନ କଂସାରୀ ପାଟିଆ ମତ୍ସ୍ୟଡିଆ ନଦୀ ନିକଟ ଭୀମଭୋଇ କଲୋନୀ ପାଖରେ ପୌରାପାଳିକା ଡମ୍ପିୟାର୍ଡ କରିଛି। ଏଥିସହ ସହର ଓ ଶିଳ୍ପ ଉଦ୍‌ବୃତ୍ତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟର ପ୍ରଥମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଏବେ ଭିତରଗଡ଼ ମୌଜାର ରଙ୍ଗିଆଗଡ଼ ଚାନ୍ଦିନୀଠାରେ ନିର୍ମାଣାଧୀନ ଅଛି। ସେହିପରି ସହରାଞ୍ଚଳରେ ଜଳସଂରକ୍ଷଣ ପାଇଁ ପାରାଦୀପ ପୋର୍ଟ ଏବେ ଦୁଇଟି ବିଶାଳ ଏସଟିପି (ସ୍ୱିଭ୍‌ଓ୍ୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ନିର୍ମାଣ କରିଛି। ଏହାଦ୍ୱାରା ଡ୍ରେନରୁ ନଦୀକୁ ଯାଉଥିବା ଅଶୋଧିତ ପାଣିକୁ ସଂରକ୍ଷଣ କରାଯାଇ ଶୋଧନ କରାଯିବ ଓ ସେହି ପାଣିକୁ ପୁନର୍ବାର ବ୍ୟବହାର କରାଯିବ।



### ଡପ୍‌ଲର ରାଡାର

ପାରାଦୀପ କଲେଜ ରୋଡ୍‌ର ଷଣ୍ଢକୁଦ ରାସ୍ତାରେ ରହିଛି ଡପ୍‌ଲର ରାଡାର। ୩୭ ମିଟର ଉଚ୍ଚର ଏକ ଫୁଟ୍‌ବଲ୍ ଭଳି ଦୃଶ୍ୟମାନ ଏହି ରାଡାର ଦ୍ୱାରା ପୂର୍ବ ଉପକୂଳରେ ପାଣିପାଗର ପୂର୍ବାନୁମାନ କରାଯାଇଥାଏ। ୧୯୯୯ ମହାବାତ୍ୟା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ରାଡାର ପ୍ରତିଷ୍ଠା ହୋଇଥିଲା। ୨୦୧୫ ନଭେମ୍ବରରେ ଏହା ଲୋକାର୍ପଣ ହୋଇଥିଲା।

**ବତିଘର :** କେନ୍ଦ୍ର ଭୂତଳ ବିଜ୍ଞାନ ବିଭାଗ ପକ୍ଷରୁ ୧୯୮୨ରେ ମେରାଇନ୍ ଡ୍ରାଇଭ୍ ପାଖରେ ଏକ ବତିଘର ପ୍ରତିଷ୍ଠା ହୋଇଛି।

### ଗୁରୁତ୍ୱପୂର୍ଣ୍ଣ ଫୋନ୍ ନମ୍ବର (କୋଡ୍-୦୬୭୨୨)

- ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ-୨୨୨୨୩୭
- ଅତିରିକ୍ତ ଆରକ୍ଷୀ ଅଧିକାରୀ-୨୨୨୦୦୭
- ଦମକଳ କେନ୍ଦ୍ର-୨୨୨୩୮୫
- ବିଜୁ ମେମୋରିଆଲ ହସ୍ପିଟାଲ-୨୨୧୨୬୬
- ପୋର୍ଟ ଚିକିତ୍ସାଳୟ-୨୨୨୦୪୧
- ପାରାଦୀପ ଥାନା ଅଧିକାରୀ-୯୪୩୮୯୧୬୨୩୧
- ଲକ୍ ଥାନା ଅଧିକାରୀ-୯୪୩୮୯୧୬୨୩୦
- ଅଭୟଚାନ୍ଦପୁର ଥାନା ଅଧିକାରୀ-୯୪୩୮୯୧୬୨୨୧
- ସାମୁଦ୍ରିକ ଥାନା ଅଧିକାରୀ- ୯୪୩୮୯୧୬୬୬୮
- ଜଟାଧାର ମୁହାଣ ଥାନା ଅଧିକାରୀ-୯୪୩୭୬୨୧୮୮୫

### ପାର୍କ



ସହରରେ ଚିତ୍ତବିନୋଦନ ପାଇଁ ଏକାଧିକ ପାର୍କ ଅଛି। ୧୯୯୯ ମହାବାତ୍ୟାର ସ୍ମୃତିଚାରଣ ପାଇଁ ବନ୍ଦର କର୍ତ୍ତୃପକ୍ଷ ମଧୁବନଠାରେ ସ୍ମୃତି ଉଦ୍ୟାନ ନିର୍ମାଣ କରିଛନ୍ତି। ଏହାବାଦ୍ ବନ୍ଦର ପ୍ରଶାସନିକ ଭବନ ପାଖରେ ରଜତ ଉଦ୍ୟାନ, ଜଗନ୍ନାଥ ମନ୍ଦିର ପାଖରେ ପୌର ପାଳିକାର ୨ଟି ଶିଶୁ ଉଦ୍ୟାନ, କପିଳବଜାର ନଦୀ କୂଳରେ ମୁକ୍ତାକାଶ ବ୍ୟାୟାମ ଶାଳା ରହିଛି। ମର୍ନିଂଓ୍ୱାକ ପାଇଁ ବେଳାଭୂମି ରାସ୍ତା ଥିବାବେଳେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଜଳଜୀବଙ୍କ ପ୍ରତିକୃତି ନିର୍ମାଣ ହୋଇଛି। ଅଠରବାଙ୍କୀଠାରେ ବିଜୁ ପାର୍କ, ନେହେରୁ ବଙ୍ଗଳାରେ ମନ୍ଦଦ ଉଦ୍ୟାନ, ଜବାହାର ଉଦ୍ୟାନ ଆଦି ରହିଛି।

### ଶିକ୍ଷାନୁଷ୍ଠାନ



ପାରାଦୀପ ପୌରାଞ୍ଚଳରେ ସରକାରୀ ଓ ବେସରକାରୀ ମିଶି ୪୩ଟି ସ୍କୁଲ ଅଛି। ସେଥିରେ ୨୦୧୮ ଜାନୁୟାରୀ ୩୦ ସୁଦ୍ଧା ୧୭,୨୬୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୧୮ଟି ସରକାରୀ ଓ ୨୫ଟି ବେସରକାରୀ। ସରକାରୀ ସ୍କୁଲଗୁଡ଼ିକ ହେଲା ନୋଳିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଲୋକନାଥ କଲୋନୀ ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ମା' ଅମ୍ବିକା ହାଇସ୍କୁଲ, ଦୁଇଟି ବଙ୍ଗାଳିପଡ଼ା ପ୍ରାଇମେରୀ ସ୍କୁଲ, ଲକ୍‌ପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଏନ୍‌ଏସି ଗାର୍ଲ୍ସ ହାଇସ୍କୁଲ, ମା' ଅମ୍ବିକା ୟୁପି ସ୍କୁଲ, ମୁକ୍ତେଶ୍ୱର ୟୁପି ସ୍କୁଲ, ଏନ୍‌ଏସି ହାଇସ୍କୁଲ, ସଞ୍ଜୟ ଗାନ୍ଧୀ ନୋଡାଲ ହାଇସ୍କୁଲ, ବୀଣାପାଣି ପ୍ରାଥମିକ ବିଦ୍ୟାଳୟ, ବଙ୍ଗାଳିପଡ଼ା ବିଦ୍ୟାଳୟ, ଘନଗଳିଆ ୟୁପି ସ୍କୁଲ, ପୋର୍ଟ ଟ୍ରଷ୍ଟ ହାଇସ୍କୁଲ। ସେହିପରି ବେସରକାରୀ ସ୍କୁଲଗୁଡ଼ିକ ହେଉଛି ଦୁଇଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭି ପଏଣ୍ଟ କେଜି ସ୍କୁଲ, ବେଥାନୀ କନ୍‌ଭେଣ୍ଟ ସ୍କୁଲ, ଭେଙ୍କଟେଶ୍ୱର ତେଲଗୁ ସ୍କୁଲ, ଜଗନ୍ନାଥ ୟୁପି ସ୍କୁଲ, ନୋଳିଆସାହି ଏଲକେଜି, ଟ୍ୱିଙ୍କିଲ ଟ୍ୱିଙ୍କିଲ ପ୍ଲେ ସ୍କୁଲ, ଇନ୍ଦିରା ପାର୍କ ୟୁପି ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗ ଏକାଡେମୀ, ଡିଏଭି ଇଫ୍‌କୋ ସ୍କୁଲ, କୋଷ୍ଟଗାର୍ଡ ପ୍ଲେ ସ୍କୁଲ, ଜ୍ୟୋତି ପବ୍ଲିକ ସ୍କୁଲ, ଡିଏଭି ପୋର୍ଟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭିତରଗଡ,ଭି.ପଏଣ୍ଟ ଶିଶୁ ମନ୍ଦିର, ବାଲିଝରା ଗୋପବନ୍ଧୁ ସ୍କୁଲ, ଜାଗୃତି ଭିନ୍ନକ୍ଷମ ସ୍କୁଲ, ବାଲିଝରା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିର୍ସାମୁଣ୍ଡା ନବପ୍ରଭାତ ଶିଶୁ ବିଦ୍ୟାମନ୍ଦିର, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ନୂଆବଜାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଗଣପତି ଶିଶୁ ବିଦ୍ୟାମନ୍ଦିର ଓ ଷଣ୍ଢକୁଦ ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ର। ତେବେ ପାରାଦୀପରେ ମାତ୍ର ଗୋଟିଏ କଲେଜ ରହିଛି।

### ବନ୍ଦରରୁ ସହର

## ଐତିହାସିକ ପୃଷ୍ଠଭୂମି

ପାରାଦୀପ ବନ୍ଦରକୁ ପାଥେୟ କରି ଗଢିଉଠିଛି ପାରାଦୀପ ସହର। ବନ୍ଦର ପ୍ରତିଷ୍ଠା ପରେ ଶିଳ୍ପ କାରଖାନା ବୃଦ୍ଧି ପାଇବା ସହ ଏଠାରେ ଜନବସତି ଗଢି ଉଠିଲା। ଧୀରେ ଧୀରେ ବଜାର, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପ୍ରତିଷ୍ଠା ସହ ଖେଳପଡ଼ିଆ, ରାସ୍ତାଘାଟ ଆଦିର ବିକାଶ ହୋଇଛି। ସହରାଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ୧୯୭୯ ସେପ୍ଟେମ୍ବର ୨୭ରେ ପ୍ରଥମ ବିଜ୍ଞାପିତ ଅଞ୍ଚଳ ପରିଷଦ (ନୋଟିଫିକେଶନ ନଂ.୩୧୧୬୯ରେ) ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସହରର କଳେବର ବୃଦ୍ଧି ପାଇବା ଯୋଗୁ ୨୦୦୨ ଫେବୃୟାରୀ ୧୨ରେ ପୌର ପରିଷଦ (ନୋଟିଫିକେଶନ ନଂ.୪୭୩୦୨ରେ) ମାନ୍ୟତା ମିଳିଲା। ବେଳାଭୂମି, ବନ୍ଦରାଞ୍ଚଳ ଓ ୫ଟି ରାଜସ୍ୱ ଗ୍ରାମକୁ ନେଇ ୩୨.୪୦ ବର୍ଗ କିଲୋମିଟର ଅଞ୍ଚଳ ପୌରାଞ୍ଚଳରେ ରହିଛି। ଏହାକୁ ୧୯ ଓ୍ୱାର୍ଡରେ ବିଭକ୍ତ କରାଯାଇଛି। ଏହି ସୀମା ମଧ୍ୟରେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୫୦ରୁ ଉର୍ଦ୍ଧ୍ୱ ପ୍ରଶାସନିକ ବିଭାଗ ରହିଛି। ପ୍ରତିଦିନ ଦେଶ ବିଦେଶରୁ ଲୋକ ଏଠାକୁ ଆସୁଛନ୍ତି। ସବୁ ଧର୍ମ ଓ ବର୍ଣ୍ଣର ଲୋକେ ଏଠାରେ ସ୍ୱଚ୍ଛନ୍ଦରେ ଜୀବନଯାପନ କରୁଛନ୍ତି।

### ପ୍ରବାଦ ପୁରୁଷଙ୍କ ଦୃଢ଼ ସଙ୍କଳ୍ପ

ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିକ ଶିଳ୍ପନଗରୀ ପାରାଦୀପର ଇତିହାସ ସେତେ ପୁରୁଣା ନୁହେଁ। ଦେଶର ପୁରୁଣା ବନ୍ଦର କଲିକତା ଓ ବିଶାଖାପାଟଣା ମଧ୍ୟରେ ଏକ ବନ୍ଦର ପ୍ରତିଷ୍ଠା ପାଇଁ ୧୯୫୦ରେ କେନ୍ଦ୍ର ଜଳ ଓ ଶକ୍ତି କମିଶନ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୧୯୬୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପାରାଦୀପରେ ବନ୍ଦର କରିବେ ବୋଲି ଦୃଢ଼ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ସେ ୧୯୬୨ ଜାନୁୟାରୀ ୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କୁ ଆଣି ମହାନଦୀ ମୁହାଣ ପାଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉଦ୍‌ଘାଟନ ଫଳକରେ ନେହେରୁ ଲେଖିଥିବା ବାର୍ତ୍ତା 'ଏହା ହିଁ ମହାଜାତିର ନିର୍ଦ୍ଦେଶ, ପୁଣି ଏକ ବିରାଟ ଅଭିଯାନ ପଥରେ ମୋର ଏହି ଆହ୍ୱାନ' ଆଜି ମଧ୍ୟ ମନରେ ଅସୀମ ସାହସ ଭରିଦେଉଛି। ସେତେବେଳେ ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ନ ଥିଲା। ବିନା ପ୍ଲାନିଂ କମିଶନଙ୍କ ସ୍ୱୀକୃତିରେ ବିଜୁବାବୁ ବନ୍ଦର କରିବାକୁ ନିଷ୍ପତ୍ତି ନେଲେ। ରାଜ୍ୟ ରାଜକୋଷରୁ ୧୬.୮୦ କୋଟି ଟଙ୍କା ବ୍ୟୟରେ ୧୯୬୪ ମାର୍ଚ୍ଚ ୧୫ରୁ ବନ୍ଦର ବର୍ଥ ନିର୍ମାଣ ଆରମ୍ଭ ହେଲା। ତେବେ ରାଜକୋଷରେ ଅର୍ଥାଭାବ ଯୋଗୁ ସେତେବେଳେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶେଷରେ ବିଜୁବାବୁ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ୧୯୬୫ ଜୁନ୍ ୧ ରେ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିଥିଲେ। ବର୍ଷକ ମଧ୍ୟରେ ଗୋଟିଏ ବର୍ଥ ନିର୍ମାଣ ଶେଷ ହୋଇଗଲା। ୧୯୬୬ ମାର୍ଚ୍ଚ ୧୨ରେ ପ୍ରଥମ ଜାହାଜ 'ଆଇଏନ୍‌ଏସ୍ ଇନଭେଷ୍ଟିଗେଟର' ବନ୍ଦରରେ ଲାଗିଲା। ସେତେବେଳେ ବର୍ଥ ନିର୍ମାଣ କାମ ଯୁଗୋସ୍ଲୋଭିଆର ଏକ କମ୍ପାନୀ କରୁଥିଲା। ଯୁଗୋସ୍ଲୋଭିଆର ପ୍ରଧାନମନ୍ତ୍ରୀ ପିଟର ଷ୍ଟାମ୍ବୋଲିକ୍ ସେଦିନ ସେଠାରେ ଉପସ୍ଥିତ ଥିଲେ। ୧୯୬୬ ଏପ୍ରିଲ ୧୮ରେ ପାରାଦୀପ ବନ୍ଦରକୁ କେନ୍ଦ୍ର ସରକାର ବୃହତ୍ ବନ୍ଦର ଭାବେ ଘୋଷଣା କଲେ। ଏବେ ଦେଶର ୧୨ଟି ବନ୍ଦର ମଧ୍ୟରୁ ପାରାଦୀପ ଦ୍ୱିତୀୟ ବୃହତ୍ ବନ୍ଦର ମାନ୍ୟତା ପାଇଛି। ଚଳିତବର୍ଷ ଏହା ରେକର୍ଡ ପରିମାଣ ୧୦୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଛି। ଏହି ଧାରା ଜାରି ରହିଲେ ୨୦୨୫ ସୁଦ୍ଧା ୩୨୫ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ଏହା ପ୍ରଥମ ସ୍ଥାନ ହାସଲ କରିବ ବୋଲି ଆଶା କରାଯାଉଛି।

### ସହର ବିଷୟରେ ଏମାନଙ୍କ ମତ



▸ ବନ୍ଦରର ଯେତିକି ବିକାଶ ହୋଇଛି, ସେହି ଅନୁସାରେ ସହରାଞ୍ଚଳର ବିକାଶ ହୋଇପାରିନାହିଁ। ବଡ଼ପଡ଼ିଆ ମୁଖ୍ୟ ବଜାର ସ୍ଥିତି ଯେପରି ଅଛି, ତାହା ଅତ୍ୟନ୍ତ ନିମ୍ନମାନର। ବିଦେଶୀ ନାଗରିକମାନେ ଏହି ବଜାରକୁ ଦେଖି ଭାରତର ଚିତ୍ର ପରଖୁଥିବେ। ତେଣୁ ଏଠାରେ ବିଶ୍ୱସ୍ତରୀୟ ବଜାର, ରାସ୍ତା, ଭିତ୍ତିଭୂମିର ବିକାଶ ଆବଶ୍ୟକ।

**ଗତିକୃଷ୍ଣ ଶତପଥୀ, ଆଇନଜୀବୀ**



▸ ପାରାଦୀପ ବିକଶିତ ହୋଇଛି। ଗତ ୧୦ ବର୍ଷରେ କେତେକ ଉନ୍ନୟନ କାର୍ଯ୍ୟ ହୋଇଛି। କିନ୍ତୁ ପର୍ଯ୍ୟଟନର ବିକାଶ ପାଇଁ ଆଉ କିଛି କରିବା ଦରକାର। ପାରାଦୀପକୁ ଆସୁଥିବା ଆଗନ୍ତୁକଙ୍କ ରହଣି ପାଇଁ ଉଚ୍ଚମାନର ହୋଟେଲ, ଅତିଥିଶାଳା ରହିଛି। କିନ୍ତୁ ସ୍ୱଳ୍ପମୂଲ୍ୟରେ ରହିବାର ଭିତ୍ତିଭୂମି ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

**ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାବନ୍ଧିକ**



▸ ପାରାଦୀପକୁ ବିଭିନ୍ନ ସମୟରେ ଦେଶ ବିଦେଶରୁ ବହୁ ଗବେଷକ, ଛାତ୍ରୀଛାତ୍ର ଗବେଷଣା ପାଇଁ ଆସୁଛନ୍ତି। ସେମାନଙ୍କ ଜାଣିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଏଥିସହ ରହଣି ପାଇଁ ସ୍ୱଳ୍ପ ମୂଲ୍ୟରେ ଏକ ୫୦ ଶଯ୍ୟା ବିଶିଷ୍ଟ ଉନ୍ନତମାନର ହଷ୍ଟେଲ ହେବା ଦରକାର। ଏହା ହେଲେ ବିଦେଶୀ ଛାତ୍ରୀଛାତ୍ର ଅଧିକ ସଂଖ୍ୟାରେ ଆସିବେ। ଏପରି ବ୍ୟବସ୍ଥା ପରୋକ୍ଷରେ ପାରାଦୀପକୁ ବିଶ୍ୱସ୍ତରରେ ଖ୍ୟାତି ଦେବ।

**ସୁରେନ୍ଦ୍ର ମୋହନ ମିଶ୍ର, ଅଧ୍ୟକ୍ଷ, ପାରାଦୀପ କଲେଜ**



▸ ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପ ଯେତିକି ପୁରୁଣା ହେଉଛି, ସେତିକି ମାତ୍ରାରେ ବିକାଶ କରୁଛି। ଏହା ଏବେ ପୂର୍ବ ଭାରତର ଅର୍ଥନୈତିକ ମୁଖଶାଳା ପାଲଟିଛି। ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ବନ୍ଦର କର୍ତ୍ତୃପକ୍ଷ ଓ ପୌରପାଳିକା ମିଳିତ ଭାବେ 'ଆମ ପାରାଦୀପ' ଗଠନ କରି ବ୍ୟାପକ ପଦକ୍ଷେପ ନେଇଛନ୍ତି।

**ବସନ୍ତ ବିଶ୍ୱାଳ, ପୌରାଧ୍ୟକ୍ଷ, ପାରାଦୀପ ପୌର ପାଳିକା**

### ପ୍ରମୁଖ ଶିଳ୍ପ ସଂସ୍ଥା

ବନ୍ଦରକୁ ଆୟୁଧ କରି ପାରାଦୀପରେ ୧୫ଟି ବୃହତ୍ ଶିଳ୍ପ ସ୍ଥାପିତ ହୋଇଛି। ସେଗୁଡ଼ିକ ହେଲା ବିୟର ଫ୍ୟାକ୍ଟ୍ରି, ପିପିଏଲ୍, ଇଫ୍‌କୋ, ଏସାରଷ୍ଟିଲ, ଏସାର ପ୍ରୋଜେକ୍ଟ, ଏସାର ପାଓ୍ୱାର, ଭାରତୀୟ ତୈଳ ନିଗମର ବିଶୋଧନାଗାର, ହଳଦିଆ-ବଉରେଣୀ-ପାରାଦୀପ ପାଇପ୍ ଲାଇନ୍, ଏଲଏନ୍‌ଜି ଟର୍ମିନାଲ, ତୈଳ ଟର୍ମିନାଲ, ଭାରତୀୟ ପେଟ୍ରୋଲିୟମର ଟର୍ମିନାଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଟର୍ମିନାଲ, ଆଦାନୀ ଓ୍ୱିଲମାର ଖାଇବାତେଲ କମ୍ପାନୀ, ଗୋଆ କାର୍ବନ ଓ କଳିଙ୍ଗ କାଲସିନର କାର୍ବନ କମ୍ପାନୀ। ଏଥିସହ ଦୀପକ ଫର୍ଟିଲାଇଜର, ପ୍ଲାଷ୍ଟିକ ପାର୍କ ଓ ଏକ ଷ୍ଟିଲ କାରଖାନା କରିବାକୁ ପ୍ରସ୍ତାବ ରହିଛି।

#### ଓଡ଼ିଶା ମେରିଟାଇମ୍ ଏକାଡେମୀ

ବିଜୁବାବୁ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବାବେଳେ ପାରାଦୀପର ମଧୁବନ ଭୀମଭୋଇ କଲୋନୀଠାରେ ଏହି ନୌବାଣିଜ୍ୟ ଶିକ୍ଷାକେନ୍ଦ୍ର ଖୋଲିଥିଲେ। ଏହା ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାକେନ୍ଦ୍ର।

#### କ୍ଷାରଜଳ ପ୍ରକଳ୍ପ

ମତ୍ସ୍ୟଶିଳ୍ପ ସହ ସମ୍ପୃକ୍ତ ଏକ କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ନେହେରୁ ବଙ୍ଗଳାରେ ରହିଛି। ରାଜ୍ୟରେ ୨ଟି ଏଭଳି ପ୍ରକଳ୍ପ ଥିଲେ ହେଁ ଚିଲିକାରେ ଥିବା କେନ୍ଦ୍ର କେତେବର୍ଷ ହେଲା ସ୍ଥାଣୁ ଅବସ୍ଥାରେ ରହିଛି। ଏଠାରେ ପ୍ରତିବର୍ଷ ୫୦ଜଣଙ୍କୁ ତାଲିମ୍ ଦିଆଯାଉଛି।

#### ଡକ୍‌ସେଫ୍ଟି

କେନ୍ଦ୍ର ସରକାରଙ୍କ ଏହିଅଫିସ ବଡ଼ପଡିଆ ପୋର୍ଟ ପାଖରେ ଅଛି। ୧୯୭୦ ଦଶକରୁ ଏହି ବିଭାଗ ବନ୍ଦର ପୋତ ସୁରକ୍ଷା ଓ ନିରାପତ୍ତା ପାଇଁ କାମ କରୁଛି। କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟର ଏହା ଓଡ଼ିଶାରେ ଏକମାତ୍ର ସଂସ୍ଥା।

#### ଏମ୍‌ଏମ୍‌ଡି

କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟର ଏମ୍‌ଏମ୍‌ଡି (ମର୍କାଣ୍ଟାଇଲ ମେରାଇନ୍ ଡିପାର୍ଟମେଣ୍ଟ) ଅଫିସ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଅଛି। ଏହା ମଧ୍ୟ ଓଡ଼ିଶାର ଏକମାତ୍ର ଅଫିସ। ବିଦେଶାଗତ ଜାହାଜର କାଗଜପତ୍ର ଓ ଆନୁଷଙ୍ଗିକ ଭିତ୍ତିଭୂମି ଏହା ଦ୍ୱାରା ଯାଞ୍ଚ କରାଯାଏ।

#### ଇମିଗ୍ରେଶନ

ବିଦେଶୀ ନାବିକ ଓ ନାଗରିକଙ୍କ ପରିଚୟପତ୍ର ଯାଞ୍ଚ କରିବା ଏହି ବିଭାଗର କାମ। ଭାରତର ବୈଦେଶିକ ନିୟମାନୁଯାୟୀ, କେଉଁ ଦେଶର ନାଗରିକ କେତେଘଣ୍ଟା ସ୍ଥଳଭାଗରେ ଆସି ରହିପାରିବେ ତାହା ସ୍ଥିର ହୋଇଛି। ଭାରତର ବନ୍ଧୁରାଷ୍ଟ୍ର ଶ୍ରୀଲଙ୍କା, ବାଂଲାଦେଶ ଓ ରୁଷିଆର ନାଗରିକ ୨୪ଘଣ୍ଟା, ଚାଇନା, ଇଟାଲି, ୟୁକ୍ରେନର ନାଗରିକ ୬ ଘଣ୍ଟା ରହିପାରିବେ। ଅନ୍ୟପକ୍ଷରେ ପାକିସ୍ତାନର ନାଗରିକଙ୍କ ପାଇଁ ସ୍ଥଳଭାଗ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏସବୁ ଏହି ବିଭାଗ ଦ୍ୱାରା ଯାଞ୍ଚ ହୁଏ।

#### ପିଏଚଓ

ବିଦେଶୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପବ୍ଲିକ୍ ହେଲ୍ଥ ଅଫିସ(ପିଏଚଓ) ଦାୟିତ୍ୱ। କୌଣସି ବିଦେଶୀ ନାଗରିକଙ୍କଠାରୁ ଯେପରି ମହାମାରୀ ରୋଗ ନ ବ୍ୟାପେ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଏ। ଏହି ଅଫିସ ବନ୍ଦର ଚିକିତ୍ସାଳୟର ଗେଟ୍ ପାଖରେ ରହିଛି।

### ମାଛଧରା ବନ୍ଦର



ବନ୍ଦର ବ୍ୟତୀତ ପାରାଦୀପରେ ଏକ ମାଛଧରା ବନ୍ଦର ରହିଛି। ଏଠାରୁ ମତ୍ସ୍ୟଜୀବୀମାନେ ଟ୍ରଲର, ବୋଟ୍, ବିଭିନ୍ନ ପ୍ରକାର ଡଙ୍ଗାରେ ସମୁଦ୍ରକୁ ଯାଇ ମାଛ ଧରି ଅଳ୍ପନ ହଲକୁ ଆଣନ୍ତି। ସେଠାରୁ ବିଦେଶକୁ ମାଛ ରପ୍ତାନି ହୋଇଥାଏ। ୧୯୫୮ରୁ ଆରମ୍ଭ ହୋଇଥିବା ଏହି ବନ୍ଦର ୪୮ ଏକର ଅଞ୍ଚଳ ବ୍ୟାପୀ ରହିଛି। ଏହା ମଧ୍ୟରେ ୪ଟି ବର୍ଥ ଅଛି। ମାଛଧରା ବନ୍ଦର ପୋତାଶ୍ରୟରେ ୬୩୨ ଟ୍ରଲର, କ୍ୟାରେଟ୍ ବୋଟ୍, ସୋନା ଟ୍ରଲର ସହ ୨୨୦ଟି ଯନ୍ତ୍ରଚାଳିତ ବୋଟ୍ ରହିଛି। ଏହି ମତ୍ସ୍ୟ ଶିଳ୍ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫୦ହଜାର ମତ୍ସ୍ୟଶିଳ୍ପୀ ନିର୍ଭରଶୀଳ। ଏଠାରୁ ବିଦେଶକୁ ସାମୁଦ୍ରିକ ମାଛ ରପ୍ତାନୀ ହୋଇ ବାର୍ଷିକ ପ୍ରାୟ ୫୦୦ କୋଟିର ବୈଦେଶିକ ମୁଦ୍ରା ଭାରତକୁ ଆସୁଛି। ଏହାକୁ ପରିଚାଳନା କରିବା ପାଇଁ ସରକାରୀ ଭାବେ ୨୦୧୧ ନଭେମ୍ବରରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିସହ ସହକାରୀ ନିର୍ଦ୍ଦେଶକ (ସାମୁଦ୍ରିକ)ଙ୍କ କାର୍ଯ୍ୟାଳୟ ରହିଛି।



### ବନ୍ଦର ପଣ୍ୟ କାରବାର

ପାରାଦୀପ ବନ୍ଦରରେ ବର୍ତ୍ତମାନ ୨୦ଟି ବର୍ଥ (ଜାହାଜ ଲାଗୁଥିବା ସ୍ଥାନ) କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରେ ୧୫ଟି ସାଧାରଣ ବର୍ଥ, ୧ଟି ବହୁମୁଖୀ (ରୋ-ରୋ) ବର୍ଥ, ୩ଟି ଏସ୍‌ପିଏମ୍ (ସିଙ୍ଗିଲ୍ ପଏଣ୍ଟ ମୋରିଙ୍ଗ ସିଷ୍ଟମ୍) ବର୍ଥ ଓ ଗୋଟିଏ ତୈଳ ବୋଝେଇ ଜାହାଜ ବର୍ଥ ରହିଛି। ଏଠାରୁ ବିଶ୍ୱର ବିଭିନ୍ନ ଦେଶ, ମହାଦେଶକୁ ବଡ଼ ବଡ଼ ଜାହାଜ ଯୋଗେ ପଣ୍ୟ ରପ୍ତାନି ଓ ଆମଦାନୀ ହୋଇଥାଏ। ବିଶେଷକରି ଅଶୋଧିତ ତୈଳ, କୋଲ ପ୍ରଡକ୍ଟ, ଥର୍ମାଲ କୋଲ, କୁକିଂ କୋଲ, ମାଙ୍ଗାନିଜ, ଚାର୍ଜକ୍ରୋମ, ଫେରୋକ୍ରୋମ, ଫେରୋ ମାଙ୍ଗାନିଜ୍, ଚୂନପଥର, ହାର୍ଡକୋକ, ପିଲେଟ୍ସ, ଫିନିସିଂ ଷ୍ଟିଲ, ସ୍କ୍ରାବ୍, ସାର, ସାର ପାଇଁ କଞ୍ଚାମାଲ, କ୍ଲିଙ୍କର, ଜିପସମ୍, ପ୍ରୋଜେକ୍ଟ କାର୍ଗୋ, କଣ୍ଟେନର କାର୍ଗୋ ଆଦି ପଣ୍ୟ କାରବାର ହେଉଛି।

### ଭାରତୀୟ ତଟରକ୍ଷୀ ବାହିନୀ

ପାରାଦୀପରେ ରହିଛି ଭାରତୀୟ ତଟରକ୍ଷୀ ବାହିନୀର ମୁଖ୍ୟାଳୟ-୭। ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଥିବା ଏହି କାର୍ଯ୍ୟାଳୟ ଉପରେ ଓଡ଼ିଶାର ପୂର୍ବ ଉପକୂଳ ୪୮୦ କିମି ତଟର ସୁରକ୍ଷା ଦାୟିତ୍ୱ ରହିଛି। ଏଥିପାଇଁ ୭ଟି ପାଟ୍ରୋଲିଂ ଜାହାଜ ମୁତୟନ କରାଯାଇଛି। ସେଗୁଡ଼ିକ ହେଲା ଆଇସିଜିଏସ୍ ଅମୋଘ, ସୁଜୟ, ରେଜିଆ ସୁଲ୍‌ତାନ, ସରୋଜିନୀ ନାଇଡୁ, ଚାର୍ଲି ୪୨୫ ଓ ୪୨୬ ଏବଂ ଗୋଟିଏ ହୋଭର କ୍ରାଫ୍ଟ। ସମସ୍ତ ଜାହାଜ ପାଇଁ ପାରାଦୀପ ବନ୍ଦର ପୋତାଶ୍ରୟରେ ସ୍ୱତନ୍ତ୍ର ବର୍ଥ ରହିଛି।



ପ୍ରସ୍ତୁତି: ଶରତ ରାଉତ



ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଗିରିଶ୍ଚନ୍ଦ୍ରପୁରରେ କଂଗ୍ରେସ କର୍ମୀ ବୈଠକ

ନାକଟୀଦେଉଳ,୧୧।୯(ଡି.ଏନ.ଏ.)- ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁରଠାରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ ସଭାପତି ବିପିନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ଯୋଗ ଦେଇ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ତୀବ୍ର ବିରୋଧ କରି ନିନ୍ଦା କରିଥିଲେ । ଭାଜପା ଏବଂ ବିଜେଡି ସରକାରର ବିଫଳତାକୁ ବାସ୍ତବ ଚିତ୍ର ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଦଳୀୟ କର୍ମୀମାନେ ବର୍ତ୍ତମାନଠାରୁ ଐକ୍ୟବଦ୍ଧ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପଞ୍ଚାୟତ ଏବଂ ବୁଥସ୍ତରୀୟ କମିଟି ଗଠନ କରାଯାଇଥିଲା। ଏଥିରେ ଗିରିଶ୍ଚନ୍ଦ୍ରପୁରର ସଭାପତି ଭାବେ ଦିଲୀପ ପ୍ରଧାନ, ଉପସଭାପତି ଏକାଦଶୀ ଜାନୀ, ସମ୍ପାଦକ ସାନ୍ତନୁ କୁମାର ପ୍ରଧାନ, ସହ ସମ୍ପାଦକ ଅଗସ୍ତି କାଲୋ, ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ଶାନ୍ତିଲତା ଚୌଧୁରୀ, ଉପସଭାନେତ୍ରୀ ଭାବେ ନୟନା ପ୍ରଧାନଙ୍କୁ ମନୋନିତ କରାଯାଇଛି। ଏଥିସହିତ ବୁଥ୍ କମିଟି ମଧ୍ୟ ଗଠନ କରାଯାଇଥିଲା । ବୈଠକରେ ଜୋନ-୧ ସଭାପତି ମୋତିଲାଲ ବିଶ୍ୱାଳ, ସୁମନ୍ତ ଧଳ, ପ୍ରେମ ଅଗ୍ରୱାଲ, ବିଷ୍ଣୁଚରଣ ସାହୁ, ଶ୍ରୀପତି ପ୍ରଧାନ, ହରିହର ସାହୁ, ଦାମୋଦର ଦେହୁରୀ, ଚନ୍ଦ୍ର ଦେହୁରୀ, ଗୁପ୍ତେଶ୍ୱର ନାଏକଙ୍କ ସମେତ ୧୧ଟି ୱାର୍ଡରୁ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ନୂଆଁଖାଇ ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ





ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଆମ ଗାଁ ଆମ ବିକାଶରେ ଜନସାଧାରଣ (ବାମ) ଓ ଜିଲାପାଳ, ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ ।

ସମ୍ବଲପୁର,୧୧।୯(ବ୍ୟୁରୋ)

ପଶ୍ଚିମଓଡିଶାର ପ୍ରିୟ ଭାଇଭଉଣୀମାନଙ୍କୁ ମୋର ପ୍ରଥମେ ନୂଆଁଖାଇ ଜୁହାର। ଆମ ଗାଁ ଆମ ବିକାଶରେ ସାମିଲ ହୋଇଥିବା ସମସ୍ତଙ୍କୁ ସ୍ୱାଗତ କରୁଛି । ଆପଣଙ୍କ ଦାବି ଅନୁସାରେ ଦିଆ ହୋଇଥିବା ପ୍ରକଳ୍ପଗୁଡିକ ମଞ୍ଜୁର କରୁଛି । ଏହା ଆପଣଙ୍କର ଟଙ୍କା। ଏହାକୁ ଠିକ୍ ଭାବେ ଶୀଘ୍ର କାମ କରନ୍ତୁ। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଗୁଣ୍ଡେରପୁର ହାଇସ୍କୁଲ ପଡିଆରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ଭିଡିଓ କନଫରେନସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନେଶ୍ୱରବାସୀଙ୍କୁ ନୂଆଖାଇ ଶୁଭେଚ୍ଛା ଜଣାଇ ଏହା ସମ୍ବୋଧିତ କରିଛନ୍ତି। ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅଧୀନ ୭ଟି ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ୫ଟି ପଞ୍ଚାୟତର ମୋଟ ୧୧୮ଟି ପ୍ରକଳ୍ପ ଲାଗି ୨କୋଟି ୮୭ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରାଯାଇଛି। ସାହାସପୁର ସମିତି ସଭ୍ୟା ବୀଣାପାଣି ବେହେରା ଦାବିଗୁଡିକ ଉପରେ ସୂଚନା ଦେଇଥିଲେ। ସାହାସପୁର ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ସଭାରେ ଜିଲାପାଳ ସମର୍ଥ ବର୍ମା, ଏମ୍‌ପି ନଗେନ୍ଦ୍ର ପ୍ରଧାନ, ରେଢାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ପିଡି ସୁକାନ୍ତ ତ୍ରିପାଠୀ, ଏପିଡି ରାଜେଶ ଅଗ୍ରୱାଲଙ୍କ ସମେତ ଜିଲାର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ରହିଥିଲେ। ବିଜେଡି ବ୍ଲକ ସଭାପତି ଗୋପୀ ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ସତ୍ୟ ନାରାୟଣ ମେଣ୍ଡୁଲିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ । ସମିତି ସଭ୍ୟସଭ୍ୟା ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।

**ମାନେଶ୍ୱରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**

- ୧୧୮ ପ୍ରକଳ୍ପକୁ ୨ କୋଟି ୮୭ଲକ୍ଷ ଅନୁଦାନ
- ଯୋଗ ଦେଲେନି ବ୍ଲକ ଅଧ୍ୟକ୍ଷା

### ଅନୁପସ୍ଥିତ ରହିଲେ ବ୍ଲକ ଅଧ୍ୟକ୍ଷା

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ସରକାରୀ କାର୍ଯ୍ୟକ୍ରମ। ହେଲେ ମାନେଶ୍ୱର ବ୍ଲକରେ ଦଳୀୟ କାର୍ଯ୍ୟକ୍ରମ ଭଳି ଏହା ହେଉଥିଲା । ତେଣୁ ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ସୁରେସିନୀ ଓରାମ ଭାଜପା ଦଳର ହୋଇଥିବାରୁ ଅନୁପସ୍ଥିତ ରହିଥିଲେ ବୋଲି ଚର୍ଚ୍ଚା ହେଉଛି। ସେହିଭଳି ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ଭାଜପା ସମର୍ଥିତ ସମିତି ସଭ୍ୟାସଭ୍ୟ ମଧ୍ୟ ଅନୁପସ୍ଥିତ ଥିଲେ। ଏହାକୁ ନେଇ ଚର୍ଚ୍ଚା ହୋଇଛି।

### ଖାଇବା ସ୍ଥାନରେ ହୋହାଲ୍ଲା

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଶେଷ ହେବା ପରେ ଉପସ୍ଥିତ ଜନସାଧାରଣଙ୍କ ପାଇଁ ଖାଇବାର ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ଲିମସୋରିଏନ ମନ୍ଦିର ନିକଟସ୍ଥ ଏକ କାରଖାନା ଭିତରେ ଏହି ଆୟୋଜନ ହୋଇଥିଲା । ବିଜୁ ବାହିନୀ ଓ କର୍ମୀମାନେ ଖାଇବା ସାମଗ୍ରୀ ବଣ୍ଟନ କରିଥିଲେ । ହେଲେ ହଜାର ହଜାର ଲୋକ ଥିବାରୁ ଖାଇବା ସ୍ଥାନରେ ହୋ ହାଲ୍ଲା ହୋଇଥିଲା । କେତେ ଲୋକ ଖଲିପତ୍ର ପାଇଁ ତ କେତେ ଲୋକ ଖାଇବା ପାଇଁ ଲମ୍ବା ଲାଇନରେ ଛିଡା ହୋଇଥିଲେ। ଏତେ ଲମ୍ବା ଲାଇନ ଦେଖି କିଛି ଲୋକ ଫେରିଯାଇଥିବା ଦେଖିବାକୁ ମିଳିଥିଲା।

### ଟ୍ରାଫିକ ସମସ୍ୟା ଯୋଗୁ ନାକେଦମ

ଧମା-ସୋନପୁର ରାସ୍ତା କଡରେ ଖାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେଣୁ ଲୋକମାନେ ଖାଇବାକୁ ଭିଡ ଜମାଇଥିଲେ । ରାସ୍ତାରେ ହଜାର ହଜାର ଲୋକ ଯିବା ଆସିବା କରୁଥିଲେ। ଆଉ କେତେକ ଛିଡା ହୋଇ ରହିଥିଲେ । ତେଣୁ ଯାତାୟତରେ ସମସ୍ୟା ଦେଖା ଯାଇଥିଲା । ଏହାକୁ ନେଇ ଟ୍ରାଫିକ ପୋଲିସ ଓ ବିଜୁ ବାହିନୀ କର୍ମକର୍ତ୍ତାଙ୍କୁ ନାକେଦମ ହେବାକୁ ପଡିଥିଲା।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ମଙ୍ଗଳବାର ସମ୍ବଲପୁର ପାନ୍ଥ ନିବାସ ସଭା କକ୍ଷରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବଶାଖା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ।

ସମ୍ବଲପୁର,୧୧।୯(ବ୍ୟୁରୋ)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ସମ୍ବଲପୁର ପାନ୍ଥ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଶ୍ରମିକ ସମସ୍ୟା ତଥା ବେକାର ଯୁବତୀ ଯୁବକଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ, ପ୍ରତେକ ପରିବାରକୁ ସର୍ବନିମ୍ନ ୧୦ହଜାର ଟଙ୍କା ମାସକୁ ପ୍ରଦାନ, ବୀମା ଭୁକ୍ତ ଚାଷୀଙ୍କୁ ତୁରନ୍ତ କୃଷି ବିମା ପ୍ରଦାନ କରିବାକୁ ବୈଠକରେ ସଭ୍ୟମାନେ ମତ ପ୍ରକାଶ କରିଥିଲେ । ଏଥିସହ କୃଷିକୁ ଜଳସେଚନ ଓ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨ହଜାର ୯୩୦ଟଙ୍କା ପ୍ରଦାନ, ଠିକା ଶ୍ରମିକ ଓ ଆଉଟ୍ ସୋର୍ସିଂକୁ ବନ୍ଦ କରାଯାଇ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଏବଂ ଶ୍ରମିକମାନଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା । ଦାବି ଗୁଡିକ ପୂରଣ କରା ନ ଗଲେ ରାଜ୍ୟର ପ୍ରତ୍ୟେକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି । ଜାତୀୟ ସମ୍ପାଦକ ନିର୍ମଳ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ଅଜୟ ପାଇକରାୟ, ଜଗତସିଂହପୁର ସଭାପତି ବିପ୍ଳବ ଚୌଧୁରୀ, ସମ୍ବଲପୁର ଜିଲା ସଭାପତି ବବିତା ବଡପଣ୍ଡା, କେନ୍ଦ୍ରାପଡା ଜିଲା ସଭାପତି ରଶ୍ମିରଞ୍ଜନ ଚୌଧୁରୀ, ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜିବ ବରର୍ଡ୍ଡି, ରାୟଗଡା ସଭାପତି ପ୍ରଦୀପ ସାହୁ, ରାଜ୍ୟ ସାଂଗଠାନିକ ସମ୍ପାଦିକା ଆଶା ମିଞ୍ଜ, ଜେମ୍ସ ବାହାଲା, ମନସିତ୍ ବାର୍ଲା, ସାଗର ରଞ୍ଜନ ପରିଡା, ସୁବାଶିଷ ନାୟକ, ସନ୍ଦୀପ ଦେହୁରୀ ଓ ରାଜେଶ ଖୁରା ଆଲୋଚନାରେ ଭାଗ ନେଇଥିଲେ ।

## ଗୋଚର ଜମିକୁ ଚଞ୍ଚକତା କରି ହାତେଇଥିବା ଅଭିଯୋଗ

# ଜିଲାପାଳଙ୍କ ହସ୍ତକ୍ଷେପ ଦାବି



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିନ୍ଦୂରପଙ୍କ ଗ୍ରାମବାସୀ।

ସମ୍ବଲପୁର, ୧୧।୯(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅନ୍ତର୍ଗତ ସିନ୍ଦୂରପଙ୍କ ମୌଜାରେ ଜଣେ ବ୍ୟକ୍ତି ଗୋଚର ଜମିକୁ ନିଜ ନାମରେ ପଟ୍ଟା କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ସିନ୍ଦୂରପଙ୍କ ଗ୍ରାମବାସୀ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଶୀଘ୍ର ତଦନ୍ତ କରି ଏହି ଜମି ପୁଣି ସରକାରୀ ଖାତାକୁ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ତେବେ ଏକ ସପ୍ତାହ ମଧ୍ୟରେ ତଦନ୍ତ କରାଯିବ ଓ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଜାତୀୟ ରାଜପଥର ସିନ୍ଦୂରପଙ୍କ ଛକ ରାସ୍ତା କଡରେ (୨୩୮/୨୩୯୬) ଗୋଚର ଜମି ରହିଥିଲା । ସେଥିମଧ୍ୟରୁ ସେହି ଗ୍ରାମର ଜଣେ ବ୍ୟକ୍ତି ୪୨ଡେସିମିଲ ଜମିକୁ ଚଞ୍ଚକତା କରି ଦୀର୍ଘବର୍ଷ ହେବ ନିଜ ନାମରେ ପଟ୍ଟା କରି ନେଇଛନ୍ତି । ସେହି ସମୟରେ କାର୍ଯ୍ୟରତ ଥିବା ସ୍ଥାନୀୟ ଆରଆଇ, ତହସିଲଦାର, ରାଜସ୍ୱ କର୍ମଚାରୀଙ୍କୁ ହାତେଇ ଏଭଳି କାମ କରିଛନ୍ତି। ଏବେ ଉକ୍ତ ଜବରଦଖଲ କରି ସେ ହୋଟେଲ ଓ ଅନ୍ୟାନ୍ୟ ବ୍ୟବସାୟ କରୁଛନ୍ତି । ରାସ୍ତା ପ୍ରଶସ୍ତିକରଣ ପରେ ଏବେ ଉକ୍ତ ଜମି ବହୁ ମୂଲ୍ୟ ହୋଇଯାଇଛି। ଏଥିପାଇଁ ପୂର୍ବରୁ ମଧ୍ୟ ବହୁଥର ଅଭିଯୋଗ ହୋଇସାରିଛି। ଏପରିକି ମାମଲା କୋର୍ଟରେ ବିଚାରାଧୀନ ରହିଛି । ତେଣୁ ଜିଲାପାଳ ସ୍ୱତନ୍ତ୍ର ଭାବରେ ଏ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଫଳରେ ଉକ୍ତ ମୂଲ୍ୟବାନ ଜମି ସରକାରୀ ଖାତାକୁ ଫେରିପାରିବ ବୋଲି ଗ୍ରାମର ରାମସାଗର ସାହୁ, ମଣିକର ସାହୁ, ନେତ୍ରାନନ୍ଦ କୁମ୍ଭାର ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି କହିଛନ୍ତି।

## ବିଜୁ ପକ୍କା ଘର କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ

ମାନେଶ୍ୱର,୧୧।୯(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ପରିସରରେ ମଙ୍ଗଳବାର ରେଢାଖୋଲ ବିଧାୟକ ରୋହିତ ପୂଜାରୀ ବିଜୁ ପକ୍କା ଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ଏହାସହ ଘରଗୁଡିକ ଶୀଘ୍ର ସାରିବା ପାଇଁ କହିଛନ୍ତି। ଏହି ଅବସରରେ ଯୁଯୁମୁରା ବିଡିଓ ଆଶିଷ ପଟେଲ, ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାଏକ, ଏବିଡିଓ ଲବ କିଶାନଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଧାୟକ ସ୍ଥାନୀୟ ବିଜେଡି କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ ।

## ବିଜ୍ଞାନ ଶିକ୍ଷକ କର୍ମଶାଳା



ମଙ୍ଗଳବାର ସମ୍ବଲପୁର ସେତୁ ପକ୍ଷରୁ ଆୟୋଜିତ ଏକଦିବସୀୟ ବିଜ୍ଞାନ ଶିକ୍ଷକ କର୍ମଶାଳା ।

ସମ୍ବଲପୁର,୧୧।୯ (ବ୍ୟୁରୋ)

ବୁଢ଼ାରଜା ନୋଡାଲ ହାଇସ୍କୁଲ ସଭା କକ୍ଷରେ ସେତୁ ପକ୍ଷରୁ ଏକଦିବସୀୟ ବିଜ୍ଞାନ ଶିକ୍ଷକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ । ସାଧାରଣ ସମ୍ପାଦକ ପ୍ରଫେସର ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି, ବୁଢ଼ାରଜା ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ଯୋଶବନ୍ତ ପ୍ରଧାନ କର୍ମଶାଳାର ବିଭିନ୍ନ ଦିଗ ଉପରେ କହିଥିଲେ । ସେତୁ ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ଜଣ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ଥିଲେ । ପ୍ରଫେସର ଦେବେନ୍ଦ୍ର କୁମାର ପଣ୍ଡା ରସାୟନ ବିଜ୍ଞାନର ବିଭିନ୍ନ ଦିଗ ଉପରେ କହିଥିଲେ । ଯୁଗ୍ମ ସମ୍ପାଦକ ଅଶୋକ କୁମାର ମିଶ୍ର, କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ ଓ ଯୋଗେଶଚନ୍ଦ୍ର ହୋତା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।

# ଆନ୍ତଃ ସ୍କୁଲ ସଙ୍ଗୀତ ପ୍ରତିଯୋଗିତା




ସମ୍ବଲପୁର ଧନକଉଡା ବୀର ସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଆନ୍ତଃ ସ୍କୁଲ ସଂଗୀତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ।

ସମ୍ବଲପୁର,୧୧।୯ (ବ୍ୟୁରୋ)

ପଶ୍ଚିମ ଓଡିଶା ସହଦୟ ସ୍କୁଲ କମ୍ପ୍ଲେକ୍ସ ପକ୍ଷରୁ ଅନ୍ତଃ ସ୍କୁଲ ଏକକ ସଂଗୀତ ପ୍ରତିଯୋଗୀତା ମଙ୍ଗଳବାର ଧନକଉଡାସ୍ଥିତ ବୀର ସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜୁନିୟର ବର୍ଗରେ ସେଭେନହିଲ୍ସ ରେସିଡେନସିଆଲ ସ୍କୁଲର ବିନୟ ରାୟ, ବରଗଡ ରୋଟାରୀ ପବ୍ଲିକ ସ୍କୁଲର ଗ୍ରେସି ନିଶା ସିଙ୍ଘଲ ଓ ବରଗଡ ବିକାଶ ସ୍କୁଲର ଲକ୍ଷିତ ଜାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସିନିୟର ବର୍ଗରେ ସମ୍ବଲପୁର ମଦନାବତୀ ପବ୍ଲିକ ସ୍କୁଲ ସ୍ମୃତି ମିଶ୍ର ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ଜେ ସାଇଚରଣ ପଟ୍ଟନାୟକ ଦ୍ୱିତୀୟ ଏବଂ ଝାରସୁଗୁଡା ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ଅଭିଷେକ ପାତ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି । ବିଚାରକ ଭାବେ ସଂଗୀତଜ୍ଞ ଶଙ୍କର ପ୍ରଧାନ ଓ ଆକାଶବାଣୀ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ଯୋଗଦେଇଥିଲେ । ବୀର ସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ଯୁସମିନ୍ ବାନୋଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା । ନିର୍ଦ୍ଦେଶକ ସୌକୁମାର୍ଯ୍ୟ ପ୍ରଧାନ ଅତିଥି ସ୍ୱାଗତ କରିଥିଲେ । ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଆରଏନ ଦାଶ, ବାଳିକା ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ରାଷ୍ଟ୍ରୀୟ ବିଦ୍ୟାମନ୍ଦିର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶନୀ, ଇଣ୍ଡିଆନ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ପୂଜା ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଇପଶିତା ପଡିହାରି ଓ କଳ୍ପନା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ସିମରନ୍, ଆଫ୍ରିନ୍. ମୋନାଲିଶା, ସ୍ମୃତି, ଇପଶିତା, କଳ୍ପନା, ମୌସମ୍, ସୁଜଳ ସ୍ୱାଗତ ସଂଗୀତ ଗାନ କରିଥିଲେ । ଦେବାଶିଷ ପାଢ଼ୀ ଓ ସୁବାଷ ଭୋଇ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।



"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ



### ପ୍ରଥମ ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ ଆଥ୍ଲେଟ୍: ୨୦୦ ମିଟର ଦୌଡରେ ରେଖାଙ୍କୁ ରୌପ୍ୟ ପଦକ

**ସମ୍ବଲପୁର,୧୧।୯ (ବ୍ୟୁରୋ)**- ମାଲେସିଆର ପେନାଙ୍ଗ ସହରରେ ଚାଲିଥିବା ଏସିଆ- ପ୍ୟାସିଫିକ୍ ଆଥେଲେଟିକ୍ ଚାମ୍ପିୟନସିପରେ ଓଡିଶାର ରେଖା ଦେ ଦେଶର ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଛନ୍ତି । ମହିଳା ୪୦ବର୍ଷ ବର୍ଗ ୨୦୦ମିଟର ଦୌଡରେ ସେ ରୌପ୍ୟ ପଦକ ପାଇଛନ୍ତି । ପୂର୍ବରୁ ୧୦୦ ମିଟର ଦୌଡରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଓଡିଶା ମାଷ୍ଟର୍ସ ଗ୍ୟାଙ୍ଗ ଆସୋସିଏସନ୍‌ର ସମ୍ପାଦକ ଶିବ ମିଶ୍ର, ଯୁଗଳ ପ୍ରସାଦ ସିଂ, ଆନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ ସୁନ୍ଦରମଣୀ ବାରିକ ମଙ୍ଗଳବାର ରେଖାଙ୍କୁ ଫୋନ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି ।

### ଝାଡେଶ୍ୱରୀ କ୍ଲବ ଲିଗ୍ ଫୁଟବଲ: ଧମା ବିଜୟୀ

**ଧମା, ୧୧।୯ (ଡି.ଏନ.ଏ)**-ସ୍ଥାନୀୟ ମାଁ ଝାଡେଶ୍ୱରୀ କ୍ଲବ ପକ୍ଷରୁ ଲିଗ୍ ଫୁଟବଲ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ହୁମା, ଧମା, କେଉଁଟିପାଲି, ବାଲପୁର, ବଉଁମରା, ସାହାସପୁର, ଗୁଣ୍ଡେରପୁର ଓ ଦେଓଗାଁ ପ୍ରମୁଖ ୮ଟି ଦଳ ଅଂଶ ଗ୍ରହଣ କରୁଥିଲେ। ଏହି ପ୍ରତିଯୋଗିତାକୁ କ୍ଲବ ସଭାପତି ଅର୍ଶଦ ରାଜା ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରମାନନ୍ଦ ସିଠ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଧମା ଓ ହୁମା ମଧରେ ଖେଳା ଯାଇଥିଲା। ଏଥିରେ ଉଭୟ ଦଳ ମଧରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ହେଲେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଧମା ଦଳ ହୁମାକୁ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା। ଅରୁଣ ଭୋଇ, ଅଭିମନ୍ୟୁ ମହାନନ୍ଦ, ଯଶ୍ମିନ ଭୋଇ, ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ଗୋପିନାଥ ସେଠଙ୍କ ତତ୍ତ୍ୱାବଧାନରେ ସାରଥି ମୁଦୁଲି, ଉମାକାନ୍ତ ସେଠ, ସୁବୋଧ ଘୁଷି, ସତ୍ୟ ମେହେର ପ୍ରମୁଖ ସହଯୋଗ କରିଥିଲେ ।

### ୬ ଦଫା ଦାବିରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ

# ସରକାର ଆମ ସମସ୍ୟା ସମାଧାନ କର

**ରେଢ଼ାଖୋଲ, ୧୧।୯ (ଡି.ଏନ.ଏ.)**

୬ ଦଫା ଦାବି ନେଇ ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପରିକ୍ଷିତ ସାହୁଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୦୧୭ ସେପ୍ଟେମ୍ବର ୧ ତାରିଖରେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯିବା ନେଇ ଘୋଷଣା କରାଯାଇଥିଲା। ଏଥି ସହିତ ୨୦୧୮ ଜୁନ ମାସରୁ ସପ୍ତମ ପେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ଅଦ୍ୟାବଧି ପ୍ରଦାନ କରାଗଲା ନାହିଁ। ସେହିପରି ୨୦୧୮ ଏପ୍ରିଲ ୧୮ ତାରିଖ ଘୋଷଣା କରାଯାଇଥିବା ପୂର୍ଣ୍ଣ ଅନୁଦାନ ମଧ ଲାଗୁ କରାଗଲା ନାହିଁ। ଫଳରେ ଆଜିକୁ ୨୫ ଦିନ ଧରି ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀ ଅହୋରାତ୍ର ଧାରଣାରେ ବସି ରହିଛନ୍ତି ବୋଲି ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀ ମିଳିତ ସଂଘ ପକ୍ଷରୁ କୁହାଯାଇଛି। ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସର ଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ କରାଯିବା ଓ ୨୦୧୮ ଅନୁଦାନ ଆଇନ ଅନୁଯାୟୀ ୪୦, ୬୦ ଓ ୭୫ ପ୍ରତିଶତ ଦରମା ପାଉଥିବା ବିଦ୍ୟାଳୟର ନିର୍ଦ୍ଦେଶପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରାଯିବା, ସପ୍ତମ ବେତନ କମିଶନ ଲାଗୁ କରିବା, ଅନୁଦାନ ଦେବା ଆଳରେ ସତ୍ୟପାଠ ନିର୍ଦ୍ଦେଶାନାମା ପ୍ରତ୍ୟାହାର, ବକେୟା ଦରମା ପ୍ରଦାନ, ଚାକିରୀ କାର୍ଯ୍ୟକାଳ ୬୨ ବର୍ଷକୁ ବୃଦ୍ଧି ପ୍ରଭୃତି ୭ଦଫା ଦାବି ନେଇ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି । ଗତ ୬ ତାରିଖଠାରୁ ରେଢ଼ାଖୋଲ ବ୍ଲକର ୭ଟି ହାଇସ୍କୁଲ ଓ ୨ଟି କଲେଜରେ ଶିକ୍ଷକ ଅଧ୍ୟାପକମାନେ ତାଲା ପକାଇ ଆନ୍ଦୋଳନ କରୁଥିବା ଯୋଗୁଁ ପାଠ ପଢ଼ା ସଂପୂର୍ଣ୍ଣ ଠପ୍ ହୋଇଛି । ଏହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକର ହରିହରାନନ୍ଦ ହାଇସ୍କୁଲ, ଲୁହାପଙ୍କ ସନୁକବି ହାଇସ୍କୁଲ, କୁକୁଡାବାହାଲି, ତ୍ରୀବଣପୁର ହାଇସ୍କୁଲ, ସାନନୂଆପଡା ହାଇସ୍କୁଲ, ବ୍ରାହ୍ମଣୀପାଲି ହାଇସ୍କୁଲ, ଗରଗଡବାହାଲ ହାଇସ୍କୁଲ ଓ ବଡନୂଆପଡା ହାଇସ୍କୁଲ ସମେତ ଜୟ ଜଗନ୍ନାଥ କଲେଜ ବଡମାଲ ଓ ରେଢ଼ାଖୋଲ ମହିଳା କଲେଜରେ ତାଲା ପଡିଛି । ମହିଳା କଲେଜର ଅଧ୍ୟାପିକା ମମତା ବିଶ୍ୱା, କଳ୍ପନା ସାହୁ, ଡ. ମିନତୀ ଷଡଙ୍ଗୀ, ପୁଷ୍ପାଞ୍ଜଳି ସାମନ୍ତରାୟ, ବଡମାଳ କଲେଜର ଅଧ୍ୟାପକ ରାଜେଶ ଦାସ, ରତ୍ନମଣି ପ୍ରଧାନ, ଭୀମଭୋଇ କଲେଜର ଅଧ୍ୟାପକ ଅଞ୍ଜନ ମିଶ୍ର, ଶିକ୍ଷକ କୈଳାଶ ପ୍ରଧାନ, ସୁଶାନ୍ତ କୁମାର ମିଶ୍ର, ଗିରିଧାରୀ ସାହୁ, ସନ୍ତୋଷ କୁମାର ବେହେରା, ନବୀନ ବେହେରାଙ୍କ ସମେତ ବ୍ଲକର ୭ଟି ହାଇସ୍କୁଲ ଓ ୩ଟି କଲେଜର ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ଧାରଣାରେ ବସିଛନ୍ତି।




ଜମନକିରାରେ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ଦାବି ଜଣାଉଛନ୍ତି।



ନାକଟୀଦେଉଳରେ ଅଧ୍ୟାପକ ଓ ଶିକ୍ଷକମାନେ ଶୋଭାଯାତ୍ରାରେ ବାହାରିଛନ୍ତି।




ବାମରାରେ ଅଧ୍ୟାପକ ଓ ଶିକ୍ଷକମାନେ ହକ୍ ହାସଲ ପାଇଁ ଏକତ୍ରିତ ହୋଇଛନ୍ତି।




ରେଢାଖୋଲରେ ଶିକ୍ଷକ ଓ ଅଧ୍ୟାପକମାନେ ଧାରଣାରେ ବସିଛନ୍ତି।

**ନାକଟିଦେଉଳ,(ଡି.ଏନ.ଏ.)**– ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଶାଖା ପକ୍ଷରୁ ମଙ୍ଗଳବାର ୭ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମେଥୋଡିଅସ ଲାକ୍ରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ସୁଧୀର ସାହୁ ଏବଂ ଉଇଁଚା ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ ପଣ୍ଡା ନେତୃତ୍ୱ ନେଇଥିଲେ। ସଂଘର ସମସ୍ତ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନେ ସ୍ଥାନୀୟ ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ କନ୍ଦର୍ପ ରାଉଳ, ବିପିନ ବିହାରୀ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ସୁଶ୍ରୀତା ଭୋଇ, ଶରତ ମାଝୀ, ସଂଜୀବ କୁମାର ଦାସ, ହେମାନନ୍ଦ ପଧାନ, ମୁନି ସାହୁ, ସିଦ୍ଧେଶ୍ୱର ପ୍ରଧାନଙ୍କ ସମେତ ନାକଟୀଦେଉଳ ସ୍ନାତକ କଲେଜ, ବାଟଗାଁ କିସିଣ୍ଡା କଲେଜ, ସାହେବୀ, ଜାମୁଯୋରୀ, ସାଲେଭଟା, ବଳମ, ଫୁଲକୁସୁମଏବଂ ରାଧାଦେବୀ ହେଟମ ପୁରିଆ ବାଳିକା ଉଚ୍ଚବିଦ୍ୟାଳୟର ଅଧ୍ୟାପକ ଓ ଶିକ୍ଷକ କର୍ମଚାରୀମାନେ ସାମିଲ ହୋଇଥିଲେ।

**ରେଙ୍ଗାଲି,(ଡି.ଏନ.ଏ.)**–ରେଙ୍ଗାଲି ବ୍ଲକ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ, ଅଧ୍ୟାପକ ଏବଂ ଶିକ୍ଷା କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଏବିଡିଓ ରବୀନ୍ଦ୍ର ରଣାଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଷ୍ଟା ବ୍ଲକ ସମ୍ପାଦକ ଭଗବାନ ରାଉତ, ଜଗନ୍ନାଥ ପଣ୍ଡା, ଶ୍ରୀକାନ୍ତ ବିଶ୍ୱାଳ, ଅଧ୍ୟାପକ ନରେଶ ଅଗ୍ରୱାଲଙ୍କ ସହ ବହୁଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ବାମରା, (ସ୍ୱ.ପ୍ର.)**–ବାମରା ବିଇଓ ନରେନ୍ଦ୍ର କୁମାର ପଟେଲଙ୍କୁ ମଙ୍ଗଳବାର ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ, ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦନ କରାଯାଇଛି। ବ୍ଲକ ସଭାପତି ମିହିର କୁମାର ମାଝିଙ୍କ ନେତୃତ୍ୱରେ ସମ୍ପାଦକ କିଶୋର ଚନ୍ଦ୍ର ପାଣ୍ଡେ, ଇସି ମେମ୍ବର କେଶବ ଚନ୍ଦ୍ର ନାଏକ ରାଜେନ୍ଦ୍ର ଛତ୍ରିଆଙ୍କ ବ୍ୟତୀତ କେଶାଇବାହାଲ ପିଡି ଆର କଲେଜ ଅଧ୍ୟକ୍ଷ ଜୟପ୍ରକାଶ, ବିଡିଓ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ, ଜରାବଗା ପିଜି କଲେଜ ଅଧକ୍ଷ ସନ୍ତୋଷ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜରାବଗାର ପିଜି କଲେଜ ଅଧ୍ୟାପକ ବାବୁଲାଲ ପୂଜାରୀ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ମାନେଶ୍ୱର/ଧମା, (ଡି.ଏନ.ଏ.)**– ସମ୍ବଲପୁର ଅଧ୍ୟାପକ ଓ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ମାନେଶ୍ୱର ବିଡିଓ ପଙ୍କଜ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ବଲପୁର ଜିଲା ୬୬୨ବର୍ଗ କଲେଜ ସଭାପତି ଅଶୋକ ପୁରୋହିତ, ବ୍ଲକ ଓଷ୍ଟା ସମ୍ପାଦକ ଜୟଶଙ୍କର ପାଢୀ ନେତୃତ୍ୱ ନେଇଥିଲେ। ମୀନତା ପୂଜାରୀ, ଆଲ୍ଲାଦିନ ନାଥ, ଦୀନବନ୍ଧୁ ରଣା, ହିମାଂଶୁ ପାଣିଗ୍ରାହୀ, ବଳରାମ ପୁରୋହିତ, ଚିତ୍ତରଞ୍ଜନ ପୂଜାରୀ, ଅନୀଲ ଦାସ, ଅନ୍ତଯର୍ୟାମୀ ସାହୁ, ଦେବେନ୍ଦ୍ର ମିଶ୍ର,ଆଶିଷ ପୁରୋହିତ, ରବୀନ୍ଦ୍ର ଠାକୁର, ସତ୍ୟ ନାରାୟଣ ଦାସ, ଅନୀଲ ପ୍ରଧାନ , ନାରାୟଣ ପ୍ରଧାନ, ମାନସ ପଣ୍ଡା ପ୍ରମୁଖ ସାମିଲ ଥିଲେ।

**ଜମନକିରା, (ଡି.ଏନ୍.ଏ):** ଜମନକିରା ବ୍ଲକ୍ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଦାବିପତ୍ର ସ୍ଥାନୀୟ ବିଡ଼ିଓ ଅଜୟ କୁମାର ତିୱାରୀ ଏବଂ ଅନ୍ୟଏକ ଦାବିପତ୍ର ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୁଷମା ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ୍ ଗ୍ରାଣ୍ଡ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, କଲେଜ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହୋଇ ବିକ୍ଷୋଭ ସଭା କରିଥିଲେ। ଅରୁଣ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଜ୍ୟୋସ୍ନାରାଣୀ ଦଳବେହେରା, ଭୋଜପୁରର କୁମରମଣୀ ପଟେଲ, ସୁବାଷିନୀ ଶତପଥୀ, ଧୁଡ଼ିପାଲି ହାଇସ୍କୁଲର ଉପେନ୍ଦ୍ର ପଟେଲ, ବୁଦେଲକାନୀ ପ୍ରଶାନ୍ତ ପଟେଲ, ଶଶିନାଥ ନାଏକ, ଅରୁଣା ମିଶ୍ର, ପ୍ରଦୀପ ପଣ୍ଡା, ମଧୁମିତା ବହିଦାର, ଅନିତା ପଟେଲ, ଡଲି ପଟେଲ, ଘାସିରାମ ବାରିକ, ରମେଶ କୁମାର ରାଉତ, ରଞ୍ଜନ କୁମାର ମହାକୁଲ, ମୁକୁଲ ବେହେରା, ବିରେନ ସାହୁ, ରୁଦ୍ରନାରାୟଣ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ପାଇଁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଲେ କୈବଲ୍ୟ

**ଜମନକିରା, ୧୧।୯ (ଡି.ଏନ୍.ଏ.)**

ଜମନକିରାର ମିତ୍ରଭାନୁ ସାହୁଙ୍କ ପୁଅ କୈବଲ୍ୟ ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ରାଜଗାଙ୍ଗପୁର ଡାଲମିଆଁ ମହାବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୩ ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ରଭାବେ ପରୀକ୍ଷା ଦେଇଥିଲେ। ସେ ଜଣେ ମେଧାବୀ ଛାତ୍ର। ଛୋଟ ବେଳୁ ହିଁ ପ୍ରଥମ ଶ୍ରେଣୀରେ ସଦାବେଳେ ପାସ୍ କରି ଆସୁଥିଲେ। ୨୦୧୬ ମସିହାରେ ଉଚ୍ଚ ଶିକ୍ଷା ପାଇଁ ଡାଲମିଆଁ କଲେଜରେ ନାମ ଲେଖାଇଥିଲେ। ହେଲେ ଚଳିତ ବର୍ଷ ସ୍ନାତକ ଶେଷ ବର୍ଷ ପରୀକ୍ଷାରେ ଗଣିତ ବିଷୟକୁ ଛାଡ଼ି ଅନ୍ୟ ସମସ୍ତ ବିଷୟରେ ଭଲ ନମ୍ବର ରଖିଥିଲେ। ମାତ୍ର ରିଜଲ୍ଟ ବେଳେ ସେ ଗଣିତରେ ଶୂନ ନମ୍ବର ରଖିଥିବା ଯୋଗୁ ପରୀକ୍ଷାରେ ଫେଲ୍ ପ୍ରକାଶିତ ହୋଇଥିଲା। କୈବଲ୍ୟ ସହଜରେ ଏହି ରେଜଲ୍ଟକୁ ବିଶ୍ୱାସ କରିପାରି ନ ଥିଲେ। ଅନ୍ୟ ଛାତ୍ରୀଛାତ୍ରଙ୍କ ଠାରୁ ସବୁବେଳେ ଅଧିକ ନମ୍ବରରେ ପାସ କରୁଥିବା କୈବଲ୍ୟ ଏହି ରେଜଲ୍ଟରେ ମର୍ମାହତ ହୋଇପଡ଼ିଥିଲେ।ଏକଥା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଆଶ୍ୱସନା ଦେଇଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ କୈବଲ୍ୟଙ୍କୁ ନେଇ ବିଶ୍ୱବିଦ୍ୟାଳୟରେ ଅଭିଯୋଗ କରିଥିଲେ। ଏ କଥାକୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ କର୍ଣ୍ଣଗୋଚର କରି ନ ଥିଲେ। ସମୟ ଗଡ଼ି ଯାଇଥିବା ବେଳେ ଛାତ୍ର ଜଣକ ମାନସିକ ଅବସାଦରେ ଥିଲେ। ପରିବାର ଲୋକେ ପରେ ବାଧ୍ୟ ହୋଇ ପୁନଃ ମୂଲ୍ୟାଙ୍କନ ପାଇଁ ଫି ଦାଖଲ କରି ମୂଲ୍ୟାଙ୍କନ କରାଇଥିଲେ। ଆବେଦନ କରିବା ୧୫ ଦିନ ପରେ ପରୀକ୍ଷା ଫଳ ବାହାରିଥିଲା। ସେଥିରେ ସେ ଗଣିତରେ ୭୬ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ ଘୋଷିତ ହୋଇଥିଲେ। ପରୀକ୍ଷା ଫଳ ବାହାରିଲା ବେଳକୁ ସମସ୍ତ ଉଚ୍ଚ ଶିକ୍ଷା ପାଇଁ ଆବେଦନ ତାରିଖ ଶେଷ ହୋଇସାରିଥିଲା। ଗରିବ ପରିବାରରୁ ଆସିଥିବାରୁ ବାହାରକୁ ଉଚ୍ଚ ଶିକ୍ଷାପାଇଁ ଯିବା ଲାଗି ତାଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଷ୍ଟାଫ୍ ସିଲେକ୍ସନ ଓ ରେଲୱେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏବେ ତାଙ୍କ ବାପା ମିତ୍ରଭାନୁ ସାହୁ ଓ ପରିବାରର ଚିନ୍ତା ବଢିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱ ହୀନତା ଯୋଗୁ ଜଣେ ନିରୀହ ଗରିବ ମେଧାବୀ ଛାତ୍ରର ଭବିଷ୍ୟତ ଅନ୍ଧାର ହୋଇପଡ଼ିଥିବା ବେଳେ ପୁଅର ଏଭଳି ଅବସ୍ଥା ପରିବାରର ମୁଣ୍ଡବ୍ୟଥାର କାରଣ ସାଜିଛି ।



କୈବଲ୍ୟ ସାହୁ।

# ଧନକଉଡା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ସମ୍ବଲପୁର,୧୧।୯ (ବ୍ୟୁରୋ)**

ବୁଢ଼ାରଜା ନୋଡାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ଧନକଉଡା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିବନ୍ଧା ଗର୍ଲ୍ସ ହାଇସ୍କୁଲ ଛାତ୍ରୀ ବର୍ଷାରାଣୀ ଶତପଥୀ ପ୍ରଥମ, ଏସଏସଡି ଗର୍ଲ୍ସ ହାଇସ୍କୁଲର ରୀତା ଦେବୀ ଦ୍ୱିତୀୟ ଓ ଶ୍ରୀଗଣେଶ ଗର୍ଲ୍ସ ହାଇସ୍କୁଲର ସ୍ନିଗ୍ଧାରାଣୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜିଲାସ୍ତରୀୟ ବିଜ୍ଞାନ ସେମିନାରେ ଭାଗ ନେବେ। ତେବେ ବିଚାରକ ଭାବେ ଉଦିତ ଚନ୍ଦ୍ର ପାଢୋଯୋଶୀ, ସଂଗୀତା ବେହେରା ଯୋଗ ଦେଇଥିଲେ । ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁରଲୀଧର ବେହେରାଙ୍କ ଅଧକ୍ଷତାରେ ସେମିନାର ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା ମୁଖ୍ୟଅତିଥି ଓ ବୁଢ଼ାରଜା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଧନକଉଡା ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପଦ୍ମିନୀ ନାୟକ, ଶିକ୍ଷକ ହରିନାରାୟଣ ପଣ୍ଡା ସହଯୋଗ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବିଜ୍ଞାନ ସେମିନାରରେ ବିଚାରକଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି ଛାତ୍ରୀ ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ନର



@ ଭୀଷ୍ମଦେବ



@ ଉଦୟ



@ ସୌମ୍ୟରଞ୍ଜନ



@ ଉତ୍ତମ



@ ମଞ୍ଜୁ

**ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଅଙ୍ଗନୱାଡି କର୍ମୀଙ୍କୁ ଅପହରଣ ପରେ ଗଣବଳାତ୍କାର

- ସୀମା ଟପିଲା ବର୍ବରତା
- ୨ ମାସର ଗର୍ଭବତୀ ଥିଲେ ପୀଡ଼ିତା
- ଧରାପଡ଼ିଲେ ୩ ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୧୧।୯**

'ପେଟରେ ଦୁଇ ମାସର ଛୁଆ। କାକୁତି ମିନତି ହେଲି। ଗୋଡ଼ ଧରିଲି। ଛାଡ଼ି ଦେବାକୁ ନେହୁରା ହେଲି। କେହି ଶୁଣିଲେନି। ଯନ୍ତ୍ରଣାରେ ଛଟପଟ ହେଉଥିଲି। ତଥାପି ସମସ୍ତେ ନିର୍ଦ୍ଦୟ ହୋଇଗଲେ।' ଏ ହେଉଛି ଅପହରଣ ପରେ ଗଣବଳାତ୍କାରର ଶିକାର ହୋଇଥିବା ଅଙ୍ଗନୱାଡି କର୍ମୀଙ୍କ ଲୋମଟାଙ୍କୁରା ବୟାନ, ଯାହା ବଖାଣୁଛି ଅଭିଯୁକ୍ତଙ୍କ ବର୍ବରତା। ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ସୋମବାର ରାତିରେ ଘଟିଥିବା ଏଭଳି ଘଟଣା ସଭ୍ୟ ସମାଜକୁ ଦୋହଲାଇ ଦେଇଥିବାବେଳେ ରାଜ୍ୟବ୍ୟାପୀ ସୃଷ୍ଟି କରିଛି ଆଲୋଡ଼ନ।

ଅନ୍ୟପଟେ ଏପରି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇଛି ପୋଲିସ। ରାତି ତମାମ ଚଢ଼ାଉ, ମୋବାଇଲ ଟ୍ରାକିଂ ପରେ ଧରାପଡ଼ିଛନ୍ତି ୩ ଅଭିଯୁକ୍ତ। ସେମାନେ ହେଲେ ଯୋରନ୍ଦା ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ ଓରଫ୍ ପାପୁନି (୩୮), ଆଡିଣ୍ଡା ଗ୍ରାମର ଗୋବିନ୍ଦ ପ୍ରଧାନ (୩୦), ଅନ୍ତର ଦାସ (୩୦)ଙ୍କୁ ପୋଲିସ ଗିରଫ କରିଛି। ଅପହରଣରେ ବ୍ୟବହୃତ କାର୍ (ଓଆର ୦୨ ଏକ୍ୟୁ ୭୯୧୫)କୁ ଜବତ କରାଯାଇଛି। ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ବୟାନ ରେକର୍ଡ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧର ପୀଡ଼ିତାଙ୍କୁ ଚାକିରି କରାଇ ଦେଇଥିଲେ। ଏଥିଲାଗି ବିଭିନ୍ନ ସମୟରେ ଧମକ ଚମକ ଦେବା ସହ ୫ ଲକ୍ଷ ଟଙ୍କା ମାଗୁଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଗଁଦିଆ ବ୍ଲକ ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅପରାହ୍ଣ ୪ଟାରେ ଅଙ୍ଗନୱାଡି ସୁପର ଭାଇଜର ବୈଠକ ଡାକିଥିବା ନେଇ ଅଙ୍ଗନୱାଡି କର୍ମୀଙ୍କ ସମ୍ପର୍କୀୟ ସୂଚନା ଦେଇଥିଲେ। ଏହାପରେ ମହିଳାଜଣକ ନିଜ ଭାଇଙ୍କ ସହ ସ୍କୁଟିରେ ଯୋରନ୍ଦା ଯାଇଥିଲେ। ହେଲେ ସେଠାରେ କୌଣସି ମିଟିଂ ନ ଥିବା ଜାଣିବାକୁ ପାଇଥିଲେ। ଅପରାହ୍ଣ ସାଢ଼େ ୫ଟାରେ ଭଉଣୀଭାଇ ଘରକୁ ଫେରୁଥିବାବେଳେ ଖରିଆଗୋଠି ନିକଟରେ ସମ୍ପୃକ୍ତ ୩ ଅଭିଯୁକ୍ତ ଏକ କାର୍‌ରେ ଆସି ସ୍କୁଟିକୁ ଧକ୍କା ମାରିଥିଲେ। ଉଭୟେ ତଳେ ପଡ଼ିଯାଇଥିଲେ। ସେମାନେ ଭାଇଙ୍କୁ ୫ ଲକ୍ଷ ଟଙ୍କା ମାଗିବା ସହ ନିସ୍ତୁକ ପିଟିଥିଲେ। ଏହାପରେ ଅଙ୍ଗନୱାଡି କର୍ମୀଙ୍କୁ କାରରେ ଜବରଦସ୍ତି ବସାଇ ନେଇଯାଇଥିଲେ। ଏ ସମ୍ପର୍କରେ ମହିଳାଙ୍କ ଭାଇ ଯୋରନ୍ଦା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ମହିଳାଙ୍କୁ ଉଦ୍ଧାର କରିବାକୁ ତତ୍ପରତା ଦେଖାଇଥିଲା। ଗଁଦିଆ ଥାନାଧିକାରୀ ନିରୁପମା ଜେନା, ଯୋରନ୍ଦା ଫାଣ୍ଡି ଅଧିକାରୀ ଗୋପୀନାଥ ବଳିଆରସିଂ ସଦଳବଳ ଅଭିଯୁକ୍ତଙ୍କୁ ଧରିବାକୁ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ମୋବାଇଲ ଟ୍ରାକିଂ କରି ମଙ୍ଗଳବାର ଭୋରରୁ ୩ ଅଭିଯୁକ୍ତଙ୍କୁ ସଦର ଥାନା ଗହମଖୁଣ୍ଟି-କୁକୁଡ଼ାଝର ଫାର୍ମ ହାଉସରୁ ଗିରଫ କରାଯାଇଛି। ସେମାନଙ୍କ ବୟାନ ଆଧାରରେ କାଲୁରିଆ ଗ୍ରାମ ମନ୍ଦିର ନିକଟରୁ ଅଙ୍ଗନୱାଡି କର୍ମୀଙ୍କୁ ଉଦ୍ଧାର କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାମୀ, ଭାଇ ଏ ନେଇ ଗଁଦିଆ ଥାନାରେ ଅଭିଯୋଗ କରିଛନ୍ତି। ଫାର୍ମ ହାଉସରେ ଅଭିଯୁକ୍ତମାନେ ମହିଳାଙ୍କୁ ଗଣ ବଳାତ୍କାର କରିଥିବା ଏତଲାରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୩୩/୧୮, ଦଫା ୩୪୧, ୨୯୪, ୩୨୩, ୩୮୪, ୩୭୬ (ଏ), ୩୭୬, ୫୦୬, ୩୪ ଓ ୩ ଏସ୍‌ସି/ଏସ୍‌ଟି ଆକ୍ଟରେ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଫିସର ଡିଏସ୍‌ପି ସୁବାସ ସାହୁଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା କୁହନ୍ତି, ପୀଡିତାଙ୍କ ବୟାନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଗିରଫ ୩ ଅଭିଯୁକ୍ତ

# ଧାମରାରେ ହେବ ବାଣିଜ୍ୟିକ ବିମାନ ବନ୍ଦର

## ଜମି ଯୋଗାଡ଼ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ଧାମରାଠାରେ ଏକ ବାଣିଜ୍ୟିକ ବିମାନ ବନ୍ଦର ସ୍ଥାପନ ହେବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବନ୍ଦର ବିକାଶ କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଧାମରାଠାରେ ଏକ ଉଚ୍ଚ ମାନର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବାକୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଧାମରା ଠାରେ ବନ୍ଦର ଭିତ୍ତିକ ଶିଳ୍ପ ସ୍ଥାପନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜମି ଯୋଗାଡ କରିବା ନିମନ୍ତେ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାମୁଝାଡି- ଧାମରା ରାସ୍ତାର ପ୍ରଶସ୍ତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରିବାକୁ ମୁଖ୍ୟ ଶାସନ ସଚିବ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାମରା ଅଞ୍ଚଳରେ ଏକ ଥାନା ଓ କମ୍ୟୁନିଟି ହସ୍ପିଟାଲ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆବଶ୍ୟକ ପ୍ରଶାସନିକ ଓ ବୈଷୟିକ ସହାୟତା କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଦର କର୍ତ୍ତୃପକ୍ଷଙ୍କ ସହାୟତାରେ ଧାମରାଠାରେ କେନ୍ଦ୍ରୀୟ ମାଧ୍ୟମିକ ବୋର୍ଡ ଅନୁମୋଦିତ ଏକ ଉଚ୍ଚମାନର ସ୍କୁଲ ପ୍ରତିଷ୍ଠା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବନ୍ଦର କର୍ତ୍ତୃପକ୍ଷ ଗତ ୪ ବର୍ଷ ମଧ୍ୟମରେ ୧୯ କୋଟି ଟଙ୍କା ବିନିଯୋଗ କରିଛନ୍ତି ବୋଲି ବନ୍ଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁବ୍ରତ ତ୍ରିପାଠୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଧାମରା ବନ୍ଦର ନିର୍ମାଣ ଓ ବିକାଶରେ କମ୍ପାନୀ ୮ ହଜାର କୋଟି ବିନିଯୋଗ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବନ୍ଦରରେ ୨୫ ନିୟୁତ ଟନ ପଣ୍ୟ କାରବାର କ୍ଷମତା ବିଶିଷ୍ଟ ଦୁଇଟି ବର୍ଥ ରହିଛି। ୧୮ କି.ମି ପର୍ଯ୍ୟନ୍ତ ନାଭିଗେସନ ଚ୍ୟାନେଲ ପ୍ରସ୍ତୁତ କରାଯାଇଛି। ୬୨ କି.ମି. ବାଣିଜ୍ୟ କରିଡୋର ରେଳଲାଇନ ନିର୍ମାଣ। ୨୦୧୭-୧୮ରେ ଏହି ବନ୍ଦର ମାଧ୍ୟମରେ ସମୁଦାୟ ୨୧.୪୩ ନିୟୁତ ଟନର ଆମଦାନୀ ରପ୍ତାନୀ କରାଯାଇଛି। ଧାମରାକୁ ଏକ ବନ୍ଦର ଭିତ୍ତିକ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ବିକଶିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ୫୦୦ ଏକର ଓ ବିମାନବନ୍ଦର ପାଇଁ ୪୪୪ ଏକର ଜମି ଚିହ୍ନଟ କରାଯାଇଛି ବୋଲି ଭଦ୍ରକ ଜିଲାପାଳ ଜ୍ଞାନ ରଞ୍ଜନ ଦାଶ ଭିଡିଓ କନଫରେନ୍ସିଂ ବେଳେ ସୂଚନା ଦେଇଛନ୍ତି। ଧାମରା ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ଜବରଦଖଲ ମୁକ୍ତ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ସ୍ୱତନ୍ତ୍ର ସଚିବ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୋଲିସ-ଅପରାଧୀ ଗୁଳି ବିନିମୟ

- ଉଭୟ ପକ୍ଷରୁ ୨ ରାଉଣ୍ଡ ଲେଖାଏଁ ଫାୟାରିଂ
- ବର୍ତ୍ତିଗଲେ ଥାନା ଅଧିକାରୀ, ଏସ୍‌ଆଇ
- କୁଖ୍ୟାତ ଅପରାଧୀ ଜିତୁ ଗିରଫ
- ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ୨ ଖୋକା ଜବତ



ଗିରଫ ଅଭିଯୁକ୍ତ।



ଜବତ ହୋଇଥିବା ବନ୍ଧୁକ, ଗୁଳି।

**ଜୟପୁର,୧୧।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସହରରେ ମଙ୍ଗଳବାର ଭୋର୍‌ବେଳକୁ ଅଶାନ୍ତ କରିଛି ଗୁଳି ବିନିମୟ। ପୋଲିସ ଓ ଅପରାଧୀଙ୍କ ଭିତରେ ହୋଇଥିବା ଫାୟାରିଂରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ୨ ଜଣ ଥାନା ଅଧିକାରୀ। ଅପରାଧୀଙ୍କ ଗୁଳି ପୋଲିସ ଗାଡ଼ିରେ ବାଜିଛି। ଫାୟାରିଂ ପରେ ପୋଲିସ ଜଣେ କୁଖ୍ୟାତ ଅପରାଧୀଙ୍କୁ କାବୁ କରିବାରେ ସଫଳ ହୋଇଛି।

ସୂଚନା ଅନୁଯାୟୀ, ଜୟପୁର ସହର ନିକଟସ୍ଥ ବାଇପାସ ରୋଡ୍‌ର ପୁରୁଣାଗଡ଼ ନିକଟରେ କେତେକ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ମଙ୍ଗଳବାର ଭୋର ସମୟରେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ଓ ଏସ୍‌ଆଇ ଶିବଶଙ୍କର ସାହୁ ଗୋଟିଏ ଟିମ ସହ ସେଠାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଗୁଳି ଚଳାଇବାରୁ ସୌଭାଗ୍ୟବଶତଃ ତାହା ପୋଲିସ ଗାଡ଼ିରେ ବାଜିଥିଲା। ସେମାନଙ୍କ ୨ ରାଉଣ୍ଡ ଗୁଳିମାଡ଼ର ଜବାବରେ ପୋଲିସ ମଧ୍ୟ ୨ ରାଉଣ୍ଡ ଗୁଳି ଚଳାଇଥିଲା। ପରେ ପୋଲିସ ଗୋଡ଼ାଇ ଗୋଡ଼ାଇ କୁଖ୍ୟାତ ଅପରାଧୀ ଜିତୁ କଣା ଏଲିୟସ ଶିବଶଙ୍କର ପାଣିଗ୍ରାହୀ (୨୩)ଙ୍କୁ କାବୁ କରିଥିଲା। ଅନ୍ୟ ଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ଜିତୁଙ୍କ ନାମରେ ଜୟପୁର ଟାଉନ ଥାନାରେ ୧୦ରୁ ଅଧିକ ଚୋରି, ଡକାୟତି ମାମଲା ରହିଛି। ତାଙ୍କଠାରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୭.୬୫ ଏମ୍‌ଏମ୍‌ର ଜୀବନ୍ତ ଗୁଳି ଏବଂ ଘଟଣାସ୍ଥଳରୁ ୨ଟି ଖୋକା ଜବତ କରିଛି ପୋଲିସ। ଏନେଇ ପୋଲିସ କେସ୍ ନଂ ୨୫୭/୧୮ରେ ଏକ ମାମଲା ରୁଜୁ କରିଛି। ଗତ ୧୮ ତାରିଖ ଗୋପବନ୍ଧୁ ନଗରରେ ଡକାୟତି ଯୋଜନା ବେଳେ ପୋଲିସ ପହଞ୍ଚିବାରୁ ଜିତୁ ହିଁ ଗୁଳି ଚଳାଇ ସେଠାରୁ ଚମ୍ପଟ ମାରିଥିଲେ। ସେହି ସମୟରେ ବି ପୋଲିସ ଓ ଅପରାଧୀଙ୍କ ଭିତରେ ୪ ରାଉଣ୍ଡ ଗୁଳି ବିନିମୟ ହୋଇଥିବା ବେଳେ ଅଳ୍ପକେ ପୋଲିସ ବର୍ତ୍ତିଥିଲା। ଜିତୁଙ୍କ ଘର ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗାଁ ହୋଇଥିବା ବେଳେ ଘଟଣାସ୍ଥଳରୁ ଫେରାର ହୋଇଥିବା ଅପରାଧୀ ଜଣକ ମାଲକାନଗିରି ଜିଲାର ବୋଲି ପୋଲିସ ସୂଚନା ପାଇଛି। ଗତ ଏକ ମାସ ମଧ୍ୟରେ ସହରରେ ୨୭ ଜଣ ଅପରାଧୀଙ୍କୁ ଡକାୟତି ଉଦ୍ୟମ ଏବଂ ପୁରୁଣା ମାମଲାରେ ଟାଉନଥାନା ପୋଲିସ ଗିରଫ କଲାଣି

# ଋଣ ଭାର ପାଇଁ ବିଷ ପିଇ ଜୀବନ ହାରିଥିବା ଅଭିଯୋଗ

ବୁର୍ଲା,୧୧।୯(ଡି.ଏନ.ଏ.)

ବିଷ ପିଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଏହି ଯୁବକ ଜଣକ ହେଲେ ବରଗଡ ବନବାସପାଲ ଗ୍ରାମର ଭାଗିରଥୀ ସାହୁଙ୍କ ପୁଅ ନେତ୍ରା ସାହୁ (୩୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସକୁ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ନେତ୍ରା ବିଭିନ୍ନ ଲୋକଙ୍କଠାରୁ ଧାର କରଜ କରି ଚାଷ କରିଥିଲେ । ଭଲ ଫସଲ ହୋଇ ନ ଥିବାରୁ କରଜ ପରିଶୋଧ କରିପାରି ନ ଥିଲେ । ଫଳରେ ମାନସିକ ଅବସାଦରେ ଥିଲେ। ଏଣୁ ଗତ ୯ ତାରିଖ ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି।

# ପକେଟରୁ ପୁଅ ଟଙ୍କା ନେଇଯିବାରୁ ବୃଦ୍ଧଙ୍କ ଆତ୍ମହତ୍ୟା

**ବୁର୍ଲା, ୧୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଭାଲଦହର ଗ୍ରାମର ମୁରଲୀ ମହାନନ୍ଦ (୬୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ତଥ୍ୟ ଅନୁସାରେ ତାଙ୍କ ପକେଟରୁ ପୁଅ ଟଙ୍କା ନେଇ ଖର୍ଚ୍ଚ କରି ଦେଇଥିଲେ। ଏଥିରେ ରାଗି ଯାଇ ସେ ବିଷ ପିଇ ଦେଇଥିଲେ।

## ଚାଷୀଙ୍କ ଜମି ଇଡ୍‌କୋ ନାମରେ ରେକର୍ଡ

# ଧାରଣାରେ ବସିଲେ ରେମୁଣା ବିଧାୟକ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୯ଟି ଗ୍ରାମର ୧୦୯୯ ଏକର ଜମି ୨୦୧୧ରୁ ଇଡ୍‌କୋ ନାମରେ ରେକର୍ଡ ଭୁକ୍ତ ହୋଇଯାଇଛି। ଜମି ହରାଇଥିବା ଲୋକମାନେ ସେମାନଙ୍କର ପିଲାମାନଙ୍କ ପାଠ ପଢିବା ପାଇଁ ଉକ୍ତ ଜମିକୁ ବ୍ୟବହାର କରିପାରୁ ନାହାନ୍ତି। ଏହାକୁ ନେଇ ରେମୁଣା ଭାଜପା ବିଧାୟକ ଗୋବିନ୍ଦ ଦାସ ବିଧାନସଭା ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେ କହିଥିଲେ ଯେ ଚାଷୀଙ୍କୁ କୌଣସି ପ୍ରାପ୍ୟ ନ ଦେଇ କିପରି ଜମି ଇଡ୍‌କୋ ନାମରେ ହୋଇଛି। ନିଜ ଜମିକୁ ସେମାନେ କୌଣସି କାର୍ଯ୍ୟରେ ବ୍ୟବହାର କରିପାରୁ ନାହାନ୍ତି। ଚାଷୀମାନଙ୍କୁ ସେମାନଙ୍କ ଜମି ତୁରନ୍ତ ଫେରାଇ ଦିଆଯାଉ। ବାଚସ୍ପତି ଏ ନେଇ ସରକାରଙ୍କୁ ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ। ବାଚସ୍ପତି ତାଙ୍କ କଥାକୁ କର୍ଣ୍ଣପାତ ନ କରିବାରୁ ସେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଧାରଣା ଦେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୋବିନ୍ଦଙ୍କୁ ନିଜ ସିଟ୍‌କୁ ଫେରିଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେ ତାଙ୍କ କଥାକୁ ଗ୍ରହଣ ନ କରି ଧାରଣାରେ ବସି ରହିଥିଲେ। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ପଏଣ୍ଟ ଅଫ ଅର୍ଡର ଜରିଆରେ ଗୋବିନ୍ଦଙ୍କ ଦାବି ଉପରେ ମନ୍ତ୍ରୀ ଆଲୋଚନା କରିବାକୁ ରୁଲିଂ ଦେବା ସକାଶେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ରୁଲିଂ ଦେବା ପରେ ଗୋବିନ୍ଦ ଧାରଣାରୁ ହଟି ଯାଇଥିଲେ।

ଧରିତ୍ରୀ DHARITRI **CAREER APPOINTMENT** every Wednesday & Saturday

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

19 VACANCY IN MNC
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ଜୁନିୟର କୁକ୍ / ଗ୍ରାଜୁଏଟ ଇଂଲିଶ୍ କହିପାରୁଥିବା ଅଫିସ ଆସିଷ୍ଟାଣ୍ଟ / ବ୍ୟକ୍ତିଗତ ସେବକ /
ବେତନ: ୧୨୦୦୦-୧୭୦୦୦
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ,
9884761210

DRIVER REQUIRED
12/14 ଚକିଆ Truck ଏବଂ Fly Ash Bulker ଚଳାଇବା ପାଇଁ ଅନ୍ୟୁନ 5 ବର୍ଷର Experience ଥିବା Driver ଆବଶ୍ୟକ।
Contact: 9078356411

WANTED
Indian/ Chinese **COOK** for Hotel at Puri.
Contact:
9776331667

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OPENING NEW OFFICE
No Donation / No Experience
ଏକ ବହୁରାଷ୍ଟ୍ରୀୟ Book Sales Company ତାର Bhubaneswar Office ରେ ୪୫ ଜଣ କର୍ମଚାରୀ Selection କରୁଅଛି ।
ଯୋଗ୍ୟତା : 10th to Graduation Monthly Income- 7500/-, 9600/-, 15000/- ଏବଂ ରହିବା ସୁବିଧା । ଆସନ୍ତା ୪ ଦିନ ମଧ୍ୟରେ Bio-data ସହ ସାକ୍ଷାତ କରନ୍ତୁ । (Sunday Open for Interview)
The Manager (MICRO EXPANSION)
N/6-315, Jaydev Vihar
Bhubaneswar. Ph- 9238100178

REQUIRED
Well Educated Trained Teacher for CBSE play group to STD 2, SST, Hindi Teacher required for STD III to STD X for MDKs Coaching Centre, Satya Vihar, Rasulgarh, BBSR-10.
CONTACT:
9439177325, 9937160598

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

# ଫସଲ ବୀମା ପାଇଁ ଫସିବ ପ୍ରଶାସନ

**ସମ୍ବଲପୁର, ୧୧।୯(ବ୍ୟୁରୋ)**

ଚାଷୀଙ୍କ ପାଇଁ ଆତ୍ମଘାତୀ ହୋଇଛି ପ୍ରଶାସନ ଓ ବୀମା କମ୍ପାନୀର ଚାଲ୍। ବାରମ୍ବାର ଦାବି, ଆନ୍ଦୋଳନ ପରେ ମଧ୍ୟ ବାକି ରହିଛି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି । ପ୍ରଧାନମନ୍ତ୍ରୀ ଫସଲ ବୀମା ଫେଲ୍ ମାରିଛି । ଫସଲ ବୀମା ପ୍ରଦାନରେ ସାରା ରାଜ୍ୟରେ ତ୍ରୁଟି ଦେଖା ଦେଇଛି । ରାଜ୍ୟ ଓ କେନ୍ଦ୍ର ସରକାର ଏହା ଉପରେ ଗୁରୁତ୍ୱ ନ ଦେଲେ ପରିଣାମ ଭୟଙ୍କର ହେବ। ୧୦ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ପଶ୍ଚିମ ଓଡିଶାର ସମସ୍ତ କୃଷକ ସଂଗଠନ ଓ ଚାଷୀ ଆନ୍ଦୋଳନ କରିବେ। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପଶ୍ଚିମଓଡିଶା ସ୍ତରୀୟ ଚାଷୀ ସଂଗଠନ ବୈଠକରେ ଏଭଳି ଅଭିଯୋଗ କରାଯାଇ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଲିଙ୍ଗରାଜ, ପ୍ରଦୀପ କୁମାର ସ୍ୱାଇଁ, ଜୟକୃଷ୍ଣ ସାହୁ, ଶକୁନ୍ତଳା ମହାପାତ୍ର, ପଞ୍ଚାନନ ପ୍ରଧାନ, ମୁରାରୀ ପ୍ରସାଦ ପୁରୋହିତ, ଲିଙ୍ଗରାଜ ଆଜାଦ, ବାଳକୃଷ୍ଣ ମିଶ୍ର, କୁଶଧ୍ୱଜ ଚୌଧୁରୀ, ଦେବ ବିହାରୀ ପରିଡା, ପ୍ରମୋଦ ଝାଙ୍କର, ବ୍ୟୋମକେଶ ଠାକୁର, ଚନ୍ଦ୍ରଶେଖର ପଣ୍ଡା, ନରେନ୍ଦ୍ର ମିଶ୍ର, ସଂଜୀବ ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

### NOTICE INVITING TENDER

Sealed Tenders are invited by the undersigned from registered order Suppliers/ Manufacturers / their Authorized Dealers / having valid Licence (Electrical and Labour), I.T PAN No and GST Registration Certificate for **Tender Call No. : 16 (A)** Black painting of 307 Nos. of towers in 220KV Jayanagar-Balimela SC Line including 20 Nos. of Tension points of 220KV Jayanagar-Balimela DC Line. **(B)** Supply of different materials for Grid S/s Balimela / Umerkote. **Cost of tender papers :** Rs.2,240.00 (non-refundable) in shape of Cash . **EMD :** @ 1% of quoted value. **Sale of tender documents :** from Dt.07.09.2018 to upto 11:30 AM of Dt.15.09.2018. **Last date of submission of tender :** on or before Dt.15.09.2018 upto 5:00PM. **Tenders will be opened :** on Dt.17.09.2018 at 12:30 PM.

**Corrigendum, if any, will be published in the website only.**

Sd/-
DGM (Ele.)

Please connect us: optcl.odisha optcl_odisha energyodisha

## Food Corporation of India, Regional Office, Bhubaneswar

Cont. 15 (353)/2018/KUR Date : 11.09.2018

### INVITATION FOR E-TENDER

On behalf of FCI, Odisha Region online tenders are invited from eligible tenderer for appointment of regular Internal Transport Contractor(s) for internal transportation of food grains at FSD, Khurda Road for a period of two years. The tender documents containing detailed terms and conditions can be obtained from **https://eprocure.gov.in / eprocure/app** or FCI website : **www.fci.gov.in.**

**GENERAL MANAGER (ODISHA)**

## ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

A GOVT. OF ODISHA UNDERTAKING
Office Of The General Manager (Electrical) EHT (O & M) Circle, Berhampur, Ganjam, Ph.0680-2291905,
e-Mail : ehtm.cle.bam@optcl.co.in, CIN:U40102OR2004SGC007553

Advt. No.04/2018-19

### NOTICE INVITING TENDER

For and on behalf of OPTCL sealed tenders are invited from **A)** Manufacturers/Suppliers having valid I.T. PAN, GST registration No. for supply of Bentonite compound in powder form required for 220/132/33KV Grid Sub-Station, Narendrapur and **B)** Electrical Contractors having valid HT/MV License, I.T. PAN, GST etc. for Electrical Wiring of rest shed at 132/33 KV Grid Sub-Station, Balugaon separately. **Commencement of Sale of Tender Paper :** From Dated 12.09.2018 to Dated 29.09.2018 up to 5.00PM. **Last Date of Submission of Tender Paper:** Dated 01.10.2018 up to 2.00 PM. **Date of Opening of Tender Paper :** Dated 01.10.2018 at 3.00 PM. **Cost of Tender Paper :** Rs.4,000+ GST @12% = Rs.4,480/- each for A & B separately. For details please visit our website **www.optci.co.in**. Corrigendum if any will be published in the website only.

***General Manager (Elect.)***

## DISTRICT ELECTION OFFICE, KHORDHA
## TENDER CALL NOTICE

**No. 324/Dt. 10.09.2018**

Sealed tenders in the prescribed paper are invited from the intending authorised Suppliers / Dealers/ Manufacturers for supply of articles for GE-2019.

The details of Tender Process are as follows :
1. Publication of Tender : 10.09.2018
2. Last date of submission of Tender : 25.09.2018 (By 1.00 P.M.)
3. Opening of General Bid : 25.09.2018 (3.30 P.M.)
4. Opening of Financial Bid : 26.09.2018 (3.00 P.M.)

Details are available in the District Website i.e. **www.khordha.nic.in**

**Sd./- Collector & DEO, Khordha**

## DISTRICT ELECTION OFFICE, KHORDHA
## TENDER CALL NOTICE

**No. 313/Dt. 07.09.2018**

Sealed Tenders are invited from the intended Registered Computer Firms/ Authorized Dealers / for Web-casting on rent basis for use in Critical and Vulnerable Polling Stations, Videography during conduct of Simultaneous General Election due in 2019.

The details of Tender Process are as follows :
1. Publication of Tender : 07.09.2018
2. Last date of submission of Tender : 22.09.2018 (By 1.00 P.M.)
3. Opening of General Bid : 22.09.2018 (3.30 P.M.)
4. Opening of Financial Bid : 24.09.2018 (3.00 P.M.)

Details are available in the District Website i.e. **www.khordha.nic.in**

**Sd./- Collector & DEO, Khordha**

## DISTRICT SOCIAL WELFARE OFFICE, SUBARNAPUR

**Tender Call Notice No. 1412** **Dtd.06.09.2018**

Sealed quotations in the prescribed format are invited from the intending supplier / manufacturer for supply of "OFFICE FURNITURE UNDER MISSION SHAKTI" to all the ICDS Projects & District. The quotations shall be received by the DSWO, Subarnapur till **05.00 PM of Dt.24.09.18** and will be opened on **Dt.25.09.18 at 03.00 PM.** The details of tender papers along with the terms and conditions, earnest money deposit etc. can be downloaded from the website **http://www.subarnapur.nic.in**.

**Sd./- 06.09.18**
**District Social Welfare Officer, Subarnapur**

## SHORT TENDER CALL NOTICE
### Office of the D.G & I.G. of Police, Odisha, Cuttack

1. Sealed tenders are invited from the manufacturer / Authorized Agent / Authorized dealer of the OEM for purchase of different types of Clothing articles (including Ceremonial Uniforms), Nylon Web equipments, Police Flags for Odisha Police under State Budget Grant, different Protective uniform articles for ODRAF units and purchase of different clothing articles for SPC Cadet under Modernization Grant during the Current Financial Year, 2018-2019.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. **www.odisha.gov.in**. The quantity may vary during indent of the item depending upon budgetary allocation.
3. Date of Issue of Tender documents from **dtd:12.09.2018** at **10.00 AM** to **dtd:11.10.2018** upto **5.00 PM**.
4. Last date for receipt of sealed Tender and Sample on **dtd:12.10.2018** upto **5.00 PM**.
5. Date for opening of sealed Tenders / Technical Bids on **dtd:15.10.2018** at **11.30 AM** at the **Office of the D.G. & I.G of Police, Odisha, Buxi Bazar, Cuttack.**

No.214-D

**A.I.G. of Police (Provisioning),**
**Odisha, Cuttack**
**(Tender Calling Authority)**

12018/11/0033/1819

## SHORT TENDER CALL NOTICE
### Office of the D.G & I.G. of Police, Odisha, Cuttack

1. Sealed tenders are invited from the Original Equipment Manufacturers (OEM) or their Authorized Agent for Purchase of different WT equipment and related articles i.e. **GP Antenna L/B, GP Antenna H/B, Co-axial Cable RG8A/U, Computer Paper Blank Part-II, 12 V Bty. Charger, Bty. Pack, Bty. Charger, UPS (Line Inter Active) 1 KVA, Dot Matrix Printer, Micro Phone assembly, 40 feet Tubular Mast , UPS Battery 12V 7AH, Data Communication Equipment comprise of Radio Modem UPS, Printer & Desktop Computer, 80 feet Tower mast with Installation, 120 feet Tower mast with installation, Digital VHF Set H/B Static/ Mobile with accessories, Digital VHF set H/B Handheld with accessories, VHF set L/B Static/ Mobile with accessories, VHF set L/B Handheld with accessories** and H.F set with accessories etc. for Odisha Police (Signals Establishment) for the financial year, 2018-19.
2. Name of items along with detail technical specifications, probable requirements against each item may be seen from the Website of the Govt. of Odisha i.e. **www.odisha.gov.in**. The quantity may vary during indent of the items depending upon budgetary allocation.
3. Date of issue of tender documents from **dtd.15.9.2018 at 10.00 AM to dtd. 10.10.2018 upto 5.00 PM**.
4. Last date for receipt of sealed tender on **dtd. 11.10.2018 up to 5.00 PM**.
5. Date for opening of sealed tenders / technical bids on **dtd.12.10.2018 at 11.30 AM** at the Office of the **Addl. D.G. of Police, Communication, Odisha, Cuttack**.

No.213-D

**A.I.G. of Police (Provisioning),**
**Odisha, Cuttack**
**(Tender Calling Authority)**

12018/11/0032/1819

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

### EXPRESSION OF INTEREST NO. 04/OMC/CIVIL/2018

No.CAD-827: The OMC Ltd., a Gold Category State PSU of Odisha, intends to renovate the electrical installations of its Corporate Office at Bhubaneswar by engaging one reputed Electrical Consultant having similar type of experience.

Interested consultant or consulting firm having experience in similar type of work may participate in the **EXPRESSION OF INTEREST**. The EOI document comprising, scope of work, terms of conditions and other shall be available at OMC website **www.omcltd.in**.

The EOI shall be received by the undersigned up to **5PM** on **26.9.2018**. The same shall be opened on **27.09.2018** at 1**1.00 A.M**.

The EOI can also be submitted through speed post / registered post but the authority shall not be responsible for any postal delay or non-receipt of EOI within that time period.

The OMC Ltd., reserves the right to reject any or all EOIs without assigning any reason thereof.

30005/11/0087/1819 **General Manager (Civil)**


## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
## ବିଜ୍ଞପ୍ତି



ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା ଶିଶୁ ଝୁଲାରୁ ଉଦ୍ଧାର କରାଯାଇ ବସୁନ୍ଧରାରେ ରଖାଯାଇଅଛି। ଏହି ଶିଶୁ ପୁତ୍ରଟିର ନାମ 'ଅର୍ଜୁନ' ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ଅର୍ଜୁନ | ପୁଅ | ୨୧.୦୫.୨୦୧୮ (ପ୍ରାୟ) | ୧୯.୦୭.୨୦୧୮ | ଶିଶୁ ଝୁଲା, ବସୁନ୍ଧରା | ଶିଶୁ ମଙ୍ଗଳ ସମିତି, କଟକଙ୍କୁ କେସ୍ ନଂ-୩୪୦୩/୧୮ ବିଡାନାସୀ ଥାନାକୁ ଚିଠି ନଂ- ୬୦୯୦, ତା. ୧୯.୦୭.୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**


## Odisha State Medical Corporation Limited (OSMC)

*Assuring Quality, Saving Lives*

**In front of Ram Mandir, Convent Square, Unit- III, Bhubaneswar - 751001**

Tel.: (0674) 2380608, Website: www.osmcl.nic.in, Email: proc.osmcl.od@nic.in

Date: 07.09.2018

### NOTICE INVITING E-TENDER FOR SUPPLY OF SPECTACLES UNDER UNIVERSAL EYE HEALTH PROGRAM

No.CAD-828: Online Bids through e-Tender portal (**https://tendersodisha.gov.in**) are invited from eligible bidders for supply, installation & commissioning of Equipments as per the particulars mentioned below.

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1. | OSMCL/2018-19 / EQP-Spectacles (UEHP)/11 | Supply of spectacles under universal eye health programme | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release fo bid | **11.09.2018, 3 PM** | |
| 2. | Date & time of Pre-bid meeting | **18.09.2018, 11 AM,** Venue- Conference Hall, Odisha State Medical Corporation Ltd., Convent Square, Unit- III, Bhubaneswar | |
| 3. | Date & time of Online bid submission | Start Date & time | End date & time |
| | | **25.09.2018, 3 PM** | **09.10.2018, 5 PM** |
| 4. | Date & time of online technical bid opening | **12.10.2018, 11 AM** | |
| 5. | Date of demonstration of equipment (if required by the tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of price bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in and https://tendersodisha.gov.in**. The authority reserves the right to accept / reject any part thereof or all the bids without assigning any reason thereof.

10112/11/0036/1819 **Sd./- Managing Director, OSMC Ltd., Odisha**

## OFFICE OF THE EXECUTIVE ENGINEER, LIFT IRRIGATION DIVISION, CUTTACK

**Tel : 0671-2414433, eeolic_ctc@yahoo.in**

**QUOTATION CALL NOTICE**

**For Hiring of Vehicle- 13/2018-19, Dt. 31.08.2018**

**CORRIGENDUM NOTICE**
**No. 4218/Dt. 10.09.2018**

No. CAD-832: In the office Tender Call Notice vide Bid Identification No. 13/2018-19 Dt. 31.08.2018 the quotation receipt in completion shape was 10.09.2018 2PM. and was to be opened on the same day at 2 P.M. which is re-scheduled to 15.09.2018 due to "Bharat Banda" and having all other terms & conditions of the above quotation call notice remain unchanged.

32238/11/0022/1819 Sd./- Executive Engineer

## DIRECTORATE OF SCH. CASTES AND SCH. TRIBES RESEARCH AND TRAINING INSTITUTE BHUBANESWAR - 3

No. 2535/Pub-02/18 Dated 10.09.2018

### CORRIGENDUM

No. 49-V: In continuation to this office Short Tender Notice No.2445 dt.01.09.2018 the opening of the technical bids on printing of Wall Calendar for ST & SC Dev. Deptt has been deferred and rescheduled on **18.09.2018** at **03.30 PM** instead of **15.09.2018** and the opening of the financial bids may be intimated accordingly. However, the last date & time for submission of the tender remains unchanged, i.e. **15.09.2018** till **03.00 PM**.

26026/11/0024/1819 **Sd./- Director & Spl. Secretary to Govt.**

## DISTRICT OFFICE, PURI

(Social Welfare Section)

No. 1747/SW Dated 07.09.18

### TENDER CALL NOTICE

No.26-g: Sealed tenders are invited from intending agencies / firms / printing press for supply of 2599 sets of MAMATA registeres as per Annexure-A to E (each set contains-5 types of registers) for 2599 nos. of Anganwadi Centres of the district. The tender documents should reach in the office of the District Social Welfare Officer, Puri by Registered Post or Speed Post by **05.00 PM** of **28.09.2018** and the tender will be opened on **29.09.2018** at **04.00 PM** in the office chamber of the undersigned in the presence of the tender committee constituted for the purpose and the tender or their authorized representative. The tender papers received after due date and time will not be entertained.

The details of the Mamata Registers are mentioned in the term & conditions. The register should be of exact specifications as per the samples available in **www.puri.nic.in**. The selected agency has to supply the printed materials to all the 12 ICDS Project offices of the district at its own cost. The agency has to supply the samples of Mamata Registers (Annexure-A to E) as per specification indicated in term & conditions. The detail tender papers and term & conditions can be downloaded from the district website **http://www.puri.nic.in** or can be seen in the tender notice displayed in the notice board of DSWO, Puri.

The firms / agencies / printing press submitting tender paper by downloading from website have to enclose a Bank Draft amounting Rs.3,000/- (Rupees Three Thousand) only towards non refundable cost of tender paper including VAT in favour of DSWO, Puri payable at SBI main Branch, Puri failing which the tender paper will be rejected. An amount of Rs.1.00 lakh (Rupees one lakh) has to be deposited in shape of Bank Draft / NSE / FD / TD as EMD by the tenderers duly pledged in favour of DSWO, Puri payable at SBI Main Branch, Puri. The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.

The undersigned reserves the right to accept / reject any or all tender papers without assigning any reason thereof.

24014/11/0002/1819 **Sd./- Collector, Puri**

See **CAREER APPOINTMENT** on every **Wednesday** & **Saturday**


## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
## ବିଜ୍ଞପ୍ତି



ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ସା- ଝାଡବାଡ଼ିଆ, ପୋଷ୍ଟ/ଥାନା- କାନପୁର, ଜିଲ୍ଲା- କଟକର ଶ୍ରୀମତୀ ଯଶୋଦାରାଣୀ ପା, ସ୍ୱାମୀ- ବସନ୍ତ କୁମାର ପା ନାମକ ଏକ ଦମ୍ପତି ପରିତ୍ୟକ୍ତ ଅବସ୍ଥାରେ ପାଇ ନିଜ ପାଖରେ ରଖିଥିଲେ, ଉକ୍ତ ଶିଶୁଟିକୁ ସେମାନଙ୍କ ନିକଟରୁ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ, ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ଦିଗ୍‌ବିଜୟ | ପୁଅ | ୧୭.୧୨.୨୦୧୭ (ପ୍ରାୟ) | ୧୦.୦୧.୨୦୧୮ | ଝାଡବାଡିଆ କାନପୁରରୁ | ଶିଶୁ ମଙ୍ଗଳ ସମିତିର (CWC) କଟକଙ୍କ ନିର୍ଦ୍ଦେଶନାମା ନଂ ୩୧୬୬/ ୨୦୧୮ ବିଡାନାସୀ ଥାନାକୁ ଚିଠି ନଂ- ୫୯୮୪/୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ
## ବିଜ୍ଞପ୍ତି



ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ କନ୍ୟାଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା '**ଶିଶୁଝୁଲା**'ରୁ ଉଦ୍ଧାର କରାଯାଇ ବସୁନ୍ଧରାରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁ କନ୍ୟାଟିର ନାମ '**ନମ୍ୟା**' ରଖାଯାଇଅଛି। ଉକ୍ତ ଶିଶୁ କନ୍ୟାଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ- ୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ନମ୍ୟା | ଝିଅ | ୩୦.୦୭.୨୦୧୮ (ପ୍ରାୟ) | ୧୨.୦୮.୨୦୧୮ | ବସୁନ୍ଧରାର 'ଶିଶୁଝୁଲା' ରୁ | ଶିଶୁ ମଙ୍ଗଳ ସମିତି (CWC) କଟକଙ୍କୁ ଚିଠି ନଂ-୬୧୨୩/୨୦୧୮ ବିଡାନାସୀ ଥାନାକୁ ଚିଠି ନଂ- ୬୧୨୪/୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**


## CAPITAL REGION URBAN TRANSPORT

**C/o – Bhubaneswar Development Authority, Akash Shova Building, Sachivalaya Marg, Bhubaneswar, Odisha (INDIA), PIN- 751001**
**Email: crutbbsr@gmail.com, Phone No.: 0674-2395155**

Notice No. 914/CRUT Date: 11.09.2018

### REQUEST FOR PROPOSAL FOR SELECTION OF REVENUE COLLECTION AGENCY FOR COLLECTION OF FARE-BOX REVENUE FROM THE CITY BUS SERVICES OPERATED BY CRUT

1. Capital Region Urban Transport (CRUT) invites Proposal from interested agencies for the above mentioned purpose. Please refer the RFP document for details.
2. The RFP document shall be available from **12.09.2018** onwards in following web portals: **www.bdabbsr.in**, **www.bmc.gov.in**. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above websites only**.
3. Applicants are required to submit duly filled Proposal as per the prescribed formats on or before **06.10.2018** by **3.00 PM**. The Proposals received shall be opened at **4.00 PM** on **06.10.2018**.
4. A pre-bid meeting shall be organised for the same on **20.09.2018** at **3.00 PM** in BDA Conference Hall.
5. In case of any queries/clarifications, please contact: **0674-2395155** or e-mail at **crutbbsr@gmail.com.**
6. CRUT reserves the right to accept or reject bid process without assigning any reason thereof.

**Sd./- Managing Director**
**Capital Region Urban Transport**

ଡା. ସାରଦା ପ୍ରସନ୍ନ ସାହୁ
ଡା.ରଞ୍ଜନ କୁମାର ମହାନ୍ତ

# ବନ୍ୟାଞ୍ଚଳରେ ପ୍ରାଣୀସମ୍ପଦର ପରିଚାଳନା

ବନ୍ୟା ସମୟରେ ଆମମାନଙ୍କର ଜୀବନଧାରଣରେ ବିଭିନ୍ନ ସମସ୍ୟା ଥିବାରୁ ଗୃହପାଳିତ ପ୍ରାଣୀଙ୍କର ସୁରକ୍ଷା ତଥା ଯତ୍ନ କଥା ପ୍ରାୟତଃ ଭୁଲିଯାଇଥାଉ । କିନ୍ତୁ ବନ୍ୟା ସମୟରେ ଏହି ପ୍ରାଣୀଙ୍କର ସମୁଚିତ ପରିଚାଳନା କରାଯାଇପାରିଲେ, ବନ୍ୟା ପରେ ଏହି ପ୍ରାଣୀସମ୍ପଦ ଜୀବନ ଜୀବିକାର ଆଧାର ହୋଇପାରିବେ ।





**ବନ୍ୟା ସମୟର ଯତ୍ନ :**

ବନ୍ୟାଘେରରେ ଥିବା ପ୍ରାଣୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାନ୍ତୁ । ଗୋରୁଙ୍କୁ ବାହାରକୁ ନ ଛାଡି ଗୁହାଳରେ ବାନ୍ଧିରଖନ୍ତୁ। ଗୁହାଳରୁ ପାଣି ସଫା କରି ବିଶୋଧକ ଦ୍ରବ୍ୟ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫିନାଇଲ୍, ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣ ଆଦିରେ ଭଲଭାବରେ ଧୋଇ ଦିଅନ୍ତୁ । ଧୋଇସାରିବା ପରେ ଯଦି ଚଟାଣ ଓଦା ଥାଏ ତେବେ ପାଉଁଶ, ବାଲି, କରତଗୁଣ୍ଡ ବା ଶୁଖିଲା ଅଖା ପକାନ୍ତୁ । ବର୍ଷାରେ ଗୋରୁଙ୍କୁ ଓଦା କରାଇବା ଅନୁଚିତ୍ । ବର୍ଷା ପାଣି ଛିଟାରୁ ପ୍ରାଣୀଙ୍କୁ ଦୂରେଇ ରଖିବା ପାଇଁ ଗୁହାଳ ଘରଟିରେ ଖାଲିଥିବା ଜାଗାଗୁଡିକୁ ଶୁଖିଲା ଅଖା ବା ମୋଟା ପଲିଥିନ୍‌ରେ ଘୋଡେଇ ରଖନ୍ତୁ । ପାଣି ଜମି ରହିଥିବାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶ ବୃଦ୍ଧି ଘଟିଥାଏ। ଏହି ଅଣୁଜୀବ ଯଥା ଜୀବାଣୁ, ଭୂତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀମାନେ ଗୋସମ୍ପଦରେ ରୋଗର କାରକ ଓ ବାହକ ହିସାବରେ କାମକରିଥାନ୍ତି। ତେଣୁ ପାଣି ଜମି ରହିଥିବା ସ୍ଥାନରେ ବିଶୋଧକ ଦ୍ରବ୍ୟ ପକାଇବା ସହ ଜମି ରହିଥିବା ପାଣିକୁ ସଫଳ ଭାବରେ ନିଷ୍କାସନ କରନ୍ତୁ।

ବନ୍ୟା ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରାଯିବା ଜରୁରୀ। କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ। ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରନ୍ତୁ। ପାଣିର ବିଶୋଧୀକରଣ ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫଟିକିରି ପାଉଡର, କ୍ଲୋରିନ୍ ବଟିକା, ହାଲୋଜେନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଅନୁମାନ ହିସାବରେ ଏକ ବାଲ୍‌ଟି ପାଣିରେ ୫ ରୁ ୭ଟି କ୍ଲୋରିନ୍ ବା ହାଲୋଜେନ୍ ବଟିକା ବା ୪୫ରୁ ୬୦ ଗ୍ରାମ୍ ଚୂନ ପାଉଡର୍ ବା ୧୦୦ ଗ୍ରାମ୍ ଫଟିକିରି ପାଉଡର ବା ୫ ରୁ ୧୦ ଗ୍ରାମ୍ ବ୍ଲିଚିଂ ପାଉଡର ପକାଇ ବିଶୋଧିତ କରାଇପାରିବେ । ପାଣିକୁ ଫୁଟାଇବା ପରେ ଛାଣି ପିଇବାକୁ ଦେଲେ ଭଲ । ଗଭୀର ନଳକୂପର ପରିଷ୍କାର ପାଣି ମଧ୍ୟ ପାନୀୟ ଜଳ ହିସାବରେ ବ୍ୟବହାର କରାଯାଇପାରିବ ।

ସାଧାରଣତଃ ବନ୍ୟା ପୂର୍ବରୁ ରଖିଥିବା ଶୁଖିଲା ଖାଦ୍ୟ, ଘାସ, ନଡା, ପରିବା ଚୋପା ଆଦି ବନ୍ୟା ସମୟରେ ଖାଇବାକୁ ଦିଆଯାଇଥାଏ । ବର୍ଷା ପାଣି ଯୋଗୁଁ ସାଇତି ରଖିଥିବା ଖାଦ୍ୟ ପଦାର୍ଥରେ ଫିମ୍ପି ଲାଗିଯାଇଥିଲେ ତାହା ଖାଇବାକୁ ଦିଅନ୍ତୁନାହିଁ। ଏହା ଖାଇବାଫଳରେ ତରଳ ଝାଡା ହୋଇଥାଏ । ଘାସକୁ କାଟି ଛୋଟ ଛୋଟ କରି ଖାଇବାକୁ ଦିଅନ୍ତୁ । ଘାସ ଖାଇବାକୁ ଦେବାବେଳେ ସେଥିରୁ ଅନାବନା ଓ ଖାଦ୍ୟଅନୁପଯୋଗୀ ଘାସ ବାଛି ଦେବା ଭଲ । ଓଦା ବା ଫିମ୍ପି ହୋଇଯାଇଥିବା ତଥା ବାସି ବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ। ରିଲିଫ୍‌ରେ ମିଳୁଥିବା ଦାନାକୁ ସାଇତି ରଖି ଅଳ୍ପ ଅଳ୍ପ କରି ଖାଇବାକୁ ଦେବା ଦରକାର ।

ବନ୍ୟା ସମୟରେ ପ୍ରାଣୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢେଇଦିନିଆ ଜ୍ୱର, ଫାଟୁଆ, ଗୋମଡକ, ଥନହରା, କାଶ, ଗଳାଫୁଲା ଆଦି ଦେଖାଯାଇଥାଏ । ତାଛଡା କୃମି ଓ ଟିଙ୍କ ଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ଗୋପାଳକମାନଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ । ପାଣି ଜମିରହିବା ଫଳରେ କୃମିଙ୍କ ବଂଶ ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ବର୍ଷାଦିନରେ ସନ୍ତସନ୍ତିଆ ସ୍ଥାନ କୃମିଙ୍କ ଅଣ୍ଡାରୁ ଲାର୍ଭାରେ ପରିଣତ ହେବାସହିତ ଘାସ ପତ୍ରରେ ବା ଜଳର ଉପର ସ୍ତରରେ ଲାଗିରହିଥାନ୍ତି। ପ୍ରାଣୀଟି ସେଇ ଘାସ ଖାଇବା, ମାଟି ଚାଟିବା, ଚାରଣ ଭୂଇଁରେ ଖାଇବା ବା ପାଣି ପିଇବା ଦ୍ୱାରା କୃମି ଶରୀରରେ ପ୍ରବେଶ କରିଥାନ୍ତି। କୃମି ମୁକ୍ତ କରିବା ପାଇଁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ । ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ। ବନ୍ୟା ସମୟରେ କୌଣସି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ। ନିମ୍ବପତ୍ର, ହଳଦୀ ପାଉଡର୍ ଓ ତୁଳସୀ ପତ୍ର ଦିନକୁ ଦୁଇ ଥର କରି ସାତ ଦିନ ଯାଏ ଖାଇବାକୁ ଦେବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ କୃମିନାଶକ ହିସାବରେ ମଧ୍ୟ କାମ କରିଥାଏ । ବନ୍ୟା ପୂର୍ବରୁ ଟିକାକରଣ କରି ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଶୀଘ୍ର ଟିକା ଦେଇଦିଅନ୍ତୁ। ପ୍ରାଣୀ ଚିକିତ୍ସା ଶିବିରର ଲାଭ ନିଅନ୍ତୁ । ବନ୍ୟା ସମୟରେ ଲେପଟୋସ୍ପାଇରା ଭଳି କିଛି ରୋଗ ପଶୁଙ୍କଠାରୁ ମଣିଷମାନଙ୍କୁ ବ୍ୟାପି ମହାମାରୀର ରୂପ ନେଇଥାଏ, ତେଣୁ ଏ ସବୁ ବିଷୟରେ ସଚେତନ ରୁହନ୍ତୁ।

ବନ୍ୟାର ଭୟାବହତା ସମୟ ସମୟରେ ମହାମାରୀର ରୂପନେବା ସହିତ ଅପମୃତ୍ୟୁର ମଧ୍ୟ କାରଣ ହୋଇଥାଏ । ପ୍ରାଣୀଙ୍କ ମୃତଦେହଗୁଡ଼ିକୁ ଏଣେ ତେଣେ ନ ପକାଇ ଏକ ଗଭୀର ଗାତ କରି ପୋତି ଦିଅନ୍ତୁ । ଗାତଟିକୁ ମାଟିଦେଇ ବନ୍ଦ କରିବା ପୂର୍ବରୁ ୨ଇଞ୍ଚ ବହଳର ମୋଟା ଚୂନ ଧାର ପକାନ୍ତୁ । ଗାତକରୁଥିବା ଜାଗାଟି ଏକ ଉଚ୍ଚା ସ୍ଥାନରେ କରନ୍ତୁ ଯେମିତି ଗାତ ଭିତରେ ବନ୍ୟା ପାଣି ପ୍ରବେଶ କରିପାରୁ ନ ଥିବ । ମୃତ ପ୍ରାଣୀଙ୍କ ଆକାରକୁ ନେଇ ଗାତର ମାପ ଅନୁମାନ କରନ୍ତୁ । ଗାତର ଗଭୀରତା ୪ ରୁ ୫ ଫୁଟ୍ ହେବା ଦରକାର । ଗୋ-ମୂତ୍ର ଓ ମଳକୁ ପରିଷ୍କାର ଭାବରେ ନିଷ୍କାସିତ କରାନ୍ତୁ।

ବନ୍ୟା ସମୟରେ ପାଣିର ଉଚ୍ଚତା ବୃଦ୍ଧିହେତୁ ବିଭିନ୍ନ କୀଟ, ଜନ୍ତୁ ଓ ସରୀସୃପମାନେ ଉପରକୁ ଉଠି ଆସିଥାନ୍ତି। ସେମାନେ ଆଶ୍ରା ପାଇଁ ଗୁହାଳ ଭିତରକୁ ପଶି ଆସି ଗୋରୁଙ୍କର ଶରୀରରେ କ୍ଷତ ସୃଷ୍ଟି କରିଥାନ୍ତି। ବେଳେବେଳେ ଏହା ବିଷକ୍ରିୟା ଜନିତ ଆଘାତ ହେବା ଫଳରେ ଜୀବନ ହାନି ଘଟିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହୁଅନ୍ତୁ।

**ବନ୍ୟା ଛାଡ଼ିଯିବା ପରେ...**

ବନ୍ୟା ପାଣି ଛାଡିଗଲା ପରେ ପଚା ଘାସ, ଅପରିଷ୍କାର ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁମାନ ଚାରଣଭୂମି ଉପରେ ମାଡି ଯାଇଥାଏ। ତେଣୁ ବନ୍ୟାର ଛାଡିବାର ୧୦ରୁ ୧୫ ଦିନ ଯାଏ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । ପାଣି ବୁଡିରହିଥିବା ଘାସ ବୁଦା ଅଞ୍ଚଳରେ ଗେଣ୍ଡା ସଂଖ୍ୟା ବୃଦ୍ଧିଘଟି କେତେକ କଲିଜା କୃମିଙ୍କର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ। ପାଣି ଛାଡିଗଲା ପରେ ନୂଆ ଘାସ କଅଁଳିଲା ପରେ ଚରିବାକୁ ଗଲେ କିଛି ଅସୁବିଧା ନାହିଁ। ମଶା, ମାଛି, ଡାଆଁଶ ନିରାକରଣ ଲାଗି ଧୂଆଁ ଦିଅନ୍ତୁ। ପିଇବା ପାଣିକୁ ବିଶୋଧିତ କରି ବ୍ୟବହାର କରନ୍ତୁ । ଖାଦ୍ୟସାର ଏ,ସି,ଡି,ଇ ଆଦି ଥିବା ଭିଟାମିନ୍ ପାଉଡର, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ କୃମିନାଶକ ଔଷଧ ଖୁଆନ୍ତୁ।

*-ପ୍ରାଣୀଧନ ଅଧିକାରୀ, ପଶୁପାଳନ ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ଭାରତ ସରକାର*
*ମୋ:୯୪୩୮୪୦୮୧୦୫*
*-ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*

# ରବି ଚିନାବାଦାମ



ରବି ବାଦାମପାଇଁ ଜମି ପ୍ରସ୍ତୁତ କରନ୍ତୁ। ବାଦାମ ଫସଲରେ ଟୀକା ଓ ମୂଳ ସଢ଼ା ରୋଗ ହେବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ଦୁଇଗ୍ରାମ ହିସାବରେ ୧୦ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଥିଲେ ପତ୍ରପୋଡା ଦାଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାରେ ଥିଲେ ଜମିରୁ ପାଣି ଶୁଖିଗଲେ ପାଗ ଦେଖି ଅମଳ କରନ୍ତୁ। ବିଡାବାନ୍ଧି ଗଛଗୁଡିକ ଓଲଟାଇ ରଖନ୍ତୁ। ଯେପରିକି ଫଳ ବାଦାମ ଗୁଡିକ ଉପରକୁ ରହିବ।

# ଆଖୁରେ ରୋଗ ଦମନ ଲାଗି...

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ଲାଗି ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜିବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ ।

- ଦହିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ନାଳିଶଢ଼ା ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଜୀବାଣୁ ସାର



ରାହୁଲ ବେହେରା



'ଜୀବାଣୁ ସାର' କହିଲେ ସାଧାରଣତଃ କେତେକ ଅଣୁଜୀବ, ଯାହାଙ୍କୁ ମାଟିରେ ସିଧାସଳଖ ଭାବେ ହେଉ ଅଥବା ମଞ୍ଜି ସହ କିମ୍ବା ଚେର ଦ୍ୱାରା ନିବେଶିତ କରାଯାଇଥାଏ। ମାଟିରେ ଥିବା ବିଭିନ୍ନ ପ୍ରକାର ଉପକାରୀ ଅଣୁଜୀବଙ୍କୁ ଗବେଷଣା ଗାରରେ ଚିହ୍ନଟ କରାଯାଇ, ସେମାନଙ୍କର କୃତ୍ରିମ ଉପାୟରେ ବଂଶବୃଦ୍ଧି ଘଟାଇ ନାନା ପ୍ରକାରରେ ଫସଲରେ ବ୍ୟବହାର କରାଯାଇଥାଏ। ଏହି ଅଣୁଜୀବ ମୁଖ୍ୟତଃ ବାୟୁମଣ୍ଡଳର ଯବକ୍ଷାରଜାନକୁ ମାଟିରେ ହେଉ ଅଥବା ଗଛର ଚେରରେ ବିବନ୍ଧିତ କରିଥାଆନ୍ତି। ମାଟିରେ ରହୁଥିବା ଅଦ୍ରବଣୀୟ ଅଗ୍ରହଣୀୟ ଫସ୍‌ଫରସ୍‌କୁ ଦ୍ରବଣୀୟ ତଥା ଗ୍ରହଣୀୟ କରି ଗଛକୁ ଯୋଗାଇ ଥାଆନ୍ତି ଏବଂ ମାଟିରେ ପ୍ରୟୋଗ କରାଯାଇଥିବା ଜୀବଜନ୍ତୁ ତଥା ଗଛଲତା ଇତ୍ୟାଦିର ଜୈବ ପଦାର୍ଥକୁ ଶଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି।

**ଆଜୋଟୋବ୍ୟାକ୍ଟର**

ଏହା ଗୋଟାଏ ଅସହଜୀବୀ ପରଜୀବୀ ଯବକ୍ଷାରଜାନ ବିବନ୍ଧନ କରିପାରୁଥିବା ବୀଜାଣୁ। ଏହି ଆଜୋଟୋବ୍ୟାକ୍ଟରର ବିଭିନ୍ନ ପ୍ରଜାତି ମାଟିରେ ଥିବା ଅଙ୍ଗାର ଜାତୀୟ ପଦାର୍ଥ ଖାଇ ଶକ୍ତି ଗ୍ରହଣ, ଯବକ୍ଷାରଜାନ ବିବନ୍ଧନର କ୍ଷମତା ଓ ନିଜର ବଂଶବୃଦ୍ଧି ଘଟାଇଥାନ୍ତି।

- ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଏଥିରେ ଥିବା ଜୀବାଣୁ ବୃଦ୍ଧିରେ ସହାୟକ ହୋଇଥାଏ। ଗଛର ବୃଦ୍ଧି ପାଇଁ ଏହି ବୀଜାଣୁ ଅକ୍ସିନ, ଭିଟାମିନ୍, ବୃଦ୍ଧି ପଦାର୍ଥ ତଥା କବକ ନାଶୀ ପଦାର୍ଥମାନ ସଂଶ୍ଳେଷଣ କରିଥାଏ।
- ଗହମ, ଧାନ, ବାର୍ଲି, ଓଟ୍, ମକା, ଆଖୁ ଏବଂ ପନିପରିବା ଆଦି ଯଥା-ଆଳୁ, ବାଇଗଣ, ବିଲାତିବାଇଗଣ, ବନ୍ଧାକୋବି ଏବଂ ପିଆଜ ଆଦିରେ ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଅମଳ ଶତକଡ଼ା ୭ ରୁ ୧୨ ଭାଗ ବୃଦ୍ଧି ଘଟିଥାଏ।
- ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୁ ନେଇ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ରୁଷିଆ, ଇସ୍ରାଏଲ୍ ଏବଂ ଭାରତରେ ଆଜୋଟୋବ୍ୟାକ୍ଟରକୁ ନେଇ ଯେତେ ପରୀକ୍ଷା କରାଯାଇଛି ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୬୦ ଭାଗ ପରୀକ୍ଷାର ଫଳ ସ୍ୱରୂପ ଏହାର ଉପଚାର ଫସଲର ଅମଳ ବୃଦ୍ଧିରେ ସହାୟକ ହୋଇଥାଏ। ମାତ୍ର ୪୦ ଭାଗ ପରୀକ୍ଷାର ଫଳ ସେତେଟା ଉତ୍ସାହଜନକ ନୁହେଁ।
- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ପନିପରିବା ଫସଲରେ ଶତକଡ଼ା ୨ ରୁ ୪୫ ଭାଗ, କପାରେ ୭ ରୁ ୨୮ ଭାଗ ଏବଂ ଆଖୁରେ ୯ ରୁ ୨୪ ଭାଗ ଅମଳ ବୃଦ୍ଧି ଘଟିଥାଏ।

ଆଜୋସ୍ପିରିଲମ୍ - ଏହାର ବ୍ୟବହାର ଫଳରେ ଫସଲର ନାଇଟ୍ରେଟ୍, ଆମୋନିୟମ୍, ଫସ୍‌ଫରସ୍, ପୋଟାସିୟମ ଏବଂ ଲୌହ ଆଦି ଗ୍ରହଣ କରିବାର କ୍ଷମତା ବୃଦ୍ଧି ଘଟିଥାଏ।

- ପରୀକ୍ଷାରୁ ଜଣାପଡ଼ିଛି ଜୋଆର ମଞ୍ଜିରେ ଆଜୋସ୍ପିରିଲମ୍ ଉପଚାର କରିବା ଫଳରେ ଏହା ଏହି ଫସଲର କାଣ୍ଡବିନ୍ଧା ମାଛିର ଆକ୍ରମଣରେ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇଥାଏ, କାରଣ ଆଜୋସ୍ପିରିଲମ ଉପଚାର ଫଳରେ ଜୋଆର କାଣ୍ଡରେ ଉପସ୍ଥିତି ବୃଦ୍ଧି ଘଟାଇଥାଏ, ଯାହାକି କାଣ୍ଡବିନ୍ଧା ମାଛିର ଆକ୍ରମଣକୁ ସହ୍ୟ କରିପାରିଥାଏ।
- ଏହି ଜାତୀୟ ଫସଲ ଯଥା ଜୋଆର୍ ଏବଂ ମକାଜାତୀୟ ଫସଲରେ କେତେକାଂଶରେ ସହଜୀବୀ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥାଏ କାରଣ ଏ ପ୍ରକାର ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତି ଦ୍ରୁତ ବେଗରେ କରିଥାଆନ୍ତି ଏବଂ ସବୁଠାରୁ କମ୍ ଆଲୋକ ଶ୍ୱସନ ଘଟିଥାଏ।
- ଅଳ୍ପ ଓଦାଳିଆ ବା ଶୁଖିଲା ଦୋରସା, ବାଲିଆ ଦୋରସା ଏବଂ ଦୋରସା ମାଟିରେ ଆଜୋଟୋବ୍ୟାକ୍ଟରର ପ୍ରୟୋଗ କରାଯାଇଥାଏ, କାରଣ ଏହି ମାଟିରେ ବାୟୁ ଚଳାଚଳ ଭଲ ରୂପେ ହୋଇଥାଏ। ଅମ୍ଳଜାନର ଅଭାବ ହେଲେ ଏ ପ୍ରକାର ବୀଜାଣୁ ବଞ୍ଚିପାରନ୍ତି ନାହିଁ।କାଦୁଅ, ଚିକିଟା ବା ମଟାଳ ମାଟିରେ ବେଶି ପାଣି ରହିଥାଏ। ଏ କ୍ଷେତ୍ରରେ ଆଜୋସ୍ପିରିଲମ୍ ହିଁ ବ୍ୟବହାର କରାଯାଇଥାଏ, କାରଣ ଏ ପ୍ରକାରର ମାଟିରେ ଭଲ ରୂପେ ବାୟୁ ଚଳାଚଳ ହୋଇପାରି ନ ଥାଏ ଏବଂ ଏହି ବୀଜାଣୁଗୁଡ଼ିକ ଶେଷରେ ଅମ୍ଳଜାନର ଅଭାବ ହେଲେ ମଧ୍ୟ ବଞ୍ଚିପାରେ।

*-କାର୍ଯ୍ୟକ୍ରମ ସହଯୋଗୀ (ମୃତ୍ତିକା ବିଜ୍ଞାନ), କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି*

୨୭ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ

## ବ୍ଲକ ସ୍ତରରେ ଗଣଧାରଣା ଆରମ୍ଭ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଅହୋରାତ୍ର ଧାରଣା ମଙ୍ଗଳବାର ୨୭ ଦିନରେ ପହଞ୍ଚିଛି। ମଙ୍ଗଳବାରଠାରୁ ବ୍ଲକରୁ ରାଜଧାନୀ ପର୍ଯ୍ୟନ୍ତ ସବୁସ୍ଥାନରେ ଆନ୍ଦୋଳନକୁ ଜୋରଦାର କରିଛି ମିଳିତମଞ୍ଚ। ୩୧୪ ବ୍ଲକ ଆଗରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଗଣଧାରଣାକୁ ସଫଳତା ମିଳିଛି ବୋଲି ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ୩୧୪ଟି ବ୍ଲକ ସମ୍ମୁଖରେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ଧାରଣାରେ ବସିଛନ୍ତି। ପ୍ରତ୍ୟେକ ସ୍କୁଲ କଲେଜରୁ ୨ଜଣ ଲେଖାଏଁ ଶିକ୍ଷକ ଅଧ୍ୟାପକ ରାଜଧାନୀର ଗାନ୍ଧୀମାର୍ଗରେ ଅହୋରାତ୍ର ଗଣଧାରଣାରେ ସାମିଲ ହୋଇଛନ୍ତି। ୩୧୪ ବ୍ଲକ ଆଗରେ ଗଣଧାରଣାରେ ଆୟୋଜିତ ପ୍ରତିବାଦ ସଭାରେ ବ୍ଲକର ନିର୍ବାଚିତ ଲୋକ ପ୍ରତିନିଧି, ଶିକ୍ଷାବିତ୍, ପୁରାତନ ଶିକ୍ଷକ/ଅଧ୍ୟାପକ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗଠନ କରିଥିବା ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସରକାର ଆଉ ଅଧିକ କାଳକ୍ଷେପଣ ନୀତି ଗ୍ରହଣ କଲେ ରାଜ୍ୟର ଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଭୁବନେଶ୍ୱରରେ ଚାଲିଥିବା ଗଣଧାରଣାକୁ ସମର୍ଥନ ଜଣାଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ହଜାର ହଜାର ଛାତ୍ରୀଛାତ୍ର ଲୋୟର ପିଏମ୍‌ଜି ଆସି ପ୍ରତିବାଦ ସଭା ଓ ସମାବେଶ କରିଛନ୍ତି। ଓଡ଼ିଶାରେ ଶିକ୍ଷାକୁ ବଞ୍ଚାଇବା ପାଇଁ ତଥା ଶିକ୍ଷକ, ଅଧ୍ୟାପକମାନଙ୍କ ଦାବିକୁ ସମର୍ଥନ କରି ସେମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ମଙ୍ଗଳବାର ଭୁବନେଶ୍ୱର ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷକ, ଅଧ୍ୟାପକମାନଙ୍କ ଗଣଧାରଣାକୁ ସମର୍ଥନ କରିବା ସହିତ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ବିଚାରାଧୀନ କଏଦୀଙ୍କ ଭିମ୍‌ସାରରେ ମୃତ୍ୟୁ

**ବୁର୍ଲା, ୧୧।୯(ଡି.ଏନ.ଏ.)**

ବୁର୍ଲା ଭିମ୍‌ସାରରେ ଜଣେ ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ କଏଦୀ ଜଣକ ହେଲେ ହରି ନାଏକ (୫୨) । ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭୫୫/୧୮) ରୁଜୁ ହୋଇଛି। ମାଜିଷ୍ଟ୍ରେଟ ବି.ରଥଙ୍କ ଉପସ୍ଥିତିରେ ପଞ୍ଚନାମା ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି । ପୋଲିସ ତଥ୍ୟ ମୁତାବକ ହରି ସୁନ୍ଦରଗଡ ଜେଲରେ ବିଚାରାଧୀନ କଏଦୀ ଭାବରେ ଥିଲେ। ଗତ ୭ ତାରିଖ ସେ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ବୁର୍ଲା ମେଡିକାଲ (ଭିମ୍‌ସାର) ସ୍ଥାନାନ୍ତର ହୋଇଥିଲେ।

## ପୋଲିସ ବିରୋଧରେ ଡିଆଇଜିଙ୍କୁ ଅଭିଯୋଗ

**ସମ୍ବଲପୁର, ୧୧।୯(ବ୍ୟୁରୋ)**

ସୋନପୁର ଥାନା ଅଧିକାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି। ଏ ନେଇ ମଙ୍ଗଳବାର ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ସୋନପୁର ନୂଆବସ୍ତି ଖରଝୁରା ଗ୍ରାମର ସତ୍ୟ ନାରାୟଣ ମେହେର ଫେରାଦ ହୋଇଛନ୍ତି। ଗତ ମାସ ୩ ତାରିଖରେ ତାଙ୍କ ଘରେ କେହି ନ ଥିଲେ। ଏହି ସମୟରେ ତାଙ୍କ ଘରୁ ସୁନାହାର, କାନଫୁଲ, ଚେନ, ପାଟସୂତା ଓ ନଗଦ ୬୦ ହଜାର ଟଙ୍କା ସହ ମୋଟ ୨ଲକ୍ଷ ୧୧ ହଜାର ଟଙ୍କାର ଚୋରି ହୋଇଥିଲା। ଏହାକୁ ନେଇ ସେ ସ୍ଥାନୀୟ ସୋନପୁର ଥାନାରେ ଅଭିଯୋଗ କରିଥିଲେ । ହେଲେ ପୋଲିସ ତଦନ୍ତରେ ଅବହେଳା କରିଥିଲା। ପରେ ସେପ୍ଟେମ୍ବର ୧୧ରେ ସୋନପୁର ଏସ୍‌ପିଙ୍କୁ ମଧ ସେ ଏ ବାବଦରେ ଅବଗତ କରାଇଥିଲେ। ଘଟଣାର ତଦନ୍ତ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ । ହେଲେ ପ୍ରାୟ ୧ ମାସ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହି ଚୋରି କରିଛନ୍ତି ବୋଲି ପୋଲିସକୁ ସେ ସୂଚନା ଦେଇଛନ୍ତି। ସୂଚନା ପାଇବା ପରେ ମଧ୍ୟ ପୋଲିସ ତଦନ୍ତରେ ଅବହେଳା କରୁଥିବା ନେଇ ସତ୍ୟନାରାୟଣ ଡିଆଇଜିଙ୍କୁ ଅଭିଯୋଗ କରିଛନ୍ତି ।

## ବାଲିମେଳା ଜଳଭଣ୍ଡାରରେ ଡଙ୍ଗାବୁଡ଼ି ୪ ନିଖୋଜ

### ଗୁରୁପ୍ରିୟା ସେତୁ ପରେ ମଧ ସୁଧୁରୁନାହିଁ ସ୍ୱାଭିମାନ ଅଞ୍ଚଳର ଦୁର୍ଦ୍ଦଶା

**ମାଲକାନଗିରି, ୧୧।୯ (ଡି.ଏନ୍.ଏ.)**

ଗୁରୁପ୍ରିୟା ସେତୁ ଲୋକାର୍ପିତ ହେବା ପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ସୁଧୁରିନାହିଁ। ଏବେ ସୁଦ୍ଧା ଲୋକେ ଯାତାୟାତ ପାଇଁ ଜଳପଥରେ ଦେଶୀ ଡଙ୍ଗାର ସାହାରା ନେଇ ପ୍ରତ୍ୟେକ ଦିନ ବିପଦକୁ ବରଣ କରୁଛନ୍ତି। ପଣସପୁଟ, ଯୋଡାମ୍ବ ଆଦି ପଞ୍ଚାୟତର ଗ୍ରାମବାସୀ ଗୁରୁପ୍ରିୟା ସେତୁର ଲାଭ ପାଇପାରିନାହାନ୍ତି। ସୋମବାର ରାତିରେ ଘଟିଥିବା ଦୁର୍ଘଟଣା ଏହା ପ୍ରମାଣିତ କରିଛି। ବାଲିମେଳା ଜଳଭଣ୍ଡାରରେ ଡଙ୍ଗା ବୁଡିଯିବାରୁ ୪ଜଣ ବ୍ୟକ୍ତି ନିଖୋଜ ଅଛନ୍ତି। ୩ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ବ୍ୟକ୍ତିମାନେ ହେଲେ ବୁଲିଆ ଶିଶା (୬୪), ରାଧିକା ଶିଶା (୩୦) ମଣିମା ଶିଶା (୩) ଦହନା ଶିଶା (୪୫)। ମୃତ୍ୟୁମୁଖରୁ ବର୍ତ୍ତିଯାଇ ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ଚମ୍ପା ଶିଶା, ଲଛମା ଶିଶା ଓ ସନ୍ନ୍ୟାସୀ ଶିଶା। ମଙ୍ଗଳବାର ମଧ୍ୟ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ନିଖୋଜ ବ୍ୟକ୍ତିଙ୍କୁ ଖୋଜାଖୋଜି ଜାରି ରଖିଛନ୍ତି।

ସୋମବାର ଅପରାହ୍ନରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଏହି ୭ଜଣ ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ଭିତରେ ଥିବା ପାହାଡ଼ ନିକଟ ଚାଷ ଜମିରୁ ଘାସ ବାଛିବାକୁ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ବେଳେ ଏପରି ଘଟିଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଫାଲଗୁନୀ ମାଝି, ବ୍ଲକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଲାସି କାର୍ଯ୍ୟକୁ ଜୋରଦାର କରିଛନ୍ତି। ଜିଲା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ମୋଟର ବୋଟ୍ ଯୋଗେ ନିଖୋଜଙ୍କୁ ଖୋଜାଖୋଜି କରୁଛନ୍ତି।

| Dollar | Sensex | Nifty | Gold | Silver |
|---|---|---|---|---|
| 72.69 (24) | 37,413.13 (509.04) | 11,287.50 (150.60) | 31,450.00 (`100) | 37,950.00 (`0) |

ଜିଓ ଫୋନରେ ହ୍ୱାଟ୍ସଆପ୍ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଏହି ସୁବିଧା ସମସ୍ତ ଜିଓ ଫୋନରେ ଉପଲବ୍ଧ ହେବ। ଏଥିପାଇଁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ସହଯୋଗ କରିଛନ୍ତି।
– ଆକାଶ ଅମ୍ବାନୀ, ଡାଇରେକ୍ଟର, ରିଲାଏନ୍ସ ଜିଓ ଇନଫୋକମ୍



ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ରିଜର୍ଭ ବ୍ୟାଙ୍କର ମନୋନୀତ ସଦସ୍ୟ ରହିବା ଅନୁଚିତ। ଏହାଦ୍ୱାରା ସେମାନଙ୍କୁ ଆର୍‌ବିଆଇ ନିୟନ୍ତ୍ରଣ କରୁଛି ବୋଲି ଆଶଙ୍କା ପ୍ରକାଶ ପାଉଛି।
– ରଘୁରାମ ରାଜନ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର



## ସଂକ୍ଷେପରେ

### ଆଣ୍ଟିଗୁଆରୁ ଭିଡିଓ ଜାରି କଲେ ଚୋକ୍‌ସୀ

#### ଇଡିର ସବୁ ଅଭିଯୋଗ ମିଛ

**ନୂଆଦିଲ୍ଲୀ,୧୧-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ନିଜକୁ ନିର୍ଦ୍ଦୋଷ ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ଦେଶରୁ ଫେରାର ହୋଇ ଆଣ୍ଟିଗୁଆରେ ଲୁଚିଥିବା ମେହୁଲ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ତାଙ୍କ ବିରୋଧରେ ଇଡି ପକ୍ଷରୁ ଅଣାଯାଇଥିବା ସମସ୍ତ ଅଭିଯୋଗ ମିଛ। ତାଙ୍କର ସମସ୍ତ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଭାବେ ଜବତ କରିଛି। ସେ କହିଛନ୍ତି ଯେ, ଭାରତୀୟ ପାସ୍‌ପୋର୍ଟକୁ ରଦ୍ଦ କରିବା ପାଇଁ ବହୁବାର ଉଦ୍ୟମ କରିଥିଲେ। ଭାରତୀୟ ପାସ୍‌ପୋର୍ଟ କର୍ତ୍ତୃପକ୍ଷ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରିଛନ୍ତି। ଫଳରେ ତାଙ୍କର ଯିବା ଆସିବାରେ ବନ୍ଦ ହୋଇଯାଇଛି। ଫେବୃଆରୀ ୧୬ରେ ତାଙ୍କୁ ଏକ ଇ-ମେଲ ମିଳିଥିଲା। ଭାରତ ଲାଗି ସେ ବିପଦ ଥିବାରୁ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରାଯାଉଛି ବୋଲି ସେଥିରେ ଦର୍ଶାଯାଇଥିଲା। ଏହାପରେ ସେ ଫେବୃୟାରୀ ୨୦ରେ ମୁମ୍ବାଇର ଆଞ୍ଚଳିକ ପାସପୋର୍ଟ ଅଫିସକୁ ଏକ ଇ-ମେଲ ପଠାଇଥିଲେ ବୋଲି ଚୋକ୍‌ସୀ କହିଛନ୍ତି। ସେଥିରେ ସେ ତାଙ୍କର ପାସ୍‌ପୋର୍ଟକୁ ପୁନରାୟ କାଏମ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ତାହାକୁ ଅଣଦେଖା କରାଗଲା। ଭାରତ ଲାଗି ସେ କିଭଳି ବିପଦ ବୋଲି ଜାଣିବାକୁ ଚାହିଁଥିଲେ ହେଁ ତାହା ତାଙ୍କୁ କୁହାଯାଉନାହିଁ।

### ଦୁଇ ଦିନରେ ନିବେଶକଙ୍କ ୪ ଲକ୍ଷ କୋଟି ବୁଡ଼ିଲା

**ମୁମ୍ବାଇ,୧୧-୯:** ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଶ୍ ଅନୁଭୂତ ହେଉଛି। ସୋମବାର ସେନସେକ୍ସରେ ୪୬୭.୬୫ ପଏଣ୍ଟ କମିବା ପରେ ମଙ୍ଗଳବାର ୫୦୯.୦୪ ପଏଣ୍ଟ ହ୍ରାସ ପାଇ ୩୭,୪୧୩.୧୩ରେ ବନ୍ଦ ହୋଇଛି। ଦୁଇ ଦିନ ଭିତରେ ସେନସେକ୍ସ ପାଖାପାଖି ୧୦୦୦ ପଏଣ୍ଟ ଖସି ସାରିଲାଣି। ସେହିପରି ସୋମବାର ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧୫୧ ପଏଣ୍ଟ ହ୍ରାସ ପାଇବା ପରେ ମଙ୍ଗଳବାର ୧୫୦.୬୦ ପଏଣ୍ଟ କମି ୧୧,୨୮୭.୫୦ରେ ପହଞ୍ଚିଛି। ଦୁଇ ଦିନରେ ଏହା ୩୦୦ ପଏଣ୍ଟ ହ୍ରାସ ପାଇଲାଣି। ଫଳରେ ନିବେଶକଙ୍କ ପ୍ରାୟ ୪.୨ ଲକ୍ଷ କୋଟି ଟଙ୍କା ବୁଡିଗଲାଣି। ହେଭିୱେଟ ଶେୟାର ସମେତ ପ୍ରାୟ ସମସ୍ତ ସେକ୍ଟରରେ ଶେୟାର ମୂଲ୍ୟ କମିଛି। ଅନ୍ତର୍ଜାତୀୟ ଷ୍ଟକ ବଜାର ହ୍ରାସ ପାଇବାର ପ୍ରଭାବ ଭାରତୀୟ ଷ୍ଟକ ବଜାରରେ ଦେଖିବାକୁ ମିଳିଛି। ଦେଶର ଶେୟାର ବଜାର ହ୍ରାସ ପାଇବା ଚଳିତ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଗୌରସ ଆସେଟ ମ୍ୟାନେଜମେଣ୍ଟ ଏମ୍‌ଡି ଆର.କେ. ଗୁପ୍ତା ପ୍ରକାଶ କରିଛନ୍ତି।

# ତେଲରୁ ରାଜ୍ୟକୁ ଲାଭ ୨୨,୭୦୦କୋଟି

ନୂଆଦିଲ୍ଲୀ,୧୧-୯

ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ତେଲ ଦର ବଢ଼ିବାକୁ ନେଇ ବିରୋଧୀ ଦଳଗୁଡିକ ହୋହଲ୍ଲା କରୁଥିଲେ ହେଁ ଏଥିଯୋଗୁ ରାଜ୍ୟଗୁଡିକ ଯେ ଲାଭବାନ ହେଉଛନ୍ତି ଏକଥା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ରିପୋର୍ଟ କହୁଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଆଜିଯାଏ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଯେତିକି ଖସିଛି ସେଥିରେ ରାଜ୍ୟଗୁଡିକ ମାଲାମାଲ୍ ହୋଇଛନ୍ତି। ଟଙ୍କାର ମୂଲ୍ୟ କମିବା ଯୋଗୁ ରାଜ୍ୟଗୁଡିକ ବଜେଟ ଲକ୍ଷ୍ୟଠାରୁ ପ୍ରାୟ ୨୨,୭୦୦ କୋଟି ଟଙ୍କା ଅଧିକ ଲାଭ ହାସଲ କରିସାରିଛନ୍ତି। ମଙ୍ଗଳବାର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୮ ଡଲାର ଅତିକ୍ରମ କରିଯାଇଥିବା ବେଳେ ଟଙ୍କା ମୂଲ୍ୟ ୨୮ ପଇସା ହ୍ରାସ ପାଇ ସର୍ବନିମ୍ନ ସ୍ତର ୭୨.୭୦ ଛୁଇଁଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଗୋଟିଏ ଡଲାର ବୃଦ୍ଧି ପାଇଲେ ୧୯ ରାଜ୍ୟର ରାଜସ୍ୱରେ ଅତିକମରେ ୧୫୧୩ କୋଟି ଟଙ୍କା ଲେଖାଏ ବଢ଼ିଯିବ। ମହାରାଷ୍ଟ୍ର ୩୩୮୯ କୋଟି ଟଙ୍କା ସହ ସର୍ବାଧିକ ଲାଭାନ୍ୱିତ ହେବ ଏବଂ ଏହା ପଛକୁ ୨୮୪୨ କୋଟି ଟଙ୍କା ସହ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିବ। ମାର୍ଚ୍ଚରୁ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୫.୬୦ ଟଙ୍କା ଓ ୬.୩୧ ଟଙ୍କା ବଢ଼ିସାରିଛି। ପେଟ୍ରୋଲ ଲିଟର ପିଛା ଏବେ ମହାରାଷ୍ଟ୍ରରେ ୮୯ ଟଙ୍କା ରହିଛି ଯାହାକି ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। କାରଣ ଏହା ୩୯.୧୨ ପ୍ରତିଶତ ଭାଟ୍ ଆଦାୟ କରିଥାଏ। ତେବେ ଗୋଆରେ ସର୍ବନିମ୍ନ ୧୬.୬୬ ପ୍ରତିଶତ ଭାଟ୍ ଆଦାୟ ହୁଏ। ତେଲରୁ ରାଜସ୍ୱ ଆଦାୟ ବୃଦ୍ଧି ପାଇବା କାରଣରୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣ କମିବାରେ ଏହା ସହାୟକ ହେଉଛି। ତେଲର ଦରବୃଦ୍ଧି ଯୋଗୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣରେ ୧୫ରୁ ୨୦ ବେସିସ୍ ପଏଣ୍ଟ ହ୍ରାସ ପାଇବ। ବଜେଟ ଲକ୍ଷ୍ୟ ଠାରୁ ଅଧିକ ରାଜସ୍ୱ ଆଦାୟ କାରଣରୁ ସେମାନେ ପେଟ୍ରୋଲ ଲିଟର ପିଛା ୩.୨୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୦ ଟଙ୍କା ହ୍ରାସ କରିପାରିବେ ବୋଲି ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ସେମାନଙ୍କ ରାଜସ୍ୱ ଆଦୌ ପ୍ରଭାବିତ ହେବ ନାହିଁ। ମହାରାଷ୍ଟ୍ର,ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ କର୍ନାଟକ ପେଟ୍ରୋଲ ୩ଟଙ୍କା ଓ ଡିଜେଲ ଅଢ଼େଇ ଟଙ୍କା ହ୍ରାସ କରି ବିତ୍ତୀୟ ବୋଝ ଉଠାଇପାରିବେ। ଅନ୍ୟପକ୍ଷରେ ରାଜ୍ୟଗୁଡିକ ମୂଳ ଦର (ଅଶୋଧିତ ତୈଳ ଦର, ପରିବହନ ଏବଂ କମିଶନକୁ ହିସାବକୁ ନେଲେ) ଉପରେ ଭାଟ୍ ଲାଗୁ କଲେ ଡିଜେଲରେ ଲିଟର ପିଛା ୩.୭୫ ଟଙ୍କା ଏବଂ ପେଟ୍ରୋଲରେ ଲିଟର ପିଛା ୫.୭୫ ଟଙ୍କା ହ୍ରାସ କରିପାରିବେ। ତେବେ ଏଥିଯୋଗୁ ସେମାନେ ମୋଟ୍‌ରେ ପ୍ରାୟ ୧୨୦୦୦ କୋଟି ଟଙ୍କା( ନେଟ୍ କ୍ଷତି ୩୪,୬୨୭ କୋଟି ଟଙ୍କା– ତେଲ ଦର ବୃଦ୍ଧିରୁ ୨୨,୭୦୦କୋଟି ଲାଭ) କ୍ଷତି ସହିବେ। ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଏବଂ ଟଙ୍କାର ମୂଲ୍ୟ ୭୨କୁ ନେଇ ଉକ୍ତ ହିସାବ କରାଯାଇଛି ବୋଲି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

### ଟଙ୍କାର ମୂଲ୍ୟ ହ୍ରାସ

- ତେଲ ଦର ୧ ଡଲାର ବଢ଼ିଲେ ରାଜ୍ୟକୁ ୧୫୧୩ କୋଟି ରାଜସ୍ୱ
- ମାର୍ଚ୍ଚରୁ ପେଟ୍ରୋଲ ୫.୬୦ଟଙ୍କା ଓ ଡିଜେଲ ୬.୩୧ ଟଙ୍କା ବଢ଼ିଛି
- ବେସ୍ ପ୍ରାଇସରେ ଭାଟ୍ ଲାଗିଲେ ରାଜ୍ୟକୁ ୧୨ହଜାର କୋଟି କ୍ଷତି

### ୯୦ ଟଙ୍କା ଟପିଲା ପେଟ୍ରୋଲ

**ନୂଆଦିଲ୍ଲୀ,୧୧-୯:** ପେଟ୍ରୋଲ ଦର ମଙ୍ଗଳବାର ଲିଟର ପିଛା ୯୦ ଟଙ୍କାର ମନୋବୈଜ୍ଞାନିକ ସୀମା ଟପିଯାଇଛି। ମହାରାଷ୍ଟ୍ରର ପରବନୀରେ ପେଟ୍ରୋଲ ଲିଟର ପିଛା ୯୦.୧୧ଟଙ୍କାରେ ବିକ୍ରି କରାଯାଉଥିଲା। ପରବନୀ ଜିଲା ପେଟ୍ରୋଲ ଡିଲର୍ସ ଆସୋସିଏସନ ସଭାପତି ସଞ୍ଜୟ ଦେଶମୁଖ କହିଥିଲେ ଯେ, ମଙ୍ଗଳବାର ଡିଜେଲ ଦର ମଧ ଲିଟର ପିଛା ୭୮.୦୬ଟଙ୍କାରେ ବିକ୍ରି ହେଉଛି। ସୋମବାର ପେଟ୍ରୋଲ ଲିଟର ପିଛା ୮୯.୯୭ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୯୨ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୦.୮୭ ଟଙ୍କା ଏବଂ ଡିଜେଲ ୭୨.୯୭ଟଙ୍କାରେ ବିକ୍ରି ହେଉଥିଲା। ଉଭୟ ତେଲରେ ୧୪ ପଇସା ବୃଦ୍ଧି କରାଯାଇଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୮.୨୬ଟଙ୍କା ଏବଂ ୭୭.୪୭ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି।

### ତେଲ ଦର ୧ ଟଙ୍କା କମାଇଲା ପଶ୍ଚିମବଙ୍ଗ

**କୋଲକାତା,୧୧-୯:** ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କର ପଦାଙ୍କ ଅନୁସରଣ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ପେଟ୍ରୋଲ ଓ ଡିଜେଲ ଉପରୁ ୧ ଟଙ୍କା ହ୍ରାସ ସମ୍ପର୍କରେ ସଚିବାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ତୈଳ ଦର ଅହେତୁକ ବୃଦ୍ଧି ପାଇବା ନେଇ ଜନ ଅସନ୍ତୋଷର ଫଳସ୍ୱରୂପ କଂଗ୍ରେସ ଓ ୨୨ଟି ବିରୋଧୀ ଦଳ ପକ୍ଷରୁ ସୋମବାର ଆହୂତ ଭାରତ ବନ୍ଦ ପ୍ରାୟତଃ ସଫଳ ହୋଇଛି। ମଙ୍ଗଳବାର ମଧ ତେଲ ଦର ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ତେଲ ଦର କମ୍ ଥିଲେ ମଧ କେନ୍ଦ୍ର ସରକାର ୯ ଥର ଉତ୍ପାଦ ଶୁଳ୍କ ବଢ଼ାଇଥିଲେ ବୋଲି ମମତା ଟୁଇଟର ଜରିଆରେ ଅଭିଯୋଗ କରିଥିଲେ।

## ମୋବିଷ୍ଟାର ଆଣିଲା ୫ ସେଲ୍‌ଫି ସ୍ମାର୍ଟଫୋନ



କମ୍ପାନୀର ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର (ବାମ) ଏବଂ ସିଇଓ କାର୍ଲ ଙ୍ଗୋ।

ଭୁବନେଶ୍ୱର,୧୧-୯(ବ୍ୟୁରୋ)

ମୋବିଷ୍ଟାର ପକ୍ଷରୁ ଓଡିଶା ବଜାରରେ ସେଲ୍‌ଫି ଫିଚର ଉପଲବ୍ଧ ଥିବା ୫ ନୂଆ ସ୍ମାର୍ଟଫୋନ ମଡେଲର ବଜାର ପ୍ରବେଶ ହୋଇଛି। କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ କାର୍ଲ ଙ୍ଗୋ, ଉତ୍ତର ଏବଂ ପୂର୍ବାଞ୍ଚଳ ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର ପ୍ରମୁଖ ଉପସ୍ଥିତ ରହି ସ୍ମାର୍ଟଫୋନଗୁଡିକର ବଜାର ପ୍ରବେଶ କରାଇଛନ୍ତି। ନୂଆ ଫୋନଗୁଡିକ ମଧ୍ୟରେ ସି୧ ଲାଇଟ୍, ସି୧, ସି୨, ଇ୧ ସେଲ୍‌ଫି ଏବଂ ଏକ୍ସ୧ ଡୁଆଲ ଭଳି ମଡେଲ ରହିଛି। ସେଲ୍‌ଫି ପ୍ରେମୀଙ୍କୁ ସୁଲଭ ମୂଲ୍ୟରେ ସ୍ମାର୍ଟଫୋନ ପ୍ରଦାନ ଲାଗି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛି। ୧୧ ସେପ୍ଟେମ୍ବରଠାରୁ ଫୋନଗୁଡିକ ଅଫ୍‌ଲାଇନରେ ମିଳିବ। କମ୍ପାନୀର ସି୧ ଲାଇଟ ମଡେଲ ୪୩୪୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ସି୧ ୫୪୦୦ଟଙ୍କା, ସି୨ ୬୩୦୦ ଟଙ୍କା, ଇ୧ ସେଲଫି ୮,୪୦୦ ଟଙ୍କା ଏବଂ ଏକ୍ସ୧ ଡୁଆଲ ୧୦,୫୦୦ ଟଙ୍କାରେ ଉପଲବ୍ଧ ହେବ।

## ଅଫ୍‌ଲାଇନ ବଜାରରେ ସ୍ଥିତି ଦୃଢ଼ୀକରଣ ଲକ୍ଷ୍ୟ: କାର୍ଲ

**ଗ୍ରାହକଙ୍କ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଛି। ସେଲ୍‌ଫି ଫିଚର ରହିଥିବା ଫୋନଗୁଡିକୁ ନେଇ ଏବେ ଚାରିଆଡେ କ୍ରେଜ୍। ଏହାକୁ ନଜରରେ ରଖି ବଜାରର ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି। ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ଗ୍ରାହକଙ୍କୁ ଯୋଗାଣ ନେଇ କମ୍ପାନୀଗୁଡିକ ପ୍ରାଥମିକତା ଦେଉଛନ୍ତି। ଏ ସମ୍ପର୍କରେ ମୋବିଷ୍ଟାରର ସିଇଓ କାର୍ଲ ଙ୍ଗୋ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

**ଭାରତୀୟ ସ୍ମାର୍ଟଫୋନ ବଜାରକୁ କେମିତି ଦେଖୁଛନ୍ତି?**
ଭାରତ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାର୍ଟଫୋନ ବଜାର। ବିଶ୍ୱର ଏକ ପ୍ରମୁଖ ସ୍ମାର୍ଟଫୋନ ବଜାର ହୋଇଥିବାରୁ ଏଠାରେ ଅନେକ କମ୍ପାନୀ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଧାରାରେ ଆମେ ୫ ନୂଆ ସେଲଫିଭିତ୍ତିକ ପ୍ରଡକ୍ଟକୁ ବଜାର ପ୍ରବେଶ କରାଇଛୁ। ମୋଟ ସ୍ମାର୍ଟଫୋନ ବିକ୍ରିର ୭୦% ବର୍ତ୍ତମାନ ଅଫ୍‌ଲାଇନରେ ବିକ୍ରି ହେଉଛି। ଏହା ଆମ ଲାଗି ଏକ ସୁଯୋଗ। ଅଫ୍‌ଲାଇନରେ ସ୍ଥିତି ଦୃଢ଼ୀକରଣ ନେଇ ଯୋଜନା ଧାର୍ଯ୍ୟ କରିଛୁ। ସେହିଭଳି ବିକ୍ରି ହେଉଥିବା ମୋଟ୍ ସ୍ମାର୍ଟଫୋନର ପ୍ରାୟ ୫୦% ଗ୍ରାହକ ୧୦ ହଜାର ବର୍ଗରେ ପ୍ରଡକ୍ଟକୁ ଚୟନ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଆମେ ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ବଜାରକୁ ଆଣିଛୁ। ଏହାବାଦ ଗ୍ରାହକଙ୍କ ମଧ୍ୟରେ ସେଲ୍‌ଫି ଫୋନ୍ ଚାହିଦା ବଢ଼ିଥିବାରୁ ଏହାକୁ ନେଇ ଫୋନଗୁଡିକ ପ୍ରସ୍ତୁତ ହୋଇଛି। ସୁଲଭ ମୂଲ୍ୟଯୁକ୍ତ ମଡେଲଗୁଡିକ ଗ୍ରାହକଙ୍କୁ ଉନ୍ନତ ସେଲଫି ଅଭିଜ୍ଞତା ପ୍ରଦାନ ଦିଗରେ ସହାୟକ ହେବ। ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି ଆଶା।

**ମୋବିଷ୍ଟାର ପ୍ରଡକ୍ଟ ସମ୍ପର୍କରେ କ'ଣ କହିବେ?**
ଆମେ ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ବୁଝିଛୁ। 'ଏନ୍‌ଜଏ ମୋର' ମୂଳମନ୍ତ୍ରକୁ ନେଇ ଆଗକୁ ବଢୁଛୁ। ଭାଲ୍ୟୁ ଫର୍ ମନି, ଉନ୍ନତ ୟୁଜର ଅଭିଜ୍ଞତା , ଗ୍ରାହକ ସନ୍ତୁଷ୍ଟି ନେଇ ବିଭିନ୍ନ ପଦକ୍ଷେପ ନେଇଛୁ। ଏହି ଧାରାରେ ଆମର ପ୍ରଡକ୍ଟଗୁଡିକ ଡିଜାଇନ ହୋଇଛି। ଉନ୍ନତ ଉତ୍ପାଦ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏଠାରେ ୨୦୦ ସହରର ୬୦୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହେବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୨୦ ରାଜ୍ୟର ୪୫୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହୋଇଛୁ। ସେହିଭଳି ୧୦୦୦ ସର୍ଭିସ ସେଣ୍ଟର ଦ୍ୱାରା ସେବା ଯୋଗାଣ ଯୋଜନା କରିଛୁ।

**ଓଡିଶା ବଜାରକୁ ନେଇ କ'ଣ ଯୋଜନା ରହିଛି?**
ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ଓଡିଶା ଉପରେ ଆମେ ବିଶେଷ ଭାବେ ଫୋକସ୍ କରିଛୁ। ୨୧ ଡିଷ୍ଟ୍ରିବ୍ୟୁଟର ଓ ୧୫୦୦ ରିଟେଲ ଆଉଟଲେଟରେ ମୋବିଷ୍ଟାରର ସ୍ମାର୍ଟଫୋନଗୁଡିକ ଉପଲବ୍ଧ କରାଇବାକୁ ପଦକ୍ଷେପ ନିଆଯାଉଛି। ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୨୬ ସର୍ଭିସ ସେଣ୍ଟର ଦ୍ୱାରା ସେବା ପ୍ରଦାନ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ଷ୍ଟୋରଗୁଡିକରେ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ନେଇ ଯତ୍ନବାନ ରହିଛୁ। ସେହିଭଳି ସେମାନଙ୍କ ଚାହିଦା ପରିପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

**ଘରୋଇ ବଜାରରେ ମାନୁଫାକଚରିଂ ଲାଗି କିଛି ବ୍ୟବସ୍ଥା କରିଛନ୍ତି କି?**
ଘରୋଇ ବଜାରରେ ଆମର ନିଜସ୍ୱ ମାନୁଫାକଚରିଂ ୟୁନିଟ୍ ନାହିଁ। ବର୍ତ୍ତମାନ ଆମେ ନଏଡାଠାରେ ଏକ ଷ୍ଟ୍ରାଟେଜିକ ପାର୍ଟନର ସହ ଚୁକ୍ତି କରିଛୁ। ସେଠାରେ ମୋବିଷ୍ଟାର ଫୋନଗୁଡିକ ପ୍ରସ୍ତୁତ ହେଉଛି।

**ଅନ୍‌ଲାଇନ ସ୍ମାର୍ଟଫୋନ ବଜାର ବୃଦ୍ଧି ନେଇ କ'ଣ ମତ ଦେବେ?**
ଅନ୍‌ଲାଇନ୍ ବଜାର ବୃଦ୍ଧି ପରିଲକ୍ଷିତ ହେଉଛି। ମାତ୍ର ଏବେ ମଧ ଅଫ୍‌ଲାଇନ ବଜାର ପ୍ରମୁଖ ସ୍ଥାନରେ ରହିଛି। ଏଠାରେ ଅନ୍‌ଲାଇନର ବଜାର ଅଂଶ ୩୦% ରହିଛି। ଏହାକୁ ଧ୍ୟାନରେ ରଖି ଫ୍ଲିପକାର୍ଟ ସହ ଚୁକ୍ତିରେ ସାମିଲ ହୋଇଛୁ।

## ବଜାରରେ କର୍ଲଅନ୍‌ର 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'




ଭୁବନେଶ୍ୱର,୧୧-୯

ପ୍ରମୁଖ ମ୍ୟାଟ୍ରେସ, ହୋମ ଫର୍ଣ୍ଣିଚର ଓ ଫର୍ଣ୍ଣିସିଂ ବ୍ରାଣ୍ଡ କମ୍ପାନୀ କର୍ଲଅନ୍ ଏହାର ନୂଆ ଉତ୍ପାଦ 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'କୁ ବଜାର ପ୍ରବେଶ କରାଇଛି। କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶୁତୋଷ ବୈଦ୍ୟ, ଭୁବନେଶ୍ୱର ପ୍ଲାଣ୍ଟର ଫ୍ୟାକ୍ଟ୍ରି ମ୍ୟାନେଜର ଜେ. ପଣ୍ଡା ଏବଂ ପୂର୍ବାଞ୍ଚଳ ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ଅର୍ନବ ରାଏ ଚୌଧୁରୀ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ। ଏହି ଟେକ୍ନୋଲୋଜି ଦ୍ୱାରା ଗ୍ରାହକମାନେ ମାଟ୍ରେସର ଦୃଢତା ଏବଂ କୋମଳତା ଲାଭ କରିପାରିବେ। ଏହା ୨୦-୪୦% ହାଲକା ହୋଇଥିବା ବେଳେ ସମୟର ଆବଶ୍ୟକତାକୁ ଆଧାର କରି ନୂଆ ଟେକ୍ନୋଲୋଜି ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆଗାମୀ ଦିନରେ କମ୍ପାନୀ ୧୨୫ ପ୍ରକାରର ନୂଆ ଉତ୍ପାଦ ଏବଂ ଅଭିନବ ଟେକ୍ନୋଲୋଜିଯୁକ୍ତ ମ୍ୟାଟ୍ରେସ ବଜାରକୁ ଆଣିବାକୁ ଯୋଜନା ରଖିଛି। ୨୦୨୦ ସୁଦ୍ଧା ପୂର୍ବାଞ୍ଚଳରେ ୨୦୦ ଷ୍ଟୋର ସହ ୧୦୦ ବ୍ରାଣ୍ଡ ଆଉଟଲେଟ ଖୋଲିବା ନେଇ ଯୋଜନା ରହିଛି। ବର୍ତ୍ତମାନ ୧୫୦୦ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ସେବା କମ୍ପାନୀ ଯୋଗାଉଥିବା ସୂଚନା ଦେଇଛି। ପୂର୍ବାଞ୍ଚଳରେ ଗତ ବର୍ଷ କମ୍ପାନୀ ୧୯% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହା ସମୁଦାୟ ବିକ୍ରିର ୧୮ରୁ ୨୦% ବୋଲି ବୈଦ୍ୟ କହିଛନ୍ତି।


୧



୨


୩

# ଓଡ଼ିଶାରେ ହିରୋର ଏକ୍ସଟ୍ରିମ୍ ୨୦୦ଆର୍

ଭୁବନେଶ୍ୱର, ୧୧-୯(ବ୍ୟୁରୋ)

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଏହାର ନୂତନ ପ୍ରିମିୟମ ମୋଟରସାଇକେଲ୍ 'ଏକ୍ସଟ୍ରିମ୍ ୨୦୦ଆର୍'କୁ ମଙ୍ଗଳବାର ଓଡିଶା ବଜାରରେ ପ୍ରବେଶ କରାଇଛି। କଟକ ଏବଂ ଭୁବନେଶ୍ୱରରେ ଥିବା ହିରୋ ମୋଟୋକର୍ପର ବିଭିନ୍ନ ଡିଲର୍‌ଶିପ୍ ପଏଣ୍ଟରେ କମ୍ପାନୀ ଅଧିକାରୀ ଏବଂ ଶୋ'ରୁମ୍ ସ୍ୱତ୍ୱାଧିକାରୀଙ୍କ ଉପସ୍ଥିତିରେ ଏହାକୁ ଉନ୍ମୋଚନ କରାଯାଇଛି। ଏହାର ଭୁବନେଶ୍ୱର ଏକ୍ସ-ଶୋ'ରୁମ୍ ମୂଲ୍ୟ ୯୦,୯୦୦ ଟଙ୍କା ରହିଛି। ପାନ୍ଥର ବ୍ଲାକ୍-କୁଲ୍ ସିଲ୍‌ଭର, ପାନ୍ଥର ବ୍ଲାକ୍-ରେଡ୍, ସ୍ପୋର୍ଟସ୍ ରେଡ୍, ଚାର୍‌କୋଲ ଗ୍ରେ- ଅରେଞ୍ଜ୍ ଏବଂ ଟେକ୍ନୋ ବ୍ଲୁ ଭଳି ୫ଟି ଡୁଆଲ୍ ଟୋନ୍ କଲର ସ୍କିମ୍‌ରେ ଏହା ଉପଲବ୍ଧ। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ନ୍ୟୁ ରେଞ୍ଜ୍ ପ୍ରିମିୟମ୍ ବାଇକ୍ କ୍ଷେତ୍ରରେ ଚଳିତ ବର୍ଷ କମ୍ପାନୀ ପ୍ରଥମ ଥର ପାଇଁ ଏଭଳି ଯାନ ବଜାରକୁ ଆଣିଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବୈଶିଷ୍ଟ୍ୟ ସହିତ ଆଣ୍ଟି-ଲକ୍ ବ୍ରେକ୍ ସିଷ୍ଟମ ରହିଛି। ବିଏସ୍-୪ ଆଧାରିତ ଏହି ୨୦୦ ସିସି ଇଞ୍ଜିନ ବିଶିଷ୍ଟ ବାଇକ୍ ଘଣ୍ଟାକୁ ୧୧୪ କି.ମି. ବେଗର ଗତି କରିବାର ସାମର୍ଥ୍ୟ ରଖେ ବୋଲି କମ୍ପାନୀ ପ୍ରକାଶ କରିଛି।

୧ ଲକ୍ଷ୍ମୀସାଗରସ୍ଥିତ ଭାରତ ମୋଟର୍ସଠାରେ ନୂତନ ଯାନର ବଜାର ପ୍ରବେଶ ଅବସରରେ କମ୍ପାନୀର ଓଡ଼ିଶା ମୁଖ୍ୟ ଅବ୍‌ଦୁଲ୍ ଅହଦ୍ ଏବଂ ଭାରତ ମୋଟର୍ସର ସିଇଓ ଆଦିତ୍ୟ ବିକ୍ରମ ଦିଦ୍‌ୱାନିଆଙ୍କ ସହ ଅନ୍ୟମାନେ।

୨ କଟକସ୍ଥିତ ସୋନି ମୋଟରଠାରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଅଭିନେତା ଅଂଶୁମାନଙ୍କ ସହ କମ୍ପାନୀ ଓ ଶୋ'ରୁମ୍‌ର ଅଧିକାରୀ ବୃନ୍ଦ।

୩ ସ୍ଥାନୀୟ ଫାୟାର ଷ୍ଟେଶନ ସ୍ଥିତ ରୋହନ ହିରୋ ଶୋ'ରୁମ୍‌ରେ 'ଏକ୍ସଟ୍ରିମ୍ ୨୦୦ଆର'କୁ ଉନ୍ମୋଚନ କରୁଛନ୍ତି ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ରାଜୀବ ଦୁବେ।

୪ କଟକ ସ୍ଥିତ ଜେଏମ୍‌ଜି ଶୋ'ରୁମ୍‌ରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଶୋ'ରୁମ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ କମ୍ପାନୀ ଅଧିକାରୀ ଓ ଗ୍ରାହକ ବୃନ୍ଦ।

୫ କଟକ ସ୍ଥିତ ଏସନ୍ ଅଟୋମୋବାଇଲ୍‌ଠାରେ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ହେମନ୍ତ ଠାକର ଏବଂ ସୌରଭ ଠାକର ନୂତନ ଯାନ ବଜାର ପ୍ରବେଶ କରାଉଛନ୍ତି। ଏହି ଅବସରରେ ମହିଳା ହକି ତାରକା ସୁନୀତା ଲାକ୍ରା, ଦୀପଗ୍ରେସ୍ ଏକ୍କା, ନମିତା ଟୋପ୍ପୋ, ଲିଲିମା ମିଞ୍ଜ ଅତିଥି ଭାବେ ଯୋଗ ଦେଇଛନ୍ତି।



୪


୫

## ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଆଜି

ଲଣ୍ଡନ,୧୧-୯

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ସଂକ୍ରାନ୍ତ ମାମଲାର ଶୁଣାଣି ବୁଧବାର ଏଠାରେ ପୁନରାୟ ଆରମ୍ଭ ହେବାକୁ ଯାଉଛି। ଏହି ଶୁଣାଣି ବେଳେ ମୁମ୍ବାଇସ୍ଥିତ ଆର୍ଥର ରୋଡ୍ ଜେଲ୍ ସମ୍ପର୍କରେ ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ଭିଡିଓକୁ ସ୍ଥାନୀୟ ଅଦାଲତ ପରୀକ୍ଷା କରି ଦେଖିବେ। ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ମାଲ୍ୟା ଏବେ ଲଣ୍ଡନକୁ ପଳାଇ ଆସିଛନ୍ତି। ତାଙ୍କର ପ୍ରତ୍ୟର୍ପଣ ଲାଗି ସିବିଆଇ ପକ୍ଷରୁ ଲଣ୍ଡନ ଅଦାଲତରେ ମାମଲା ଦାଏର କରାଯାଇଛି। ଗତ ଏପ୍ରିଲରେ ସେ ଗିରଫ ହେବା ପରେ ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ମାଲ୍ୟା ପ୍ରତ୍ୟର୍ପଣକୁ ବିରୋଧ କରିଛନ୍ତି। ଭାରତର ଜେଲ୍ ରହିବାଯୋଗ୍ୟ ନୁହେଁ ବୋଲି ସେ ତାଙ୍କ ଯୁକ୍ତିରେ ଦର୍ଶାଇଛନ୍ତି। ମାଲ୍ୟା ରହିବାକୁ ଥିବା ଜେଲ୍‌ର ଭିଡିଓ ଉତ୍ତୋଳନ କରି ଦାଖଲ କରିବାକୁ ଅଦାଲତ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।



“ କ୍ୟାରିୟରର ଅନ୍ତିମ ଟେଷ୍ଟରେ ମୁଁ ୯୬ ରନ କରି ଚାପରେ ରହିଥିବା ବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ଓଭର ଥ୍ରୋ ମୋତେ ଆଶୀର୍ବାଦ ଭଳି ହୋଇଥିଲା।

–ଆଲିଷ୍ଟର କୁକ୍, ଇଂଲଣ୍ଡ କ୍ରିକେଟର



“ ଇଂଲଣ୍ଡ ପରିବେଶରେ କିଭଳି ବୋଲିଂ କରିବାକୁ ହେବ ତାହାର କୌଶଳ ବିପକ୍ଷ ଦଳର ପେସ୍ ବୋଲର ଷ୍ଟୁଆର୍ଟ ବ୍ରଡ ଓ ଜେମ୍ସ ଆଣ୍ଡରସନଙ୍କଠାରୁ ମୁଁ ହାସଲ କରିପାରିଛି।

–ମହମ୍ମଦ ଶାମି, ଭାରତୀୟ ସ୍ପିଡ୍‌ଷ୍ଟର



## ସଂକ୍ଷେପରେ

### ଫେରାରି ଛାଡ଼ିବେ ରାଇକୋନେନ

**ମିଲାନ, ୧୧।୯ (ଏଏଫ୍‌ପି):** ପୂର୍ବତନ ବିଶ୍ୱ ଚାମ୍ପିୟନ କିମି ରାଇକୋନେନ ୨୦୧୮ ସିଜନ ଶେଷରେ ଫେରାରି ଛାଡ଼ିବେ। ଇଟାଲୀ ଫର୍ମୁଲା ୱାନ ଟିମ୍ ମଙ୍ଗଳବାର ଏହି ଘୋଷଣା କରିଛି। ୩୮ ବର୍ଷୀୟ ରାଇକୋନେନ ୨୦୦୧ରେ ସୌବେର ଟିମ୍ ତରଫରୁ ପ୍ରତିନିଧିତ୍ୱ କରି ଫର୍ମୁଲା ୱାନ ପଦାର୍ପଣ କରିଥିଲେ। ଇତିମଧ୍ୟରେ ସେ ୨୮୭ ରେସ୍‌ରେ ଅଂଶଗ୍ରହଣ କରିବା ସହ ୨୦ଟିରେ ବିଜୟ ହାସଲ କରିପାରିଛନ୍ତି। ୨୦୧୯ ସିଜନରେ ସେ ପୁଣି ସୌବେର ଫର୍ମୁଲା ୱାନ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୦୭ ଫର୍ମୁଲାୱାନ ବିଶ୍ୱ ଚାମ୍ପିୟନ ଏହି ଟିମ୍ ସହିତ ଆସନ୍ତା ଦୁଇ ବର୍ଷ ପାଇଁ ଚୁକ୍ତି କରିଥିବା ସୂଚନା ମିଳିଛି। ଫେରାରି ସହିତ ବିଶ୍ୱ ଟାଇଟଲ ଜିତିବା ପରେ ରାଇକୋନେନ ଦୁଇ ବର୍ଷ ପାଇଁ ଫର୍ମୁଲା ୱାନ ଛାଡ଼ି ଦେଇଥିଲେ ଏବଂ ବିଶ୍ୱ ରାଲି ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ପରେ ୨୦୧୨ରେ ସେ ଫର୍ମୁଲା ୱାନ ଟିମ୍ ଲୋଟସରେ ଯୋଗ ଦେଇଥିଲେ। ସେଠାରୁ ୨୦୧୪ରେ ସେ ଫେରାରିକୁ ଚାଲିଆସିଥିଲେ।

### ଆଫ୍ରିଦୀ, ଗେଲ୍ ଆଇକନ୍ ଖେଳାଳି

**ଦୁବାଇ, ୧୧।୯:** ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଆଫଗାନିସ୍ତାନ ପ୍ରିମିୟର ଲିଗ୍ (ଏପିଏଲ୍) ପାଇଁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଶାହିଦ ଆଫ୍ରିଦୀ, କ୍ରିସ ଗେଲ୍ ଆଇକନ୍ ଖେଳାଳି ତାଲିକାରେ ରହିଛନ୍ତି। ସେହିଭଳି ତାରକା ସ୍ପିନର ରଶିଦ ଖାଁ, ବ୍ରେଣ୍ଡନ ମ୍ୟାକକୁଲମ ଓ ଆନ୍ଦ୍ରେ ରସେଲ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅକ୍ଟୋବର ୫ରୁ ୨୩ ତାରିଖ ପର୍ଯ୍ୟନ୍ତ ଏପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୟୁଏଇର ଶାରଜା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏଥିଲାଗି ମଙ୍ଗଳବାର ଖେଳାଳି ନିଲାମ ଅନୁଷ୍ଠିତ ହେବା ସହ ଆଇକନ୍ ଖେଳାଳି ତାଲିକା ପ୍ରକାଶ ପାଇଥିଲା। ମୋଟ୍ ୫ଟି ଫ୍ରାଞ୍ଚାଇଜକୁ ନେଇ ଏହି ଟି୨୦ ଲିଗ୍ ଅନୁଷ୍ଠିତ ହେବ। ଆଫଗାନିସ୍ତାନର ୫ଟି ସହରକୁ ନେଇ ଟିମ୍‌ଗୁଡ଼ିକର ନାମ ରଖାଯାଇଛି। ଏହି ଟିମ୍‌ଗୁଡ଼ିକ ହେଲେ କାବୁଲ, କାନ୍ଦାହାର, ନଙ୍ଗାରହର, ପକ୍ତିୟା ଓ ବଲଖ। ଆଫ୍ରିଦୀଙ୍କୁ ପକ୍ତିୟା, ରଶିଦ୍‌ଙ୍କୁ କାବୁଲ ଦଳ ନିଲାମରେ ନେଇଛନ୍ତି। ସେହିଭଳି ଜାମାଇକାନ ଷ୍ଟାର ଗେଲ୍ ଓ ରସେଲଙ୍କୁ ଯଥାକ୍ରମେ ବଲ୍‌ଖ ଓ ନଙ୍ଗାରହର ଦଳ କ୍ରୟବେଳେ ମ୍ୟାକ୍‌କୁଲମ କାନ୍ଦାହାର ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ପ୍ରତିଦଳରେ ସର୍ବନିମ୍ନ ୧୭ ଓ ସର୍ବାଧିକ ୨୦ ଖେଳାଳି ରହିପାରିବେ ବୋଲି ଏପିଏଲ୍ ଗଭର୍ନିଂ କାଉନସିଲ ପକ୍ଷରୁ କୁହାଯାଇଛି।

## ରାହୁଲ, ରିଷଭଙ୍କ ଲଢୁଆ ଶତକ ଫିକା ପଡ଼ିଲା

# ଭାରତର ୪ର୍ଥ ପରାଜୟ





ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ଲଣ୍ଡନ, ୧୧।୯(ପି.ଟି.)**

ଓପନର ଲୋକେଶ ରାହୁଲ ଓ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଲଢୁଆ ଶତକ ସତ୍ତ୍ୱେ ଭାରତ ଘରୋଇ ଇଂଲଣ୍ଡଠାରୁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ୧୧୮ ରନରେ ପରାସ୍ତ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ଇଂଲଣ୍ଡ ୪–୧ ବ୍ୟବଧାନରେ ବିଜୟୀ ହୋଇଛି। ବିଦାୟୀ ଟେଷ୍ଟରେ ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡ ଯୁବ ଅଲରାଉଣ୍ଡର ସାମ କୁରାନ ଯୁଗ୍ମ ଭାବେ ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୪୦ ରନର ମହତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୧୨.୧ ଓଭରରେ ୮ ଉଇକେଟ ହରାଇ ୪୨୩ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ସମ୍ମୁଖରେ ୪୬୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ମଙ୍ଗଳବାର ଅନ୍ତିମ ଦିବସରେ ୯୪.୩ ଓଭରରେ ୩୪୫ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ରାହୁଲ ୧୪୯ ଓ ରିଷଭ ୧୧୪ ରନର ଶତକୀୟ ପାଳି ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ ମଧ୍ୟ ଶେଷରେ ପ୍ୟାଭିଲିୟନ ଫେରିଛନ୍ତି। ଇଂଲଣ୍ଡ ବିଜୟୀ ହୋଇଥିଲେ ମଧ୍ୟ ରାହୁଲ ଓ ରିଷଭଙ୍କ ଲଢୁଆ ଶତକ ଅନ୍ତିମ ଦିବସର ମୁଖ୍ୟ ଘଟଣାଥିଲା।

ଚତୁର୍ଥ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୮/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ରାହୁଲ ଓ ଅଜିଙ୍କ୍ୟ ରାହାନେ ଦେଖିଚାହିଁ ଆରମ୍ଭ କରିଥିଲେ। ୧୦ ରନରୁ ଖେଳ ଆରମ୍ଭ କରି ରାହାନେ ୩୭ ରନ କରି ମୋଇନ ଅଲୀଙ୍କ ବଲରେ କିଟନ ଜେନିଙ୍ଗ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରାହୁଲ ୪୬ ରନରୁ ଖେଳ ଆରମ୍ଭ କରି ଦମ୍‌ଦାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ। ତେବେ ସେ ୧୪୯ ରନ କରିଥିବା ବେଳେ ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ରାହାନେଙ୍କ ପରେ ପ୍ରଥମ ଇନିଂସରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନବାଗତ ହନୁମା ବିହାରୀ ଖାତା ଖୋଲିବା ପୂର୍ବରୁ ବେନ ଷ୍ଟୋକ୍ସଙ୍କ ବଲରେ ଉଇକେଟ କିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ରିଷଭ ବ୍ୟାଟିଂ କରିବାକୁ ଆସି ୧୧୪ ରନ କରିଥିବା ବେଳେ ମୋଇନଙ୍କୁ କ୍ୟାଚ୍ ଦେଇ ରସିଦଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରାହୁଲ ଓ ରାହାନେ ଚତୁର୍ଥ ଉଇକେଟ ଯୋଡିରେ ୧୧୮ ରନ ସଂଗ୍ରହ କରିଥିଲେ। ସେହିପରି ଷଷ୍ଠ ଉଇକେଟ ଯୋଡିରେ ରାହୁଲ ଓ ରିଷଭ ୨୦୪ ରନ କରି ଇଂଲଣ୍ଡ ବୋଲରଙ୍କୁ ହତାଶ କରିଥିଲେ। ଏହାପରେ ରବୀନ୍ଦ୍ର ଜାଡେଜା ୧୩, ଈଶାନ୍ତ ଶର୍ମା ୫ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସାମି ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମରା ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ସର୍ବାଧିକ ୩, ରସିଦ ଓ ସାମ କୁରାନ ଦୁଇଟି ଲେଖାଏ, ଷ୍ଟୁଆର୍ଟ ବ୍ରଡ, ମୋଇନ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହୋଇଥିଲା।

**ଇଂଲଣ୍ଡ ୪-୧ରେ ସିରିଜ୍ ବିଜୟୀ**

- କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ବିରାଟ କୋହଲି, ସାମ୍ କୁରାନ ପ୍ଲେୟର ଅଫ୍ ଦି ସିରିଜ୍

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୨୨ ଓଭରରେ ୩୩୨। **ଭାରତ ପ୍ରଥମ ଇନିଂସ:** ୯୫ ଓଭରରେ ୨୯୨। **ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୧୨.୩ ଓଭରରେ ୪୨୩/୮ (ଇନିଂସ ଘୋଷଣା)। **ଭାରତ ଦ୍ୱିତୀୟ ଇନିଂସ:** ୯୪.୩ ଓଭରରେ ୩୪୫ ଅଲଆଉଟ (ରାହୁଲ– ୧୪୯, ରିଷଭ– ୧୧୪, ରାହାନେ–୩୭, ଆଣ୍ଡରସନ– ୩/୪୫, କୁରାନ– ୨/୨୩, ରସିଦ– ୨/୬୩)।

## ଦ୍ରୋଣାଚାର୍ଯ୍ୟ, ଧ୍ୟାନଚାନ୍ଦ ପୁରସ୍କାର

# ଜଷ୍ଟିସ୍ ମୁଦ୍‌ଗଲ ଚୟନ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୧୧।୯ (ପି.ଟି.)**

ଚଳିତ ବର୍ଷର ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ଚୟନ କରିବା ଲାଗି ଯେଉଁ ୧୧ଜଣିଆ ସିଲେକ୍ସନ କମିଟି ଗଠନ କରାଯାଇଛି ଜଷ୍ଟିସ ମୁକୁଲ ମୁଦ୍‌ଗଲ ତାହାର ଅଧ୍ୟକ୍ଷ ରହିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଅବଶ୍ୟ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ମୁଦ୍‌ଗଲ ହେଉଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି। ସେ ୨୦୧୩ ଆଇପିଏଲ ସ୍ପଟ ଫିକ୍ସିଂ ସ୍କାଣ୍ଡାଲ ତଦନ୍ତ ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସିଲେକ୍ସନ କମିଟି ବୈଠକ ଚଳିତମାସ ୧୬ରେ ଦିଲ୍ଲୀରେ ବସିବ। ସିଲେକ୍ସନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଏୟାର ପିସ୍ତଲ ଶୁଟର ସମରେଶ ଜଙ୍ଗ୍ ଓ ବ୍ୟାଡମିଣ୍ଟନ ଖେଳାଳି ଅଶ୍ୱିନ ପୋନାପ୍ପା ସ୍ଥାନ ପାଇଛନ୍ତି। ଏଥିରେ ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଜି.ଏସ୍. ସାନ୍ଧୁ, ହକି କୋଚ୍ ଏ.କେ.ବଂଶାଲ, ଆର୍ଚେରୀ କୋଚ୍ ସଞ୍ଜୀବା ସିଂଙ୍କ ବ୍ୟତୀତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଓଁକାର କେଡିଆ ଏବଂ ଯୁଗ୍ମ ସଚିବ(କ୍ରୀଡ଼ା) ଇନ୍ଦର ଧାମିଜା ମଧ୍ୟ ସଦସ୍ୟ ରହିଛନ୍ତି। ପ୍ୟାନେଲରେ ଦୁଇ ଜଣ କ୍ରୀଡ଼ା ଜର୍ନାଲିଷ୍ଟ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ ମଧ୍ୟ ଏହି କମିଟିରେ ସ୍ଥାନ ପାଇଛନ୍ତି। ବିଗତ ୪ବର୍ଷ ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କୋଚ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜଣେ ଖେଳାଳି ସକ୍ରିୟ ଥିବା ସମୟରେ ଏବଂ ଅବସର ପରେ ତାଙ୍କର ଖେଳ ପ୍ରତି ରହିଥିବା ଅବଦାନକୁ ବିଚାର କରାଯାଇ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ବଛାଯାଇଥାଏ। ସୂଚନାଯୋଗ୍ୟ, ଏସିଆନ ଗେମ୍ସ ଯୋଗୁ ଏଥର ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ଅଗଷ୍ଟ ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୫ରେ ଆୟୋଜିତ ହେବ।

# ଭାରତ ଏ’–ଅଷ୍ଟ୍ରେଲିଆ ଏ’ ସିରିଜ ବରାବର

**ବେଙ୍ଗାଲୁରୁ, ୧୧।୯(ପି.ଟି.)**

ଆଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ’ ୬ଉଇକେଟରେ ଅଷ୍ଟ୍ରେଲିଆ ଏ’କୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧–୧ରେ ବରାବର ଭାବେ ଶେଷ ହୋଇଛି। କ୍ରିଷ୍ଟାପ୍ପା ଗୋଥାମ (୩/୩୯) ଓ କୁଲ୍‌ଦୀପ ଯାଦବ (୩/୪୬)ଙ୍କ ଚମତ୍କାର ବୋଲିଂ ପରେ ଅଙ୍କିତ ବାଓନେଙ୍କ ୧୮ବଲ୍‌ରୁ ଅପରାଜିତ ୨୮ ରନ ଦଳକୁ ବିଜୟୀ କରାଇବାରେ ବିଶେଷ ସହାୟକ ହୋଇଥିଲା। ମଙ୍ଗଳବାର ସକାଳେ ଅଷ୍ଟ୍ରେଲିଆ ଏ’ ପୂର୍ବଦିନର ଅସମାପ୍ତ ସ୍କୋର ୩୮/୨ରୁ ଖେଳ ଆରମ୍ଭ କରିଥିଲା। ଟ୍ରାଭିସ ହେଡ୍ (୪୭) ଓ ପିଟର ହ୍ୟାଣ୍ଡ୍‌ସକମ୍ବ (୫୬) ତୃତୀୟ ଉଇକେଟରେ ୭୯ରନଯୋଗ କରିଥିଲେ। ଫଳରେ ଏକଦା ୨ ଉଇକେଟରେ ୧୧୬ ରନ କରି ଭ୍ରମଣକାରୀ ଦଳ ଭଲ ସ୍ଥିତିରେ ରହିଥିଲା। କିନ୍ତୁ ଶାହବାଜ ନଦିମ (୨/୬୭) ହେଡ୍‌ଙ୍କୁ ଆଉଟ କରିବା ପରେ ଅଷ୍ଟ୍ରେଲିଆ ଏ’ର ଶେଷ ୬ ଉଇକେଟ ୭୩ ରନରେ ପତନ ଘଟିଥିଲା। ମିଚେଲ ମାର୍ଶ (୭୯ବଲ୍‌ରୁ ୩୬) ଏବଂ ମାଇକେଲ ନେସେର (୧୧୨ ବଲ୍‌ରୁ ୧୭ରନ) ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ ମଧ୍ୟ ୧୬ ଓଭର ପାଖାପାଖି ତିଷ୍ଠି ପାରିଥିଲେ। ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୧୩ ରନ କରିପାରିଥିଲା। ମ୍ୟାଚରେ ବିଜୟ ପାଇଁ ଘରୋଇ ଦଳ ୮ ଓଭରରେ ୫୫ ରନ ଆବଶ୍ୟକ କରୁଥିଲା। ଭାରତ ଏ’ ପକ୍ଷରୁ ବ୍ୟାଟିଂ ଓପନ କରିବାକୁ ଆସି ଓଭୟ ଶ୍ରେୟାସ ଆୟାର ଓ ଶୁବମନ ଗିଲ୍ ଶସ୍ତାରେ ଆଉଟ୍ ହୋଇଯାଇଥିଲେ। ଭାରତ ଏକଦା ୩.୫ ଓଭରରେ ୨୫ ରନ ସ୍କୋର କରି ୪ ଉଇକେଟ ହରାଇଥିଲା। ମାତ୍ର କ୍ରିସ୍ ଟ୍ରିମେନଙ୍କ ୫ମ ଓଭରରେ ବାଓନେ ୧୬ ରନ ସଂଗ୍ରହ କରି ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ଏ’:** ୩୪୬ ଓ ୨୧୩।
**ଭାରତ ଏ’:** ୫୦୫ ଏବଂ (ଟାର୍ଗେଟ ୫୫) ୫୫/୪।

# ଭାରତୀୟ ଦଳର ବୃହତ୍ ବିଜୟ

## ଦିନିକିଆ ମହିଳା କ୍ରିକେଟ ସିରିଜ୍

**ଗାଲେ, ୧୧।୯:** ଘରୋଇ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ରେ ବୃହତ ବ୍ୟବଧାନରେ ବିଜୟ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୯୯ ରନର ଛୋଟିଆ ଲକ୍ଷ୍ୟକୁ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ୩୦ ଓଭର ଓ ୯ ଉଇକେଟ୍ ସୁରକ୍ଷିତ ଥାଇ ହାସଲ କରିନେଇଛି। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍ ତୃତୀୟ ରାଉଣ୍ଡ ପରିପ୍ରେକ୍ଷୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ସିରିଜ ଅନୁଷ୍ଠିତ ହେଉଛି।

ସ୍ଥାନୀୟ ଗାଲେ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ବୋଲରଙ୍କୁ ଉଚିତ୍ ମୁକାବିଲା କରି ନ ପାରି ଶ୍ରୀଲଙ୍କା ମହିଳା ଦଳ ୩୫.୧ ଓଭରରେ ମାତ୍ର ୯୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚାମାରି ଅଟ୍ଟାପାଟ୍ଟୁ (୩୩ ରନ), ଶ୍ରୀପାଲି ୱିରାକୋଡି (୨୬) ଓ ଡିଲାନି ମାଣ୍ଡୋରା (୧୨)ଙ୍କୁ ଛାଡ଼ିଦେଲେ ଅନ୍ୟ ଆଠଜଣ ବ୍ୟାଟ୍ସ୍‌ୱିମ୍ୟାନ ଦୁଇ ଅଙ୍କ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ମାନସୀ ଜୋଷୀ ୩ଟି ଏବଂ ଝୁଲଣ ଗୋସ୍ୱାମୀ ଓ ପୁନମ ଯାଦବଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ ଓ ଦୟଲାନ ହେମଲତା ଗୋଟିଏ ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ୯୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ଓପନିଂ ଯୋଡ଼ିରେ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର ପୁନମ ଯାଦବ ଓ ସ୍ମୃତି ମନ୍ଧନା ୯୬ ରନ ଯୋଗ କରି ଶ୍ରୀଲଙ୍କା ଦଳକୁ ନିରାଶ କରିଥିଲେ। ବିଜୟ ପାଇଁ ଆଉ ୩ ରନ ଆବଶ୍ୟକ ହେଉଥିବାବେଳେ ପୁନମ ୨୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟିକା ମିଥାଲି ଓ ସ୍ମୃତି ଦଳକୁ ଆଉ କୌଣସି କ୍ଷତି ନ ପହଞ୍ଚାଇ ୯ ଉଇକେଟ୍‌ରେ ବୃହତ ବିଜୟୀ କରାଇଥିଲେ। ମନ୍ଧନା ଦ୍ରୁତ ବ୍ୟାଟିଂ କରି ୭୬ ବଲରୁ ୧୧ ଚୌକା ଓ ୨ ଛକା ସହ ୭୩ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଗୁରୁବାର ଖେଳାଯିବ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସ୍ମୃତି ମନ୍ଧନା।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା ଇନିଂସ–** ୯୮/୧୦, ୩୫.୧ ଓଭର (ଅଟ୍ଟାପାଟ୍ଟୁ ୩୩, ଶ୍ରୀପାଳି ୨୬, ମାନସୀ ୩/୧୬, ଝୁଲଣ ୨/୧୩)।
**ଭାରତ ଇନିଂସ–** ୧୦୦/୧, ୧୯.୫ ଓଭର (ମନ୍ଧନା ୭୩*, ପୁନମ ୨୪, ମିଥାଲି ୦*, ଇନୋକା ରନାୱିରା ୧/୫)।

**ନିକଟ ଅତୀତରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସ–୨୦୧୮ରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ପଦକ ଜିତିଥିଲା । ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇଥିବା ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ରହିଥିଲେ। ସେମାନଙ୍କ ମଧ୍ୟରୁ ସୁନିତା ଲାକ୍ରା ଅନ୍ୟତମ । ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ସହରରେ ଜନ୍ମିତ ସୁନିତା ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ସମ୍ଭାଳିବା ସହ ଇତି ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି । କଟକରେ ଏକ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା ସୁନୀତାଙ୍କ ସହ ସାକ୍ଷାତକାର...**




# ‘ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ ଆବଶ୍ୟକ’

**❍ ଜାପାନ ବିପକ୍ଷ ଫାଇନାଲ ମ୍ୟାଚ୍ ପୂର୍ବରୁ ଯୋଜନା କ’ଣ ଥିଲା?**

➪ ଟୁର୍ନାମେଣ୍ଟ ଆରମ୍ଭରୁ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ନେଇ ଯାଇଥିଲୁ । ୨୦୧୪ ସଂସ୍କରଣରେ ଭାରତ ବ୍ରୋଞ୍ଜ ଜିତିଥିଲା । ଏଣୁ ଏଥର ସ୍ୱର୍ଣ୍ଣ ଜିତିବୁ ବୋଲି ଲକ୍ଷ୍ୟ ରହିଥିଲା । ଫାଇନାଲରେ ଶକ୍ତିଶାଳୀ ଜାପାନ ବିପକ୍ଷରେ ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ ଅଳ୍ପ ଗୋଲ ବ୍ୟବଧାନ(୧–୨)ରେ ହାରିଲୁ । ପୂର୍ବରୁ ଜାପାନଠାରୁ ଭାରତ ବୃହତ ଗୋଲ ବ୍ୟବଧାନରେ ପରାସ୍ତ ହେଉଥିଲା । ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରୁଛି ।

**❍ ଏସିଆନ ଗେମ୍ସରେ କେଉଁ ଦଳ ବିପକ୍ଷ ମ୍ୟାଚ୍‌ରେ ଅଧିକ ରୋମାଞ୍ଚ ରହିଥିଲା ?**

➪ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍‌କୁ ଖେଳାଳି ମାନେ ଉତ୍ସାହର ସହ ଖେଳିଥିଲେ । ବ୍ୟକ୍ତିଗତ ଭାବେ କହିବାକୁ ଗଲେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍ ମୋ ପାଇଁ ରୋମାଞ୍ଚକର ଥିଲା । ଏହି ମ୍ୟାଚ୍‌କୁ ଭାରତ ୪–୧ ଗୋଲରେ ଜିତିଥିବା ବେଳେ ପ୍ରତିମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା ।

**❍ ଓଡ଼ିଶାରେ ମହିଳା ହକିର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

➪ ଆଗ ଅପେକ୍ଷା ଓଡ଼ିଶାରେ ମହିଳା ହକି ଖେଳାଳି ଉତ୍କୃଷ୍ଟ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହି ଧାରା ବଜାୟ ରହିବା ଉଚିତ୍ । ଗତ ଏସିଆନ ଗେମ୍ସରେ ଜାତୀୟ ଦଳରେ ରାଜ୍ୟର ୪ ଜଣ ଖେଳାଳି ରହିଥିଲେ । ଆଗାମୀ ସଂସ୍କରଣ ଗୁଡ଼ିକରେ କିପରି ଏହି ସଂଖ୍ୟା ବୃଦ୍ଧି ହେବ, ଓଡ଼ିଶାରୁ ଅଧିକ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବେ ତାହାକୁ ଦୃଷ୍ଟି ଦେବା ଦରକାର ।

**❍ ରାଜ୍ୟରେ ମହିଳା ହକିର ବିକାଶ ନିମନ୍ତେ ଠିକ ପଦକ୍ଷେପ ନିଆଯାଉଛି କି?**

➪ ପୂର୍ବଭଳି ସମସ୍ୟା ନାହିଁ । ଖେଳାଳିମାନେ ପ୍ରୋତ୍ସାହନ ପାଉଛନ୍ତି । ହେଲେ ରାଜ୍ୟରେ ଅଧିକରୁ ଅଧିକ ମହିଳା ହକି ଟୁର୍ନାମେଣ୍ଟ କରାଯିବା ପ୍ରଥମ କର୍ତ୍ତବ୍ୟ । ଯାହା ଫଳରେ ମହିଳା ହକି ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ପାଇବ । ଏହାଛଡ଼ା ରାଜ୍ୟରେ ଏକ ଖୁବଶୀଘ୍ର ଅନ୍ତର୍ଜାତୀୟ ସ୍ତରର ମହିଳା ହକି ଟୁର୍ନାମେଣ୍ଟ କରାଯିବାର ଆବଶ୍ୟକତା ରହିଛି ବୋଲି ମୁଁ ଆଶା କରେ। ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ କରାଗଲେ ରାଜ୍ୟରେ ମହିଳା ହକି ଖେଳାଳିଙ୍କ ଉତ୍ସାହ ଦ୍ୱିଗୁଣିତ ହେବ ।

**❍ ହକିରେ କ୍ୟାରିୟର ଆରମ୍ଭ କରୁଥିବା ମହିଳା ଖେଳାଳିମାନଙ୍କ ନିମନ୍ତେ କ’ଣ ପରାମର୍ଶ ଦେବେ?**

➪ ଭଲ ପ୍ରଦର୍ଶନ କଲେ ଜାତୀୟ ଦଳରେ ସ୍ଥାନ ପାଇବାର ସୁଯୋଗ ରହିଛି । ଓଡ଼ିଶାର ଖେଳାଳିମାନେ ଜାତୀୟ ଦଳରେ ନିୟମିତ ଭାବେ ସ୍ଥାନ ମଧ୍ୟ ପାଉଛନ୍ତି । ଏଣୁ ଭଲଭାବେ ନିଜ କ୍ୟାରିୟରକୁ ଆରମ୍ଭ କରନ୍ତୁ । ଏବେ ବିଭିନ୍ନ ସ୍ତରରୁ ପ୍ରୋତ୍ସାହନ ମଧ୍ୟ ମିଳୁଛି । ଭଲ ଖେଳିଲେ ହକିରେ ନିଜ କ୍ୟାରିୟରକୁ ସୁନ୍ଦର ଭାବେ ଗଢ଼ି ପାରିବେ ।

(ରିପୋର୍ଟ– କୁମାରଶ୍ରୀ)



“ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ସେରେନା ୱିଲିୟମ୍ସଙ୍କ ଭଳି ପ୍ରତିଷ୍ଠିତ ଖେଳାଳି ଚେୟାର ଅମ୍ପାୟରଙ୍କୁ ଯେଭଳି ଗାଳିଗୁଲଜ କଲେ ତାହା ଗ୍ରହଣୀୟ ନୁହେଁ।

–ମାର୍ଟିନା ନାଭ୍ରାତିଲୋଭା, ପୂର୍ବତନ ଟେନିସ ଖେଳାଳି



“ ଡ୍ରଗ୍ସ କବଳରୁ ମୁକ୍ତି ପାଇବା ପରେ ମେକ୍ସିକାନ କ୍ଲବ ଡୋରାଡସ ଟିମ୍‌ର ନୂଆ ମ୍ୟାନେଜର ଭାବେ ନିଯୁକ୍ତି ମୋ ପାଇଁ ପୁନର୍ଜନ୍ମ ସଦୃଶ ।

–ଡିଏଗୋ ମାରାଡୋନା, ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ

## ସଂକ୍ଷେପରେ

### ଅର୍ଜୁନ ପୁରସ୍କାର ପାଇଁ ଅମିତ୍‌ଙ୍କ ନାମ ସୁପାରିସ



ନୂଆଦିଲ୍ଲୀ, ୧୧।୯(ପି.ଟି.): ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର ଅମିତ୍ ପଙ୍ଘାଲଙ୍କ ନାମକୁ ଚଳିତ ବର୍ଷ ଲାଗି ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସର ଅଷ୍ଟାଦଶ ସଂସ୍କରଣରେ ଅମିତ୍ ଲାଇଟ୍‌ଫ୍ଲାଏୱେଟ୍ ୪୯କିଗ୍ରା ବର୍ଗରେ ଡିଫେଣ୍ଡିଂ ଅଲିମ୍ପିକ୍ସ ଚାମ୍ପିୟନ ଉଜବେକିସ୍ତାନର ହସନବଏ ଡସମାଟୋଭଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦେଶର ୩ୟ ବକ୍ସର ଭାବେ ଅମିତ୍‌ଙ୍କ ନାମ କ୍ରୀଡ଼ାର ଏହି ଦ୍ୱିତୀୟ ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏଥିପୂର୍ବରୁ ସୋନିଆ ଲାଥର ଓ ଗୌରବ ବିଧୁରୀଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ‘ଏହି ସମ୍ମାନଜନକ ପୁରସ୍କାର ପାଇଁ ମୋ ନାମ ସୁପାରିସ କରାଯାଇଥିବାରୁ ମୁଁ ବହୁତ ଖୁସି, ଯାହାକୁ ବର୍ଣ୍ଣନା କରିପାରିବି ନାହିଁ ବୋଲି ଅଷ୍ଟମ ଭାରତୀୟ ବକ୍ସର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ସଫଳତା ପାଇଥିବା ୨୨ ବର୍ଷୀୟ ଅମିତ୍ କହିଛନ୍ତି। ଗତବର୍ଷ ମେ’ରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ ଅମିତ୍ ବ୍ରୋଞ୍ଜ ପଦକ ଜିତିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ ପ୍ରତିବର୍ଷ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଏହି ସମୟରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ସେପ୍ଟେମ୍ବର ୨୫କୁ ଘୁଞ୍ଚାଇ ଦିଆଯାଇଛି।

### ବିଜୟରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୧୧।୯(ପି.ଟି.): ପୋଲାଣ୍ଡର ଗ୍ଲିୱାଇସଠାରେ ଅନୁଷ୍ଠିତ ତ୍ରୟୋଦଶ ମହିଳା ଇଣ୍ଟରନ୍ୟାଶନାଲ ସିଲେସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତୀୟ ମହିଳା ବକ୍ସର ଲଭ୍‌ଲିନା ବୋରଗୋହାଇନ (୬୯ କିଗ୍ରା) ଓ ରିତୁ ଗ୍ରେୱାଲ (୫୧ କିଗ୍ରା) ନିଜ ନିଜର ପ୍ରଥମ ରାଉଣ୍ଡ ବାଉଟ୍‌ରେ ବିଜୟ ଲାଭ କରିଛନ୍ତି। ୬୯ କିଗ୍ରା ବର୍ଗରେ ରୁଷିଆର ଏଲ୍‌ମିରା ଏଜିଜୋଭାଙ୍କୁ ୪-୧ରେ ପରାସ୍ତ କରିଛନ୍ତି। ଲଭ୍‌ଲିନା ତାଙ୍କ ପରବର୍ତ୍ତୀ ମୁକାବିଲାରେ ଚେକ୍ ରିପବ୍ଲିକର ମାର୍ଟିନା ଶ୍ମୋରାନଜୋଭାଙ୍କୁ ଭେଟିବେ। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ଲଭ୍‌ଲିନା ଇଣ୍ଡିଆନ ଓପନ୍ ଓ ଉଲାନବତର କପ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ରିତୁ ୫-୦ରେ ଲୋକାଲ ଫେଭରାଇଟ୍ ଆସାନୋୱିଜ ରୋଜାଙ୍କୁ ହରାଇ ଦେଇଛନ୍ତି। ଇଂଲଣ୍ଡ, କାଜାଖସ୍ତାନ, ଫ୍ରାନ୍ସ, ଜର୍ମାନୀ ଓ ୟୁକ୍ରେନ ସମେତ ୨୧ଟି ଦେଶର ବକ୍ସର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଯୁବ ଓ ଅଭିଜ୍ଞ ବକ୍ସରଙ୍କୁ ନେଇ ଏକ ଷ୍ଟ୍ରଙ୍ଗ୍ ଦଳ ପଠାଇଛି। ଏଥିରେ ଭେଟେରାନ ଏମ୍‌ସି ମେରୀକମ୍ (୪୮ କିଗ୍ରା), ଏଲ୍. ସରିତା ଦେବୀ (୬୦ କିଗ୍ରା), ଶଶୀ ଚୋପ୍ରା (୫୭ କିଗ୍ରା) ଓ ଏସିଆନ ୟୁଥ୍ ଚାମ୍ପିୟନ ମନୀଷା (୫୪ କିଗ୍ରା) ରହିଛନ୍ତି।

### ଜୁନିୟର ପୁରୁଷ ସ୍କିଟ୍ ଟିମ୍‌କୁ ରୌପ୍ୟ

ଚାଙ୍ଗୱନ(ଦକ୍ଷିଣ କୋରିଆ), ୧୧।୯ (ପି.ଟି.): ଭାରତୀୟ ଜୁନିୟର ପୁରୁଷ ସ୍କିଟ୍ ଶୁଟିଂ ଦଳ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ଏହି ଇଭେଣ୍ଟରେ ସିନିୟର ଭାରତୀୟ ଶୁଟର୍ ନିରାଶ କରିଛନ୍ତି। ଗୁରନିହାଲ ସିଂ ଗର୍ଚ୍ଚା (୧୧୯ ସ୍କୋର), ଅନଜିତ୍ ସିଂ ନାରୁକା (୧୧୭) ଓ ଆୟୁଷ ରୁଦ୍ରରାଜୁ (୧୧୯)ଙ୍କୁ ନେଇ ଗଠିତ ଭାରତୀୟ ଜୁନିୟର ପୁରୁଷ ଦଳ ଫାଇନାଲରେ ମୋଟ୍ ୩୫୫ ସ୍କୋର କରିବା ସହ ୨ୟ ସ୍ଥାନରେ ରହିଥିଲା। ଚେକ୍ ରିପବ୍ଲିକ (୩୫୬) ଓ ଇଟାଲୀ (୩୫୪) ଦଳକୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ମିଳିଥିଲା। ସେହିଭଳି ଜୁନିୟର ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ୩୩୮୩ ସ୍କୋର କରିବା ସହ ୧୪ତମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ।

■ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଭାଗ ନେବେ ତାରକା ଆଥଲେଟ

ଭୁବନେଶ୍ୱର, ୧୧।୯ (ସ୍ପୋର୍ଟ୍ସ ବ୍ୟୁରୋ)



ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି ଏଏଫ୍‌ଆଇ ସାଧାରଣ ସମ୍ପାଦକ ସି.କେ. ଭାଲସନ (ମଝି)।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୫ରୁ ୨୮ ତାରିଖ ମଧ୍ୟରେ ୫୮ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟଶିପ ଆୟୋଜନ ହେବ। ଚଳିତ ସେସନର ଏହା ଶେଷ ମେଜର ଚାମ୍ପିୟନଶିପ୍ ହୋଇଥିବାରୁ ବିଭିନ୍ନ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ବେଶ୍ ବଢିଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ସାଧାରଣ ସମ୍ପାଦକ ସି.କେ. ଭାଲସନ ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଏହି ଆଥଲେଟିକ୍ ଚାମ୍ପିୟନଶିପ୍ ସଂକ୍ରାନ୍ତରେ ବିଶେଷ ଭାବେ ସୂଚନା ପ୍ରଦାନ କରିଥିଲେ। ଏହି ମେଗା ଇଭେଣ୍ଟରେ ପାଖାପାଖି ୬୦୦ ଆଥଲେଟ୍ ଅଂଗ୍ରହଣ କରିବେ। ଦେଶର ସବୁ ରାଜ୍ୟ ଓ ରେଲୱେ, ସର୍ଭିସେସ, ଏଲଆଇସି ଓ ପୋଲିସ ଭଳି ବୋର୍ଡରୁ ଆଥଲେଟମାନେ ଭାଗ ନେବେ ବୋଲି ସେ କହିଥିଲେ। ସବୁଠାରୁ ବଡ଼ କଥା ହେଉଛି ଜାପାନ ଭଳି ଦେଶରୁ ମଧ ଆଥଲେଟମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୩ଜଣ ଜାପାନୀ ମହିଳା ସ୍ପ୍ରିଣ୍ଟର ଏହି ଇଭେଣ୍ଟରେ ଏଥର ଭାଗ ନେବେ। ଜାପାନର ହିଟୋମି ସିମୁରା ମହିଳା ୧୦୦ ମିଟର ହର୍ଡଲ୍ସ, ସାୟାକା ଆଓକି ମହିଳା ୪୦୦ ମିଟର ହର୍ଡଲ୍ସ ଓ ତାକେଇସି କୋନୋମି ୪୦୦ ମିଟର ରେସ୍‌ରେ ଅଂଶଗ୍ରହଣ କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଜାପାନ ଖେଳାଳିମାନେ ଅନୁରୋଧ କରିଥିଲେ ଓ ଏହାକୁ ଆମେ ସାଦରେ ଗ୍ରହଣ କରିଛୁ ବୋଲି ଭାଲସନ କହିଛନ୍ତି। ଭାରତ ଏବେ ଏସିଆରେ ଅନ୍ୟତମ ଆଥଲେଟିକ୍ ପାୱାର ହାଉସ ରୂପେ ଉଭା ହୋଇଛି। ତେଣୁ ବିଦେଶରୁ ମଧ ଖେଳାଳିମାନେ ଆମ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ମଧ ଖୁସିର କଥା ବୋଲି ସେ କହିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଦେଶର ତାରକା ଆଥଲେଟ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ। ତାରକା ଜାଭେଲିନ ଥ୍ରୋୟର ନିରଜ ଚୋପ୍ରା ମଧ ଏଥିରେ ଅଂଶଗ୍ରହଣ କରିବେ। ତେବେ ତାରକା ମହିଳା ସ୍ପ୍ରିଣ୍ଟର ହିମା ଦାସ ଇଞ୍ଜୁରି କାରଣରୁ ଏଥିରେ ଭାଗ ନେବେ ନାହିଁ। ଓଡ଼ିଆ ମହିଳା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ମଧ ଇଞ୍ଜୁରି କାରଣରୁ ଅଂଶଗ୍ରହଣ କରିବେ ନାହିଁ। ତେବେ ଅନ୍ୟ ତାରକା ଆଥଲେଟଙ୍କ ଅଂଶଗ୍ରହଣ କରିବା ନେଇ ପରେ ଘୋଷଣା କରାଯିବ ବୋଲି ଭାଲସନ କହିଥିଲେ।

ଭୁବେନେଶ୍ୱର ଏବେ ‘ପାରାଡାଇଜ ସିଟି ଅଫ୍ ସ୍ପୋର୍ଟ୍ସ’ ଅର୍ଥାତ କ୍ରୀଡ଼ାର ସ୍ୱର୍ଗ ବନିଯାଇଛି ବୋଲି ଭାଲସନ କହିଥିଲେ। ଏଥି ପାଇଁ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବା ସହ ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଗୋଟିଏ ପରେ ଗୋଟିଏ ମେଜର ଇଭେଣ୍ଟ ବେଶ୍ ସଫଳତା ସହ ଆୟୋଜିତ ହୋଇଛି। ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଭୁବନେଶ୍ୱର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ମାତ୍ର ୯୦ ଦିନ ମଧ୍ୟରେ ସରକାରଙ୍କ ପ୍ରଚେଷ୍ଟାରେ ଏଠାରେ ଗତବର୍ଷ ଏସିଆନ ଆଥଲେଟିକ୍ସ ଗେମ୍ସ ବେଶ୍ ସଫଳତାର ସହ ଆୟୋଜିତ ହୋଇଥିଲା ଓ ସାରା ବିଶ୍ୱ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରିଥିଲା ବୋଲି ଭାଲସନ କହିଛନ୍ତି। ଏଥିପାଇଁ ସେ ଓଡ଼ିଶା ସରକାର ଓ ଓଡ଼ିଶା ଆଥଲେଟିକ ଆସୋସିଏଶନ (ଓଏଏ)କୁ କୃତଜ୍ଞତା ଜଣାଇଛନ୍ତି। ପୁଣି ଥରେ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ମେଗା ଇଭେଣ୍ଟର ଆୟୋଜନ ସଫଳ ହେବ ବୋଲି ଭାଲସନ କହିଛନ୍ତି।

ଜାକର୍ତ୍ତାଠାରେ ଅନୁଷ୍ଠିତ ହୋଇଥିବା ୧୮ତମ ଏସିଆନ ଗେମ୍ସରେ ଭାରତୀୟ ଆଥଲେଟମାନେ ଐତିହାସିକ ପ୍ରଦର୍ଶନ କରିଥିଲେ। ଭାରତୀୟ ଆଥଲେଟମାନେ ଟ୍ରାକ ଆଣ୍ଡ ଫିଲ୍ଡରେ ଏଥର ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ମୋଟ ୧୯ଟି ପଦକ ହାସଲ କରିଥିଲେ। ଏଥିପାଇଁ ସବୁ ଆଥଲେଟ, କୋଚ, ସପୋର୍ଟ ଷ୍ଟାଫ, କ୍ରୀଡ଼ା ପ୍ରଶଂସକ ଓ ଗଣମାଧ୍ୟମଗୁଡିକୁ ଆମେ ଧନ୍ୟବାଦ ଜଣାଉଛୁ ବୋଲି ଭାଲସନ କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଛି। ଏକ ସୁନ୍ଦର ଅଭ୍ୟାସ ପଡିଆ ଓ ୱାର୍ମଅପ୍ ଟ୍ରାକ ଆଥଲେଟଙ୍କୁ ବେଶ୍ ସହାୟତା ପ୍ରଦାନ କରିବ। ଏହି ପ୍ରତିଯୋଗିତାରେ ସବୁ ଆଥଲେଟ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବେ ବୋଲି ଭାଲସନ ଆଶାପ୍ରକାଶ କରିଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ପ୍ରତିଦିନ ସକାଳେ ୨ଘଣ୍ଟା ଓ ସନ୍ଧ୍ୟାବେଳେ ୩ ଘଣ୍ଟାର ଖେଳ ଆୟୋଜନ ହେବ। କିଛି ଦିନ ତଳେ ଏସିଆନ ଗେମ୍ସରେ ୧୦୦ ଓ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଥିବା ମହିଳା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କୁ ଓଡ଼ିଶା ସରକାର ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ପୁଣି ଏଥି ସହିତ ସରକାର ଦୂତୀଙ୍କ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସବୁ ଖର୍ଚ୍ଚ ବହନ କରିବାକୁ ଘୋଷଣା କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ। ଅନ୍ୟ କୌଣସି ସରକାର ପଦକ ବିଜେତାଙ୍କୁ ଏତେ ପରିମାଣର ଅର୍ଥ ପୁରସ୍କାର ବାବଦରେ ପ୍ରଦାନ କରିନାହାନ୍ତି। ସରକାରଙ୍କ ଏହି ପଦକ୍ଷେପ ଦୃଷ୍ଟାନ୍ତମୂଳକ ଓ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି ସେ କହିଛନ୍ତି।

ଏହି ଚାମ୍ପିୟନଶିପ୍‌ର ସୁପରିଚାଳନା ପାଇଁ ୮୦ଜଣ ଟେକନିକାଲ ଷ୍ଟାଫ୍ ଦାୟିତ୍ୱରେ ରହିବେ। ସେହିପରି ୫୦ଜଣ ଭଲ୍ୟୁଣ୍ଟିୟର ମଧ ନିୟୋଜିତ ହେବେ। ଅଂଶଗ୍ରହଣ କରିବାକୁ ଥିବା ଆଥଲେଟମାନଙ୍କ ରହିବା ସୁବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜଧାନୀର ବିଭିନ୍ନ ହୋଟେଲଗୁଡିକୁ ବୁକ୍ କରାଯାଇଛି। ନଭେମ୍ବର- ଡିସେମ୍ବରରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ପାଇଁ ଚାଲିଥିବା ପୁନର୍ଗଠନ କାର୍ଯ୍ୟ ଆୟୋଜନରେ ବାଧା ସୃଷ୍ଟି କରିବ ନାହିଁ ବୋଲି ଭାଲସନ ସ୍ପଷ୍ଟ କରିଥିଲେ। ମୁଖ୍ୟ ଷ୍ଟାଡିୟମରେ ଏହି ଚାମ୍ପିୟନଶିପ୍ ଆୟୋଜନ ହେବ। ତେଣୁ ପୁନର୍ଗଠନ କାର୍ଯ୍ୟ କୌଣସିମତେ ବାଧା ଉପୁଜାଇବ ନାହିଁ। ୨୩ ତାରିଖରୁ ଆଥଲେଟମାନେ ପହଞ୍ଚିବା ଆରମ୍ଭ କରିବେ। ଏପରିକି ୨୪ ତାରିଖରେ ମଧ କେତେକ ଆଥଲେଟ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଭାଲସନ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ସୁମିତ୍ ପାଣ୍ଡେ, ପ୍ରବୋଧ ମହାନ୍ତି, ମନୋଜ ପାଢୀ, ରାଜୀବ ସେଠ ପ୍ରମୁଖ କ୍ରୀଡ଼ା ଅଧିକାରୀ ଯୋଗ ଦେଇଥିଲେ।

### ନେସନ୍ସ ଲିଗ୍: ଇଟାଲୀକୁ ହରାଇଲା ପର୍ତ୍ତୁଗାଲ

ଲିସବନ, ୧୧।୯(ଏଏଫ୍‌ପି)

ୟୁରୋପିଆନ ଚାମ୍ପିୟନ ପର୍ତ୍ତୁଗାଲ ଦଳ ୟୁଫା ନେସନ୍ସ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଇଟାଲୀକୁ ହରାଇ ଦେଇଛି। ସୁପର୍ ଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବିନା ଏହି ମ୍ୟାଚ୍ ଖେଳିଥିବା ପର୍ତ୍ତୁଗାଲ ୧-୦ ଗୋଲରେ ବିଜୟ ହାସଲ କରିଛି। ଆନ୍ଦ୍ରେ ସିଲ୍‌ଭା ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି କରିଥିଲେ। ଗ୍ରୁପ୍-ଏ୩ ଟେବୁଲର ଖେଳାଯାଇଥିବା ଏହି ମ୍ୟାଚ୍‌ଟି ବେଶ୍ ରୋମାଞ୍ଚକ ରହିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅର୍ଥାତ୍ ୪୮ତମ ମିନିଟ୍‌ରେ ସିଲ୍‌ଭାଙ୍କ ଗୋଲବଳରେ ପର୍ତ୍ତୁଗାଲ ମ୍ୟାଚ୍‌ରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଉ ଏହି ସ୍ଥିତି ବଳବତ୍ତର ରହିବାରୁ ପର୍ତ୍ତୁଗାଲ ବିଜୟ ଲାଭ କରିଥିଲା। ଏହି ବିଜୟ ସହ ପର୍ତ୍ତୁଗାଲ ୩ ପଏଣ୍ଟ ହାସଲ କରି ଗ୍ରୁପ୍-ଏ୩’ର ଶୀର୍ଷ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ପୋଲାଣ୍ଡ ଓ ଇଟାଲୀ ଏକ ପଏଣ୍ଟ ଲେଖାଏ ପାଇ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଇଟାଲୀର ଏହା ପ୍ରଥମ ପରାଜୟ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଇଟାଲୀ ୧-୧ ଗୋଲରେ ପୋଲାଣ୍ଡ ବିପକ୍ଷରେ ଡ୍ର ରଖିଥିଲା। ନିକଟରେ ଇଟାଲୀଆନ କ୍ଲବ ଜୁଭେଣ୍ଟସ୍‌ରେ ଯୋଗଦେଇଥିବା ରୋନାଲ୍ଡୋ ପରିବାର ସହ ଛୁଟି କାଟୁଥିବାରୁ ଏହି ପ୍ରତିଯୋଗିତାରେ ଖେଳୁନାହାନ୍ତି।



ବେଙ୍ଗାଲୁରୁଠାରେ ଚାଲିଥିବା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ ଅବସରରେ କ୍ୟୁସ୍ପୋର୍ଟ୍ସ ତାରକା ପଙ୍କଜ ଆଡ଼ଭାନୀଙ୍କ ସହ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

### ଦୁଇବର୍ଷ ପରେ ଫେରିଲେ ସିଡ୍‌ଲେ

ସିଡ୍‌ନୀ, ୧୧।୯: ପାକିସ୍ତାନ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ ଲାଗି ମଙ୍ଗଳବାର ଅଷ୍ଟ୍ରେଲିଆ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଟିମ୍ ପେନ୍‌ଙ୍କ ନେତୃତ୍ୱାଧୀନ ଘୋଷିତ ଦଳରେ ଭେଟେରାନ ଦ୍ରୁତ ବୋଲର ପିଟର୍ ସିଡ୍‌ଲେ ସ୍ଥାନ ପାଇଛନ୍ତି। ପାଖାପାଖି ଦୁଇବର୍ଷର ବ୍ୟବଧାନ ପରେ ୩୩ ବର୍ଷୀୟ ସିଡ୍‌ଲ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ଏହି ଦଳରେ ସ୍ଥାନ ପାଇଥିବା ୫ଜଣ ଖେଳାଳି ସେମାନଙ୍କ ଟେଷ୍ଟ ପଦାର୍ପଣ ଲକ୍ଷ୍ୟରେ ରହିଛନ୍ତି।

## ପ୍ରୋ-କବାଡ଼ିରେ ମନସ୍ୱିନୀ ବୈଷୟିକ ଅଫିସିଆଲ୍

ରସୁଲପୁର,୧୧।୯(ଡିଏନଏ)



ମନସ୍ୱିନୀ ସାହୁ

ଯାଜପୁର ଜିଲା କବାଡି ପାଇଁ ଆଉ ଏକ ଭଲ ଖବର । ଅକ୍ଟୋବର ୫ରୁ ଆରମ୍ଭ ହେବାକୁ ଯାଉଥିବା ୬ଷ୍ଠ ପ୍ରୋ-କବାଡି ଲିଗ୍ ପାଇଁ ମନସ୍ୱିନୀ ସାହୁ ବୈଷୟିକ ଅଫସିଆଲ ଭାବରେ ମନୋନୀତ ହୋଇଛନ୍ତି । ସେ ପ୍ରଥମେ ତାଲିମ ଶିବିରରେ ଯୋଗଦେବେ। ଓଡ଼ିଶା କବାଡି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ରେଫରି ବୋର୍ଡ ଅଧ୍ୟକ୍ଷ ପହଲି ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟା ଫଳରେ ତାଙ୍କୁ ଏହି ସଫଳତା ମିଳିଛି ବୋଲି ମନସ୍ୱିନୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାଜ୍ୟର ଦ୍ୱିତୀୟ ମହିଳା ଭାବେ ସେ ଏହି ସଫଳତା ପାଇଛନ୍ତି ।

ଯାଜପୁର କବାଡି ଆସୋସିଏଶନର ପୂର୍ବତନ ମହିଳା ଖେଳାଳି ତଥା ଯାଜପୁର ମହିଳା କବାଡି ଦଳର ପୂର୍ବତନ ଅଧିନାୟିକା ମନସ୍ୱିନୀ ଭାରତୀୟ ଆମେଚର କବାଡି ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଅଫସିଆଲ ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି । ପୂର୍ବରୁ ଭୁବନେଶ୍ୱର କବାଡି ଆସୋସିଏଶନର ସସ୍ମିତା ଦାସଙ୍କୁ ଏହି ସଫଳତା ମିଳିଥିଲା । ତାଙ୍କ ସହ ଚଳିତଥର ମନସ୍ୱିନୀ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ । ଚଳିତ ମାସ ୧୪ ରୁ ୨୦ ମଧ୍ୟରେ ମୁମ୍ବାଇଠାରେ ଅଫିସିଆଲ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ । ଉଭୟ କ୍ରୀଡାବିତ୍ ଏହି କ୍ୟାମ୍ପରେ ଯୋଗଦେବା ପାଇଁ ମୁମ୍ବାଇ ଯିବେ ବୋଲି ଓଡିଶା କବାଡି ଆସୋସିଏଶନ ପକ୍ଷରୁ ସ୍ଥିର କରାଯାଇଛି । ମନସ୍ୱିନୀଙ୍କ ଏହି ସଫଳତାରେ ଯାଜପୁର କବାଡି ଆସୋସିଏଶନରେ ଖୁସିର ଲହରି ଖେଳି ଯାଇଛି । ଯାଜପୁର ଜିଲା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ସମ୍ବିତ୍ ମହାନ୍ତି, ସହ-ସମ୍ପାଦକ ନିରଞ୍ଜନ ପୃଷ୍ଟି, ଯାଜପୁର କବାଡି ଆସୋସିଏଶନର ମୁଖ୍ୟ ପ୍ରାୟୋଜକ ଲିଙ୍କନ ଫାର୍ମାସିଉଟିକାଲସ୍‌ର ଜୋନାଲ ପରିଚାଳକ ଅଭୟ କୁମାର ମହାନ୍ତି, ଉପ-ସଭାପତି ନିଗମାନନ୍ଦ ମହାନ୍ତି, ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହ-ସମ୍ପାଦକ ସମରେନ୍ଦ୍ର ଦାଶ, ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା, ଜିଲା କବାଡି ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ମନସ୍ୱିନୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ମନସ୍ୱିନୀ ଏହା ପୂର୍ବରୁ ଜାତୀୟ ଓ ରାଜ୍ୟସ୍ତରରେ ବହୁ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ତାଙ୍କର ଏହି ସଫଳତା ଯାଜପୁର ଜିଲା ପାଇଁ ଗୌରବ ଆଣିଛି । ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

DSPL-154

सत्यमेव जयते
ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କଠାରୁ ଶିକ୍ଷାବୃତ୍ତି ପାଇଁ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ୍ (ଏନ୍‌ଇଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ

ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ୨୦୧୮-୧୯ ବର୍ଷ ପାଇଁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଠାରୁ ପ୍ରାକ୍-ମାଟ୍ରିକ୍, ମାଟ୍ରିକ ପରବର୍ତ୍ତୀ ଓ ଉପର ଶ୍ରେଣୀ ଶିକ୍ଷାବୃତ୍ତି ପାଇଁ ନ୍ୟାସନାଲ ଇ-ସ୍କଲାରସିପ୍ ପୋର୍ଟାଲ (ଏନ୍‌ଇଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି ।

| ଶିକ୍ଷାବୃତ୍ତି ପ୍ରକାର ଓ ସଂଖ୍ୟା | ଯୋଗ୍ୟତା | ଆୟସୀମା | ସମୟସୀମା Fresh / Renewal |
|---|---|---|---|
| ପ୍ରାକ୍-ମାଟ୍ରିକ୍ (୯୨୮) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୦ ସେପ୍ଟେମ୍ବର ୨୦୧୮ |
| ମାଟ୍ରିକ୍ ପରବର୍ତ୍ତୀ (୭୮୯) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ଏକାଦଶ, ଦ୍ୱାଦଶ ଓ ସ୍ନାତକ ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୧ ଅକ୍ଟୋବର ୨୦୧୮ |
| ଉପର ଶ୍ରେଣୀ (୧୪) | ସ୍କିମ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନରେ ଯେକୌଣସି ବିଷୟରେ ଡିପ୍ଲୋମା/ ଡିଗ୍ରୀ କିମ୍ବା ପିଜି ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୬ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୩୧ ଅକ୍ଟୋବର ୨୦୧୮ |

ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀ ନ୍ୟାସନାଲ ଇ-ସ୍କଲାରସିପ୍ ପୋର୍ଟାଲ ଜରିଆରେ ସ୍କିମ୍ ଅନୁଯାୟୀ ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ । କେବଳ ଅନ୍-ଲାଇନ ଆବେଦନ ପତ୍ର ଗ୍ରହଣ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ **www.scholarships.gov.in** ରେ ଆବଶ୍ୟକୀୟ କାଗଜପତ୍ର ସହ ଆବେଦନ ପତ୍ର ଦାଖଲ ଓ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଉଛି । ରାଜ୍ୟ ପାଇଁ ସୀମିତ ସଂଖ୍ୟକ ଶିକ୍ଷାବୃତ୍ତିର ପ୍ରାବଧାନ ଥିବାରୁ ପ୍ରଥମେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ସ୍କିମ୍, ଯୋଗ୍ୟତା, ମାର୍ଗଦର୍ଶନାବଳୀ ଓ ଅନ୍ୟାନ୍ୟ ସୂଚନା ପାଇଁ ଦୟାକରି ଦେଖନ୍ତୁ **www.scholarships.gov.in** । ସ୍କୁଲ ଓ କଲେଜ କର୍ତ୍ତୃପକ୍ଷମାନେ ସେମାନଙ୍କ **User ID** ଏବଂ **Password** ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କିମ୍ବା ରାଜ୍ୟ ନୋଡାଲ ଅଧିକାରୀଙ୍କ ଠାରୁ ପାଇ ପାରିବେ ।

ଯୋଗାଯୋଗ : ୯୪୩୭୭ ୪୨୪୧୧ / ୮୮୯୫୧୯୨୯୦୩

46001/13/0023/1819

E-mail : ssepdsec.od@nic.in
Facebook www.facebook.com/ssepd
Toll Free Helpline 18003457150

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ





# ୟୁରିଆ ସାର ନ ପାଇ ରାସ୍ତା ଅବରୋଧ କଲେ ଚାଷୀ



ଲହୁଣୀପଡା ଲ୍ୟାମ୍ପ୍ସ ସମ୍ମୁଖରେ ମଙ୍ଗଳବାର ୟୁରିଆ ସାର ଅଭାବ ପ୍ରତିବାଦରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଲହୁଣୀପଡା,୧୧।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଲ୍ୟାମ୍ପ୍ସ ସମ୍ମୁଖରେ ମଙ୍ଗଳବାର ଶହ ଶହ ଚାଷୀ ୟୁରିଆ ସାର ଅଭାବ ଓ ଆଧାର କାର୍ଡ ସଂଯୋଗ ପ୍ରତିବାଦରେ ରାସ୍ତାରୋକୋ କରିଥିଲେ। ଚାଷୀମାନେ ୟୁରିଆ ସାର ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୌଡି ଦୌଡି ୟୁରିଆ ସାର ନ ପାଇବାରୁ ବାଧହୋଇ ମଙ୍ଗଳବାର ଚାଷୀମାନେ ଲ୍ୟାମ୍ପ୍ସ ସମ୍ମୁଖରେ ରାସ୍ତା ଉପରେ ବସି ଆନ୍ଦୋଳନ କରିଥିଲେ। ଗୁରୁବାର ୟୁରିଆ ସାର ମିଳିବାର ପ୍ରତିଶ୍ରୁତି ପାଇଲା ପରେ ଚାଷୀମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ଅନେକ ଦିନ ହେଲା ୟୁରିଆ ସାରର ଅଭାବ ଦେଖାଯାଇଛି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଧାନ ଫସଲରେ ଠିକ୍ ସମୟରେ ୟୁରିଆ ସାର ନ ପକାଇଲେ ଧାନ ଅମଳରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଚାଷୀ ୟୁରିଆ ସାର ଆବଶ୍ୟକ ସମୟ ନ ପାଇ ଚିନ୍ତାଗ୍ରସ୍ତ ହୋଇଛନ୍ତି। ଚଳିତ ବର୍ଷ ଆବଶ୍ୟକତା ଅନୁସାରେ ରାଜାମୁଣ୍ଡା ସାର ଗୋଦାମକୁ ୟୁରିଆ ସାର ପହଞ୍ଚି ପାରିନାହିଁ। ଏ ଅଞ୍ଚଳର ଧାନ ଚାଷ ପାଇଁ ଓଡିଶା ବାହାରୁ ସାର ଆସୁଥିବାରୁ ପରିବହନ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଅନୁସଙ୍ଗୀକ ଅସୁବିଧା ଯୋଗୁଁ ଠିକ୍ ସମୟରେ ଆସୁ ନାହିଁ। ଆବଶ୍ୟକତା ତୁଳନାରୁ କମ ଅର୍ଥାତ୍ ମାତ୍ର ପାଞ୍ଚଶହ ବସ୍ତା ୟୁରିଆ ସାର ଲହୁଣୀପଡା ଲ୍ୟାମ୍ପ୍ସକୁ ଆସିଥିଲା। ଫଳରେ ଚାଷୀ ସାର ନେବା ପାଇଁ ପାଟିତୁଣ୍ଡ କରିଥିଲେ। ଚାଷୀମାନେ ସାର ପ୍ରଦାନ ଦାବିରେ ଲ୍ୟାମ୍ପ୍ସ ସମ୍ମୁଖରେ ୨୧୫ ନମ୍ବର ଜାତୀୟ ରାଜପଥ ଉପରେ ବସି ରହିଥିଲେ। ଆବଶ୍ୟକ ତୁଳନାରେ କମ୍ ସାର ଆସିଥିବା ଏବଂ ଚଳିତ ବର୍ଷ ଆଧାର କାର୍ଡ ସଂଯୋଗ କରିବା ପରେ ଫିଙ୍ଗର ପ୍ରିଣ୍ଟ ଆବଶ୍ୟକତା ପଡୁଥିବାରୁ ଚାଷୀମାନଙ୍କର ସମସ୍ୟା ଦ୍ୱିଗୁଣିତ ହୋଇଛି। ପ୍ରତ୍ୟେକ ବର୍ଷ ୟୁରିଆ ସାର ପାଇଁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ହୀରାକୁଦ ଡ୍ୟାମ୍‌ର ୩ ସ୍ଲୁଇସ୍ ଗେଟ୍ ଖୋଲା

ସମ୍ବଲପୁର,୧୧।୯(ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରର ସୋମବାର ୫ଟି ଗେଟ୍ ଖୋଲାଥିବାବେଳେ ଏଥିରୁ ୨ଟି ଗେଟ୍‌କୁ ମଙ୍ଗଳବାର ବନ୍ଦ କରି ଦିଆଯାଇଛି। ୩ଟି ଗେଟ୍ ଦେଇ ଏବେ ପାଣି ନିଷ୍କାସିତ ହେଉଛି। ବାମ ପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲା ରହିଛି । ମଙ୍ଗଳବାର ରାତି ୧୦ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧ ହଜାର ୩୮୩ କ୍ୟୁସେକ୍ ପାଣି ଡ୍ୟାମକୁ ପ୍ରବେଶ କରୁଛି। ୩ଟି ଗେଟ୍ ସମେତ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟରରି ଓ ପାୱାର ଚ୍ୟାନେଲ ମାଧ୍ୟମରେ ୬୩.୨୬୮ କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଉ ଥିବା ଡ୍ୟାମ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

\- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଛାତ୍ର ମୃତ

**ବରଗଡ଼ ଅଫିସ୍,୧୧।୯-**

ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ, ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଜିତୁ ସାହୁ(୨୦)। ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଛାତ୍ର ଭଟଲି ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ନିବାସୀ ଦିନବନ୍ଧୁ ସାହୁଙ୍କ ପୁତ୍ର ହୋଇଥିବା ବେଳେ ସେ ବରଗଡ଼ ସହରର ଏକ ଚ୍ୟାମ୍ବରରେ ରହି ପଢୁ ଥିଲେ। ମଙ୍ଗଳବାର ରାତ୍ରିରେ ହଲଦୀପାଲି ଏକ ଢ଼ାବାକୁ ତରକାରୀ ନେବାକୁ ଆସି ରାସ୍ତା ଅତିକ୍ରମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କ ମୃତ୍ୟୁରେ ଗଭୀର ଶୋକପ୍ରକାଶ ପାଇଛି।

# ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ରାସ୍ତାରୋକୋ

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ସହରରେ ବିଦ୍ୟୁତ୍ ବିଭ୍ରାଟ ଏକ ନିତିଦିନିଆଁ ଘଟଣାରେ ପରିଣତ ହୋଇ ଯାଇଛି । ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ସହରର ୱାର୍ଡ଼ ନଂ–୧,୫,୭ ଏବଂ ୮ରେ କ୍ରମାଗତ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି । ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହାର ପ୍ରତିବାଦରେ ଉପରୋକ୍ତ ୱାର୍ଡ଼ବାସୀ ମଙ୍ଗଳବାର ରାତ୍ରି ପ୍ରାୟ ୯ଟାରୁ ରାସ୍ତା ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସ୍ଥାନୀୟ ପୁରୁଣା ଥାନାଛକ ସମ୍ମୁଖରେ ଲୋକେ ରାସ୍ତା ଅବରୋଧ କରିଥିବା ଯୋଗୁ ବରଗଡ଼–ଭଟଲି ଛକ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିବା ଯୋଗୁ ପାଇପ ଜଳ ମିଳି ପାରୁ ନ ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଗତ କିଛିଦିନ ତଳେ ଏଭଳି ସମସ୍ୟା ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ । ସେତେବେଳେ ସେଠାକୁ ପୋଲିସ ପହଞ୍ଚି ସେହି ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା । ମାତ୍ର ତାହା ପାଣିର ଗାର ପାଲଟି ଯାଇଛି ଏବଂ ପୂର୍ବବତ୍ ବିଦ୍ୟୁତ୍ ସମସ୍ୟା ଲାଗି ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେବେ ୱେସ୍କୋର ପଦସ୍ଥ ଅଧିକାରୀ ଆନ୍ଦୋଳନସ୍ଥଳକୁ ପହଞ୍ଚି ବିଦ୍ୟୁତ୍ ସମସ୍ୟାର ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଖବର ଲେଖାହେବା ସୁଦ୍ଧା(ରାତ୍ରି ସାଢ଼େ ୧୦ଟା ପର୍ଯ୍ୟନ୍ତ) ୱେସ୍କୋର କୌଣସି ଅଧିକାରୀ ସେଠାକୁ ପହଞ୍ଚି ନାହାନ୍ତି ଏବଂ ଆନ୍ଦୋଳନ ଜାରି ରହିଛି । କଂଗ୍ରେସ ନେତା ବ୍ରହ୍ମାନନ୍ଦ ମହାକୁଡ଼, ନିପନ କୁମାର ଦାଶ, ପୂର୍ବତନ ବିଧାୟକ ସାଧୁ ନେପାକ ପ୍ରମୁଖ ପହଞ୍ଚି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ସ୍ଥାନୀୟ ଟାଉନ ଥାନା ପୋଲିସ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଛି।



ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ପୁରୁଣା ସଦର ଥାନା ସମ୍ମୁଖରେ ଚାଲିଥିବା ରାସ୍ତାରୋକୋ ।



ଗଙ୍ଗାଧର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଚରିତ୍ର ଚିତ୍ରଣରେ କବି ଥିଲେ ସିଦ୍ଧହସ୍ତ

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ପଞ୍ଚାୟତ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ.କମଳପ୍ରଭା କାପାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବିଭାଗୀୟ ମୁଖ୍ୟ ରଞ୍ଜିତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ବିକାଶ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଫେସର ଅଧ୍ୟାପକ ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ ସାହିତ୍ୟାଦର୍ଶ ଉପରେ ଆଲୋକପାତ କରିଥିଲେ । ଆଦର୍ଶ ଚରିତ୍ର ଚିତ୍ରଣରେ କବି ଗଙ୍ଗାଧର ସିଦ୍ଧହସ୍ତ ଥିଲେ ବୋଲି ସେ କହିଥିଲେ। ଗଙ୍ଗାଧରଙ୍କ କାବ୍ୟ ଚେତନାରେ ଆସ୍ତିବାଚକ ଦୃଷ୍ଟିଭଙ୍ଗୀ ଉପରେ ମୁଖ୍ୟଅତିଥି ଡ. ସରୋଜ କୁମାର ଦେବତା ମତ ରଖିଥିଲେ। ଓଡ଼ିଆ ଅଧ୍ୟାପିକା ଛନ୍ଦାରାଣୀ ବେସନ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡ.ସୁନୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ କର୍ମଚାରୀଙ୍କ ଧାରଣା

**ଭେଡ଼େନ,୧୧।୯(ଡି.ଏନ୍.ଏ.)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଭେଡ଼େନ ଶାଖା ପକ୍ଷରୁ ମଙ୍ଗଳବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଫିସ ପରିସରରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଧାରଣାରେ ବ୍ଲକର ସମସ୍ତ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ତଥା କର୍ମଚାରୀମାନେ ଯୋଗଦେଇ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତୀ ତଥା ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବି କରିଥିଲେ। ଏଥିରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଅଭିଭାବକ ଓ ବୁଦ୍ଧିଜୀବୀ ଯୋଗଦେଇ ଏହାକୁ ସମର୍ଥନ କରିଥିଲେ। ବୁଧବାର ପ୍ରତିବାଦ ସଭା କରାଯାଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଶାଖା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ପଞ୍ଚାୟତ କଲେଜରେ ସ୍ୱାଗତ ସମାରୋହ

**ବରଗଡ଼ ଅଫିସ୍, ୧୧।୯**

ବରଗଡ଼ ପଞ୍ଚାୟତ କଲେଜର ବିଭିନ୍ନ ବିଭାଗରେ ମଙ୍ଗଳବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । କଲେଜର ବାଣିଜ୍ୟ, ଓଡ଼ିଆ, ରସାୟନ ବିଜ୍ଞାନ, ସଂସ୍କୃତ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଡ. କମଳପ୍ରଭା କାପାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କ ସହିତ ପରିଚିତ ହେବା ସହିତ ଠିକ୍‌ଭାବେ ପାଠ ପଢ଼ି କଲେଜର ଶୃଙ୍ଖଳା ବଜାୟ ରଖିବା ସହିତ ନିଜକୁ ଜଣେ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଶିକ୍ଷା ଜୀବନରେ ନିରନ୍ତର ପ୍ରକ୍ରିୟା

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ପଞ୍ଚାୟତ କଲେଜ ପରିସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ବିହାରୀ ବାଗ ମୁଖ୍ୟଅତିଥି, ପତିତପାବନ ସାହୁ ସମ୍ମାନିତ ଅତିଥି ଏବଂ ସାମ୍ବାଦିକତା ବିଭାଗର କାଉନସେଲର ଜୟପ୍ରକାଶ ଶତପଥୀ ମଞ୍ଚାସୀନ ଥିଲେ। ଶିକ୍ଷା ଜୀବନରେ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହା ଶ୍ରେଣୀ କିମ୍ବା ଅନୁଷ୍ଠାନ ମଧ୍ୟରେ ସୀମାବଦ୍ଧ ନ ଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ନବାଗତ ଛାତ୍ରୀଛାତ୍ରଙ୍କ ପରିଚୟପତ୍ର ଏବଂ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମଗୁଡ଼ିକ ଆରମ୍ଭ ହୋଇଥିବା ବେଳେ ଉକ୍ତ କଲେଜର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ୩୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ସୂଚନା ଦିଆଯାଇଥିଲା। ବେଦପ୍ରକାଶ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ଚୋରି ବାଇକ ଉଦ୍ଧାର, ୪ ଗିରଫ

**ପଦ୍ମପୁର, ୧୧।୯ (ଡିଏନ.ଏ)**

ପୋଲିସ ପଦ୍ମପୁରରେ ଗତ ଜୁନ ଏବଂ ଅଗଷ୍ଟ ମାସରେ ଚୋରି ହୋଇଥିବା ୨ଟି ବାଇକ୍ ଜବତ କରିଛି। ଏପରି କି ପୋଲିସ ବାଇକ୍ ଚୋରି ମାମଲାରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଥବିର ସାହୁ, ଆଲୋକ ସାହୁ, ଅନିଲ ସାହୁ, କଳମଣି ଶବର। ଏନେଇ ପଦ୍ମପୁର ଥାନା ପୋଲିସ ୨ଟି ପୃଥକ ମାମଲା(ନଂ.୯୯/୧୮, ୧୪୬/୧୮) ରୁଜୁ କରିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300, 7682826301
BRAHAMPUR 7682826307, 7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

9911436726, 9540938429

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

Aital Companyରେ ଘରେ ବସି ପୁଅ–ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011, 70332-00821

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739, 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7682981750

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194, 07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ ପ୍ରଥମେ କାମ ପଛେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/-ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ମଦ ଜବତ, ୨ଗିରଫ

**ସିଂଘିଯୁବା,୧୧।୯(ଡି.ଏନ.ଏ.):** ବିନିକା ଅବକାରୀ ବିଭାଗ ଏବଂ ସୋନପୁର ମୋବାଇଲ ଦଳ ବିନିକା ବ୍ଲକ ଉଲେଁ ଗାଁରେ ମିଳିତଭାବେ ଚଢ଼ାଉ କରି ୫୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଗାଁର ପବନ ଭୋଇଙ୍କ ଘରୁ ୧୦ଲିଟର ଏବଂ ବିନିକା ୩ନଂ ୱାର୍ଡର ଚୂଡ଼ାମଣୀ ମାର୍ଥାଙ୍କ ଘରୁ ୪୦ଲିଟର ମଦ ଜବତ କରାଯାଇଥିଲା। ଏନେଇ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏଏସ୍‌ଆଇ ପ୍ରଦୀପ ରଥଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ବନ୍ୟାଞ୍ଚଳ ସୁରକ୍ଷିତ ଖାଦ୍ୟଶସ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଶିବିର

**ବୀରମହାରାଜପୁର, ୧୧।୯(ଡି.ଏନ.ଏ.):** ବନ୍ୟାଞ୍ଚଳର ଖାଦ୍ୟଶସ୍ୟ ସୁରକ୍ଷିତ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ବୀରମହାରାଜପୁର ବ୍ଲକ ସୁବଲୟା ପଞ୍ଚାୟତ ଅନ୍ତର୍ଗତ ବେଲଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଆୟୋଜନ କରିଥିଲା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ଆଞ୍ଚଳିକ ଜନସେବା ଅନୁଷ୍ଠାନ। ମହାନଦୀକୂଳରେ ଅବସ୍ଥିତ ଗ୍ରାମଗୁଡିକ ବନ୍ୟା ଓ ଲଗାଣ ବର୍ଷା ସମୟରେ ବିଶେଷ ଭାବେ ପ୍ରଭାବିତ ହେଉଥିବାରୁ ଖାଦ୍ୟ,ଶସ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସୁରକ୍ଷିତ ଭାବେ ସାଇତି ରଖିବାର ଆବଶ୍ୟକତା ରହିଛି। ତେଣୁ ଏହାର ପ୍ରଣାଳୀ ସମ୍ପର୍କରେ ଏହି ଅନୁଷ୍ଠାନ ସଂଯୋଜକ ବିଶ୍ୱେଶ କୁମାର ଶତପଥୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୪ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଶିବିର ପରିଚାଳନାରେ ବୈଜୟନ୍ତୀ ବେହେରା ଓ ତପନ ମହାନନ୍ଦ ସହଯୋଗ କରିଥିଲେ।

### ୱାର୍ଡମେମ୍ବର ସଂଘ ଗଠନ ପ୍ରସ୍ତୁତି ବୈଠକ

**ଉଲୁଣ୍ଡା,୧୧।୯(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୨୩୪ ଜଣ ୱାର୍ଡମେମ୍ବରଙ୍କୁ ନେଇ ଏକ କମିଟି ଗଠନ ଲକ୍ଷ୍ୟରେ ମଙ୍ଗଳବାର ମାନସ ରଞ୍ଜନ କର୍ମୀ ଓ ମାଙ୍କଡ ପଧାନଙ୍କ ଆବାହକତ୍ୱ କ୍ରମେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡମେମ୍ବର କୀର୍ତ୍ତନ ମୁନାଙ୍କ ପୌରୋହିତ୍ୟ କ୍ରମେ ଉଲୁଣ୍ଡାଠାରେ ଅନୁଷ୍ଠିତ ବୈଠକରେ ୱାର୍ଡ ସଦସ୍ୟା ବୃନ୍ଦାବତୀ କର୍ଣ୍ଣ, ସୁକୁମାର ସେଠୀ, ମଲି ସୁନା, ସନ୍ତୋଷ ପାତ୍ର, ମୁକୁନ୍ଦ ଛୁଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସାମ୍ପ୍ରତିକ ସମୟରେ ୱାର୍ଡମେମ୍ବରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତର ତୃଣମୂଳ ପ୍ରତିନିଧି ଭାବରେ ୱାର୍ଡମେମ୍ବରମାନେ କାମ କରୁଥିବା ବେଳେ ତାଙ୍କୁ ମାତ୍ର ୨୦୦ଟଙ୍କା ମାସିକ ଭତ୍ତା ଦିଆଯାଉଛି। ଅନ୍ୟପକ୍ଷରେ କେରଳ ରାଜ୍ୟ ଏମାନଙ୍କ ପାଇଁ ମାସିକ ୭ ହଜାର ଟଙ୍କା ପ୍ରଦାନ କରୁଛି। ଏଣୁକରି ଏଥିପ୍ରତି ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଛି। ଏହି ସଦସ୍ୟମାନେ ଦିନରାତି ସମ୍ବିଧାନିକ ଧାରା ୨୩୪(ଜି) ମତେ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଦାବିକୁ ଗଣତାନ୍ତ୍ରିକ ପଦ୍ଧତିରେ ସରକାରଙ୍କୁ ଅବଗତ କରିବା ପାଇଁ ଆସନ୍ତା ୧୮ ତାରିଖ ସଂଘର ପୂର୍ଣ୍ଣାଙ୍ଗ ବୈଠକ ବସି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ମତପ୍ରକାଶ ପାଇଥିଲା।

ଫସଲ ବୀମା ପ୍ରଦାନ ଦାବି

# ରାସ୍ତାରୋକୋ କଲେ ଚାଷୀ

**ସୋନପୁର,୧୧।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାଜ୍ୟ ରାଜପଥର ଧଉରାଖମନଠାରେ ଚାଷୀମାନେ ମଙ୍ଗଳବାର ରାସ୍ତାରୋକୋ କରିଛନ୍ତି। କଳାପଥର ପଞ୍ଚାୟତର ଚାଷୀଙ୍କୁ ଫସଲ ବୀମା ରାଶି ମିଳି ନଥିବାରୁ ପ୍ରତିବାଦରେ ଦୀର୍ଘ ୧୧ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା। ଚାଷୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ଆନ୍ଦୋଳନ କରିଥିଲେ। ଏଥିଯୋଗୁଁ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନକାରୀ ସାଇକେଲ, ବାଇକ୍ ମଧ୍ୟ ଛାଡି ନ ଥିଲେ। ଡୁଙ୍ଗୁରିପାଲି, ବିନିକା, ରାମପୁର ଓ ଗୋଡଭଗା ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଜିଲା ପ୍ରଶାସନର ପ୍ରତିଶୃତି ପରେ ସନ୍ଧ୍ୟା ୬ଟାରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

୨୦୧୭-୧୮ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଏହି ପଞ୍ଚାୟତର ଚାଷୀ ମରୁଡି ଯୋଗୁଁ କ୍ଷତି ସହିଥିଲେ। ଫସଲ କ୍ଷତି ଯୋଗୁଁ ରାଜ୍ୟ ସରକାର ମଧ୍ୟ ସହାୟତା ରାଶି ପ୍ରଦାନ କରିଥିଲେ। ଅମଳ ଭଲ ହୋଇ ନଥିବାରୁ ଯୋଗାଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଚାଷୀଙ୍କଠାରୁ ପ୍ୟାକ୍ସ ଏକର ପ୍ରତି ମାତ୍ର ୪କୁଇଣ୍ଟାଲ ଲେଖାଏଁ ବଳକା ଧାନ କିଣିଥିଲା। ପୂର୍ବରୁ ଏହି ପଞ୍ଚାୟତର ଚାଷୀ ଏକର ପ୍ରତି ସାଢେ ୧୨କୁଇଣ୍ଟାଲ ଧାନ ବିକ୍ରି କରୁଥିଲେ। ପଞ୍ଚାୟତରେ ୬୨% ଫସଲ ଅମଳ କମ୍ ହୋଇଛି ବୋଲି କୁହାଗଲା। ଚାଷୀ ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ଜମା କରିଥିଲେ। କିନ୍ତୁ ପାଖ ପଞ୍ଚାୟତର ଚାଷୀ ବୀମା ରାଶି ପାଇଥିଲା ବେଳେ ଏଠାକାର ଚାଷୀ ବଞ୍ଚିତ ହେଲେ। ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ କ୍ରପ୍ କଟିଂ ରିପୋର୍ଟ ପ୍ରଦାନରେ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଚାଷୀ ଏ ନେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଭେଟି ପୂର୍ବରୁ ଆଲୋଚନା କରିଥିଲେ। କୌଣସି ଲାଭ ନ ମିଳିବାରୁ ଧଉରାଖମନ, ନନ୍ଦନମାଳ, ସରଧାପାଲି, ବାଙ୍କବିଜା, ଜାମପାଲି, ପ୍ରତାପପୁର, କବାଟତଲାଇ, ବାବୁପାଲି, ଧଉରାଖମନ, ପାଣିସିଆଲି ଓ ବାଇଗଣଜୁରି ଗ୍ରାମର ଶତାଧିକ ଚାଷୀ ରାସ୍ତାରେ ବସିଥିଲେ। ଚାଷୀ କିଶୋର କର, ମନୋଜ କର, ସରୋଜ ମଲ୍ଲିକ, ଉମା ପଧାନ, ରାମଚନ୍ଦ୍ର ବାଗ, କୃଷ୍ଣଚନ୍ଦ୍ର ସିଂ, ଗରିବ ଗୁରୁ, ଲକ୍ଷ୍ମଣ ମେହେର, ଇନ୍ଦ୍ରଜିତ୍ ବାଗ, ବେଣୁଧର ସେଠୀ, ନୀନା ମିଶ୍ର ଓ ଉମାକାନ୍ତ କୋଠାର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ପ୍ରଭାରି ରାକେଶ ଶର୍ମା, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଶମ୍ଭୁ ପ୍ରସାଦ ନନ୍ଦ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶିଙ୍କ ସମେତ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ ଓ ସୋନପୁର ବ୍ଲକ କଂଗ୍ରେସ କମିଟି ସଭାପତି ବରୁଣ ସୁନା ଆନ୍ଦୋଳନସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଡିଆଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଉପସ୍ଥିତ ରହି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସୋନପୁର ପୋଲିସ ଏସଡିପିଓ ମିହିର କୁମାର ପଣ୍ଡା ଓ ଆଇଆଇସି ଶ୍ରୀକାନ୍ତ କୁମାର ତ୍ରିପାଠୀ ଘଟଣାସ୍ଥଳରେ ରହି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

**୧୧ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ**



ସୋନପୁର-ବିନିକା ରାସ୍ତାର ଧଉରାଖମନଠାରେ ଚାଷୀଙ୍କ ଦ୍ୱାରା ଅନୁଷ୍ଠିତ ରାସ୍ତାରୋକୋ।

## ଗ୍ରାମପଞ୍ଚାୟତସ୍ତରୀୟ ଗ୍ରାମୀଣ ଆବାସ ମେଳା

**ଅମରପାଲି, ୧୧।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ଗ୍ରାମପଞ୍ଚାୟତର ଅମରପାଲି ଓ ବହଲପଦର ଗ୍ରାମରେ ଗ୍ରାମପଞ୍ଚାୟତସ୍ତରୀୟ ଗ୍ରାମୀଣ ଆବାସ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଗ୍ରାମର କାର୍ଯ୍ୟକ୍ରମରେ ବିଡିଓ ଅଭିମନ୍ୟୁ ମାଝୀ, ସହାୟକ ଯନ୍ତ୍ରୀ ବିନିତ ଲାକ୍ରା, ଜିପିଟିଏ ମୁନ୍ନା ଓରାମ, ଗ୍ରାମ ରୋଜଗାର ସେବକ ଲଳିତ କୁମାର ପଧାନ, ଅଶ୍ୱିନୀ ଶତପଥୀ, ବ୍ଲକର ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, କନିଷ୍ଠଯନ୍ତ୍ରୀ, ଜିଓ ଟ୍ୟାଗର ଯୁଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ ଗ୍ରାମୀଣ ଆବାସ ଯୋଜନରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଯଥା ସମୟରେ ଘର ସଂପୂର୍ଣ୍ଣ କରିବାକୁ କହିଥିଲେ। ଅମରପାଲିରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସମିତି ସଭ୍ୟ ପୀତାମ୍ବର ସାହୁ ଯୋଗ ଦେଇ ଯଥା ସମୟରେ ଘର ସମ୍ପୂର୍ଣ୍ଣ କରିଥିବା ଅମରପାଲିର ରିଙ୍କି ବିଶି, ପୀତାମ୍ବର ପ୍ରଧାନ ଏବଂ ଗୌଡମାଡ ଗ୍ରାମର ଦିଗାମ୍ବର ବଗ୍ତିଆ ଓ ରୋହିତାଶ୍ୱ ବଗ୍ତିଆ ପ୍ରମୁଖଙ୍କୁ ପ୍ରୋତ୍ସାହନ ରାଶି ୨୦ହଜାର ଟଙ୍କାର ଲେଖାଏ ଚେକ ପ୍ରଦାନ କରିଥିଲେ। ସେହିପରି ବହଲପଦରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା ଯୋଗ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ

**ଅମରପାଲି, ୧୧।୯(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ଓ ଦୁର୍ଜନତୈଲା କ୍ଲଷ୍ଟରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବହଲପଦର କ୍ଲଷ୍ଟରର ଅମରପାଲି ନୋଡାଲ ୟୁପି ସ୍କୁଲରେ ଓ ଦୁର୍ଜନତୈଲା କ୍ଲଷ୍ଟରର ଦୁର୍ଜନତୈଲା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ହୋଇଥିଲା। ବହଲପଦର କ୍ଲଷ୍ଟରେ ପ୍ରାୟ ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ପ୍ରବନ୍ଧ ଲିଖନ, ବାର୍ତ୍ତା ଲିଖନ, ସଂଗୀତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଅମରପାଲି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟ ଅତିଥି ଓ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ସାହୁ, ରାମ ନାରାୟଣ ହୋତା ଓ ସିଆରସିସି ପ୍ରଦୀପ ଜଗଦଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତୃତାରେ ପିଣ୍ଟୁ ପଧାନ, ପ୍ରବନ୍ଧ ଲିଖନରେ ପୂଜା ଷଡଙ୍ଗୀ, ବାର୍ତ୍ତା ଲିଖନରେ ମଧୁସ୍ମିତା ଭୁକ୍ତା, ସଂଗୀତରେ ମନିଷା ମିର୍ଦ୍ଧା, ସାଧାରଣ ଜ୍ଞାନରେ ଲିଭମ ସାହୁ ଓ ଚିତ୍ରାଙ୍କନରେ ଇପ୍‌ସିତା ଅନନ୍ୟାସାହୁ ପ୍ରଥମ ହୋଇ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ତପକିରଣ ସାହୁ ସଂଯୋଜନା କରିଥିଲେ। ପ୍ରାଣବନ୍ଧୁ ସାହୁ, ସୁରେନ୍ଦ୍ର ଭୋଇ, ମାଧବ ମହାକରୁ, ବାଙ୍କା ବିହାରୀ ମହାକୁର, ତ୍ରିବିକ୍ରମ ମହାନନ୍ଦ, ନାରାୟଣ ପଧାନ, ବେଲାରସେନ ଭୋଇ, ଅକ୍ଷୟ ହୋତା ଓ ନିଦ୍ରାବତୀ ନାୟକ ପ୍ରମୁଖ ବିଚାରକ କାର୍ଯ୍ୟ ତୁଲାଇଥିଲେ। ଦୁର୍ଜନତୈଲା କ୍ଲଷ୍ଟରରେ ଶିକ୍ଷକ ଲକ୍ଷ୍ମଣ ବଘାର ଓ ସିଆରସିସି ଅରୁଣ ରାଏ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ।

ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

## ସଙ୍ଗଠନ ମଜଭୁତ କରିବା ଉପରେ ଗୁରୁତ୍ୱ

**ସୋନପୁର,୧୧।୯(ନି.ପ୍ର.)**



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ସୁବର୍ଣ୍ଣପୁର ଜିଲା ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ଜିଲା ସଭାପତି କରମଚାନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଭାରୀ ଡ. ରାକେଶ ଶର୍ମା ଯୋଗଦେଇ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ଜିଲାରେ ଆନ୍ଦୋଳନ ଜରିଆରେ କୃଷକମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ଯୋଗଦେଇ କୃଷକମାନଙ୍କ ଉନ୍ନତି ପାଇଁ ନରେନ୍ଦ୍ର ମୋଦିଙ୍କ ସରକାର ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଏହି ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରିଲେ କୃଷକଙ୍କ ଉନ୍ନତି ସମ୍ଭବ ହୋଇପାରିବ ବୋଲି କହିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସମୀର ପାତ୍ର ସାଂଗଠନିକ ସ୍ଥିତି ନେଇ ଆଲୋଚନା କରିଥିଲେ। ବୈଠକରେ ଜିଲା ସଭାପତି ବିଜୟ ମହାକୁର, ରାଜ କିଶୋର ମେଣ୍ଡଲି, ପ୍ରମୋଦ ମହାପାତ୍ର, ବଳଦେବ ପ୍ରସାଦ ବେଦବାକ, ଆନନ୍ଦ ବାରିକ, ଅଶୋକ ପୂଜାରୀ, ପୂର୍ବତନ ବିଧାୟକ ଅଚ୍ୟୁତ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର ପ୍ରସାଦ ମହଲା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଗାୟତ୍ରୀ ପାଣିଗ୍ରାହୀ, ରୋହିଣୀ ଡାଙ୍ଗ, ସୁଶାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶି, ପ୍ରାକ୍ତନ ଜିଲା ସଭାପତି ମୁରଲି ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ଗୌରଚରଣ ନାୟକ, ରଘୁବୀର ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, ମହେନ୍ଦ୍ର ମହାନନ୍ଦ, ଶ୍ରଦ୍ଧାଞ୍ଜଳି ମିଶ୍ର, ବଳରାମ ସୁନା, ଶମ୍ଭୁ ପ୍ରସାଦ ନନ୍ଦ, ଜିଲା କୃଷକ ମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, କାର୍ଯ୍ୟକାରିଣୀ ସଦସ୍ୟ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଉପସ୍ଥିତ ରହି ମତ ରଖିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା ସଭା ସଂଯୋଜନା କରିଥିଲେ। ଗଣେଷ ସାହୁ ଓ ସଂଗ୍ରାମ କୁମ୍ଭାର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଆଶ୍ରୟ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ଲୋକନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୧୧।୯(ନି.ପ୍ର.)**

କେନ୍ଦ୍ର ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଅଧିନସ୍ଥ ଭାରତୀୟ ସାଂସ୍କୃତିକ ପରିଷଦ ସହଯୋଗରେ ସମ୍ବଲପୁରର ଉକିଆ ଅନୁଷ୍ଠାନର କଳାକାରମାନେ ଲଣ୍ଡନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି କଳାକାରମାନେ ଓଡିଆ ସୋସାଇଟି ଅଫ ୟୁକେ ପକ୍ଷରୁ ୩୯ ତମ ଅଧିବେଶନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାଲଖାଇ, ଢାପ, ରଙ୍ଗବତୀ, ନୂଆଁଖାଇ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଲଣ୍ଡନର ମାଞ୍ଚେଷ୍ଟର ଓ ୱେଲ୍ସରେ ଏହି ସବୁ କାର୍ଯ୍ୟକ୍ରମ ଅଗଷ୍ଟ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଉକିଆ ଅନୁଷ୍ଠାନର ଏହି ୧୨ଜଣିଆ ଦଳରେ ସୁବର୍ଣ୍ଣପୁରର ସ୍ମୃତିଛନ୍ଦା ବିଦ୍ୟାଧର(କାଜଲ) ଓ ଜଗନ୍ନାଥ ସୁନା ଥିଲେ। ମଙ୍ଗଳବାର ସୋନପୁର ଭୀମଭୋଇ କଳା ପରିଷଦ ପକ୍ଷରୁ ଏହି ଦୁଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ମେହେର, ଶ୍ରୀବତ୍ସ ମଲ୍ଲିକ, ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସଭାପତି ପ୍ରତ୍ୟୁଷ ମେହେର, ସମ୍ପାଦକ ଉମେଶ କୁମ୍ଭାର ଓ ପରେଶ ମେହେର ଉପସ୍ଥିତ ଥିଲେ।



ଦୁଇ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଅମରପାଲି, ୧୧।୯(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତର କଦଳୀପାଲି ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ବହଲପଦର ରେଞ୍ଜ ଉକ୍ତ ଶିବିରକୁ ଆୟୋଜନ କରିଥିଲା। ବହଲପଦର ରେଞ୍ଜ ଅଧିକାରୀ ମୋତିଲାଲ ବାଘ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ଫରେଷ୍ଟର ଅନୀଲ ପୁରୋହିତ, ବରୁଣ ନାଏକ, ହେମସାଗର ସ୍ୱାଇଁ, ଅନୁପ ଖେସ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉକ୍ତ ରେଞ୍ଜ ଅନ୍ତର୍ଭୁକ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳୀମାନେ ସେମାନଙ୍କର ପରିବାର ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ନେଇଥିଲେ। ମୁଷୁର୍ଣ୍ଣୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ଶିବାନନ୍ଦ ଚାଉଲିଆ ଓ ଫାର୍ମାଶିଷ୍ଟ ରବି ସାହୁ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲଳିତ ବିଶ୍ୱାଳ, ରାଜା ପୁରୋହିତ, ହେଡଚେକର ପବିତ୍ରମୋହନ ପ୍ରଧାନ, ଦିଲ୍ଲୀପ ନନ୍ଦ, ଦାଶରଥ ନନ୍ଦ ଓ ଶଙ୍ଖବ୍ରତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସ୍କୁଲକଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଧାରଣା

**ଉଲୁଣ୍ଡା/ତରଭା, ୧୧।୯ (ଡି.ଏନ.ଏ.)**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ସଂଘର ଆହ୍ୱାନ କ୍ରମେ ମଙ୍ଗଳବାର ଉଲୁଣ୍ଡା ବ୍ଲକରେ କାର୍ଯ୍ୟରତ ସ୍କୁଲ କଲେଜ ଓ ଶିକ୍ଷା କର୍ମଚାରୀବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ସଚ୍ଚିଦାନନ୍ଦ ପଧାନଙ୍କୁ ପ୍ରଦାନ କରିଛନ୍ତି। ଉଲୁଣ୍ଡା ପଞ୍ଚାୟତ ସମିତି ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାକ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ, ୨୦୧୮ ଅନୁଦାନ ଆଇନରେ ୪୦, ୬୦, ୭୫ ଶତକଡା ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶ ପତ୍ର ସହିତ ଦରମା ବୃଦ୍ଧିକୁ ଯୋଗ କରାଯାଉ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସେହିପରି ତରଭା ବ୍ଲକରେ ଧାରଣା ଶିକ୍ଷକ କୁଳମଣି ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ତରଭା ବ୍ଲକର ତରଭା, ଚାରଭଟା, ମେଣ୍ଡା, ବଡଭଇଁରୋ ୪ ଗୋଟି ମହାବିଦ୍ୟାଳୟ ଏବଂ କଲରାମୁହାଣ, ଦୁବୁଲା,ବ୍ରାହ୍ମଣୀ, ବଘିଆ, ଡୁଲୁଣ୍ଡା,ସିଂହାରି, ପୁଆ, ଦେଉଳପଦର, ରାଣୀସର୍ଡା ଓ ବଡଭଇଁରୋ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ। ପରେ ସାତ ଦଫା ସମ୍ବଳିତ ଦାବିପତ୍ର ଭାରପ୍ରାପ୍ତ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଧାରଣାରେ ବ୍ଲକ ଓଷ୍ଟା ସମ୍ପାଦକ ଅମିୟ କୁମାର ମହାନ୍ତି, ଦିବାକର ପୋଢ, ସୁରେନ୍ଦ୍ର କୁମାର ମିଶ୍ର, ଦୟାନିଧି ମିଶ୍ର, ଅରୁଣ କୁମାର ପାଢୀ, ମୋହନ ବାରିକ ପ୍ରମୁଖ ସାମିଲ ଥିଲେ।

■ ବ୍ଲକଗ୍ରାଣ୍ଟ ଉଚ୍ଛେଦ ଦାବି

# ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଧାରଣା

**ବୀରମହାରାଜପୁର,୧୧।୯(ଡି.ଏନ.ଏ.)**

ରାଜ୍ୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପୂର୍ବ ଘୋଷିତ ନିଷ୍ପତ୍ତିକ୍ରମେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବ୍ଲକଗ୍ରାଣ୍ଟ ଅନ୍ତର୍ଭୁକ୍ତ ସମସ୍ତ ସ୍କୁଲ ଓ କଲେଜ ଶିକ୍ଷକ ତଥା କର୍ମଚାରୀ ମଙ୍ଗଳବାର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଗତବର୍ଷ ସେପ୍ଟେମ୍ବର ୧ତାରିଖରେ ଘୋଷଣା କରିଥିବା ବ୍ଲକଗ୍ରାଣ୍ଟ ଉଚ୍ଛେଦ ସଂକ୍ରାନ୍ତୀୟ ନିଷ୍ପତ୍ତି ବର୍ଷକ ପରେ ସୁଦ୍ଧା କାର୍ଯ୍ୟକାରୀ ହୋଇ ନଥିବାରୁ ଏହାର ପ୍ରତିବାଦରେ ପର୍ଯ୍ୟାୟକ୍ରମେ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଶିକ୍ଷକ ଲାଳେନ୍ଦ୍ର ତ୍ରିପାଠୀଙ୍କ ଆକାଉଣ୍ଟରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଂଘର ଜିଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ କଲେଜ ଶିକ୍ଷକ ସଂଘ ସଭାପତି ସୁବାଷ ଚନ୍ଦ୍ର ପଣ୍ଡା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ସମ୍ବୋଧିତ କରିଥିଲେ। ପରେ ମଞ୍ଚ ତରଫରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ଅନୁଷ୍ଠିତ ଶିକ୍ଷକ, କର୍ମଚାରୀଙ୍କ ଗଣଧାରଣାରେ ବ୍ଲକର ଅମରପାଲି, କେନଝରିଆପାଲି, ଉଫୁଲା, ଭୁଲେଶ୍ୱର, ଜଟେସିଂଘା, ବାଗବର ଓ କମିରା ହାଇସ୍କୁଲ ତଥା ଭୁଡିଆପାଲିସ୍ଥିତ ପରମେଶ୍ୱରୀ କଲେଜରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇଥିଲେ। ମିଳିଥିବା ସୂଚନାମତେ ଉକ୍ତ ଆନ୍ଦୋଳନର ୭୫ଜଣଶିକ୍ଷା କର୍ମଚାରୀ ଅଂଶଗ୍ରହଣ କରିଥିବାରୁ ପାଠପଢା ବ୍ୟାହତ ହେଉଛି। ଏହାଦ୍ୱାରା ପ୍ରାୟ ୧୫୦୦ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି।





ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଶିକ୍ଷକ ଓ କର୍ମଚାରୀ।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବରଗଡ଼ ଅଫିସ୍,୧୧।୯-** କମ୍ରେଡ ଜନସାଥି ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଭ୍ରାତୃପତ୍ନୀ ବଷ୍ଣୁପ୍ରିୟା ମିଶ୍ରଙ୍କ ସୋମବାର ଭୋରରେ ପରଲୋକ ଘଟିଛି । ବରଗଡ଼ ବାଲାଜୀ ସିଟିସ୍ଥିତ ପୁଅଙ୍କ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସ୍ୱର୍ଗତା ମିଶ୍ର ଜଣେ ଧର୍ମପ୍ରାଣା ମହିଳା ଥିଲେ । ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧକ୍ଷ ପ୍ରଶାନ୍ତ ବେହେରା, ଡ.ସୁବଳ କର, ଡ. ଉମେଶ ତ୍ରିପାଠୀ, ଡ. ଶଙ୍କରଲାଲ ଶର୍ମାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତା ମିଶ୍ରଙ୍କ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏକ ବିରାଟ ପଟୁଆରରେ ମୃତଦେହ ସ୍ଥାନୀୟ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପୁଅ ବିଜୟ ମୁଖାଗ୍ନି ଦେଇଥିଲେ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଝାରବନ୍ଧ,୧୧।୯(ଡି.ଏନ.ଏ.)-** ଝାରବନ୍ଧ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ସଭାପତି ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ସଂଯୋଜକ ଅରୁଣ କୁମାର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁର ବୌଦ୍ଧିକ ବିକାଶରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାରେ ଗୁରୁମା ଲିଳିମା ବେହେରା ମଞ୍ଚ ପରିଚାଳନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଘନଶ୍ୟାମ ବନଛୋର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବ୍ରଜ କିଶୋର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍କୁଲ କଲେଜ ଓ କର୍ମଚାରୀଙ୍କ ଧାରଣା

**ଝାରବନ୍ଧ,୧୧।୯(ଡି.ଏନ୍.ଏ.)-** ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣ ଅନୁଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ଝାରବନ୍ଧ ବ୍ଲକ ଶାଖା ପକ୍ଷରୁ ବ୍ଲକ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଧାରଣାରେ ଆବାହକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଶୋଭାରାମ ଶିଦାର, ଧର୍ମରାଜ ବାରିକ, ଅଶୋକ କୁମାର ପ୍ରଧାନ, ଲୋହିତ କୁମାର ସାହୁ, ପ୍ରଦୀପ କୁମାର ମିଶ୍ର, ପବିତ୍ର ବନଛୋର, ବାବୁଲାଲ ପଧାନ ପ୍ରମୁଖ ସହ ବହୁ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ ।

## ଅନୁଦାନ ଟଙ୍କାର ଦୁରୁପଯୋଗ ଘଟଣା
# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ବ୍ଲକ ଅଧୀନ ତାଲଶ୍ରୀଗିଡ଼ା ଗ୍ରାମରେ ବିଭିନ୍ନ ଉନ୍ନୟନ କାମ ଆଳରେ ସରକାରୀ ଅନୁଦାନ ଟଙ୍କାର ଦୁରୁପଯୋଗ କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମବାସୀ ଏ ନେଇ ବରଗଡ଼ ବିଡିଓ ଶରତ ବାଗଙ୍କୁ ଫେରାଦ ହୋଇ ଗତ ୬ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ମଙ୍ଗଳବାର ଗ୍ରାମବାସୀ ତଦନ୍ତ ଦାବି ନେଇ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ତପିରାମ ମାଝି ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୪ତାରିଖ ସୁଦ୍ଧା ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

ପ୍ରକାଶ ଯେ, ଗ୍ରାମର ତ୍ରିଶୁଳ ବନ୍ଧରେ ପାଚେରି ନିର୍ମାଣ ପାଇଁ ୭୮ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ମାତ୍ର ସେହି କାମ କରା ନ ଯାଇ ଗ୍ରାମର ଅନ୍ୟ ଏକ ଜଳାଶୟ ଭଙ୍ଗାକିଁଟାର ପୁରୁଣା ପାଚେରିରେ ଅଳ୍ପକିଛି କାମ କରାଯାଇ ସେହି ଅନୁଦାନ ଟଙ୍କା ହଡ଼ପ କରାଯାଇଛି। ସେହିପରି ଗ୍ରାମର ସ୍ୱର୍ଗତ ବୁଧୁ ସାହୁ ତାଙ୍କ ମୃତପୁଅଙ୍କ ସ୍ମୃତିରେ ସ୍ଥାନୀୟ ଫୁଟବଲ ପଡ଼ିଆରେ ନିଜ ଖର୍ଚ୍ଚରେ ଏକ ଗୃହ ନିର୍ମାଣ କରିଥିଲେ। କିନ୍ତୁ ସେହି ଗୃହ ନାମରେ ମିଥ୍ୟାବିଲ ପ୍ରସ୍ତୁତ କରାଯାଇ ସରକାରୀ ଅନୁଦାନର ଅପବ୍ୟବହାର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନୁରୂପଭାବେ ସ୍ଥାନୀୟ ଜଙ୍ଗଲମୁଡ଼ାର ମାଟି କାମ ପାଇଁ ୨ଲକ୍ଷ ଏବଂ ଖଲିଆମୁଡ଼ାର ମାଟି କାମ ପାଇଁ ୧ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ମାତ୍ର ଏଠାରେ ମଧ୍ୟ ଠିକ୍‌ଭାବେ ମାଟି କାମ କରା ନ ଯାଇ ବିଲ୍ ଉଠାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ନୀରବ ପ୍ରତିବାଦରେ ଜିଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀ ଧାରଣା ଦେଇଥିଲେ । ଅବନୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣାରେ ସାମିଲ ଥିଲେ।



ଜିଲାପାଳ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା।

## ମୃତକଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ

**ଅତାବିରା,୧୧।୯ (ଡି.ଏନ.ଏ)**

ବରଗଡ଼ ଜିଲା ଗୋଡ଼ଭଗା-ସୋନପୁର ରାସ୍ତାର କୁଡ଼ାପାଲି ଛକରେ ରବିବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଡାଲବୀ ନିବାସୀ ସ୍ୱର୍ଗତ ସୁଜିତ କୁମାର ପୁରୋହିତଙ୍କ ଶୋକାକୁଳ ପରିବାର ଲୋକଙ୍କୁ ସୋମବାର ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଭେଟି ସମବେଦନା ଜଣାଇଥିଲେ। ମୃତକଙ୍କ ବାପା ଚିତ୍ତରଞ୍ଜନଙ୍କ ସହିତ କଥାବାର୍ତ୍ତା ହୋଇ ଯାହାକିଛି ସହାୟତା ସମ୍ଭବ, ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଛୁରିଆ କହିଥିଲେ। ପ୍ରକାଶଥାଉ କି, ମୃତ ସୁଜିତ ଗତ ୩ମାସ ତଳେ ବିବାହ କରିଥିଲେ। ସେ ବାଇକ୍‌ରେ ଥିବାବେଳେ ଏକ ଟ୍ରକ ଧକ୍କା ଦେବା ଯୋଗୁ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା।

## ଭାଜପା କୃଷକ ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ବୈଠକ

**ପାଇକମାଲ, ୧୧।୯ (ଡି.ଏନ୍.ଏ.)**

ବରଗଡ଼ ଜିଲା ପାଇକମାଲ ସ୍ଥିତ ନୃସିଂହନାଥ ପୀଠରେ ସୋମବାର ବରଗଡ ଜିଲା ଭାଜପା କୃଷକମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ ଦିବ୍ୟ କିଶୋର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୃଷକ ମୋର୍ଚ୍ଚା ଓଡ଼ିଶା ପ୍ରହାରୀ, ଡ. ରାକେଶ ଶର୍ମା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାତି ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସମୀର ପାତ୍ର, ପ୍ରଭାରୀ ସମୀର ପାତ୍ର, ବରଗଡ଼ ଜିଲା ସହ ପ୍ରଭାରୀ ଅରୁଣ ବେହେରା, ବରଗଡ଼ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌରୀ ବାରିକ ଯୋଗ ଦେଇ ଆଗାମୀ ଦିନରେ ଜିଲା କୃଷକ ମୋର୍ଚ୍ଚାକୁ ଶକ୍ତିଶାଳୀ କରିବା, କୃଷି ଓ କୃଷକମାନଙ୍କ ଉନ୍ନତି ସହ ଓଡ଼ିଶାକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରିତେଶ ବହିଦାର, ଗୋବର୍ଦ୍ଧନ ଅଗ୍ରୱାଲ, ଚିତ୍ତ ଭୋଇ, ଶକୁନ୍ତଳା ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଚ୍ୟୁତ ବାରିକ ଅତିଥି ପରିଚୟ ଏବଂ ରାହାସ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମ, ରାବଣ ବରଣ ସମ୍ପନ୍ନ

**ବରଗଡ଼ ଅଫିସ୍/ଘେଁସ୍, ୧୧।୯**

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସଠାରେ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜାର ରାବଣପୋଡ଼ି କାର୍ଯ୍ୟକ୍ରମ ପାଇଁ ରବିବାର ରାମ, ରାବଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ବାବା ସ୍ୱପ୍ନେଶ୍ୱର ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

**ରାବଣପୋଡ଼ି କାର୍ଯ୍ୟକ୍ରମ**

ଚଳିତ ବର୍ଷର ରାବଣ ଭୂମିକା ପାଇଁ କଳାକାର ଚୌହାନ, ରାମ ଭୂମିକା ପାଇଁ ପ୍ରଦୀପ ମେହେରଙ୍କ ସମେତ ଅନ୍ୟ ମନୋନୀତ କଳାକାରଙ୍କୁ ବରଣ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ କଳାକାରବୃନ୍ଦଙ୍କୁ ବରଣ କରିଥିଲେ। କ୍ଷୀରୋଦ୍ର ସାହୁ, ସୁବାସ ମେହେର, ଧୀରେନ ପଟେଲ, ଆକୁଳ ପଟେଲ, ଷଷ୍ଠୀ କୁମାର ବାରିକ, ଧୀରେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ରାବଣ ପୋଡ଼ି କାର୍ଯ୍ୟକ୍ରମ ପାଇଁ ରାବଣ ବରଣ କରାଯାଉଛି ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ସୋହେଲା,୧୧।୯ (ଡି.ଏନ୍.ଏ.)**

ବରଗଡ଼ ଜିଲା ସୋହେଲା ଥାନା ଅଧୀନ ଗର୍ଭଣା ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ଦୁର୍ଗାପୂଜ ପାଇଁ ଏକ ପ୍ରସ୍ତୁତି ବୈଠକ ଦିଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସମ୍ପାଦକ ଲଳିତ କୁମାର ସାହୁ ଗତ ବର୍ଷର ଆୟବ୍ୟୟ ଉପରେ କହିଥିଲେ। ଚଳିତ ବର୍ଷ ଦୁର୍ଗାପୂଜା ପରିଚାଳନା ପାଇଁ ପୂର୍ବ ବର୍ଷର କମିଟିକୁ ବଳବତ୍ତର ରଖିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସର୍ବସମ୍ମତି କ୍ରମେ ଦିଲୀପ କୁମାର ସାହୁ ସଭାପତି, ଶ୍ରୀକାନ୍ତ ପଣ୍ଡା ଉପସଭାପତି ଏବଂ ଲଳିତ କୁମାର ସାହୁଙ୍କୁ ସମ୍ପାଦକ ଭାବେ ପୁନଃ ମନୋନୀତ କରାଯାଇଥିଲା। ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ୭ଜଣିଆ ଉପଦେଷ୍ଟା ମଣ୍ଡଳୀ ଏବଂ ୨୧ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ପୂଜା କାର୍ଯ୍ୟ ସମ୍ପାଦନ ପାଇଁ ପଣ୍ଡିତ କ୍ଷୀରସାଗର ପଣ୍ଡା, ବସନ୍ତ ଦେବତା ଏବଂ ସନ୍ତୋଷ ଦେବତାଙ୍କୁ ପୁରୋହିତ ଭାବେ ବରଣ କରାଯାଇଥିବା ବେଳେ ରାଜେଶ ପତି ଓ ସ୍ୱାଧୀନ ଦେବତାଙ୍କୁ ସହ ପୂଜକ ଭାବେ ବରଣ କରାଯାଇଛି । ଦ୍ୟୁତୀଶ ଆଚାର୍ଯ୍ୟ ଏବଂ ତାଙ୍କ ସ୍ତ୍ରୀ ପୂଜାରେ କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିବେ। ଦୁର୍ଗାପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମର ଯୁବ ସମାଜକୁ ଦାୟିତ୍ୱ ଅର୍ପଣ କରାଯାଇଛି। ଶେଷରେ ସୁବାସ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରେନ ନିର୍ମାଣ ଦାବିରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୩ ମୀରା ହୋଟେଲ ପଛପଟ ସ୍ମୃତିନଗରରେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଡ୍ରେନ ବ୍ୟବସ୍ଥା ନ ଥିବା ଯୋଗୁ ଆବର୍ଜନା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ବହୁଥିବା ବେଳେ ଘର ମଧ୍ୟକୁ ପଶୁଛି। ଏହାକୁ ନେଇ ସ୍ମୃତିନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ମଙ୍ଗଳବାର ପଡ଼ାବାସୀ ବରଗଡ଼ ପୌର ପରିଷଦ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଡ୍ରେନ ନିର୍ମାଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ସେମାନେ ବରଗଡ଼ ପୌରାଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ଗ୍ରହଣ କରି ପୌରାଧକ୍ଷ ବେହେରା ସେଠାରେ ଡ୍ରେନ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ । ରବି ନାରାୟଣ ସାହୁ, ସମ୍ପଦ ସାହୁଙ୍କ ନେତୃତ୍ୱରେ ବହୁ ମହିଳା, ପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ।




ଡ୍ରେନ ନିର୍ମାଣ ଦାବିରେ ବରଗଡ଼ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ ଦାବିରେ ଧାରଣା

**ଭଟଲି,୧୧।୯ (ଡି.ଏନ୍.ଏ)**

ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ ଦାବି କରି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ବରଗଡ଼ ଜିଲା ଭଟଲି ବ୍ଲକ କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି। ପ୍ରମୋଦ ପଧାନଙ୍କ ନେତୃତ୍ୱରେ ଶିକ୍ଷକ ଦେବାନନ୍ଦ ବିଶି, ଭଗବାନ ବେହେରା, ଅଧ୍ୟାପକ ରାଜୀବ ସାହୁ, ରବି ପଣ୍ଡା, ତାରିଣୀ ଦେବତା, କୁମୁଦ ମାଝି ପ୍ରମୁଖ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ବିରାଟ ପର୍ବ ପାରାୟଣ ଉଦ୍‌ଯାପିତ

**ଭେଡ଼େନ,୧୧।୯ (ଡି.ଏନ.ଏ.)**

ଭେଡ଼େନ ବ୍ଲକ ଅଁଳାପାଲି ପଞ୍ଚାୟତ ଅଧୀନ କଟାପାଲି ଗ୍ରାମରେ ୪ ଦିନ ଧରି ଚାଲିଥିବା ବିରାଟ ପର୍ବ ପାରାୟଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମକୁନ୍ଦ ପଧାନ ଏବଂ ରେବତୀ ପଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ସିଦ୍ଧେଶ୍ୱର ପାଣିଗ୍ରାହୀ, ଶୁଭେନ୍ଦୁ ପାଣିଗ୍ରାହୀ ପୁରୋହିତ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରବଚକ ନିତ୍ୟାନନ୍ଦ ବିଶି, ଧବଳେଶ୍ୱର ପାଣିଗ୍ରାହୀ, ବିହାରୀ ନାୟକ ପ୍ରବଚନ ପ୍ରଦାନ କରିଥିଲେ।

## ବ୍ଲକ ଅଫିସ୍ ଆଗରେ ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଧାରଣା

**ବରଗଡ଼ ଅଫିସ୍,୧୧।୯**

ବ୍ଲକଗ୍ରାଣ୍ଟ ପ୍ରଥା ଉଚ୍ଛେଦ ଏବଂ ଚାକିରି ସର୍ତ୍ତାବଳୀ ସହିତ ପ୍ରତ୍ୟକ୍ଷ ଅନୁଦାନ ଦାବିରେ ଶିକ୍ଷକ ଆନ୍ଦୋଳନ ଜୋର ଧରି ବସିଛି। ଗତ ୬ତାରିଖରୁ ବ୍ଲକଗ୍ରାଣ୍ଟ ସ୍କୁଲ, କଲେଜଗୁଡ଼ିକରେ ତାଲା ପକାଇ ଥିବାବେଳେ ମଙ୍ଗଳବାର ଆନ୍ଦୋଳନର ଷଷ୍ଠ ଦିବସରେ ବ୍ଲକଗ୍ରାଣ୍ଟ ସ୍କୁଲ, କଲେଜର ଶିକ୍ଷକ, ଅଧ୍ୟାପକମାନେ ସ୍ଥାନୀୟ ବ୍ଲକ ଅଫିସ ଆଗରେ ଧାରଣାରେ ବସିଥିଲେ। ବୁଧବାର ମଧ୍ୟ ଧାରଣାରେ ବସିବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ ଜିଲାରେ ଓଡ଼ିଶା ସ୍କୁଲ କଲେଜ, ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ବରଗଡ଼ ଜିଲା ଆବାହକ ନୀଳମଣି ପୁରୋହିତ, ୬୬୨ ବର୍ଗ ସ୍କୁଲର ପ୍ରଦୀପ ସାହୁ ଏବଂ ୪୧୮ ବର୍ଗ ସ୍କୁଲ, କଲେଜର ପରମାନନ୍ଦ ରଥ, ବିଜୟ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଛନ୍ତି।



ବରଗଡ଼ ବ୍ଲକ ଅଫିସ ଆଗରେ ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଧାରଣା।

## ବ୍ଲକସ୍ତରୀୟ ଯାଦବ ଶାଖା ଗଠିତ

**ବରଗଡ଼ ଅଫିସ୍,୧୧।୯**

ବରଗଡ଼ ସହର ଉପକଣ୍ଠ ଗୁଡ଼େଶିରା ବଜାର ପ୍ରାଙ୍ଗଣରେ ରବିବାର ବରଗଡ଼ ବ୍ଲକ ଯାଦବ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାଦବ ସମାଜର ବିଭିନ୍ନ ସମସ୍ୟା ତଥା ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଯୁବତୀଯୁବକଙ୍କୁ ଅଧିକରୁ ଅଧିକ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ ସେବା, ସମର୍ପଣ ମନୋଭାବ ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ବ୍ଲକସ୍ତରୀୟ ନୂତନ ଯାଦବ ଶାଖା ଗଠନ କରାଯାଇଥିଲା। ଏଥିରେ ବେଣୁଧର ଷଣ୍ଡ ସଭାପତି, ପ୍ରଦୀପ ମାହାର ସମ୍ପାଦକ, ଅଗସ୍ତି ବଗର୍ତ୍ତୀ ଓ ନାରାୟଣ ବାଗ ଉପସଭାପତି, ଶଶି ସଗରିଆ ଓ ସୁଶାନ୍ତ ଥପା ସହସମ୍ପାଦକ, ଭକ୍ତବନ୍ଧୁ ଧରେଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ପ୍ରଫୁଲ୍ଲ ଭୋଇ, ପ୍ରଦୀପ ମାହାର, ପୌଲସ୍ତି ଷାଣ୍ଡ, ରମେଶ ମହାକୁର, ଗୋପାଳ ମଟାରୀଙ୍କୁ ରକ୍ତଦାତା ଗୋଷ୍ଠୀ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ହାରାଧନ ବାଗ ଅଧକ୍ଷତା କରିଥିବାବେଳେ ରାମନାରାୟଣ ଭୋଇ ସଭା ପରିଚାଳନା କରିଥିଲେ। ବୈଠକରେ ଜିଲା ସଭାପତି ଲମ୍ବୋଦର ମଲ୍ଲିକ ଯୋଗ ଦେଇଥିଲେ । ମୋହନ ନାଗ, ଆଜାଦ ବନଛୋର, ବିରବଳ ମହାକୁର, ରବିଚନ୍ଦ୍ର ପୋଢ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରୂପଧର ଥପା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ପଦ୍ମପୁର,୧୧।୯ (ଡି.ଏନ.ଏ.)**

ସ୍ଥାନୀୟ ରାଜବୋରାସମ୍ବର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜବୋରାସମ୍ବର ବିଇଓ ସୁନୀଲ ମୁଣ୍ଡ, ମୁଖ୍ୟ ଅତିଥି ଭାବେ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଭିତ୍ତିକ ଆଲୋଚନାରେ ଭାଗ ନେବା ପାଇଁ ଉତ୍ସାହିତ କରିଥିଲେ। ଏଥିରେ ରାଜବୋରାସମ୍ବର ବ୍ଲକରୁ ୧୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ମଧୁସୂଦନ ଦେବତା ଓ ରମେଶ ଚନ୍ଦ୍ର ଭୋଇ ଯୋଗ ଦେଇଥିଲେ । ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟରଛାତ୍ର ଅଂଶୁମାନ ମିଶ୍ର ପ୍ରଥମ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପା]ଇଁ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଆଦର୍ଶ ବିଦ୍ୟାଳୟ ବାନ୍ଧୁପାଲିର ଛାତ୍ର ତିଳକ ଅଗ୍ରୱାଲ। ଶେଷରେ ଶିକ୍ଷକ ରାଜେଶ କୁମାର ଖମାରୀ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଜଙ୍ଗଲରେ ଚଢ଼ାଉ: ୫୦ ଲିଟର ମଦ ଜବତ, ୨ ଗିରଫ

**ଭଟଲି,୧୧।୯ (ଡି.ଏନ୍.ଏ)**

ବରଗଡ଼ ଜିଲା ଭଟଲି ଅବକାରୀ ବିଭାଗ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ମଙ୍ଗଳବାର ଭଟଲି ବ୍ଲକର ବାଦପାଲି ସଂରକ୍ଷିତ ଜଙ୍ଗଲ ଏବଂ ଅମ୍ବାଭୋନା ଥାନା ଅଧୀନ ତିଲେଇମାଲ ସଂରକ୍ଷିତ ଜଙ୍ଗଲରେ ମିଳିତ ଚଢ଼ଉ କରାଯାଇଥିଲା । ଜିଲାପାଳ ଇନ୍ଦ୍ରମଣି

**ବେଆଇନ ମଦ କାରବାର**

ତ୍ରିପାଠୀଙ୍କ ନିର୍ଦ୍ଦେଶରେ କ୍ରମେ ଅବକାରୀ ଅଧୀକ୍ଷକ ପ୍ରଦୀପ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭଟଲି ଅବକାରୀ ଉପ ନିରୀକ୍ଷକ ଚନ୍ଦନ କୁମାର ମଣ୍ଡଳ, ରମାକାନ୍ତ ପଧାନ, ସୁକାନ୍ତ ବଢ଼େଇ, ପିଙ୍କି ପ୍ରଧାନ, ଧନମତୀ ତାଣ୍ଡି, ଫରେଷ୍ଟର ସୁଶୀଲ କୁମାର ମାଝି ପ୍ରମୁଖ ଚଢ଼ାଉ କରି ଭଟଲି ଥାନା ଅଧୀନ ବାଦପାଲି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଦେଶୀ ମଦ ରାନ୍ଧୁଥିବା ଅବସ୍ଥାରେ ଜକ୍ତିପାଲିର ଦାଶରଥି ବରିହା ଏବଂ ରଥି ବରିହାଙ୍କୁ ଗିରଫ କରିଥିଲେ। ଅଧିକାରୀମାନେ ତାଙ୍କ ନିକଟରୁ ୩୦ଲିଟର ଦେଶୀ ରନ୍ଧା ମଦ ସହ ୨କୁଇଣ୍ଟାଲ ମହୁଲ ପୋଚ, ଗୋଟିଏ ସାଇକେଲ ସହ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସେହିପରି ଅମ୍ବାଭୋନା ଥାନା ଅଧୀନ ତିଲେଇମାଲ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ୮କୁଇଣ୍ଟାଲ ମହୁଲ ପୋଚ ସହ ଅନ୍ୟାନ୍ୟ ମଦରନ୍ଧା ସାମଗ୍ରୀ ଜବତ କରିଥିଲେ।



ଭଟଲି ଅବକାରୀ ଏବଂ ଜଙ୍ଗଲ ବିଭାଗ ଅଧିକାରୀମାନେ ଚଢାଉ କରି ୨ଜଣଙ୍କୁ ଗିରଫ କରି ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।
- ଭଲ୍‌ଟାୟାର

# ଦହଗାଁଜ୍‌ରେ ବିତୁଛେ ରୁକୁଣୀଙ୍କର୍ ସଁସାର୍

**ବଲାଙ୍ଗୀର ଅଫିସ, ୧୧।୯**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତର କୁର୍ଲୁମାଲ ଗାଁର ଏକ ଦାଦନ ଶ୍ରମିକଙ୍କ ପରିବାରର ଦୁଃଖ ଏବେ ସୀମା ଟପିଯାଇଛି । ଦାଦନ ଖଟିବାକୁ ଯାଇ ସୁଦୂର ବାଙ୍ଗାଲୋରଠାରେ ସ୍ୱାମୀଙ୍କର ମୃତ୍ୟୁ ଘଟିବା ଏବଂ ୧୨ବର୍ଷିୟା ଝିଅ ହୃଦ୍‌ରୋଗରେ ପୀଡିତ ବୋଲି ଜଣାପଡିବା ପରେ ଅକଥନୀୟ ଦୁଃଖ ଭୋଗୁଛନ୍ତି ପରିବାର ଲୋକେ । ସରକାରୀ ସହାୟତା ପାଇଁ ଖପ୍ରାଖୋଲ ବ୍ଲକ ପ୍ରଶାସନ ପାଖକୁ ଆସି ଗୁହାରି କଲେ ମଧ୍ୟ କେହି ଶୁଣୁନାହାନ୍ତି । ଫଳରେ ଏହି ପରିବାର ଏବେ ଘୋର ଅସୁବିଧା ଦେଇ ଗତି କରୁଛନ୍ତି । ଏହି ପୀଡିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସହାୟତା ପାଇଁ ନିବେଦନ କରିଛନ୍ତି।

କୁର୍ଲୁମାଲ ଗାଁର ରୁକୁଣୀ ବରିହା(୩୯)ଙ୍କ ସ୍ୱାମୀ ବିଶ୍ୱମ୍ବର ବରିହାଙ୍କ ପ୍ରାୟ ବର୍ଷେ ତଳେ ବାଙ୍ଗାଲୋରଠାରେ ମୃତ୍ୟୁ ଘଟିଥିଲା । ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ଅଭାବ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ରୁକୁଣୀ ତାଙ୍କ ଦୁଇପୁଅ ଓ ଗୋଟିଏ ଝିଅକୁ ଧରି ଅତ୍ୟନ୍ତ ଅସହାୟ ଅବସ୍ଥାରେ ଘରକୁ ଫେରି ଆସିଥିଲେ। ସେହିଦିନଠାରୁ ତିନି ପୁଅଝିଅଙ୍କୁ ଧରି ପ୍ରତିକୂଳ ଅବସ୍ଥାରେ ରୁକୁଣୀ ପରିବାର ପ୍ରତିପୋଷଣ କରିଆସୁଛନ୍ତି । ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର ହେଉଛି ସେଥିରେ ସେ ଘର ଚଳେଇ ନେଉଛନ୍ତି । ତେବେ ତାଙ୍କ ଝିଅ ମଞ୍ଜୁ (୧୨)ଙ୍କ ହୃଦ୍‌ରୋଗ ସମସ୍ୟା ରହିଥିବା ଜଣାପଡିବା ପରେ ରୁକୁଣୀଙ୍କ ସମସ୍ୟା ଆହୁରି ବଢ଼ିଯାଇଛି । ଝିଅ ଚିକିତ୍ସା ପାଇଁ ସେ ଚିନ୍ତାରେ ପଡିଛନ୍ତି । ବ୍ଲକ ପ୍ରଶାସନକୁ ସହାୟତା ପାଇଁ ଦୌଡୁଥିଲେ ବି କେହି ତାଙ୍କ କଥା ଶୁଣୁନାହାନ୍ତି । ଦାଦନ ଖଟିବାକୁ ଯାଇ ବାଙ୍ଗାଲୋରଠାରେ ସ୍ୱାମୀ ମୃତ୍ୟୁବରଣ କରିଥିବା କାଗଜପତ୍ର ବ୍ଲକ ଅଫିସରେ ଦାଖଲ କଲେ ମଧ୍ୟ ପରିବାର କଲ୍ୟାଣ ଯୋଜନା କ୍ଷତିପୂରଣ ବାବଦକୁ ସେ ଏପର୍ଯ୍ୟନ୍ତ ସହାୟତା ରାଶି ପାଇନାହାନ୍ତି । ବ୍ଲକ ଅଫିସରେ ଏନେଇ ବାରମ୍ବାର ଜଣାଇଲେ ମଧ୍ୟ ସେମାନେ ତାଙ୍କୁ ନିରାଶ କରି ଫେରାଇ ଦେଇଥିବା ଜଣାଇଛନ୍ତି । ଗୋଟିଏ ପଟେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡି ଥିବାବେଳେ ଏବେ ଝିଅର ଚିକିତ୍ସାଭାର ତାଙ୍କୁ ଅଥୟ କରିଦେଇଛି। ମଞ୍ଜୁଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ଠିକ୍ ନାହିଁ । ସେ କଥା କହିପାରୁନାହାନ୍ତି କି ଭଲକରି ଚାଲି ପାରୁନାହାନ୍ତି । ତାଙ୍କ ଆଖି ଏକ୍ସମ୍ ଦଳଦିଆ ହୋଇଯାଇଛି । ଗୋଡ, ଦେହ ଫୁଲି ଯାଇଛି । ଘରେ ସବୁବେଳେ ପ୍ରାୟ ଶୋଇ ରହୁଛନ୍ତି । ବଡ କଷ୍ଟରେ ନିଶ୍ୱାସ ପ୍ରଶ୍ୱାସ ନେଉଛନ୍ତି । ଏଭଳି ସ୍ଥିତିରେ ଜଣେ ସାମାଜିକ କର୍ମୀଙ୍କ ସହ ମଞ୍ଜୁଙ୍କୁ ଧରି ରୁକୁଣୀ ଜିଲାପାଳ କାର୍ଯ୍ୟାଳୟ, ସିଡିଏମ୍‌ଓ ଅଫିସ ଏବଂ ଜିଲା ସଦର ହସପିଟାଲ ଚକ୍କର କାଟିଛନ୍ତି । ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପଧାନଙ୍କୁ ଭେଟି ମଞ୍ଜୁର ଚିକିତ୍ସା ସହାୟତା ପାଇଁ ଅନୁରୋଧ କରିଥିଲେ । ଜିଲା ସମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ତ୍ରିପାଠୀଙ୍କୁ ଭେଟି ସ୍ୱାମୀଙ୍କ ମୃତ୍ୟୁକାଳୀନ କ୍ଷତିପୂରଣ ରାଶୀ ପାଇଁ ନିବେଦନ କରିଥିଲେ । ଖପ୍ରାଖୋଲ ବ୍ଲକ୍ ଅଫିସକୁ ଯାଇ ଏନେଇ ତଦନ୍ତ କରିବା ପରେ ତାଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ନେବେ ବୋଲି ତ୍ରିପାଠୀ କହିଥିଲେ । ଜିଲା ସଦର ଡାକ୍ତରଖାନାରେ ପୁଣି ଥରେ ମଞ୍ଜୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।



- ହୃଦ୍‌ରୋଗ ପୀଡିତ ଝିଅର ଚିକିତ୍ସା ହୋଇପାରୁନି
- ବର୍ଷେ ତଳେ ବାଙ୍ଗାଲୋରରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା
- ଦିଆଯାଇନାହିଁ ପରିବାର କଲ୍ୟାଣ ଯୋଜନା କ୍ଷତିପୂରଣ
- ମଜୁରି ଲାଗି ପରିବାର ଚଳାଉଛନ୍ତି ରୁକୁଣୀ

## ସଂକ୍ଷେପରେ

### ସ୍ୱଚ୍ଛତା ପକ୍ଷ ପାଳନ

**ସିଂଘିଯୁବା,୧୧।୯(ଡି.ଏନ୍.ଏ.)-** ବିନିକା ବ୍ଲକ୍ ବାଙ୍କିଘିର୍ଡି କ୍ଲଷ୍ଟର ଅନ୍ତର୍ଗତ ଆଖିଦାଦର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟଠାରେ ମଙ୍ଗଳବାର ୨୦୧୮ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ସିଆର୍‌ସିସି ବାସୁଦେବ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ମାନସ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବାଙ୍କିଘିର୍ଡି କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ମୋଟ ୭୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କମାନଙ୍କ ମଧରେ ସଙ୍ଗୀତ, ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ବାର୍ତ୍ତାଲିଖନ, କୁଇଜ୍ ଓ ପ୍ରଦର୍ଶନୀ ଭଳି ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ପରେ ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ବ୍ରଜବିହାରୀ ପଣ୍ଡା, ରାଜେନ୍ଦ୍ର ମହାକୁର, ଦୟା ସାଗର ସେଠୀ, ଅରୁଣ ଭୂଏ, ସଦାନନ୍ଦ ବାରିକ, ଲକ୍ଷ୍ମଣ ମେଲି ପ୍ରମୁଖ ସହଯୋଗ କରିଥିଲେ । ଚିତ୍ରାଙ୍କନରେ ଅର୍ଚ୍ଚିତା ଭୂଏ, ସଙ୍ଗୀତରେ ସ୍ମୃତିମୟୀ ସେଠ୍, ପତ୍ର ଲିଖନୀରେ ଅଗର୍ତୀ ଡାଙ୍ଗ, କୁଇଜ୍‌ରେ ଧରିତ୍ରୀ ପ୍ରଧାନ, ତର୍କରେ ସୁମନ୍ତ ଭୂଏ, ବାର୍ତ୍ତା ଲିଖନୀରେ ଉର୍ବୀ ମହାକୁର ଏବଂ ପ୍ରଦର୍ଶନୀରେ ପରେଶ ଗୁରାଣ୍ଡି ପ୍ରମୁଖ ଛାତ୍ରୀଛାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ ।

### ଆନ୍ତର୍ଜାତିକ ସାକ୍ଷରତା ଦିବସ

**ବାଉଁଶୁଣୀ, ୧୧।୯ (ଡି.ଏନ.ଏ.)-** ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତ ପରିସରରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଏଠାରେ ୨୦ଟି ଗ୍ରାମର ଆଶାକର୍ମୀ,ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ସଂଘ, ଶିକ୍ଷା କମିଟି, ମାତୃ କମିଟି, ଯାଞ୍ଚ କମିଟି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ଓ ସେଭ୍ ଦି ଚିଲଡ୍ରେନ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶମ୍ଭୁ ମଲିକ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସମିତି ସଭ୍ୟ ହରିଶଚନ୍ଦ୍ର ଭୋଇ, ଉପସଭାପତି ୱାଇସିଡିଏ ନନ୍ଦ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଅଧିକାରୀ କମଳକାନ୍ତ ବେହେରା, କଣ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ଯୋଗଦେଇଥିଲେ।

### ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ଉତ୍ସବ

**ପଲସାଗୋରା,୧୧।୯ (ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ମିଳିତ ଗ୍ରାମପଞ୍ଚାୟତ ହାଇସ୍କୁଲଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ସକାଳୁ ଉଦ୍‌ଘାଟନୀ ଉତ୍ସବରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଶିକ୍ଷକ ସଞ୍ଜୀବ ପ୍ରହରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । କବାଡି ଓ ଫୁଟବଲ ଖେଳକୁ ଖେଳ ଶିକ୍ଷକ ଅରୁଣ ଖଟୁଆ, ବିରବର ଭୋଇ, ପଞ୍ଚାନନ ପ୍ରଧାନ, ଆଦିନାଥ ଦାସ, ମନ୍ଦାକିନୀ ବଗର୍ତ୍ତୀ, ସୁଦାମ ମିଶ୍ର, ପ୍ରଦୀପ ପ୍ରଧାନ, ବିରେନ ମହାକୁଡ, ଭୁବନେଶ୍ୱର ପ୍ରଧାନ, ମହେନ୍ଦ୍ର ସାହୁ, ପ୍ରସନ୍ନ ପ୍ରଧାନ, ମକୁନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ କଣ୍ଟାମାଳ ବ୍ଲକର ସମସ୍ତ ହାଇସ୍କୁଲର କ୍ରୀଡାବିତ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ଏଠାରେ ଚୟନ ହୋଇଥିବା କ୍ରୀଡାବିତମାନେ ୧୭ ତାରିଖ ବୌଦ୍ଧଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଉତ୍ସବରେ ଯୋଗ ଦେବେ ।

# ସମସ୍ୟାରେ ଜର୍ଜରିତ ହିଞ୍ଜୀଳ ଗ୍ରାମବାସୀ

**ତଳଗାଁ,୧୧।୯ (ଡି.ଏନ.ଏ.)**

**ଗାଁକୁ ନାହିଁ ରାସ୍ତା**

ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହା ଲୋକଙ୍କ କାମରେ ଆସିପାରୁ ନାହିଁ । ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣପାହାଡ ଘେରା ମହାଲିକପଡା ପଞ୍ଚାୟତର ହିଞ୍ଜାଳ ଗ୍ରାମରେ ଏପରି ଘଟଣା ନଜରକୁ ଆସିଛି। ଗ୍ରାମର ଉଦୁବାଲି ପ୍ରଧାନ(୬୦)ଙ୍କୁ ଝାଡାବାନ୍ତି ହେବା ଯୋଗୁ ପରିବାର ଲୋକେ ଚିକିତ୍ସା ପାଇଁ ଫୁଲବାଣୀ ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ତାଙ୍କ ମୃତଦେହକୁ ସରକାରଙ୍କ ମହାପ୍ରୟାଣ ଗାଡିରେ ନିଜ ଗ୍ରାମ ହିଞ୍ଜାଳକୁ ଆଣାଯାଇଥିଲା । କିନ୍ତୁ ପରିତାପର ବିଷୟ ଗାଁକୁ ରାସ୍ତା ନ ଥିବାରୁ ମୃତଦେହକୁ ଆଣିଥିବା ମହାପ୍ରୟାଣ ଗାଡି ଗାଁ ଠାରୁ ୫କିମି ଦୂରତା କରଡାକୋଠାଠାରେ ଛାଡି ଫେରିଯାଇଥିଲା । ଶେଷରେ ଦୁଇ ପୁଅ ଓ ପୁତୁରା ମୃତଦେହକୁ କାନ୍ଧେଇ ଆଣ୍ଠୁଏ କାଦୁଅରେ ଗାଁକୁ ବୋହି ନେବା ସହ ମୃତଦେହ ସତ୍କାର କରିଥିଲେ। ଖାଲି ଯେ ହରଭଙ୍ଗା ବ୍ଲକର ହିଞ୍ଜାଳ ଗ୍ରାମକୁ ରାସ୍ତା ନାହିଁ ତାହା ନୁହେଁ ଉକ୍ତ ପଞ୍ଚାୟତର ସାତଖଣ୍ଡ, କୁଟିବାରୀ, ଧାଡିଆମ୍ବ ଓ ଗେରେଡି ସାହିକୁ ମଧ୍ୟ ରାସ୍ତା ନାହିଁ । ଯଦି ଗ୍ରାମକୁ ରାସ୍ତା ନାହିଁ ତେବେ ସରକାରୀ ବାବୁମାନେ କିପରି ସେଠାରେ ପହଞ୍ଚି ଲୋକମାନଙ୍କ ସମସ୍ୟା ଦେଖୁଥିବେ ଏଥିରୁ ସ୍ପଷ୍ଟ ଅନୁମେୟ । ଏହି ମୌଳିକ ସୁବିଧା ପାଇବା ପାଇଁ ଏହି ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରିବା ସହ ୪ରୁ ୫ ଥର ଜାତୀୟ ରାଜପଥ ଅବରୋଧ କରିଥିବା ନଜର ରହିଛି। ତେବେ ଏହି ଅଞ୍ଚଳରେ ରାସ୍ତାଟିଏ ନ ଥିବାରୁ କୌଣସି ରୋଗୀକୁ ବାହାରକୁ ନେବା ସମ୍ଭବ ହୋଇପାରୁ ନାହିଁ । ବାଧ ହୋଇ ଗାଁରେ କ୍ୱାକ କିମ୍ବା ଗୁଣିଆର ଆଶ୍ରୟ ନେଇ ଶେଷରେ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଣୁ ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଛି।

# ବିଜୁ ଯୁବ ବାହିନୀର ଚାରାରୋପଣ

**ଜହ୍ନାପଙ୍କ,୧୧।୯ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଖୁଣ୍ଟବନ୍ଧ ପଞ୍ଚାୟତରେ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ଜହ୍ନାପଙ୍କ ଅଛରାବନ୍ଧ ପୋଖରୀ ହୁଡାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଜୁରୀପଡା ବନପାଳ ସୁଶୀଳ ହୋତାଙ୍କ ତତ୍ତ୍ୱାବଧାନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଜୁ ଯୁବ ବାହିନୀର ସଭାପତି ଦେବ ନାରାୟଣ ପ୍ରଧାନ, ସମ୍ପାଦକ ଶିବାନନ୍ଦ ମିଶ୍ର, କୋଷାଧକ୍ଷ ଅରୁଣ ପ୍ରଧାନ, ସଭ୍ୟ ସତ୍ୟଜିତ ପ୍ରଧାନ, ପିଣ୍ଟୁ ପ୍ରଧାନ, ଅଜିତ ବାଘ, ରଞ୍ଜନ ମିର୍ଦ୍ଧା, ନିମାଇଁ ପାଣିଗିରି, ଧ୍ୱଜ ବେହେରା ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପଞ୍ଚାୟତବ୍ୟାପୀ କରାଯିବାକୁ ହୋତା କହିଥିଲେ।

### ଚିକିତ୍ସା ପାଇଁ ଆର୍ଥିକ ସହାୟତା

**ପଲସାଗୋରା,୧୧।୯ (ଡି.ଏନ.ଏ.)–** ପଲସାଗୋରା ପଞ୍ଚାୟତ ସଦର ବେତ୍ରପଡାଠାରେ ଗରିବ ପରିବାରର ୨ଜଣ ଶିଶୁ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବଡ ମେଡିକାଲକୁ ନେବାକୁ ପରିବାର ଲୋକଙ୍କ ନିକଟରେ ଆର୍ଥିକ ସଙ୍କଟ ଦେଖାଦେଇଛି। ଫଳରେ ସାମାଜିକ କର୍ମୀ ସୁଜିତ ଖଟୁଆ ତାଙ୍କ ଘରକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।



ବଜରଙ୍ଗ ବଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

# ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ବୃକ୍ଷରୋପଣ

**ମନମୁଣ୍ଡା, ୧୧।୯ (ଡି.ଏନ.ଏ.)**

ମନମୁଣ୍ଡା ରେଞ୍ଜ ଟିଲାଟିଙ୍ଗା ବଜରଙ୍ଗ ବଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ଦୃଢ ଉଦ୍ୟମ ବଳରେ ମଙ୍ଗଳବାର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ବୃକ୍ଷ ରୋପଣ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ପୂର୍ବରୁ ଟିଲାଟିଙ୍ଗା ଚତୁଃପାର୍ଶ୍ୱରେ ଜଙ୍ଗଲିଳା କାଳକ୍ରମେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ପଡିଆ ହୋଇ ପଡି ରହିଥିଲା। ଗ୍ରାମ୍ୟ ଜଙ୍ଗଲ କରି ସରକାରୀ ଜମିକୁ ଜବଦଖଲରୁ ବଞ୍ଚାଇବା ସହ ପରିବେଶ ସନ୍ତୁଳନ ପାଇଁ ଗ୍ରାମରେ ସଭା କରିଥିଲେ । ପୁରୁଷମାନେ ପଛଘୁଞ୍ଚା ଦେବାରୁ ସଭାନେତ୍ରୀ ଆରତୀ ପ୍ରଧାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ସଦସ୍ୟାମାନେ ଗ୍ରାମ୍ୟ ଜଙ୍ଗଲ ପାଇଁ ଜମି ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିବେଦନ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମନମୁଣ୍ଡା ଆରଆଇ ସୁରେନ୍ଦ୍ର ସାହୁ ଜମି ଚିହ୍ନଟ କରି ଦାଖଲ ଦେଇଥିଲେ । କିନ୍ତୁ ସେଠାରେ ଅନ୍ୟ ଗ୍ରାମର ଲୋକମାନେ ଜବରଦଖଲ କରି ଜମି ରଖିଥିବାରୁ ଗ୍ରାମ୍ୟ ଜଙ୍ଗଲ କରାଇ ନ ଦେବାକୁ ଗଣ୍ଡଗୋଳ କରିଥିଲେ। ଫଳରେ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ ଏବଂ ତୁରନ୍ତ ଜବରଦଖଲରୁ ହଟିଯିବାକୁ ପୋଲିସ ଉକ୍ତ ବ୍ୟକ୍ତିମାନଙ୍କୁ ସମୟ ଦେଇଥିଲେ । ଏ ନେଇ ଏହି ଦୈନିକ ଖବର ପ୍ରକାଶିତ ହୋଇଥିଲା । ଖବରପ୍ରକାଶନ ପରେ ଜବରଦଖଲକାରୀ ଗଣ୍ଡଗୋଳରୁ ଓହରି ଯାଇଥିଲେ । ଫଳରେ ମଙ୍ଗଳବାର ଉକ୍ତ ମୌଜାର ୨୧ଏକର ପରିମିତ ଜମିରେ ମହିଳାମାନେ ଗ୍ରାମ୍ୟ ଜଙ୍ଗଲ ପାଇଁ ବୃକ୍ଷରୋପଣ କରିଛନ୍ତି । ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଅଜିତ ଆଚାର୍ଯ୍ୟ ଏବଂ ଗାର୍ଡ ଜ୍ୟୋତି ରଞ୍ଜନ ବାରିକ ମହିଳାମାନଙ୍କୁ ଗାତ ଖୋଳିବାରେ ସାହାଯ୍ୟ କରିଥିଲାବେଳେ ବନ ବିଭାଗ ତରଫରୁ ବିଭିନ୍ନ କିସମର ହଜାର ହଜାର ଗଛ ଯୋଗାଇ ଦେଇଛନ୍ତି । ମହିଳାମାନଙ୍କ କାମରେ ଅନୁପ୍ରାଣିତ ହୋଇ କେତେକ ଗ୍ରାମବାସୀ ସେମାନଙ୍କୁ ସାହଯ୍ୟ ସହଯୋଗ କରିଥିଲେ ।

# ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ ସମାବେଶ

**ବୌଦ୍ଧ,୧୧।୯ (ସ୍ୱପ୍ର)**

ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ଭତ୍ତା ବୃଦ୍ଧି ଦାବି କରି ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ତରଫରୁ ମଙ୍ଗଳବାର ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତାର ୭୨ବର୍ଷ ପରେ ବି ସାମାଜିକ ସୁରକ୍ଷା ଯୋଜନାରେ ମାସିକ ୩୦୦ କିମ୍ବା ୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି । ମାସିକ ୩୦୦ଟଙ୍କାରେ ଜଣେ ଚଳିବା ଅସମ୍ଭବ । ଏଣୁ ପ୍ରତ୍ୟେକଙ୍କୁ ସର୍ବନିମ୍ନ ଆବଶ୍ୟକତା ପାଇଁ ୩୦୦ଟଙ୍କାରୁ ୧୫୦୦ ଟଙ୍କା ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ଦାବି କରିଥିଲେ । ମଙ୍ଗଳବାର ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ବୌଦ୍ଧ ତରଫରୁ ସହରରେ ଏକ ରାଲି କରିବା ସହ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲାର ୨୩ଟି ପଞ୍ଚାୟତରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହାସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ରାଷ୍ଟ୍ରୀୟ ଆନ୍ଦୋଳନ ସଚିବ କେଦାରନାଥ ସାହୁ, ଜିଲା ପ୍ରାଉଷ୍ଟିକ ସଭାପତି ଶ୍ରୀଧର ଘିବେଲା, ସମ୍ପାଦକ ଚମ୍ପେଶ୍ୱର ଦନ୍ତା, ରାଜ୍ୟ ଆନ୍ଦୋଳନ ସଚିବ ଆଦିତ୍ୟ ପ୍ରଧାନଙ୍କ ସମେତ ବହୁ ହିତାଧିକାରୀ ସାମିଲ ଥିଲେ ।




ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲା ସାଧାରଣ ଜନତା।

# ଯୋଗିନ୍ଦ୍ରପୁର ଶକ୍ତିକେନ୍ଦ୍ର ଗଠିତ

**ମନମୁଣ୍ଡା,୧୧।୯ (ଡି.ଏନ୍.ଏ.)**

ଭାଜପା ପକ୍ଷରୁ ଯୋଗିନ୍ଦ୍ରପୁର ଶକ୍ତି କେନ୍ଦ୍ର ଗଠିତ ହୋଇଯାଇଛି। ଏହି ଅବସରରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ଅଧକ୍ଷତାରେ ଯୋଗିନ୍ଦ୍ରପୁର ରାଜୀବ ଭବନ ସେବା କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇଥିଲେ। ଯୋଗିନ୍ଦ୍ରପୁରର ୪ଟି ବୁଥକୁ ନେଇ ଏକ ଶକ୍ତି କେନ୍ଦ୍ର ଗଠନ କରାଯାଇଥିଲା । ଏଥିରେ ଶକ୍ତିକେନ୍ଦ୍ର ସଭାପତି ଭାବେ ଶ୍ରୀକାନ୍ତ ଭୋଇ, ୪ଟି ବୁଥ ସଭାପତି ଭାବେ ଯଥାକ୍ରମେ ଅଲେଖ ବେହେରା, ଦୁର୍ଯ୍ୟୋଧନ ମଲିକ, ରାଜେନ୍ଦ୍ର ମେହେର, ହାଡିବନ୍ଧୁ ବାଘ ଏବଂ କାର୍ଯ୍ୟକର୍ତ୍ତା ଭାବେ ହିମାଞ୍ଚଳ ବାଘ, ଚନ୍ଦ୍ରମଣି ନାଗ, ପରମେଶ୍ୱର ବାଘ, ପର୍ଶୁରାମ ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ମନଶାନ୍ତି ବଗର୍ତ୍ତି, ବିସ୍ତାରକ ଭାବେ ବାଳକୃଷ୍ଣ ଧରୁଆଙ୍କୁ ମନୋନୀତ କରାଯାଇଛି। କେନ୍ଦ୍ର ସରକାରଙ୍କ ଜନହିତ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଓଡ଼ିଶାରେ ଭାଜପା ସରକାର ଗଢ଼ିଲେ ସ୍ୱଚ୍ଛ ଶାସନ ସହ ବିକାଶ କିପରି ଭାବେ ହେବ ସେ ସମ୍ପର୍କରେ ମୁଖ୍ୟଅତିଥି ଡାଙ୍ଗ କର୍ମକର୍ତ୍ତାମାନଙ୍କୁ ମନ୍ତ୍ର ଦେଇଥିଲେ ଓ ଜନସାଧାରଣଙ୍କୁ ସଚେତନ କରାଇବାକୁ କହିଥିଲେ।



ଯୋଗିନ୍ଦ୍ରପୁର ଶକ୍ତି କେନ୍ଦ୍ର ଗଠିତ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା କର୍ମୀମାନେ ।

## ହରଭଙ୍ଗା ବ୍ଲକ ମିଳିତ ଶିକ୍ଷକ ମଞ୍ଚର ବିକ୍ଷୋଭ

# ଚାକିରି କାଳ ୬୨ବର୍ଷ ବୃଦ୍ଧି ଦାବି

**ବୌଦ୍ଧ,୧୧।୯ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ କାର୍ଯ୍ୟରତ ଓଡିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ୭ ଦଫା ଦାବି ପୂରଣ କରିବା ନେଇ ବ୍ଲକ ସଦର ଚାରିଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମିଳିତ ମଞ୍ଚ ପକ୍ଷରୁ ଏହି ଅବସରରେ ଏକ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ସେଥିମଧ୍ୟରୁ ପ୍ରମୁଖ ଦାବି ଗୁଡିକ ହେଲା ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ, ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ ଏବଂ ୨୦୧୮ ଅନୁଦାନ ଆଇନରେ ୪୦, ୬୦ ଓ ୬୫ ଶତକଡା ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶ ପତ୍ର ସହ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରାଯାଉ । ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରେ ରହିଛି ୭ମ ବେତନ କମିଶନ ଲାଗୁ, ସତ୍ୟପାଠ କିମ୍ବା ଲିଖିତ ସୂଚନା ଦେବା ପାଇଁ ହୋଇଥିବା ନିର୍ଦ୍ଦେଶନାମା ପ୍ରତ୍ୟାହାର, ଏଲଆଇ ଓ ଅଧ୍ୟାପକମାନଙ୍କ ପାଇଁ ଲାଗୁ ହୋଇଥିବା ରିଂ ସାଇନ ଅର୍ଡରକୁ ପ୍ରତ୍ୟାହାର, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଅନୁକମ୍ପା ମୂଳକ ସହାୟତା ରାଶି ଓ ଇପିଏଫ୍ ବାବଦ ଅର୍ଥ ତୁରନ୍ତ ପ୍ରଦାନ ଭଳି ଦାବିପତ୍ରରେ ଉଲ୍ଲେଖ କରିଥିଲେ । ଏଥିରେ ହରଭଙ୍ଗା ବ୍ଲକ କମିଟିର ସଦସ୍ୟ ଭାବେ ହରଭଙ୍ଗା ଆଞ୍ଚଳିକ ପଞ୍ଚାୟତ ଯୁକ୍ତ୨ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଶେଖର ରାଉତ, ପୁରୁଣାକଟକ ଡିଗ୍ରୀ କଲେଜ ଅଧ୍ୟାପକ ରମେଶ ଚନ୍ଦ୍ର ତାରେଣିଆ, ରାଜେନ୍ଦ୍ର ପ୍ରଧାନ, ଶ୍ରୀଧର ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ(ସମ୍ପାଦକ ଓଷ୍ଟା)ଙ୍କ ନେତୃତରେ ସଂଘର ସଦସ୍ୟମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା, ଏହାର ଅନ୍ୟକାମ ହେଉଛି ମହତ ପଣିଆ।

- ହର୍ବର୍ଟ ସ୍ପେନ୍ସର୍



## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ପାଟଣାଗଡ, ୧୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଧୁମାଭଟା କଲେଜ ଛକ ନିକଟରେ ମଙ୍ଗଳବାର ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ବିଦ୍ୟୁତ ବିଭାଗର କିରାଣୀ ଭାବେ କାର୍ଯ୍ୟରତ ବସୁଦେବ ମେହେର। କଲେଜ ପଟୁ ୱେସ୍କୋ ଅଫିସକୁ ସେ ବାଇକ ନଂ ଓଡି. ୦୩ଇ ୭୪୪୪ ରେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ନଂ ଓଡି ୦୩ବି ୦୩୨୩ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବସୁଦେବ ଗାଡିରୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଅନ୍ୟ ବାଇକକୁ ଛାଡି ଦୁଇ ଆରୋହୀ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ପୋଲିସ ଜବତ କରିଛି। ଏ ନେଇ ମୃତ ବସୁଦେବଙ୍କ ଭାଇ ମହେନ୍ଦ୍ର ମେହେରଙ୍କ ଏତଲା ଅନୁଯାୟୀ ପାଟଣାଗଡ ଥାନାରେ ଏକ ମାମଲା( ନଂ୧୭୨/୧୮)ରୁଜୁ ହୋଇଛି। ଅପରାହ୍ନରେ ପାଟଣାଗଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଦେଓଗାଁ, ୧୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ମଙ୍ଗଳବାର ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁମାର ଷାଣ୍ଢଙ୍କ ସଭାପତିତ୍ୱ ତଥା ବିଜ୍ଞାନ ଶିକ୍ଷକ ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏବିଇଓ ମନୋହର ଉଟୀ ଯୋଗଦେଇ ସମାଜକୁ ବିଜ୍ଞାନର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଭାଗନେଇ ଧଣ୍ଡାମାଳର ଶୁଭଦର୍ଶନ ରାଉତ ପ୍ରଥମ, କୁତୁର୍ଲା ହାଇସ୍କୁଲର ପ୍ରଜ୍ଞାପରିମିତା ପୋଢ଼ ଦ୍ୱିତୀୟ ଓ ଅର୍ଜୁନପୁର ହାଇସ୍କୁଲର ଅମିତହେର୍ଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଚାରକଭାବେ ଅବସରପ୍ରାପ୍ତ ଶିକ୍ଷକ ଚାପ ବଗର୍ତ୍ତି, ନୀଳକଣ୍ଠ ଷାଣ୍ଢ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁନୀଲ କୁମାର ହରପାଲ, ବଳଦେବ ମାଝୀ, ଚୈତନ୍ୟ ସାହୁ, ପ୍ରତାପ ମିଶ୍ର, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ମଥାମଣି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ମୁଁ ହିରୋ ମୁଁ ଓଡ଼ିଆ କାର୍ଯ୍ୟକ୍ରମ

**ସଇଁତଲା, ୧୧।୯(ଡି.ଏନ.ଏ.):** ସଇଁତଲା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ମୁଁ ହିରୋ ମୁଁ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବୀନ ଛକଠାରୁ ବ୍ଲକର ବିଜୁ ଯୁବ ବାହିନୀର ସଦସ୍ୟମାନେ କଲେଜ ପର୍ଯ୍ୟନ୍ତ ଏକ ବାଇକ ରାଲିରେ ଯାଇଥିଲେ। କଲେଜ ପରିସରରେ ହୋଇଥିବା ସଭାରେ ଅଧକ୍ଷ ସୁଶାନ୍ତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ପ୍ରଦୀପ କୁମାର ପଟ୍ଟନାୟକ, ବିଧାୟିକାଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଶିକ୍ଷକ ରାମନାରାୟଣ ଦାସ, ଯୁବ ବିଜେଡ଼ିର ଜିଲା ପ୍ରୋଗ୍ରାମ ଅଫିସର ବଂଶୀଧର ମେହେର ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଅତିଥିମାନେ ଗ୍ରାମାଞ୍ଚଳରେ ଥିବା ଯୁବତୀଯୁବକମାନଙ୍କ ଲୁକ୍କାୟିତ ପ୍ରତିଭାକୁ କିଭଳି ବିକାଶ କରାଯାଇପାରିବ ସେ ନେଇ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ମେହେର ଏହି ଅବସରରେ ପ୍ରତି ବ୍ଲକରୁ ତିନିଜଣ ଜିଲାକୁ ମନୋନୀତ ହେବାପରେ ଜିଲାରୁ ପୁଣି ୧୦ଜଣ ମନୋନୀତ ହୋଇ ରାଜ୍ୟସ୍ତରରେ ହେଉଥିବା କାର୍ଯ୍ୟକ୍ରମରେ ଭାଗନେଇପାରିବେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଇଁତଲା ବ୍ଲକ ବିଜୁ ଯୁବ ବାହିନୀର ତୁଳସୀ ସାହୁ, ପରମେଶ୍ୱର କର୍ମୀ, ରାଜକିଶୋର ଡ଼ାଙ୍ଗ, ଲକ୍ଷ୍ମଣ ସେଠ, ସନ୍ତୋଷ ଜାନୀ, ରୁଦ୍ରଧର ବେହେରା, ସୌମ୍ୟରଞ୍ଜନ ପଟେଲ, ଅଧ୍ୟାପକ ତୁଲେଶ୍ୱର ଭୋଇ, ଅଚ୍ୟୁତାନନ୍ଦ ମେହେର, ଶଶୀଭୂଷଣ ପଧାନ, ତରଣୀସେନ ବେମାଲଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅଶୋକ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଦହଗଞ୍ଜରେ ବିତୁଛେ ରୁକୁଣୀଙ୍କର ସଂସାର

- ହୃଦ୍‌ରୋଗ ପୀଡିତ ଝିଅର ଚିକିତ୍ସା ହୋଇପାରୁନି
- ବର୍ଷେ ତଳେ ବାଙ୍ଗାଲୋରରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା
- ଦିଆଯାଇନାହିଁ ପରିବାର କଲ୍ୟାଣ ଯୋଜନା କ୍ଷତିପୂରଣ
- ମଜୁରି ଲାଗି ପରିବାର ଚଳାଉଛନ୍ତି ରୁକୁଣୀ

**ବଲାଙ୍ଗୀର ଅଫିସ, ୧୧।୯**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତର କୁର୍ଲୁମାଲ ଗାଁର ଏକ ଦାଦନ ଶ୍ରମିକଙ୍କ ପରିବାରର ଦୁଃଖ ଏବେ ସୀମା ଟପିଯାଇଛି। ଦାଦନ ଖଟିବାକୁ ଯାଇ ସୁଦୂର ବାଙ୍ଗାଲୋରଠାରେ ସ୍ୱାମୀଙ୍କର ମୃତ୍ୟୁ ଘଟିବା ଏବଂ ୧୨ବର୍ଷିୟା ଝିଅ ହୃଦ୍‌ରୋଗରେ ପୀଡିତ ବୋଲି ଜଣାପଡିବା ପରେ ଅକଥନୀୟ ଦୁଃଖ ଭୋଗୁଛନ୍ତି ପରିବାର ଲୋକେ। ସରକାରୀ ସହାୟତା ପାଇଁ ଖପ୍ରାଖୋଲ ବ୍ଲକ ପ୍ରଶାସନ ପାଖକୁ ଆସି ଗୁହାରି କଲେ ମଧ କେହି ଶୁଣୁନାହାନ୍ତି। ଫଳରେ ଏହି ପରିବାର ଏବେ ଘୋର ଅସୁବିଧା ଦେଇ ଗତି କରୁଛନ୍ତି। ଏହି ପୀଡିତ ପରିବାର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସହାୟତା ପାଇଁ ନିବେଦନ କରିଛନ୍ତି।

କୁର୍ଲୁମାଲ ଗାଁର ରୁକୁଣୀ ବରିହା(୩୯)ଙ୍କ ସ୍ୱାମୀ ବିଶ୍ୱମ୍ଭର ବରିହାଙ୍କ ପ୍ରାୟ ବର୍ଷେ ତଳେ ବାଙ୍ଗାଲୋରଠାରେ ମୃତ୍ୟୁ ଘଟିଥିଲା। ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ଅଭାବ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ରୁକୁଣୀ ତାଙ୍କ ଦୁଇପୁଅ ଓ ଗୋଟିଏ ଝିଅକୁ ଧରି ଅତ୍ୟନ୍ତ ଅସହାୟ ଅବସ୍ଥାରେ ଘରକୁ ଫେରି ଆସିଥିଲେ।



ରୋଗୀଣା ଝିଅକୁ ଧରି ରୁକୁଣୀ ବରିହା ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି।

ସେହିଦିନଠାରୁ ତିନି ପୁଅଝିଅଙ୍କୁ ଧରି ପ୍ରତିକୂଳ ଅବସ୍ଥାରେ ରୁକୁଣୀ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର ହେଉଛି ସେଥିରେ ସେ ଘର ଚଳେଇ ନେଉଛନ୍ତି। ତେବେ ତାଙ୍କ ଝିଅ ମଞ୍ଜୁ (୧୨)ଙ୍କ ହୃଦ୍‌ରୋଗ ସମସ୍ୟା ରହିଥିବା ଜଣାପଡିବା ପରେ ରୁକୁଣୀଙ୍କ ସମସ୍ୟା ଆହୁରି ବଢ଼ିଯାଇଛି। ଝିଅ ଚିକିତ୍ସା ପାଇଁ ସେ ଚିନ୍ତାରେ ପଡିଛନ୍ତି। ବ୍ଲକ ପ୍ରଶାସନକୁ ସହାୟତା ପାଇଁ ଦୌଡୁଥିଲେ ବି କେହି ତାଙ୍କ କଥା ଶୁଣୁନାହାନ୍ତି। ଦାଦନ ଖଟିବାକୁ ଯାଇ ବାଙ୍ଗାଲୋରଠାରେ ସ୍ୱାମୀ ମୃତ୍ୟୁବରଣ କରିଥିବା କାଗଜପତ୍ର ବ୍ଲକ ଅଫିସରେ ଦାଖଲ କଲେ ମଧ ପରିବାର କଲ୍ୟାଣ ଯୋଜନା କ୍ଷତିପୂରଣ ବାବଦକୁ ସେ ଏପର୍ଯ୍ୟନ୍ତ ସହାୟତା ରାଶି ପାଇନାହାନ୍ତି। ବ୍ଲକ ଅଫିସରେ ଏନେଇ ବାରମ୍ବାର ଜଣାଇଲେ ମଧ ସେମାନେ ତାଙ୍କୁ ନିରାଶ କରି ଫେରାଇ ଦେଇଥିବା ଜଣାଇଛନ୍ତି। ଗୋଟିଏ ପଟେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡି ଥିବାବେଳେ ଏବେ ଝିଅର ଚିକିତ୍ସାଭାର ତାଙ୍କୁ ଅଥୟ କରିଦେଇଛି। ମଞ୍ଜୁଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ଠିକ୍ ନାହିଁ। ସେ କଥା କହିପାରୁନାହାନ୍ତି କି ଭଲକରି ଚାଲି ପାରୁନାହାନ୍ତି। ତାଙ୍କ ଆଖି ଏକ୍ଦମ୍ ଦଳଦିଆ ହୋଇଯାଇଛି। ଗୋଡ, ଦେହ ଫୁଲି ଯାଇଛି। ଘରେ ସବୁବେଳେ ପ୍ରାୟ ଶୋଇ ରହୁଛନ୍ତି। ବଡ କଷ୍ଟରେ ନିଶ୍ୱାସ ପ୍ରଶ୍ୱାସ ନେଇଛନ୍ତି। ଏଭଳି ସ୍ଥିତିରେ ଜଣେ ସାମାଜିକ କର୍ମୀଙ୍କ ସହ ମଞ୍ଜୁଙ୍କୁ ଧରି ରୁକୁଣୀ ଜିଲାପାଳ କାର୍ଯ୍ୟାଳୟ, ସିଡିଏମ୍‌ଓ ଅଫିସ ଏବଂ ଜିଲା ସଦର ହସପିଟାଲ ଚକ୍କର କାଟିଛନ୍ତି। ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପଧାନଙ୍କୁ ଭେଟି ମଞ୍ଜୁର ଚିକିତ୍ସା ସହାୟତା ପାଇଁ ଅନୁରୋଧ କରିଥିଲେ। ଜିଲା ସମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ତ୍ରିପାଠୀଙ୍କୁ ଭେଟି ସ୍ୱାମୀଙ୍କ ମୃତ୍ୟୁକାଳୀନ କ୍ଷତିପୂରଣ ରାଶୀ ପାଇଁ ନିବେଦନ କରିଥିଲେ। ଖପ୍ରାଖୋଲ ବ୍ଲକ୍ ଅଫିସକୁ ଯାଇ ଏନେଇ ତଦନ୍ତ କରିବା ପରେ ତାଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ନେବେ ବୋଲି ତ୍ରିପାଠୀ କହିଥିଲେ। ଜିଲା ସଦର ଡାକ୍ତରଖାନାରେ ପୁଣି ଥରେ ମଞ୍ଜୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଚାଷଜମିକୁ ଗୋରୁ ପଶିବାରୁ ଚରାଳିଙ୍କୁ ଆକ୍ରମଣ

**ଲୋଇସିଂହା, ୧୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଡୁଙ୍ଗରିପାଲି ଗାଁରେ ଜଣେ ବ୍ୟକ୍ତି ଗୋରୁ ଚରାଇ ଯାଉଥିବାବେଳେ ଅନ୍ୟଜଣଙ୍କ ଚାଷଜମିରେ ପଶି ଯିବାରୁ ଆକ୍ରମଣର ଶିକାର ହୋଇଛନ୍ତି। ଏହି ସମାନ୍ୟ ଘଟଣାକୁ ନେଇ ଜମି ମାଲିକ ଗୋ ଚରାଳିଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଏ ସଂକ୍ରାନ୍ତରେ ଥାନାରେ ମାମଲା ରଜୁ କରି ଫେରାର ଅଭିଯୁକ୍ତ ପଲାଉ ମେର୍ଲିକୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି। ପୋଲିସ ସୂଚନା ମତେ, ଡୁଙ୍ଗରିପାଲି ଗ୍ରାମର ରଙ୍କ କଣ୍ଟା(୫୦) ୯ ତାରିଖ ଅପରାହ୍ନରେ ଗାଁର ଚାରଣ ଭୂମିକୁ ଗୋରୁ ଚରାଇ ଯାଇଥିଲେ। ଚାରଣ ଭୂମି ନିକଟରେ ଥିବା ପଲଉ ମେର୍ଲିଙ୍କ ଚାଷ ଜମିକୁ ଗୋରୁପଲ ପଶି ଯାଇ ଧାନଗଛ ନଷ୍ଟ କରିଥିଲେ। ଏତିକି ଘଟଣାରେ ପଲାଉ ରାଗି ଯାଇ ରଙ୍କ ଧରିଥିବା ଟାଙ୍ଗିଆକୁ ଛଡାଇ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗିଆ ଆକ୍ରମଣରେ ରଙ୍କ ଗୁରୁତର ହୋଇଥିଲେ। ତାଙ୍କ ପରିବାର ଲୋକେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ସାଲେଭଟା ଫାଣ୍ଡିକୁ ଆଣିଥିଲେ। ରଙ୍କଙ୍କ ପୁଅ ପିତାମ୍ବରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୧୫୩/୧୮)ରଜୁ ହୋଇଥିବା ଏସ୍‌ଆଇ ଜେ. କେ. ମହାନ୍ତି ପ୍ରକାଶ କରିଛନ୍ତି।

### ପୁଇଁତଲା ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

## ସୌରଭ ପ୍ରଥମ, ସୁରେଶ୍ୱରୀ ଦ୍ୱିତୀୟ, ବିନୋଦିନୀ ତୃତୀୟ

**ପୁଇଁତଲା, ୧୧।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଗୌନ୍ତିଆ ବୁଢା ବିଦ୍ୟାପୀଠ ପଥର୍ଲାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ରାଜକିଶୋର ନାଏକ, ସରପଞ୍ଚ ମନ୍ଦାକିନୀ ମେର୍ଲି, ସମିତି ସଭ୍ୟ ଶେଷଦେବ ମେହେର ମଞ୍ଚାସୀନ ହୋଇଥିଲେ। ଶିକ୍ଷକ ସରୋଜ କୁମାର ହୋତାଙ୍କ ସଂଯୋଜନାକ୍ରମେ ସଭା ଅନୁଷ୍ଠିତ ହୋଇଥିଲା। ପୁଇଁତଲା ବ୍ଲକର ୧୭ଟି ବିଦ୍ୟାଳ ୟରୁ ୧୭ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ଚଳିତବର୍ଷର ମୁଖ୍ୟ ବିଷୟ ଔଦ୍ୟୋଗିକ କ୍ରାନ୍ତି (୪.୦): ଆମେ ପସ୍ତୁତ କି? ବିଷୟରେ ସେମାନଙ୍କର ମନ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଲେଇସର୍ଡା ଜବାହରଲାଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ସୌରଭ କୁମାର ବିଶ୍ୱାଳ ପ୍ରଥମ, ଛତାପିପଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁରେଶ୍ୱରୀ ମହାକୁର ଦ୍ୱିତୀୟ ଓ ଆଟଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବିନୋଦିନୀ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ନେପାଲ ଚନ୍ଦ୍ର ବାଗ ମୁଖ୍ୟଅତିଥି ଓ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ବେହେରା, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ଆଟଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରଣୀସେନ ପଟେଲ, ଭାଲେର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋକନାଥ ସୁନା, ସରପଞ୍ଚ ମନ୍ଦାକିନୀ ମେର୍ଲି, ଜିଲା ପରିଷଦ ସଭ୍ୟ ରାଜକିଶୋର ନାଏକ, ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ, ସମିତି ସଭ୍ୟ ଶେଷଦେବ ମେହେର ମଞ୍ଚାସୀନ ହୋଇଥିଲେ। ବିଚାରକ ଭାବରେ ସାଲେଭଟା କୃଷ୍ଣପ୍ରସାଦ ମିଶ୍ର ମେମୋରିଆଲ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାନନ୍ଦ ଓ ଯୋଗୀସର୍ଡା ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ନରେଶ ଦ୍ୱାରି ଯୋଗ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସୌରଭ କୁମାର ବିଶ୍ୱାଳ ଚଳିତ ମାସ ୨୩ ତାରିଖରେ ହେବାକୁ ଥିବା ଜିଲା ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

### ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଦାବିପତ୍ର ପ୍ରଦାନ

**ପାଟଣାଗଡ, ୧୧।୯(ଡି.ଏନ.ଏ.)**

ପାଟଣାଗଡ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ପ୍ରଥମେ ଏକ ରାଲିରେ ଶତାଧିକ ଅଧ୍ୟାପକ ଏବଂ ଶିକ୍ଷକ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରଙ୍କ ଶିକ୍ଷକ ଓ ଶିକ୍ଷା ମାରଣ ନୀତିରେ ତୀବ୍ର ବିରୋଧ କରାଯାଇଥିଲା। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଷ୍ଟା ଜିଲା ସମ୍ପାଦକ କୁଶଧ୍ୱଜ ସାହୁ, ୬୬୨ ବର୍ଗ କଲେଜର ରାଜ୍ୟ ଉପସଭାପତି ତଥା ବଲାଙ୍ଗୀର ଜିଲା ସଭାପତି ପ୍ରଣବ କୁଅଁର, ଜିଲା ସହ ସମ୍ପାଦକ ଅମିତାଭ ଠାକୁର ଏବଂ ଓଷ୍ଟା ପାଟଣାଗଡ ବ୍ଲକ ସମ୍ପାଦକ ସଞ୍ଜୀବ ହୋତାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଶିକ୍ଷକ ଅଧ୍ୟାପକମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ବେଆଇନ ବ୍ଲାଷ୍ଟିଂ, ଲୋକେ ଆତଙ୍କିତ

**ଲୋଇସିଂହା, ୧୧।୯(ଡି.ଏନ୍.ଏ.)**

- ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ
- ବେଆଇନ ଉତ୍ତୋଳନକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



ଲୋୟର ସୁକତେଲ ଅଫିସର ଫାଟିଥିବା ପାଇପ ଓ ଛିଟିକି ଥିବା ପଥର।

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଧୀନ କୁଶମେଲ ଗ୍ରାମର ଲୋୟର ସୁକତେଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲାଗିଥିବା ଏକ ଛୋଟ ପାହାଡରୁ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଉଛି। ଡିନାମାଇଟ ବିସ୍ଫୋରଣରେ ଅଞ୍ଚଳର କୁଶମେଲ, ଫଟାବାହଲ ଗ୍ରାମ ଥରି ଉଠୁଛି। ଲୋୟର ସୁକତେଲ କାର୍ଯ୍ୟାଳୟରେ କାର୍ଯ୍ୟରତ ୧୩ଜଣ କର୍ମଚାରୀ ଜୀବନକୁ ପାଣି ଛଡାଇ ରହୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ମଙ୍ଗଳବାର ଲୋଇସିଂହା ତହସିଲଦାର କର୍ଣ୍ଣ ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବେଆଇନ ପଥର ଉତ୍ତୋଳନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ଲୋଇସିଂହା ତହସିଲ ଅଧୀନ କୁଶମେଲ ଗ୍ରାମରେ ଲୋୟର ସୁକତେଲ ସହକାରୀ ଯନ୍ତ୍ରୀ ବିଭାଗ ୩ଙ୍କ କାର୍ଯ୍ୟାଳୟ ରହିଛି। କାର୍ଯ୍ୟାଳୟ ପାଚେରିକୁ ଲାଗି କୁଶମେଲ ମୌଜାର ଫଟାବାହଲ ଗ୍ରାମର ଭୀମସେନ ମହାପାତ୍ରଙ୍କ ଖାତା ନଂ ୩୫୧/୩୯୯ରେ ବ୍ୟକ୍ତିଗତ ଜମି ରହିଛି। ଏହି ଖତିୟାନର ୬୯୨ ଆଟମାମୁଲି ଜମିରେ ଏକ ଛୋଟ ପାହାଡ ଓ ପଥର ବାରୀ ରହିଛି। ଏହି କ୍ୱାରୀ ଉପରେ ଏବେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ଜମି ମାଲିକଙ୍କ ବିନା ଅଗୋଚରରେ ୪ମାସ ତଳେ ବେଆଇନଭାବେ ପଥର ଉତ୍ତୋଳନ କରାଯାଇଥିଲା। ସେତେବେଳେ ଫଟାବାହଲ ଓ କୁଶମେଲ ଗ୍ରାମବାସୀ ଜିଲା ପ୍ରଶାନର ଦ୍ୱାରସ୍ଥ ହେବାରୁ ପଥର ଉତ୍ତୋଳନ ବନ୍ଦ ରହିଥିଲା। କିଛି ଦିନର ନୀରବତା ପରେ ବେଆଇନ ଉତ୍ତୋଳନକାରୀ ସକ୍ରିୟ ହୋଇ ପଡିଛନ୍ତି। ଗତ ଶୁକ୍ରବାର ଅପରାହ୍ନରେ ୧୮ଫୁଟ ଗଭୀର ଗାତ ଖୋଳି ପ୍ରାୟ ୫୦ ଡିନାମାଇନ ବିସ୍ଫୋରଣ ଘଟାଇଥିଲେ। ବିସ୍ଫୋରଣରେ ଫଟାବାହଲ ଓ କୁଶମେଲ ଗ୍ରାମ ଥରି ଉଠିଥିଲା। ବିସ୍ଫୋରଣ ଫଳରେ କ୍ୱାରୀ ସଂଲଗ୍ନ ଲୋୟର ସୁକତେଲ କାର୍ଯ୍ୟାଳୟ ପରିସରରେ ପଥର ଛିଟିକି ଶୌଚାଳୟ ପାଣି ଟାଙ୍କି ଓ ପାଇପଗୁଡିକ ଫାଟି ଯାଇଥିଲା। ଏଥିରେ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ସଂକ୍ରାନ୍ତରେ ଜମି ମାଲିକ ଏବଂ ତାଙ୍କ ଗ୍ରାମବାସୀ ମାଗୁରବେଡା ଫାଣ୍ଡି ଓ ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିଥିଲେ।

### ଝାଙ୍କରପାଲିରେ ଭାଜପା ସାଂଗଠନିକ ବୈଠକ

**ବଲାଙ୍ଗୀର ଅଫିସ, ୧୧।୯**

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲି ମଣ୍ଡଳ ଅନ୍ତର୍ଗତ ଝାଙ୍କରପାଲିଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପଙ୍କଜିନୀ ପଣ୍ଡାଙ୍କ ନେତୃତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାଏକ, ବଲାଙ୍ଗୀର ବିଧାନସଭା ପ୍ରଭାରୀ ପ୍ରଦୀପ ବଂଶଲ, ଗଣେଶ ନନ୍ଦ, ମିଡିଆ ସେଲର ଦିନେଶ ଶର୍ମା, ମଣ୍ଡଳ ସଭାପତି ଦିଲୀପ ବିଶ୍ୱାଲ, ଚିତ୍ର କୁମ୍ରା, ଗୌରୀଶଙ୍କର କୁମ୍ରା, ସନ୍ୟାସୀ ଭୋଳ ରାଜେଶ ବେହେରା, ଫିରୋଜା ବିବି ଓ ଅନ୍ୟମାନେ ଯୋଗଦାନ କରିଥିଲେ। ବୈଠକରେ ଭାଜପା ଦଳର ସାଂଗଠନିକ କାର୍ଯ୍ୟଧାରା ଉପରେ ଆଲୋଚନା କରାଯାଇଥିଲା।

## ଜିଲାସ୍ତରୀୟ କୋସଲି ସାହିତ୍ୟ ଆସର

**ଲୋଇସିଂହା, ୧୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଂଗମ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଜିଲାସ୍ତରୀୟ କୋସଲି ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜିଲା ତଥା ଜିଲା ବାହାରର ୬୦ଜଣ କବିୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ନାଟ୍ୟଶ୍ରୀ ନିସାର ଅହମ୍ମଦ ନିସାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କୋସଲ ପୁତ୍ର ନରେନ୍ଦ୍ର ହୋତା, କୋସଲ ରନ୍ କୃଷ୍ଣଚନ୍ଦ୍ର ଭୋଇ, ଆଦିତ୍ୟ ପଣ୍ଡା, ସୁରେଶଚନ୍ଦ୍ର ଅଗ୍ରୱାଲ, ଗୌରୀଶଙ୍କର ବେଜ, ସତ୍ୟନାରାୟଣ ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟିକ ମାୟାଧର ତାଣ୍ଡିକୁ ସ୍ୱର୍ଗ ମହମ୍ମଦ ଉଜିର ଖାନ ସମ୍ମାନ, କବିୟିତ୍ରୀ ସଙ୍ଗୀତା ପଣ୍ଡା, ସସ୍ମିତା ସାହୁ, ଅନୁପ୍ରିୟା ମିଶ୍ର(ବ୍ୟଙ୍ଗ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସଙ୍ଗେ ବିଭିନ୍ନ କୋସଲି ପତ୍ରିକାର ସମ୍ପାଦକ ରାଜେଶ ଦଣ୍ଡସେନା, ଆନନ୍ଦଚନ୍ଦ୍ର ସାହୁ, କିଶୋର କୁମାର ସାହୁ, ଗୌରାଙ୍ଗ ପାଣ୍ଡେ, ଅରକ୍ଷୀତ ମହାନନ୍ଦଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କବିତା ପାଠକୁ ସୁଶାନ୍ତ ବାଘ, ଅନୁପ୍ରିୟା ମିଶ୍ର ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ମହାକୁର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




କବିତା ଆସରରେ ଉପସ୍ଥିତ ସାରସ୍ୱତ ସାଧକ।



ଟେଙ୍ଗେରାପଥର ଗାଁରେ ମୃତ ଚାଷୀ ମକୁନ୍ଦ ବରିହାଙ୍କ ଘରେ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ କର୍ମଚାରୀ।

## ମୃତ ଚାଷୀଙ୍କ ଘରେ ପହଞ୍ଚିଲା ପ୍ରଶାସନ

**ଖପ୍ରାଖୋଲ, ୧୧।୯(ଡି.ଏନ.ଏ.)**

ଫସଲ ଭଲ ନ ହେବାରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗେରାପଥର ଗାଁର ଯୁବ ଭାଗ ଚାଷୀ ମକୁନ୍ଦ ବରିହା (୩୫) ସୋମବାର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏ ନେଇ ଖବର ପ୍ରସାରଣ ପରେ ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାନନ ଖମାରୀ, ଖପ୍ରାଖୋଲ କାର୍ଯ୍ୟନିର୍ବାହୀ ତହସିଲଦାର କ୍ଷୀରୋଦ୍ର ସାହୁ, ଜିପିଇଓ ସୁଶାନ୍ତ ପାଣି ଟେଙ୍ଗେରାପଥର ଗାଁରେ ପହଞ୍ଚି ଥିଲେ। ତାଙ୍କ ସହ ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା, ଜିଆରଏସ ପବିତ୍ର କାଲସାଏ ପ୍ରମୁଖ ମୃତ ଚାଷୀଙ୍କ ଘରେ ପହଞ୍ଚିଥିଲେ। ସେମାନେ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ମୃତକଙ୍କ ସ୍ତ୍ରୀକୁ ବିଧବା ଭତ୍ତା, ମୃତକଙ୍କ ବାପାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ସହ ଆବାସ ଯୋଜନାରେ ସାମିଲ ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆତ୍ମହତ୍ୟା କରିଥିବା ଯୁବଚାଷୀ ମକୁନ୍ଦଙ୍କର ୫ ଏକର ଜମିରେ କପା ଫସଲ ଭାଗ ଚାଷ କରିଥିବାବେଳେ ତାହା ଭଲ ହୋଇ ନ ଥିବାରୁ ସେ ମାନସିକ ଅବସାଦରେ ରହୁଥିଲେ। ପରେ ରବିବାର ରାତିରେ ବିଷ ପିଇ ଦେଇଥିବାବେଳେ ସୋମବାର ସକାଳୁ ମୃତ୍ୟୁ ହୋଇଥିଲା। ମୃତ ଚାଷୀଙ୍କ ସ୍ତ୍ରୀ, ଦୁଇ ପୁଅ ୮ ବର୍ଷ ଏବଂ ୫ ବର୍ଷ ସହିତ ବୃଦ୍ଧ ମାବାପା ରହିଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ମେହେର ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ

**ବେଲପଡା, ୧୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡାସ୍ଥିତ ଦୀନରଘୁ ମେହେର ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ପରିବେଶ ସ୍ୱଚ୍ଛତା ଓ ପଲିଥିନ ବ୍ୟବହାରର ଅପକାରିତା ବିଷୟରେ ବୁଝାଇଥିଲେ । ପରେ ଛାତ୍ରମାନେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ବେଲପଡା ସହର ପରିକ୍ରମା କରି ପଲିଥିନ ବ୍ୟବହାର ନିଷେଧ ଉପରେ ଲୋକଙ୍କୁ ବୁଝାଇଥିଲେ। ଶିକ୍ଷକ କୁଶଧ୍ୱଜ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଭାକର ସାହୁ, ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

### ପୂର୍ଣ୍ଣ ଅନୁଦାନ ଦାବିରେ ମିଳିତ ମଞ୍ଚର ଦାବିପତ୍ର ପ୍ରଦାନ

**ବେଲପଡା, ୧୧।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକର ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଚାକିରୀ ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବିକୁ ନେଇ ମଙ୍ଗଳବାର ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ମନୋଜ ମହାଖୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ଣ୍ଣ ଅନୁଦାନ ଦେବାରେ ଦେବାରେ ସରକାରଙ୍କ ଟାଳଟୁଳ ନୀତି ଅବଲମ୍ବନ ସହ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତିକୁ ସଭାରେ ସମାଲୋଚନା କରାଯାଇଥିଲା। ପରେ ସମସ୍ତ ସଭ୍ୟ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରିୟଦର୍ଶିନି ମିର୍ଦ୍ଧାଙ୍କୁ ଏକ ଦାବିପତ୍ର ଦେଇଥିଲେ । ସଭାରେ ମଣ୍ଡଳ, ଧୁମାଭଟା, ସୁଲେକେଲା, ବେଲପଡା କଲେଜ ଓ ନୁନହାଡ, ସରମୁହାଣ, ସିହିନୀ, ବନମାଳ ହାଇସ୍କୁଲରୁ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀଗଣ ଯୋଗଦେଇଥିଲେ। ଅଧ୍ୟାପକ ଅମୀୟ କୁମାର ବାବୁ ଧନ୍ୟବାଦ ଦେଇଥିଲେ ।

### ଲୋକନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୧୧।୯(ନି.ପ୍ର.):** କେନ୍ଦ୍ର ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଅଧିନସ୍ଥ ଭାରତୀୟ ସାଂସ୍କୃତିକ ପରିଷଦ ସହଯୋଗରେ ସମ୍ବଲପୁରର ଉକିଆ ଅନୁଷ୍ଠାନର କଳାକାରମାନେ ଲଣ୍ଡନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି କଳାକାରମାନେ ଓଡିଆ ସୋସାଇଟି ଅଫ ୟୁକେ ପକ୍ଷରୁ ୩୯ ତମ ଅଧିବେଶନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାଲଖାଇ, ଢାପ, ରଙ୍ଗବତୀ, ନୂଆଁଖାଇ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଲଣ୍ଡନର ମାଞ୍ଚେଷ୍ଟର ଓ ୱେଲ୍ସରେ ଏହି ସବୁ କାର୍ଯ୍ୟକ୍ରମ ଅଗଷ୍ଟ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଉକିଆ ଅନୁଷ୍ଠାନର ଏହି ୧୨ଜଣିଆ ଦଳରେ ସୁବର୍ଣ୍ଣପୁରର ସ୍ମୃତିଛନ୍ଦା ବିଦ୍ୟାଧର(କାଜଲ) ଓ ଜଗନ୍ନାଥ ସୁନା ଥିଲେ। ମଙ୍ଗଳବାର ସୋନପୁର ଭୀମଭୋଇ କଳା ପରିଷଦ ପକ୍ଷରୁ ଏହି ଦୁଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ମେହେର, ଶ୍ରୀବତ୍ସ ମଲ୍ଲିକ, ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସଭାପତି ପ୍ରତ୍ୟୁଷ ମେହେର, ସମ୍ପାଦକ ଉମେଶ କୁମାର ଓ ପରେଶ ମେହେର ଉପସ୍ଥିତ ଥିଲେ।



ବଲାଙ୍ଗୀର ମିଶନ୍ ପଡିଆରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

ବଲାଙ୍ଗୀର ଫୁଟ୍‌ବଲ ଲିଗ୍

# ଲୋଇସିଂହା, ଜରାସିଂହା ବିଜୟୀ

**ବଲାଙ୍ଗୀର ଅଫିସ,୧୧।୯**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ବଲାଙ୍ଗୀର ଫୁଟବଲ ଲିଗର ଦୁଇଟି ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଏପିଜେ ଲୋଇସିଂହା ଦଳ ୪-୦ ଗୋଲରେ ବ୍ଲ୍ୟୁ ମାଉଣ୍ଟେନ ଦଳକୁ ହରାଇ ବିଜୟୀ ହୋଇଥିଲା । ବିଜୟୀ ଦଳ ତରଫରୁ ଉମେଶ ଭୋଇ ୨ଟି, ପ୍ରଶାନ୍ତ ଭୁଏ ଓ ପ୍ରେମରାଜ ପଧାନ ଗୋଟିଏ ଲେଖାଁଏ ଗୋଲ ସ୍କୋର କରିଥିଲେ । ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସାଇଟ୍ ସମ୍ପାଦକ ମନୋଜ କୁମାର ମିଶ୍ର, ପୂର୍ବତନ ଖେଳାଳି ସହଦେବ ସା ଓ କ୍ରୀଡାବିତ୍ ଗରୁଡଧ୍ୱଜ ସାଏ ଅତିଥି ଭାବେ ଯୋଗ ଦେଇଥିଲେ । ହରିଶଙ୍କର ସାଏ, ଆଦିତ୍ୟ ପଟ୍ଟନାୟକ, ଅଶୋକ ପଧାନ ମଞ୍ଚାସୀନ ଥାଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ସୁଶାନ୍ତ ନାଗ, ସୁଦର୍ଶନ ସେଠ, ସୁଧାଂଶୁ ସେଠ ଓ ଜ୍ୟୋର୍ତିମୟ ରାଉତ ପରିଚାଳନା କରିଥିଲେ । ବଲାଙ୍ଗୀର ମିଶନ ପଡିଆଠାରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ବିଏନ୍‌ଏଏ ଜରାସିଂହା ଦଳ ଲୋକନାଥ ଦଣ୍ଡସେନାଙ୍କ ଗୋଟିଏ ଗୋଲ ବଳରେ ପାଟଣେଶ୍ୱରୀ ପାଟଣାଗଡ ଦଳକୁ ହରାଇ ବିଜୟୀ ହୋଇଥିଲା ଅତିଥିଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଗାମାନିଏଲ ନାଗ, ଶାନ୍ତନୁ ନାଗ, ନିଶାରକାନ୍ତ ନାଗ, ଅନୁପ ସାଏ ଓ ହେମନ୍ତ କୁମାର ବେହେରା ଯୋଗ ଦେଇଥିଲେ । ଖେଳକୁ ଖଲିଉର ରହମାନ, ଦୋଳଗୋବିନ୍ଦ ମୁଣ୍ଡା, ଦେବାଶିଷ ବାଗ ଓ ଶରତ ନନ୍ଦ ପରିଚାଳନା କରିଥିଲେ । ୧୨ ତାରିଖ ବୁଧବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଅମାମୁଣ୍ଡା ଏଏ ଦଳ ବନାମ ବିଏନଏଏ ଜରାସିଂହା ଦଳ ଏବଂ ମିଶନ ପଡିଆରେ ସହୀଦ ଜିମ୍ନାସିୟମ ଟିଟିଲାଗଡ ଦଳ ବନାମ ଜିଓ୍ୱାଡିସି ନକ୍ଟାସର ମଧ୍ୟର ଖେଳ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଜଣାଇଛନ୍ତି ।

# ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀଙ୍କ ବିକ୍ଷୋଭ

**ଟିଟିଲାଗଡ଼, ୧୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡଠାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମୋତିଲାଲ ସୁଆଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ, ଚାକିରୀ ସର୍ତ୍ତାବଳୀ, ଅବସରକାଳୀନ ଭତ୍ତା, ଅନୁଦାନଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ବାର୍ଷିକ ଦରମା ବୃଦ୍ଧି, ସପ୍ତମ ବେତନ ଲାଗୁ କରିବା, ସତ୍ୟପାଠ ପ୍ରଦାନ ଉଚ୍ଛେଦ, ଅଧ୍ୟାପକଙ୍କୁ ରିସାଇନ୍‌ଡ ଅର୍ଡର ପ୍ରତ୍ୟାହାର, ୬୨ବର୍ଷ କାଳ ପର୍ଯ୍ୟନ୍ତ ଚାକିରି ସୀମା ଅବଧି ବୃଦ୍ଧି ଆଦି ଲିଖିତ ଦାବିପତ୍ରରେ ମଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି। ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ବ୍ଲକ ସଭାପତି ଶିବଶଙ୍କର ହୋତା, ସମ୍ପାଦକ ଦିଲୀପ ନାୟକ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ପିତାମ୍ବର ଛତର, ଗୋବର୍ଦ୍ଧନ ସାହୁ, ସଦା ବେହେରା ପ୍ରମୁଖ ବହୁ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ ।

# ବ୍ଲକ ଅଫିସ ସମ୍ମୁଖରେ ଧାରଣା

**ଖପ୍ରାଖୋଲ, ୧୧।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଥିଲା । ସଂଘ ତରଫରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱରଠାରେ ଆନ୍ଦୋଳନ ଜାରି ରହିଥିବାବେଳେ ପ୍ରତି ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ସଂଘ ତରଫରୁ ନିଷ୍ପତ୍ତି ହୋଇଛି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଯାଏଁ ଧାରଣା ଦେଇ ସରକାରଙ୍କ ଶିକ୍ଷକ ମାରଣ ନୀତି ଏବଂ ଉଦାସୀନତା ଉପରେ ଶିକ୍ଷକ ଓ କର୍ମଚାରୀ କ୍ଷୋଭ ପ୍ରକାଶ କରିଥିଲେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକ ଆବାହକ ନବକିଶୋର ନନ୍ଦ, ଯୁଗ୍ମ ଆବାହକ ବଳଭଦ୍ର ଦାଶ, ରମେଶ ମହାନ୍ତି, ଧନଞ୍ଜୟ ପୁରୋହିତ, ଦିଲ୍ଲୀପ ନିଆଲ, ନବୀନ ବିଶ୍ୱାଳ, ପ୍ରଦୀପ ସାହୁ, ପ୍ରମୋଦ ବାଗ ପ୍ରମୁଖ ବ୍ଲକର ଶତାଧିକ ବ୍ଲକଗ୍ରାଣ୍ଟ ଅଧ୍ୟାପକ ଓ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

# ସରକାରୀ ମହିଳା କଲେଜର ଏନ୍‌ଏସ୍‌ଏସ୍ ଶିବିର

**ବଲାଙ୍ଗୀର ଅଫିସ,୧୧।୯**

ବଲାଙ୍ଗୀର ସରକାରୀ ମହିଳା କଲେଜ ଯୁକ୍ତଦୁଇ ଶ୍ରେଣୀ ତରଫରୁ ଜାତୀୟ ସେବା ଶିବିର (ଏନ୍‌ଏସ୍‌ଏସ୍) ଖୁଜେନପାଲି ଆନନ୍ଦ ନିକେତନସ୍ଥିତ ବିଶ୍ୱାମ୍ଭା ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ଶିବର ପ୍ରଥମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା । ଏହାପରେ ସେଠାରେ ଏକ ସଭା ଆୟୋଜନ କରାଯାଇ ଶିଶୁ ଶ୍ରମିକ ଏବଂ ଶିକ୍ଷା ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ବିଶ୍ୱାତ୍ମ ବିଦ୍ୟା ମନ୍ଦିର ପ୍ରଧାନଦ ଆଚାର୍ଯ୍ୟ ବିନୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହିଳା ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ଚିନ୍ତାମଣି କାଲୋ, ପ୍ରୋଗ୍ରାମ ଅଫିସର ହେମନ୍ତ କୁମାର ମଲ୍ଲିକ ବୃକ୍ଷରୋପଣ ଏବଂ ଶିଶୁ ଶ୍ରମିକ ବିଷୟରେ ଆଲୋକପାତ କରିଥିଲେ । ଶିବିରରେ ବିଦ୍ୟାଳୟ ଛାତ୍ର ଏବଂ କଲେଜ ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



ବିଶ୍ୱାତ୍ମ ବିଦ୍ୟାମନ୍ଦିରରେ ମହିଳା କଲେଜ ତରଫରୁ ଅନୁଷ୍ଠିତ ଏନ୍‌ଏସ୍‌ଏସ୍ ଶିବିର ।

# ଡିଏଭି କଲେଜରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୧୧।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ସ୍ୱୟଂଶାସିତ କଲେଜରେ ସରକାରଙ୍କ ପକ୍ଷରୁ ମଙ୍ଗଳବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଙ୍କ ମଧ୍ୟରେ ନାଚଗୀତ, ବକ୍ତୃତା, କ୍ୱିଜ, ଅଭିନୟ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଡିଏଭି କଲେଜ ଅଧ୍ୟକ୍ଷ ବିକ୍ରମ କେଶରୀ ମିଶ୍ର, ଆଇଆଇସି ବିଜୟାନନ୍ଦ କରକରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଡିପିଏମୟୁ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ଆର୍ତ୍ତତ୍ରାଣ ପାଢୀ, ପିଓ ପ୍ରଶାନ୍ତ ପଣ୍ଡା ଏବଂ ସୁରେଶ ପାତ୍ର, ପୌରପରିଷଦ ବିଜୁ ଯୁବ ବାହିନୀ ସଂଯୋଜକ ରାଜେଶ ସାହା, ବ୍ଲକ ସଂଯୋଜକ ଜଗଦୀଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଅବସରରେ ଜାତୀୟସ୍ତରର ବଡି ବିଲଡର ସନ୍ତୋଷ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନାରେ କଲେଜର ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ, ବିଜୁ ଯୁବ ବାହିନୀ ସଦସ୍ୟ ପ୍ରମୁଖ ସହାୟତା କରିଥିଲେ।



ଡିଏଭି ସ୍ୱୟଂଶାସିତ କଲେଜରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରମାନେ।

ଆମ ପୋଲିସ କାର୍ଯ୍ୟକ୍ରମ

# ଜନତାଙ୍କ ନିକଟତର ହେଉ ପୋଲିସ

**ଖପ୍ରାଖୋଲ, ୧୧।୯(ଡି.ଏନ.ଏ.)**

ଖପ୍ରାଖୋଲ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆମ ପୋଲିସ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜନପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ଖପ୍ରାଖୋଲ ଥାନା ଅଧିନରେ ଥିବା ବିଭିନ୍ନ ଗାଁମାନଙ୍କରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ପୋଲିସ୍ ପ୍ରତି ଥିବା ଲୋକଙ୍କ ଭୟ ଦୂର ସହ ପୋଲିସ୍ ଜନସାଧାରଣଙ୍କ କିଭଳି ନିକଟତର ହୋଇ ଆସ୍ଥାଭାଜନ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଗାଁରେ ରନ୍ଧା ଦେଶୀ ମଦ କାରବାର ଚାଲିଥିବା ନେଇ ଉପସ୍ଥିତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। କେତେକ ଟ୍ରାକ୍ଟର ମାଲିକ କେଚ୍‌ହ୍ୱିଲ ଲଗାଇ ରାସ୍ତାରେ ନେଉଥିବାରୁ ରାସ୍ତା ଖରାପ ହେଉଥିବା ଆଲୋଚନା ପରିସରକୁ ଆସିଥିଲା । ଜନସାଧାରଣଙ୍କ ସହାୟତାରେ ଅଞ୍ଚଳର ସମସ୍ୟା ସମାଧାନ ହେବା ସହ ଜନସାଧାରଣ ପୋଲିସ୍‌କୁ ସହଯୋଗ କରିବାକୁ ପୋଲିସ ପ୍ରଶାସନ ତରଫରୁ ନିବେଦନ କରାଯାଇଥିଲା। ବୈଠକରେ ସିଆରପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟାନନ୍ଦ ଭୋଇ, ପୋଲିସ୍ ଏଏସଆଇ ସେବନ୍ କେର୍କେଟା, ଗୋକୁଳାନନ୍ଦ ମିଶ୍ର, ଆର. କେ. ଧରୁଆ, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇ, ପଡିଆବାହାଲ ସରପଞ୍ଚ ରାଧିକା ପଧାନ, ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ, ମହରାପଦର ସମିତି ସଭ୍ୟ ରୋହିତାସ୍ୱ ମେହେର, ଖପ୍ରାଖୋଲ ସମିତି ସଭ୍ୟ କଳାକାହ୍ନୁ ବାରିକ, ଗୌର ବାଗ, ଭୀଷ୍ମ ରଣାଙ୍କ ସମେତ ପୋଲିସ୍ କର୍ମଚାରୀ, ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ଯୋଗେଶ୍ୱର ଧାମରେ ବ୍ରାହ୍ମଣ ମହାସଭା

**ଲୋଇସିଂହା,୧୧।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଯୋଗେଶ୍ୱର ପୀଠରେ ଗ୍ରାମର ବ୍ରାହ୍ମଣ ସମାଜ ପକ୍ଷରୁ ୭୨ତମ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜ ପକ୍ଷରୁ ରୁଦ୍ରାଭିଷେକ ଯଜ୍ଞ ଓ ଅନନ୍ତମୁଖୀ ପାରାୟଣ ଅନୁଷ୍ଠିତ ହୋଇଥିଲା । ବ୍ରାହ୍ମଣ ସମାଜ ସମ୍ପାଦକ ନନ୍ଦୁଲାଲ ତ୍ରିପାଠୀ, ଗୌରୀଶଙ୍କର ମିଶ୍ର, ସୁଯୋଗ ମିଶ୍ର, ଶ୍ୟାମସୁନ୍ଦର ତ୍ରିପାଠୀ, ନବୀନ ପଣ୍ଡା, ହରେକୃଷ୍ଣ ତ୍ରିପାଠୀ, ସୁନନ୍ଦ ତ୍ରିପାଠୀ ଲକ୍ଷବଚ୍ଛ ତ୍ରିପାଠୀ ଓ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଅନନ୍ତମୁଖୀ ପାରାୟଣ କରିଥିଲେ। ଏହି ଅବସସରରେ ଗ୍ରାମର ସମସ୍ତ ବ୍ରାହ୍ମଣ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ ।



ମହାସଭାରେ ଉପସ୍ଥିତ ବ୍ରାହ୍ମଣ ସମାଜର ସଦସ୍ୟମାନେ।

# ରାସ୍ତାରୋକୋ କଲେ ଚାଷୀ

**ସୋନପୁର,୧୧।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାଜ୍ୟ ରାଜପଥର ଧଉରାଖମନଠାରେ ଚାଷୀମାନେ ମଙ୍ଗଳବାର ରାସ୍ତାରୋକୋ କରିଛନ୍ତି। କଳାପଥର ପଞ୍ଚାୟତର ଚାଷୀଙ୍କୁ ଫସଲ ବୀମା ରାଶି ମିଳି ନଥିବାରୁ ପ୍ରତିବାଦରେ ଦୀର୍ଘ ୧୧ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା । ଚାଷୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ଆନ୍ଦୋଳନ କରିଥିଲେ। ଏଥିଯୋଗୁଁ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନକାରୀ ସାଇକେଲ, ବାଇକ୍ ମଧ୍ୟ ଛାଡି ନ ଥିଲେ। ଡୁଙ୍ଗୁରିପାଲି, ବିନିକା, ରାମପୁର ଓ ଗୋଡଭଗା ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଜିଲା ପ୍ରଶାସନର ପ୍ରତିଶୃତି ପରେ ସନ୍ଧ୍ୟା ୬ଟାରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।



ସୋନପୁର-ବିନିକା ରାସ୍ତାର ଧଉରାଖମନଠାରେ ଚାଷୀଙ୍କ ଦ୍ୱାରା ଅନୁଷ୍ଠିତ ରାସ୍ତାରୋକୋ।

୨୦୧୭-୧୮ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଏହି ପଞ୍ଚାୟତର ଚାଷୀ ମରୁଡି ଯୋଗୁଁ କ୍ଷତି ସହିଥିଲେ। ଫସଲ କ୍ଷତି ଯୋଗୁଁ ରାଜ୍ୟ ସରକାର ମଧ୍ୟ ସହାୟତା ରାଶି ପ୍ରଦାନ କରିଥିଲେ। ଅମଳ ଭଲ ହୋଇ ନଥିବାରୁ ଯୋଗାଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଚାଷୀଙ୍କଠାରୁ ପ୍ୟାକ୍ସ ଏକର ପ୍ରତି ମାତ୍ର ୪କୁଇଣ୍ଟାଲ ଲେଖାଏଁ ବଳକା ଧାନ କିଣିଥିଲା। ପୂର୍ବରୁ ଏହି ପଞ୍ଚାୟତର ଚାଷୀ ଏକର ପ୍ରତି ସାଢେ ୧୨କୁଇଣ୍ଟାଲ ଧାନ ବିକ୍ରି କରୁଥିଲେ। ପଞ୍ଚାୟତରେ ୬୨% ଫସଲ ଅମଳ କମ୍ ହୋଇଛି ବୋଲି କୁହାଗଲା। ଚାଷୀ ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ଜମା କରିଥିଲେ। କିନ୍ତୁ ପାଖ ପଞ୍ଚାୟତର ଚାଷୀ ବୀମା ରାଶି ପାଇଥିଲା ବେଳେ ଏଠାକାର ଚାଷୀ ବଞ୍ଚିତ ହେଲେ। ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ କ୍ରପ୍ କଟିଂ ରିପୋର୍ଟ ପ୍ରଦାନରେ ତୃଟି ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଚାଷୀ ଏ ନେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଭେଟି ପୂର୍ବରୁ ଆଲୋଚନା କରିଥିଲେ। କୌଣସି ଲାଭ ନ ମିଳିବାରୁ ଧଉରାଖମନ, ନନ୍ଦନମାଲ, ସରଧାପାଲି, ବାଙ୍କବିଜା, ଜାମପାଲି, ପ୍ରତାପପୁର, କବାଟଡଳାଇ, ବାବୁପାଲି, ଧଉରାଖମନ, ପାଣିସିଆଲି ଓ ବାଇଗଣଜୁରି ଗ୍ରାମର ଶତାଧିକ ଚାଷୀ ରାସ୍ତାରେ ବସିଥିଲେ । ଚାଷୀ କିଶୋର କର, ମନୋଜ କର, ସରୋଜ ମଲ୍ଲିକ, ଉମା ପଧାନ, ରାମଚନ୍ଦ୍ର ବାଗ, କୃଷ୍ଣଚନ୍ଦ୍ର ସିଂ, ଗରିବ ଗୁରୁ, ଲକ୍ଷ୍ମଣ ମେହେର, ଇନ୍ଦ୍ରଜିତ୍ ବାଗ, ବେଣୁଧର ସେଠୀ, ନୀନା ମିଶ୍ର ଓ ଉମାକାନ୍ତ କୋଠାର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ପ୍ରଭାରି ରାକେଶ ଶର୍ମା, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଶମ୍ଭୁ ପ୍ରସାଦ ନନ୍ଦ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶିଙ୍କ ସମେତ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ ଓ ସୋନପୁର ବ୍ଲକ କଂଗ୍ରେସ କମିଟି ସଭାପତି ବରୁଣ ସୁନା ଆନ୍ଦୋଳନସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଡିଆଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଉପସ୍ଥିତ ରହି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସୋନପୁର ପୋଲିସ ଏସଡିପିଓ ମିହିର କୁମାର ପଣ୍ଡା ଓ ଆଇଆଇସି ଶ୍ରୀକାନ୍ତ କୁମାର ତ୍ରିପାଠୀ ଘଟଣାସ୍ଥଳରେ ରହି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ଜାତୀୟ ପୁଷ୍ଟିକର ଖାଦ୍ୟ ଦିବସ ପାଳିତ
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଜାତୀୟ ପୁଷ୍ଟି ସପ୍ତାହ ୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



## ସଂକ୍ଷେପରେ



### ରିଷିଡାରେ ପୂର୍ବାହ୍ନ ୧୦ଟାରୁ ଟ୍ରାଫିକ ଜାମ

ରିଷିଡା,୧୧।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡାରେ ୧୦ଟାରେ ବିଶେଷ ଭିଡ ପରିଲକ୍ଷିତ ହେଉଛି । ବିଶେଷ କରି ବିଦ୍ୟାଳୟ ଓ କଲେଜ ପଢୁଥିବା ଛାତ୍ରୀଛାତ୍ରମାନେ ଯାତାୟାତ କରୁଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ଅନ୍ୟପକ୍ଷରେ ନାବାଳକମାନେ ବାଇକ ଧରି ଏହି ସମୟରେ ଯାତାୟାତ କରୁଥିବାରୁ ଛୋଟ ଛୋଟ ଦୁର୍ଘଟଣା ଘଟୁଛି । ପୋଲିସ ବିନା ଲାଇଏସନ୍ସ ଥିବା ନାବାଳକମାନଙ୍କୁ ଧରପଗଡ କରିବା ପାଇଁ ଦାବି ହେଉଛି ।




### ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ

ଜୁନାଗଡ,୧୧।୯(ସ୍ୱ.ପ୍ର.)
ଗତ ଅଗଷ୍ଟ ପ୍ରଥମ ବନ୍ୟାରେ ଦେଦର ଓ ଦୁନ୍ଦେଲମାଲ ପଞ୍ଚାୟତର ପ୍ରାୟ ୧୦ଖଣ୍ଡ ଗାଁର ଅନେକ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ମଙ୍ଗଳବାର ଏହି ପରିବାରର ମହିଳା, କିଶୋର ଏବଂ ଯୁବତୀମାନଙ୍କୁ ଚିହ୍ନଟ କରି ଲୁଥରେନ ୱାର୍ଲଡ ସର୍ଭିସ ସୋସାଇଟି ପକ୍ଷରୁ ୨ଶହ ଜଣଙ୍କୁ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧିତ ସରଞ୍ଜାମ ସହିତ ୨୦୦ଟି ରୋଷେଇ ସରଞ୍ଜାମ ପ୍ରଦାନ କରିଥିଲେ। ଆମେରିକାର ଏଲକା ସଂସ୍ଥା ଏହାକୁ ସହାୟତା କରିଥିବା ବେଳେ ଦେଦର ସରପଞ୍ଚ ସାବିତ୍ରୀ ମେହେର, ଅଙ୍ଗନୱାଡି କର୍ମୀ ଦୁଃଖଦେଇ ଶବର, ୱାର୍ଡ ସଭ୍ୟା ବିମଳା ଚଣ୍ଡି, ଲୁଥରେନ ୱାର୍ଲଡ ସର୍ଭିସ ସଂଯୋଜକ ସତ୍ୟଶ୍ରୀ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିରେନ୍ଦ୍ର ବାରିକ, ସୁଧୀର ସାହୁ, ସାଗରିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।






ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଶିକ୍ଷକମାନେ କର୍ଲାମୁଣ୍ଡା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ବାମ) । ଜୁନାଗଡ଼ ବ୍ଲକ ସମ୍ମୁଖରେ ସ୍କୁଲ, କଲେଜ ମିଳିତ ମଞ୍ଚର ଧାରଣା ।

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ

# ବ୍ଲକ ସମ୍ମୁଖରେ ଶିକ୍ଷକଙ୍କ ଧାରଣା, ବିକ୍ଷୋଭ

କର୍ଲାମୁଣ୍ଡା,୧୧।୯(ଡି.ଏନ.ଏ.)
ମଙ୍ଗଳବାର ରାଜ୍ୟରେ ଓଡିଶା ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ବିଭିନ୍ନ ବ୍ଲକ ସମ୍ମୁଖରେ ଶିକ୍ଷକଙ୍କ ଧାରଣା ଏବଂ ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମ୍ମୁଖରେ ମାଧ୍ୟମିକ ଶିକ୍ଷକ, ଅଧ୍ୟାପକମାନେ ବିଦ୍ୟାଳୟ, କଲେଜଗୁଡିକ ବନ୍ଦ କରି ଧାରଣା ଏବଂ ବିକ୍ଷୋଭ କରିଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ନିଷ୍ପତ୍ତି ଅନୁଯାୟୀ ଏହି ଧାରଣା ଦୁଇ ଦିନ ଧରି ହେବ । ଫଳରେ ଗୁରୁବାର ଛାତ୍ରୀଛାତ୍ରଙ୍କ ଗଣେଷ ପୂଜାରେ ମଧ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ଜିଲାର କର୍ଲାମୁଣ୍ଡା, ଏମ.ରାମପୁର, ବ୍ଲକ ସମ୍ମୁଖରେ ଧାରଣାରେ ବସିଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାରୁ ମଞ୍ଚ ଏପରି ନିଷ୍ପତ୍ତି ନେଇଥିବା ଶିକ୍ଷକମାନେ କହିଛନ୍ତି। ବ୍ଲକଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥା ଓଡିଶା ବ୍ୟତୀତ ଦେଶର ଅନ୍ୟ କୌଣସି ରାଜ୍ୟରେ ନାହିଁ। ବାସ୍ତବରେ ଏହା ଏକ ଲଜ୍ୟାକର ବିଷୟ। ସରକାର ତୁରନ୍ତ ଏଭଳି ଏକ କୁତ୍ସିତ ପ୍ରଥାର ବିଲୋପ କରି ଶିକ୍ଷାର ବିକାଶ ପାଇଁ ଧ୍ୟାନ ଦେବା ଭଳି ୭ ଦଫା ଦାବି ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସର ଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସର କାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ କରାଯାଉ, ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ କରାଯାଉ ଏବଂ ୨୦୧୮ ଅନୁଦାନ ଆଇନରେ ୪୦, ୬୦ ଓ ୭୫ ଶତକଡା ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶକପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗକରାଯାଉ, ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ବେତନ କମିଶନ ଲାଗୁକରାଯାଉ, ଅନୁଦାନ ଦେବା ଆଳରେ ସତ୍ୟପାଠ କିମ୍ବା ଲିଖିତ ସୂଚନା ଦେବା ପାଇଁ ହୋଇଥିବା ନିର୍ଦ୍ଦେଶନାମା ପ୍ରତ୍ୟାହାର କରାଯିବା ପ୍ରମୁଖ ରହିଛି। ଏଥିରେ ଷ୍ଟିୟରିଙ୍ଗ କମିଟି ମେମ୍ବର ତଥା ହରଗୌରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ ଶତପଥୀ, ଷ୍ଟିୟରିଙ୍ଗ କମିଟି ସଦସ୍ୟ ଫିରୋଜ କୁମାର ଚାନ୍ଦ, ଓଷ୍ଟା ବ୍ଲକ ସଭାପତି ମାର୍କଣ୍ଡ ପାଢୀ, ସମ୍ପାଦକ ଲଳିତ ମୋହନ ସାହୁ, ଶୈଳେନ୍ଦ୍ର କୁମାର ନାଏକ, ଶ୍ରୀବତ୍ସ ରଣା, ପ୍ରାଣବନ୍ଧୁ ରଣା, ରାମଚନ୍ଦ୍ର ରଥ ଓ ସମସ୍ତ ବ୍ଲକ ଗ୍ରାଣ୍ଟ ସ୍କୁଲ ଶିକ୍ଷକ ଓ ଅଧ୍ୟାପକ ମାନେ ଅଂଶ ଗ୍ରହଣ କରିଥିଲେ।

**୭ ଦଫା ଦାବି**
- ଶିକ୍ଷାଦାନ ବାଧାପ୍ରାପ୍ତ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୁନାଗଡ,୧୧।୯ (ଡି.ଏନ.ଏ./ସ୍ୱ.ପ୍ର.)
ସେହିପରି ୭ ଦଫା ଦାବି ନେଇ ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଗତ ୨୦୧୭ ସେପ୍ଟେମ୍ବର ୧ରେ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯିବା ନେଇ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିସହିତ ୨୦୧୮ ଜୁନମାସରୁ ସପ୍ତମ ପେ ପ୍ରଦାନ କରାଯିବ ବୋଲି କହିଥିଲେ ହେଁ ଅଦ୍ୟାବଧି ପ୍ରଦାନ କରାଗଲା ନାହିଁ। ସେହିପରି ୨୦୧୮ ଏପ୍ରିଲ ୧୮ ଦିନ ଘୋଷଣା କରାଯାଇଥିବା ପୂର୍ଣ୍ଣଅନୁଦାନ ମଧ୍ୟ ଲାଗୁ କରାଗଲା ନାହିଁ। ଫଳରେ ଆଜକୁ ୨୫ଦିନ ଧରି ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଦିବାରାତ୍ର ଭୁବନେଶ୍ୱରଠାରେ ଲୋୟର ପିଏମଜିରେ ଧାରଣାରେ ବସିରହିଛନ୍ତି । ଏହି ଦାବି ପ୍ରଦାନ ସମୟରେ ଓଷ୍ଟାର ଜୁନାଗଡ ବ୍ଲକ ସଭାପତି ଶଶିଧର ଯୋଷୀ, ବ୍ଲକ ସମ୍ପାଦକ ଚନ୍ଦ୍ର ହାସ୍ୟ ମେହେର, ଜିଲା ସମ୍ପାଦକ ପ୍ରଭାତ କୁମାର ରଥ, ବୈଦନାଥ ବେହେରା, ପ୍ରବୀର କୁମାର ନାୟକ, ସୁବାଷ ଚନ୍ଦ୍ର ନାଏକ, କାହ୍ନୁ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଲାଞ୍ଜିଗଡ,୧୧।୯ (ଡି.ଏନ.ଏ.)
ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶିକ୍ଷକ ଓ ଅଧ୍ୟାପକମାନେ ଧାରଣାରେ ବସିଥିଲେ । ବିଭିନ୍ନ ଦାବି ନେଇ ବ୍ଲକର ଯୋଡାବନ୍ଧ ଶ୍ରୀ ଜଗନ୍ନାଥ ହାଇସ୍କୁଲ, ମୁଷାନାଳ ପଞ୍ଚାୟତ ହାଇସ୍କୁଲ, ବନ୍ଧପାରି ଏମ୍‌ବିବି ହାଇସ୍କୁଲ, ଛତ୍ରପୁର ପଞ୍ଚାୟତ ହାଇସ୍କୁଲ, ଲାଞ୍ଜିଗଡରୋଡ ଜୁନିୟର କଲେଜ ଓ ବିଶ୍ୱନାଥପୁର ମା' ହୀରାନୀଳା ଜୁନିୟର କଲେଜର ଅଧ୍ୟାପକ ଓ ଶିକ୍ଷକମାନେ ପ୍ରତିବାଦ କରିଥିଲେ । ଏଥିରେ ଶିକ୍ଷକ ଓ ଅଧ୍ୟାପକ ପରିଚାଳନା କମିଟି ଚିନ୍ମୟାନନ୍ଦ ସାମଲ ଓ ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଆୟୋଜନ ହୋଇଥିଲା । ସମସ୍ତ ଶିକ୍ଷକ ଓ ଅଧ୍ୟାପକମାନେ ବିଶ୍ୱନାଥପୁର କଲେଜ ଛକଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ସାମ୍ନାରେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ । ବ୍ଲକରେ ଥିବା ଅନେକ କଂଗ୍ରେସ ନେତା, ଭାଜପା କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଶ୍ୱନାଥପୁର ଗାଁର ସମସ୍ତ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଏହି ଧାରଣାକୁ ସମର୍ଥନ ଜଣାଇଥିଲେ ।

ଦାୟିତ୍ୱରେ ଅବହେଳା

## ଶିକ୍ଷକ ନିଲମ୍ବିତ

ଲାଞ୍ଜିଗଡ,୧୧।୯(ଡି.ଏନ.ଏ.)
ବାରମ୍ବାର ଦାୟିତ୍ୱରେ ଅବହେଳା ଓ ତାଗିଦ୍ ସତ୍ତ୍ୱେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଖାତିର୍ ନ କରିବାରୁ ଲାଞ୍ଜିଗଡ ବ୍ଲକ କୁଟିଙ୍ଗପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି ।

ସୂଚନାନୁଯାୟୀ, ଲାଞ୍ଜିଗଡ ବ୍ଲକ କୁଟିଙ୍ଗପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ଦାୟିତ୍ୱରେ ବାରମ୍ବାର ଅବହେଳା କରି ଆସୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ତାଗିଦ୍ ପରେ ବି ସେ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ଚାଲିଥିଲେ । ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକ ତାଙ୍କୁ ନିଲମ୍ବନ କରିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟସ୍ଥଳ ଛାଡି କୁଆଡେ ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ଶିକ୍ଷକ ମହଲରେ ଏକ ପ୍ରକାର ଭୟର ବାତାବରଣ ଦେଖାଦେଇଥିବା ବେଳେ ଦାୟିତ୍ୱରେ ଅବହେଳା କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏବେ ପ୍ରମାଦ ଗଣିବାରେ ଲାଗିଛନ୍ତି । ଲାଞ୍ଜିଗଡ ବ୍ଲକ ଶିକ୍ଷାଧିକାରୀ ଭାବେ ନାଏକ ଯୋଗଦେବା ପରଠାରୁ ବିଭିନ୍ନ ଦୁର୍ଗମାଞ୍ଚଳ ଗସ୍ତ କରି ସ୍କୁଲ ଓ ଶିକ୍ଷକମାନଙ୍କୁ ଯାଞ୍ଚ କରୁଥିବାବେଳେ ଠକ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟମାନଙ୍କ ପାଇଁ ଏକ ବାର୍ତ୍ତା ଦେଇଛନ୍ତି । ଏହାସହିତ ଶିକ୍ଷକମାନେ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇଲେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଝାରବନ୍ଧ,୧୧।୯(ଡି.ଏନ.ଏ.)
ବରଗଡ଼ ଜିଲା ଝାରବନ୍ଧ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନ ସଭାପତି ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନିରେ ସଂଯୋଜକ ଅରୁଣ କୁମାର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଗୁରୁମା ଲିଳିମା ବେହେରା ମଞ୍ଚ ପରିଚାଳନ କରିଥିଲେ।



ବାପୁଜୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସଫେଇ କରାଯାଉଛି।

## ସ୍ୱଚ୍ଛତା ପକ୍ଷରେ ବିଦ୍ୟାଳୟ ପରିସର ସଫେଇ

ରିଷିଡା,୧୧।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାବୁଜି ବାଳକ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସ୍ୱଚ୍ଛତାପକ୍ଷ ପାଳନ ଅବସରରେ ବିଦ୍ୟାଳୟ ପରିସର ସଫେଇ କରାଯାଇଥିଲା । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଧାନ ଓ ସହକାରୀ ଶିକ୍ଷକ ସାଗର ରଣା ନେତୃତ୍ୱ ବିଦ୍ୟାଳୟର ଛାତ୍ର, ଅନ୍ୟ ଶିକ୍ଷକମାନେ ଏକତ୍ର ମିଶି ବିଦ୍ୟାଳୟର ସମ୍ମୁଖ ପରିସର ସଫେଇ କରିଥିଲେ।

## ନୂଆଁଖାଇ ଲାଗି ନୂଆଁଧାନ୍‌କେ ଟାକିଛନ୍ ଲୋକ୍

ଭବାନୀପାଟଣା,୧୧।୯(ଡି.ଏନ.ଏ.)
କୃଷିଭିତିକ୍ ପରବ୍ ନୂଆଁଖାଇ ଲାଗି ଏହେଦେ ପଶ୍ଚିମ ଓଡ଼ିଶାର ହାଟ୍ ହଟ୍‌ଲି, ଦୁକାନ୍ ବଜାରରେ ଲୁକ୍‌ର ଗହଲ୍ ଚହଲ୍ ଦେଖିବାକେ ମିଳୁଛେ। ସାମାଜିକ୍ ଜୀବନ୍‌କେ ଇ ପରବ୍ ସରସ୍ ସୁଁଦର କରି ଆସୁଥିଲା ବେଳେ ନୂଆଁଖାଇର ଲାଗି ଏହେଦେ ସଭେ ନୂଆଁ ଧାନ୍‌କେ ଟାକିଛନ୍। ଏହେଦେ କଳାହାଣ୍ଡି ଜିଲାରେ ନୂଆଁଖାଇର ଲାଗି ଧାନ୍ ଖୁଜାପଡୁଛେ। ଲଗାତର ଲଘୁଚାପ ବର୍ଷା ଆର୍ ନଏଦ୍ ବଢ଼ି ଲାଗି ଆଏଜ୍ ତକ୍ କ୍ଷେତେ ଧାନ୍ ଗଛ୍ ଦେଖିବାକେ ନାଇଁ ମିଲ୍‌ବାର। ଚାଷୀ ବାରବାର ଚେଷ୍ଟା କରିଥିଲେ ବି ବର୍ଷା ଆର୍ ନଏଦ୍ ବଢ଼ି ଲାଗି ବିହନ୍ କେତେବେଲେ ଉହୁଲି ଯାଇଛେ ତ ଆର୍ କେତେବେଲେ ପାଏନ୍‌ରେ ବୁଡି କୁହି ଯାଇଛେ। ହେଲେ କେନ୍‌ନେ କେନ୍‌ତା ଗୁଟେ ଗୁଟେ ଧାନ୍ କେଁଡା ବାହାର୍‌ଲା ନ। ହେଲେଭିଲ୍ କଳାହାଣ୍ଡି ଜିଲାରେ ୮୦ ଭାଗ୍ ଜମିରେ ଧାନ୍ ଗଜା ନୁହେ ଧରେ। ଚାଷ୍ ଆରମ୍ଭରୁ ଅଲପ୍ ବର୍ଷା, ଲେଡା ପୋକ୍, ଅଦିନିଆଁ ଲଘୁଚାପ୍‌ରେ ଚାଷୀ ଭାଂଗିପଡ଼ିଥିଲା ବେଲେ ପର୍‌କୁତିକେ ସବୁବେଲେ ଭରସା କରି ଚାଲିଛେ ଚାଷୀ। ଜଲ୍‌ସେଚିତ, ମାଲ୍ ଅଂଚଲ୍ ଜମିମାନ୍‌କେ କେନ୍‌ନେ କେନ୍‌ତା ଧାନ୍ କେଁଡା ବାହାରିଥିବାର ଦେଖିବାକେ ମିଲୁଛେ। ଧାନ୍ କେଁଡା ଗୁରସ୍ ତୁକ୍‌ଲାନ, ହେଲେ ବତର ନୁହେ ହୁଏ। ଏନ୍‌ତା ଧାନ୍‌କେଁଡା ନୂଆଁଖାଇରେ ବିକ୍ରି କର୍‌ବାର ଲାଗି ଗାଁ ଗାଁରେ ବେପାରୀକର ଭିଡ଼ ଦେଖିବାକେ ମିଲୁଛେ। ଧାନ୍ ପାଚ୍‌ଲା ଆଗ୍‌ରୁ ନୂଆଁଖାଇ ଲାଗି ନୂଆଁଧାନ୍ ବିକ୍‌ରି କର୍‌ବାକେ ବେପାରିକର ଭିତ୍‌ରେ ଗୁଟେ ପର୍‌କାର ପର୍‌ତିଯୋଗିତା ଆରମ୍ ହେଇଯାଇଛେ।

## ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ଲାଞ୍ଜିଗଡ,୧୧।୯ (ଡି.ଏନ.ଏ.)

**ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିକଟସ୍ଥ ଟାଙ୍ଗନକଣା ଛକରେ ସୋମବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କାରେ ଲାଞ୍ଜିଗଡ ବଡପଡାର ପ୍ରଭାକର ନାଏକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳକୁ ଲାଞ୍ଜିଗଡ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ଆସି ଶବ ଜବତ କରିବା ସହ ମୃତଦେହକୁ ପଞ୍ଚନାମା ପରେ ଶବ ବ୍ୟବଚ୍ଛେଦ ଗୃହକୁ ନେଇଯାଇଥିଲେ । ରାତିରେ ଶବ ବ୍ୟବଚ୍ଛେଦ ହୋଇପାରି ନ ଥିବାରୁ ମଙ୍ଗଳବାର ସକାଳେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପରେ ଅଞ୍ଚଳବାସୀ ମୃତଦେହକୁ ଧରି କ୍ଷତିପୂରଣ ପାଇଁ ଲାଞ୍ଜିଗଡର ମୁଖ୍ୟରାସ୍ତା ଅବରୋଧ କରିଥିଲେ । ଦୀର୍ଘ ଦୁଇଘଣ୍ଟା ଅବରୋଧ ପରେ ଲାଞ୍ଜିଗଡ ଥାନାଧିକାରୀ ମଣ୍ଡଳ, ବିଡିଓ ବାସୁଦେବ ନାୟକଙ୍କ ସହିତ ଫୋନ୍‌ରେ ଆଲୋଚନା କରିଥିଲେ। ପରେ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ଦୁଇ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହା ପରେ ଲୋକେ ରାସ୍ତା ଅବରୋଧ ହଟାଇ ଶବ ସତ୍କାର ପାଇଁ ନେଇଥିଲେ ।

## ନୂଆଁଖାଇ ପୂର୍ବରୁ ଦେବଦେବୀଙ୍କ ପୂଜାର୍ଚ୍ଚନା



ରିଷିଡା ସଲଣ୍ଡିଆ ମୁଣ୍ଡା ଧରଣୀ ପୀଠରେ ପୂଜାର୍ଚ୍ଚନା କରାଯାଉଛି ।

ରିଷିଡା,୧୧।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ନୂଆଁଖାଇ ପାଳନ ପୂର୍ବରୁ ମଙ୍ଗଳବାର ଗ୍ରାମ ଦେବଦେବୀଙ୍କୁ ଗ୍ରାମର ଝାଙ୍କରମାନେ ପୂଜାର୍ଚ୍ଚନା କରିଛନ୍ତି। ରିଷିଡା କନ୍ଧପଡା ଓ ସଲଣ୍ଡିଆମୁଣ୍ଡାରେ ଥିବା ମା' ଧରଣୀ ଦେବୀଙ୍କ ସମ୍ମୁଖରେ ଧୂପ, ଦୀପ, ଅରୁଆ ଚାଉଳ, ମନ୍ଦାର ଫୁଲ ଦେଇ ପୂଜାର୍ଚ୍ଚନା କରାଯାଇ ଆଗାମୀ ନୂଆଁଖାଇ ପାଇଁ ଦେବଦେବୀଙ୍କ ଆବାହନ କରାଯାଇଛି । ପ୍ରକାଶ ଯେ, ନଆଁଖାଇ ପୂର୍ବରୁ ପଡୁଥିବା ମଙ୍ଗଳବାର ପୂଜାର୍ଚ୍ଚନା ହେଉଥିବାବେଳେ ସୋମବାର ଅଧିବାସ ରହିବାର ବିଧି ରହିଛି । ସଲଣ୍ଡିଆମୁଣ୍ଡା ପୀଠରେ ଝାଙ୍କର ଉମାକାନ୍ତ ଭୋଇ ପୂଜାର୍ଚ୍ଚନା କରିଥିଲେ । ଏହି ପୂଜା ପୂର୍ବରୁ ଗ୍ରାମର ସମସ୍ତଙ୍କ ଘରୁ ଚାଉଳ, ଦୀପ, ଧୂପ(ଏକ୍ତା) ସଂଗ୍ରହ କରାଯାଇ ପୂଜା କରିବାର ନୀତି ନିୟମ ରହିଛି ।

## ଜାତୀୟ ପୁଷ୍ଟିକର ଖାଦ୍ୟ ଦିବସ ପାଳିତ

କର୍ଲାମୁଣ୍ଡା,୧୧।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଜାତୀୟ ପୁଷ୍ଟି ସପ୍ତାହ ୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସିଡିପିଓ ପାର୍ବତୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ କିଶୋର କୁମାର ପଣ୍ଡା, କର୍ଲାମୁଣ୍ଡା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି କର୍ମୀ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଭଜଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ୧୦୦୦ ଦିନର ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଓ ମାଣ୍ଡିଆ, ଗୁର୍ଜୀ, କଦୋ ଭଳି ଶସ୍ୟର ଉପାଦେୟତା ଉପରେ ଆଲୋଚନା କରିଥିଲେ । ଏଥିରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁପରଭାଇଜର କୁସୁମ ପଣ୍ଡା, ଉର୍ମିଳା ସାହୁ, ଗୀତା ହରିଜନ, କିରାଣୀ ରୁକ୍ମିଣୀ ଭୋଇ, ପିଅନ ହିରାମଣୀ ଭୋଇ, ରାଜୁ ସାହୁ ସହଯୋଗ କରିଥିଲେ ।




ଜାତୀୟ ପୁଷ୍ଟିକର ଦିବସରେ ବିଡିଓ ଉଦ୍‌ବୋଧନ ଦେଉଛନ୍ତି ।

ପ୍ରେମିକ ସହ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ଜୁନାଗଡ,୧୧।୯(ଡି.ଏନ.ଏ./ସ୍ୱ.ପ୍ର. )
କଳାହାଣ୍ଡି ଜିଲା ଜୁନାଗଡ ଥାନା ବଡ ଡୁମେରବାହାଲ ଗାଁ ନିକଟରେ ଥିବା ଏକ ବରଗଛରେ ମଙ୍ଗଳବାର ସକାଳେ ପ୍ରେମିକ ସହିତ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ଜୁନାଗଡ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଜୁନାଗଡ ବ୍ଲକ ଖର୍ଲାବେଡା ଗ୍ରାମର କେଦାର ରଣା (୨୩) ଓ ଯୁବତୀ ଜଣକ ହେଲେ ମାଣିକାପଦର ଗ୍ରାମର କରିସ୍ମା ହଂସ (୧୮) ।

ମିଳିଥିବା ସୁଚନା ଅନୁଯାୟୀ କେଦାର ଓ କରିସ୍ମା ଉଭୟଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିବା ଜଣାପଡିଛି। ଯାହାକୁ ନେଇ କେଦାର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ଲାଗି ରହୁଥିଲା। ଏପରିକି ଏହି ସମ୍ପର୍କକୁ ଜାଣି ରବିବାର କେଦାରଙ୍କ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଥିଲେ। ମଙ୍ଗଳବାର ସକାଳେ ବଡଡୁମେରବାହାଲ ଗ୍ରାମ ନିକଟ ଏକ ବରଗଛ ରେ କେଦାର ଓ କରସ୍ମାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କ ଝୁଲନ୍ତା ମୃତଦେହକୁ ଦେଖି ଏହା ହତ୍ୟା ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଘଟଣାସ୍ଥଳକୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି । ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୮) ରଜୁ ହୋଇଛି। ତଦନ୍ତ ସରିବା ପରେ ସବୁ କିଛି ଜଣାପଡିବ ବୋଲି ଜୁନାଗଡ ପୋଲିସ ଏଏସଆଇ ବୈଷ୍ଣବ ନାଏକ ପ୍ରକାଶ କରିଛନ୍ତି।



ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ତଦନ୍ତ କରୁଛନ୍ତି।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

**ଦେବଗଡ଼,୧୧।୯(ସ୍ୱ.ପ୍ର.)** -ଜିଲାର ତିଲେଇବଣି ବ୍ଲକ ଅଧୀନ ରାଞ୍ଚି-ବିଜୟୱାଡା ସୁପର କରିଡର୍ ରାସ୍ତାର କୁଶପଙ୍ଗା ଗ୍ରାମ ନିକଟସ୍ଥ ଆମ୍ବପାଳ ଠାରେ ସୋମବାର ଅପରାହ୍ଣରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଦେବଗଡ ପୌରାଞ୍ଚଳର ୩ଜଣ ଯୁବକ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ବୁର୍ଲା ଡାକ୍ତରଖାନାରେ ମଙ୍ଗଳବାର ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଅନ୍ୟ ୨ ଜଣ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ କାରଗିଲ ଛକର ସଞ୍ଜୟ ପାତ୍ର (ବାବୁଲି)। ଆହତମାନେ ହେଲେ ଦେବଗଡ ପୌରାଞ୍ଚଳ ମ୍ୟୁନିସିପାଲିଟି ସାହିର ରଶ୍ମିରଞ୍ଜନ ମହାକୁଡ(ରାଜା) ଏବଂ ମହୁଲଡିପା ସାହିର ସୌମ୍ୟକାନ୍ତ ଅମାନ୍ତ। ଅନ୍ୟପକ୍ଷରେ ବାବୁଲି ଜଣେ ମେଳାପୀ, ସାମାଜିକ ସ୍ୱେଚ୍ଛାସେବୀ ଭାବରେ ସହରରେ ପରିଚିତ ଥିବାରୁ ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି। ସୂଚନାଥାଉକି, ୩ ଜଣ ଯାକ ଏକ ପଲସର ବାଇକ ଯୋଗେ ସୋମବାର ଅପରାହ୍ଣରେ କୁଶପଙ୍ଗା ଗ୍ରାମସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ତେବେ ସୋମବାର ଅପରାହ୍ଣ ୩ଟା ବେଳେ ସେମାନେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଆମ୍ବପାଳ ନିକଟରେ ଏକ ବାଛୁରୀ ହଠାତ ରାସ୍ତା ଉପରକୁ ଦୌଡି ଆସିଥିଲା। ଫଳରେ ବାଛୁରୀକୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ରାସ୍ତା ଉପରେ ତିନିଜଣ ଯାକ ଛିଟିକି ହୋଇପଡିଥିଲେ। ଏପରିକି ବାଇକ ଧକ୍କାରେ ବାଛୁରୀ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା। ସ୍ଥାନୀୟ ଗ୍ରାମବାସୀ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଯୁବକମାନଙ୍କୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ ହେଁ ସମସ୍ତଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ତୁରନ୍ତ ବୁର୍ଲା ପଠାଯାଇଥିଲା।



ଦେବଗଡିଆ ଚା-ଖଟି'ରେ ରୂପେନ୍ଦ୍ର କୁମାର ଗୁମାନସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜିଲା ପାଇଁ ଗୌରବ, ବିଭିନ୍ନ ମହଲରୁ ଶୁଭେଚ୍ଛା

## ରୁପେନ୍ଦ୍ର 'ସିଙ୍ଗିଙ୍ଗ ଟାଲେଣ୍ଟ ହଣ୍ଟ'କୁ ମନୋନୀତ

**ଦେବଗଡ,୧୧।୯(ସ୍ୱ.ପ୍ର.)**

ଜି ଟିଭି ତରଫରୁ ରାଉରକେଲା ସଙ୍ଗମ କଳା ଗ୍ରୁପ୍ ଆନୁକୁଲ୍ୟରେ ୩୮ତମ ସୁର ସଙ୍ଗମ ଜାତୀୟ ସଙ୍ଗୀତ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସିନିୟର ଓ ଜୁନିୟର ବିଭାଗରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତ ରବିବାର ରାଉରକେଲାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଯୁବ କଳାକାର ରୂପେନ୍ଦ୍ର କୁମାର ଗୁମାନସିଂଙ୍କୁ ଏଭଳି ବିରଳ ସମ୍ମାନ ମିଳିବା ସହ ସେ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲାପାଇଁ ଗୌରବ ଆଣିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ରୁପେନ୍ଦ୍ର ଗୁମାନସିଂଙ୍କୁ 'ଦେବଗଡିଆ ଚା-ଖଟି' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦେବଗଡର ଏହି ଯୁବ କଳାକାରଙ୍କୁ ମଙ୍ଗଳବାର ସ୍ଥାନୀୟ କଚେରୀସ୍ଥିତ 'ଦେବଗଡିଆ ଚା-ଖଟି'ରେ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହଯୋଗ ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଖଟି ସଦସ୍ୟ ପୃଥ୍ୱୀରାଜ ପଟ୍ଟନାୟକ, ସୁଶାନ୍ତ ନନ୍ଦ ଓ ଶଶାଙ୍କ ଶେଖର ଝାଙ୍କର, ବେଣୁଧର ଗଡନାୟକ, ଟିକେଶ୍ୱର ଗୁରୁ, ସୁଧୀର ବ୍ରହ୍ମା, ରାଜେନ୍ଦ୍ର ଆଚାର୍ଯ୍ୟ, ଚନ୍ଦନ ଦ୍ୱିବେଦୀ, ମନୋଜ ମହାପାତ୍ର, ମାନସ ଦ୍ୱିବେଦୀ, ଚନ୍ଦନ ସାହୁ, ପ୍ରୀତମ ବେହେରା, ଗୋପାଳ ସିଂ, ପ୍ରଶାନ୍ତ ଦେବ ପ୍ରମୁଖ ଉପସ୍ଥିତ ରହି ଦେବଗଡ ଭଳି ଏକ ଛୋଟିଆ ଜିଲାର ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ଗୁମାନସିଂଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଏହା ସହ ଫାଇନାଲ ଅଡିସନରେ ତାଙ୍କର ସଫଳତା କାମନା କରିଥିଲେ। ସେହିପରି ଆସନ୍ତା ୨୧ ତାରିଖ ଗୁମାନସିଂ ସୁଦୂର ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଉକ୍ତ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମର ବରିଷ୍ଠ ଫିଲ୍ମ ବିଭାଗରେ ପ୍ରଥମ ଓ ନନ୍‌ଫିଲ୍ମ ବିଭାଗରେ ୨ୟ ସ୍ଥାନ ଅଧିକାର କରିଥିବା ଗୁମାନସିଂ ଜାତୀୟ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ ହେଁ ତାଙ୍କ ପାଇଁ ବର୍ତ୍ତମାନ ଅର୍ଥ ଯୋଗାଡ କରିବା କଷ୍ଟସାଧ ହୋଇପଡିଛି। ତେଣୁ ତାଙ୍କର ଏଭଳି କୃତିତ୍ୱ ପାଇଁ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ କଳାପ୍ରେମୀ ମହଲରୁ ଶୁଭେଚ୍ଛା ଆସିବା ସହ ଫାଇନାଲ ଏଡିସନ ପାଇଁ ତାଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ଚା-ଖଟି ତରଫରୁ ନିବେଦନ କରାଯାଇଛି।

## ମଜୁରି ବୃଦ୍ଧି ଦାବିରେ ପୋଷ୍ଟକାର୍ଡ ଅଭିଯାନ

**ବାରକୋଟ, ୧୧।୯(ଡି.ଏନ.ଏ.)**

ବାରକୋଟ ବ୍ଲକଠାରେ ମହିଳା ଜନକଲ୍ୟାଣ ସଙ୍ଗଠନ ଦ୍ୱାରା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦୈନିକ ମଜୁରି ବୃଦ୍ଧି ନିମନ୍ତେ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ ହୋଇଛି। ସଙ୍ଗଠନର ସଭାପତି ରୀତା ବିନ୍ଦୁ ଟପ୍ପୋଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ଆସିଥିବା ମହିଳାମାନେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନିଶହ ପୋଷ୍ଟକାର୍ଡ ପୋଷ୍ଟବାକ୍ସରେ ପକାଇ ଥିଲେ। ୨୦୧୮ ନଭେମ୍ବର ୧୫ ସୁଦ୍ଧା ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୧୦ ହଜାର ଲେଖାଏଁ ପୋଷ୍ଟକାର୍ଡ ପ୍ରେରଣ କରାଯିବ ବୋଲି ସଙ୍ଗଠନର ସଭାପତି ବକ୍ତବ୍ୟରେ ପ୍ରକାଶ କରିଥିଲେ।

ଜିଲା ଓକିଲ ସଂଘର କଲମଛାଡ ଆନ୍ଦୋଳନ

## ୧୭ ରୁ ୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଦେବଗଡ,୧୧।୯(ସ୍ୱ.ପ୍ର.)**

ହାଇକୋର୍ଟ ବାର୍ ସଂଘର ଜନୈକ ଓକିଲଙ୍କ ପ୍ରତି ହୋଇଥିବା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ମରଣାନ୍ତକ ଆକ୍ରମଣ ଘଟଣାକୁ ସଂଘ ତରଫରୁ ଦୃଢ ନିନ୍ଦା କରାଯାଇଛି। ଏହା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନେଇ ହାଇକୋର୍ଟ ବାର ସଂଘ ତରଫରୁ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ସ୍ଥାନୀୟ ଜିଲା ଓକିଲ ସଂଘ ମଙ୍ଗଳବାର କଲମଛାଡ ଆନ୍ଦୋଳନ କରିଥିବା ଜଣାପଡିଛି। ୧୨ ତାରିଖ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି । ସେହିପରି ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡାକରା ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଦେବ । ରବିବାର ଝାରସୁଗୁଡାରେ ହୋଇଥିବା ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି ବୈଠକର ନିଷ୍ପତ୍ତି ମୁତାବକ ଦେବଗଡ ଜିଲା ସଂଘ ୧୭ ତାରିଖ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରିବା ସହ ପିକେଟିଂ ଜରିଆରେ ସମସ୍ତ କୋର୍ଟ କଚେରୀ, ଜିଲାପାଳ ଅଫିସ ସମେତ ସମସ୍ତ ରାଜସ୍ୱ ଅଦାଲତ ଗୁଡିକ ଅଚଳ କରାଯିବା ସୂଚନା ମିଳିଛି। ସେହିପରି ୧୭ରୁ ୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ହେବ ବୋଲି ସଂଘର ସଭାପତି ଦିଲୀପ କୁମାର ଗୁରୁ ଓ ସମ୍ପାଦକ ବିକାଶ କୁମାର ପ୍ରଧାନ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

ଭତ୍ତା ବୃଦ୍ଧି ଓ କର୍ମନିଯୁକ୍ତି ଦାବି

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଦେବଗଡ,୧୧।୯(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ତରଫରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ସୋମବାର ବାରକୋଟ ବ୍ଲକର ମଧ୍ୟପୁର ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୬ ଶହରୁ ଊର୍ଦ୍ଧ୍ୱ ବେରୋଜଗାରୀ ଯୁବତୀ ଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଙ୍ଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଜିଲା ଉପାଧ୍ୟକ୍ଷ ରାଜକିଶୋର ସାହୁ, ସମ୍ପାଦକ ବିଭୂତି ଭୂଷଣ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଭତ୍ତା ବୃଦ୍ଧି ଦାବିରେ ମଧ୍ୟପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଉଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300, 7682826301
BRAHAMPUR 7682826307, 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

9911436726, 9540938429



LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

Aital Companyରେ ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011, 70332-00821

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739, 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194, 07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE
* GST 5% Extra

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/-ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ।
ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଭଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବି: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରାଉରକେଲା ଅଫିସ,୧୧।୯**-ରାଜ୍ୟରେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ ସହ ପୁନଃ ପାଶ ଫେଲ ବ୍ୟବସ୍ଥା ଲାଗୁ କରିବାକୁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ପାନପୋଷ ସବକଲେକ୍ଟରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସଙ୍ଗଠନ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, ପୂର୍ଣ୍ଣ ଅନୁଦାନ ଯୋଗାଇବା କ୍ଷେତ୍ରରେ ସରକାରଙ୍କ ଚରମ ଅବହେଳା ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି। ଏପରି ଅବସ୍ଥାରେ ରାଜ୍ୟର ୪ଶହ ଶିକ୍ଷାନୁଷ୍ଠାନର ୫୦ହଜାର ଶିକ୍ଷକ, ଅଧାପକ ଓ କର୍ମଚାରୀ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏଥିଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ସହ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସେହିଭଳି ପାଶ୍, ଫେଲ ବ୍ୟବସ୍ଥା ବନ୍ଦ ହେବା ଫଳରେ ସମସ୍ୟା ଦେଖାଦେଇଛି। ସରକାର ଏହା ଜାଣି ମଧ ଅଜଣା ବସି ରହିଛନ୍ତି। ଦିନକୁ ଦିନ ଶିକ୍ଷାଦାନ ପ୍ରକ୍ରିୟା ଦିଗହରା ହେବାରେ ଲାଗିଛି। ଆଜିକାଲି ୮ମ ପାଶ ପିଲାଙ୍କୁ ମିଶାଣ, ଗୁଣନ ଓ ହରଣ ଜଣା ନ ଥିବା ପରିଲକ୍ଷିତ ହେଉଛି। ଅଭିଭାବକ ଚିନ୍ତିତ ଥିବା ବେଳେ ସରକାର ବେଫିକର ବୋଲି କହିଛନ୍ତି ଛାତ୍ର ନେତା। ରାଜ୍ୟ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ଉଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଆଦି ଯୋଜନା ପ୍ରଚଳନ କରି ଫାର୍ସ ଚଳାଇଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଗାଡ଼ି ସହ ସ୍କ୍ରାପ ଜବତ

**ରାଉରକେଲା ଅଫିସ/ବେଦବ୍ୟାସ (ଡିଏନଏ)୧୧।୯**-ବ୍ରାହ୍ମଣୀତରଙ୍ଗ ପୋଲିସ ମଙ୍ଗଳବାର ବେଦବ୍ୟାସ ସ' ମିଲ ଛକରୁ ଚୋରା ସ୍କ୍ରାପ ସହ ଏକ ଗାଡ଼ିକୁ ଜବତ କରିଛି। ସେଥିରୁ ୧ଟନ ସ୍କ୍ରାପ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୫ ହଜାର ଆକଳନ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୯୭/୨୦୧୮) ରୁଜୁ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରପ୍ରସାଦ ଜୟସ୍ୱାଲ(୨୫)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଡ୍ରାଇଭର ଫେରାର୍ ଅଛନ୍ତି। ଜବତ ଗାଡ଼ି ୪୦୭ ନୂଆ ମିନି ଟ୍ରକର ନମ୍ବର ଜଣାପଡ଼ିନାହିଁ।




ଜିଲା କଂଗ୍ରେସ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

■ ରାଫେଲ ଯୁଦ୍ଧ ବିମାନ କିଣାରେ ଦୁର୍ନୀତି ଅଭିଯୋଗ

# ସତ୍ୟ ଉପସ୍ଥାପନ କରୁ ଭାଜପା

**ରାଉରକେଲା ଅଫିସ,୧୧।୯**

ରାଫେଲ ଯୁଦ୍ଧ ବିମାନ କ୍ରୟ ପ୍ରସଙ୍ଗରେ ମୋଦି ସରକାର ଦେଶବାସୀଙ୍କୁ ଅନ୍ଧାରରେ ରଖିଛନ୍ତି। ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ନୀରବ ରହିଛନ୍ତି। ଯଦି ଅଭିଯୋଗ ଭିତ୍ତିହୀନ ବୋଲି ଭାଜପା ପକ୍ଷରୁ ଦର୍ଶାଯାଉଛି ତା'ହେଲେ ତଥ୍ୟ ସାର୍ବଜନୀନ କରିବାରେ ଅସୁବିଧା କେଉଁଠି, କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ପକ୍ଷରୁ ଗତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଦଳୀୟ ନେତୃମଣ୍ଡଳୀ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ଉପରେ ବର୍ଷିଥିଲେ। ମଙ୍ଗଳବାର ଏହାକୁ ଭିତ୍ତି କରି କଂଗ୍ରେସ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ରବି ରାୟ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ି, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ମିଶ୍ର, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ ଓ ଛାତ୍ର କଂଗ୍ରେସ ସଭାପତି ଶିବୁ ଦୀପ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ରହି ମୋଦି ସରକାର ମିଛ ସଫେଇ ଦେଇ

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

ଦେଶବାସୀଙ୍କୁ ପ୍ରତାରିତ କରିଆସୁଥିବା ଦର୍ଶାଇଛନ୍ତି। ତେବେ ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଥିବା ଅନିୟମିତତାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଛଳନା ପଦାରେ ପଡ଼ିଥିବା କହିଛନ୍ତି। ଏ ସମ୍ପର୍କରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ସ୍ପଷ୍ଟ କରିବାକୁ ଯାଇ ଜଣାଇଛନ୍ତି ଯେ, ଗୋଟିଏ ରାଫେଲ ଯୁଦ୍ଧ ବିମାନର ମୂଲ୍ୟ ୫୨୬ କୋଟି ହୋଇଥିବା ବେଳେ ଏହାକୁ ୧୬ଶହ ୭୦ କୋଟିରେ କିଣାଯାଇଛି। ଫଳରେ ରାଜକୋଷରୁ ୪୧.୨୦୫କୋଟି କ୍ଷତି ହୋଇଛି।

ୟୁପିଏ ସରକାରଙ୍କ ସମୟରେ ଗତ ୨୦୧୨ ଡିସେମ୍ବରରେ ଖୋଲାଯାଇଥିବା ଅନ୍ତର୍ଜାତୀୟ ଟେଣ୍ଡର ମୁତାବକ ୫୨୬. ୧୦କୋଟି ମୂଲ୍ୟରେ ୧୨୬ ରାଫେଲ ବିମାନ କିଣାଯିବାକୁ ଧାର୍ଯ୍ୟ ହୋଇଥିଲା। ଚୁକ୍ତି ଅନୁସାରେ ଫ୍ରାନ୍ସରୁ ୧୮ ବିମାନ ପୂର୍ଣ୍ଣଭାବରେ ନିର୍ମିତ ପରେ ଅଣାଯାଇଥାନ୍ତା। ଅବଶିଷ୍ଟ ୧୦୮ ଭାରତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିଲା। ଫ୍ରାନ୍ସର ପ୍ରଯୁକ୍ତି କୌଶଳ ଉପଯୋଗ କରି ଏହାକୁ ହିନ୍ଦୁସ୍ଥାନ ଏରୋନଟିକ୍ସ ନିର୍ମାଣ କରିବାକୁ ହୋଇଥିବା ପ୍ରସ୍ତାବ କ୍ରମେ ୩୬ ବିମାନର ମୂଲ୍ୟ ୧୮ହଜାର ୯୪୦କୋଟି ହୋଇଥାନ୍ତା। ମାତ୍ର ୨୦୧୫ ଏପ୍ରିଲ ୧୦ରେ ମୋଦି ସରକାର ପ୍ୟାରିସ ଗସ୍ତରେ ଯାଇଥିବା ବେଳେ ଫ୍ରାନ୍ସରୁ ୩୬ ରାଫେଲ ବିମାନ ମୋଟ ୭.୫ ବିଲିୟନ ୟୁରୋ(ପ୍ରତି ବିମାନ ପିଛା ୧୬୭୦.୬୦କୋଟି)ରେ କିଣାଯିବାକୁ ଡିଲ୍ ଚୂଡ଼ାନ୍ତ ହୋଇଥିଲା। ତଦନୁଯାୟୀ ୩୬ ବିମାନର ମୂଲ୍ୟ ୬୦.୧୪୫ କୋଟିରେ ପହଞ୍ଚିଥିଲା। ଏହି ମୂଲ୍ୟ ଡାସଲଟ ଆଭିଏଶନର ବାର୍ଷିକ ରିପୋର୍ଟ ୨୦୧୬(ଆନେକ୍ସର ଏ-୧)ଏବଂ ରିଲାଏନ୍ସ ଡିଫେନ୍ସ ଆନେକ୍ସର ଏ-୨ର ପ୍ରେସ ବିବୃତିରେ ଉଲ୍ଲେଖ ରହିଛି। ଏହି ଡିଲ୍ କ୍ରମେ ରାଜକୋଷରୁ ଅଧିକ ୪୧.୨୦୫ କୋଟି ଦେବାକୁ ପଡ଼ିବ। ଅତଏବ ଏହି ରାଜସ୍ୱ କ୍ଷତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଚୁପ୍ ନ ରହି ଦେଶବାସୀଙ୍କ ଆଗରେ ସତ୍ୟ ଉପସ୍ଥାପନ କରନ୍ତୁ। ତଥ୍ୟ ପ୍ରଦାନ ନେଇ ଗୋପନୀୟତା ଆଳରେ ଦେଶବାସୀଙ୍କୁ ଅଯଥା ଦ୍ୱନ୍ଦ୍ୱରେ ନ ରଖି ପ୍ରଧାନମନ୍ତ୍ରୀ ମୋଦି ଏହି ଡିଲ୍ ସଂକ୍ରାନ୍ତ ଠିକ୍ ତଥ୍ୟ ସାର୍ବଜନୀନ କରିବାକୁ ଜିଲା କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

## ଶିଶୁ ଯୌନ ସୁରକ୍ଷା ଆଇନ କର୍ମଶାଳା

**ରାଉରକେଲା ଅଫିସ,୧୧।୯**

ସେକ୍ଟର-୨ସ୍ଥିତ ସୁଶିଳାବତୀ ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶିଶୁ ଯୌନ ସୁରକ୍ଷା ଆଇନ ସମ୍ପର୍କିତ ଏକ କର୍ମଶାଳା ଅଧ୍ୟକ୍ଷା ଅଳକା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ତଥା ସାମାଜିକ କର୍ମୀ ବବିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସମ୍ପ୍ରତି ସମାଜରେ ଶିଶୁ ନିର୍ଯାତନା ବଢ଼ି ଚାଲିଛି। ଏ ନେଇ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ବିଶେଷକରି କୋମଳମତି ଶିଶୁଙ୍କୁ ଯୌନ ଶୋଷଣ କରାଯିବା ଏକ କଳଙ୍କିତ ଘଟଣା ବୋଲି ମହାପାତ୍ର କହିଥିଲେ। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଜରୁରୀ ବୋଲି ଦର୍ଶାଇଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା ସଂକ୍ରାନ୍ତ ଆଇନ ପ୍ରାବଧାନ ଉପରେ ମହାପାତ୍ର ଆଲୋଚନା କରିଥିଲେ। ଛାତ୍ରୀମାନେ ଏ ସମ୍ବନ୍ଧରେ ମୌଳିକ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଶିଶୁ ଆଇନ ଶୀର୍ଷକ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଦୀପିକା ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ହିମାନୀ ମୁସ୍କାନ ଖାତୁନ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଜାତା ରଥ, ଇସ୍ୱିବା ଏକ୍କା, ତଟିନୀ ପ୍ରଧାନ, ଭାରତୀ ମିର୍ଦ୍ଧା, ମାହେଶ୍ୱତା ସାହୁ ଓ ସ୍ନେହଲତା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।




ଆୟୋଜିତ କର୍ମଶାଳାରେ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## କାର ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

**ରାଉରକେଲା ଅଫିସ,୧୧।୯**

ବ୍ରାହ୍ମଣୀତରଙ୍ଗ ଥାନା ଡଲାକୁଦର ପୋଲ ଉପରେ ୨ ସ୍କୁଟି ଆରୋହୀଙ୍କୁ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଏକ କାର ଧକ୍କା ଦେଇଛି। ଏଥିରେ ଦୁହେଁ ଆହତ ହୋଇଛନ୍ତି। ଉଭୟଙ୍କୁ କାଲୁଙ୍ଗା ଫାଣ୍ଡି ପୋଲିସ ସହଯୋଗରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ) ନିଆଯାଇଛି। ସୂଚନାନୁଯାୟୀ, ସ୍କୁଟି ନଂ ଓଡି ୧୪ଏମ ୧୬୩୨ ଯୋଗେ ବାଇକ ଆରୋହୀଦ୍ୱୟ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ଏମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପୋଲ ଉପରେ ଗୁରୁତର ହୋଇ ପଡିଥିବା ଅବସ୍ଥାରେ ଗାଁ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ହାପିନେସ ପକ୍ଷରୁ ଭଲିବଲ ପ୍ରତିଯୋଗିତା



ରାଉରକେଲା ସ୍ୱତନ୍ତ୍ର କାରାଗାର ପରିସରରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର ଓ ଜେଲ୍ ଅନ୍ତେବାସୀ।

**ରାଉରକେଲା ଅଫିସ,୧୧।୯**

ଜେଲ ଅନ୍ତେବାସୀଙ୍କ ମନୋରଞ୍ଜନ ଉଦ୍ଦେଶ୍ୟ ନେଇ ସାମାଜିକ ସଙ୍ଗଠନ ଦି ହାପିନେସ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଏକ ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜେଲ ଅନ୍ତେବାସୀ ଓ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି କଲେଜ ଅଧ୍ୟକ୍ଷ ଡଃ. ଦେବେନ୍ଦ୍ରନାଥ ବେହେରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ ଯେ ଜେଲ ଅନ୍ତେବାସୀଙ୍କ ମୁହଁରେ ଯଦି ଆମେ ଟିକେ ହସ ଫୁଟାଇ ପାରିବା ତା'ହେଲେ ଆମ ଉଦ୍ୟମ ସାର୍ଥକ ହେବ। ହାପିନେସ ଭଳି ସଙ୍ଗଠନର ଏହି ଉଦ୍ୟମ ବାସ୍ତବରେ ସ୍ୱାଗତଯୋଗ୍ୟ ବୋଲି ବେହେରା ମତ ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜେଲର ନିରାକାର ପାଢ଼ି, ଡଃ ପ୍ରଭାତ ମଲ୍ଲିକ, ପୂର୍ବତନ ଓକିଲ ସଂଘ ସଭାପତି ରମେଶ ବଳ, ପଶୁପତିନାଥ ଚାଟାର୍ଜୀ, ଡଃ. ମେଜର ଅକ୍ଷୟ ସାମଲ, ଓକିଲ ସଂଘ ସମ୍ପାଦକ ଅକ୍ଷୟ ସାହୁ ଓ ଆଇନଜୀବୀ କୈଳାସ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଟିମ ବିଜୟ ହାସଲ କରି ସିଲ ହାସଲ କରିଥିଲା। ଅନୁଷ୍ଠାନ କର୍ମକର୍ତ୍ତା ତଥା ଆଇନଜୀବୀ ବବିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖେଳ ପରିଚାଳନା କରିଥିଲେ ଗୌରାଙ୍ଗ ଦାସ ଓ ବିଜୟ ହରିଚନ୍ଦନ।

## ଦୁବାଇ ନୂଆଁଖାଇ ଭେଟଘାଟରେ ସମ୍ବର୍ଦ୍ଧିତ ହେବେ ଓଡ଼ିଆ ନାଟ୍ୟ ନିର୍ଦ୍ଦେଶକ

**ସୁନ୍ଦରଗଡ, ୧୧।୯ (ଡି.ଏନ୍.ଏ)**

ପ୍ରଖ୍ୟାତ ନାଟ୍ୟ ଓ ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଭୋଳ ଦୁବାଇଠାରେ ପ୍ରବାସୀ ଓଡିଆଙ୍କ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟରେ ସମ୍ବର୍ଦ୍ଧିତ ହେବେ। ୟୁନାଇଟେଡ ଆରବ ଏମିରେଟସ୍ (ୟୁଏଇ ) ପଶ୍ଚିମ ଓଡିଶା ପରିବାର ସଂଗଠନ ପକ୍ଷରୁ ଦୁବାଇର କନସୁଲେଟ ଅଡିଟୋରିୟମରେ ଏହି ନୂଆଁଖାଇ ଭେଟଘାଟ ପାଇଁ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ୟୁଏଇ ଓଡିଆ ସମାଜ ଆନୁକୂଲ୍ୟରେ ଚଳିତ ବର୍ଷ ପଞ୍ଚମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଧାର୍ଯ୍ୟ ତିଥି ଅନୁଯାୟୀ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଭେଟଘାଟ ଉତ୍ସବ କୁ ଭାରତୀୟ କନସଲ ଜେନେରାଲ ଏହି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ,ଗୀତ ସହ ପଶ୍ଚିମ ଓଡିଶାର କଳାସଂସ୍କୃତି ମଞ୍ଚସ୍ଥ କରାଯିବ। ନିର୍ଦ୍ଦେଶକ ଭୋଳଙ୍କ ଦ୍ୱାରା ନିର୍ଦ୍ଦେଶିତ ସମ୍ବଲପୁରୀ ଓ ଓଡିଆ ଭାଷାରେ ନିର୍ମିତ ଚଳଚ୍ଚିତ୍ର ବେଶ ଲୋକପ୍ରିୟତା ଲାଭ କରିଛି । ଦୁବାଇ ଠାରେ ଏହି ନୂଆଁଖାଇ ଭେଟଘାଟ ମହୋତ୍ସବରେ ସମ୍ବଲପୁରୀ କଳା ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ ସଂଗୀତ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଭୂଦତ୍ତ ପ୍ରଧାନଙ୍କୁ ତାଙ୍କ ଆବର୍ତ୍ତମାନରେ ସମ୍ବର୍ଦ୍ଧିତ କରାଯିବ। ପ୍ରଭୂଦତ୍ତଙ୍କ ପକ୍ଷରୁ ତାଙ୍କ ପୁତ୍ର ଅସୀମ ପ୍ରଧାନ ସମ୍ବର୍ଦ୍ଧନା ଗ୍ରହଣ କରିବେ।

## ବେକାରଙ୍କୁ ନିଯୁକ୍ତି ଦେବାରେ କେନ୍ଦ୍ର, ରାଜ୍ୟ ବିଫଳ

■ ସେପ୍ଟେମ୍ବର ୧୫ରେ ଡିୱାଇଏଫଆଇ ପକ୍ଷରୁ ରାଜ୍ୟସ୍ତରୀୟ ବିକ୍ଷୋଭ

**ରାଉରକେଲା ଅଫିସ,୧୧।୯**

ବେକାରଙ୍କୁ ନିଯୁକ୍ତି ଓ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବାରୁ ଗଣତାନ୍ତ୍ରିକ ଯୁବ ଫେଡେରେଶନ (ଡିୱାଇଏଫଆଇ) ପକ୍ଷରୁ ସେପ୍ଟେମ୍ବର ୧୫ରେ ରାଜ୍ୟସ୍ତରୀୟ ବିକ୍ଷୋଭ ଡାକରା ଦିଆଯାଇଛି। ଏ ନେଇ ସଭାପତି ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାର ଯୁବମାରଣ ନୀତି ଆପଣେଇଛନ୍ତି। ବେକାରଙ୍କ ନିଯୁକ୍ତି ନେଇ ଉଭୟ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ନୀତି ନାହିଁ। ଏଣୁ ଆଜି ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ନିର୍ବିଶେଷରେ ସମସ୍ତେ ବେକାର ବସିଛନ୍ତି। ଏପରି ଅବସ୍ଥାରେ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ପଦ ପୂରଣ ନେଇ ପଦକ୍ଷେପ ନିଆଯାଉନି। ଏଣୁ ରାଜ୍ୟ କମିଟି ଡାକରାରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ଆନ୍ଦୋଳନ କରିବାକୁ ବାଧ ହୋଇଥିବା ସଭାପତି ପ୍ରଧାନ ବିବୃତ୍ତି ରଖିଛନ୍ତି। ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଅଧୀନ ଅଫିସ ତଥା କାର୍ଯ୍ୟାଳୟ ସମେତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପ୍ରାୟ ୨୩ଲକ୍ଷ ପଦ ଖାଲି ପଡ଼ିଛି। ଦେଶର ୨ଲକ୍ଷରୁ ୫୦ହଜାର ପାଖାପାଖି ଅଧ୍ୟାପକ ପଦ ଖାଲି ରହିଛି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ୧ଲକ୍ଷ ୫୪ ହଜାର ପଦ ପୂରଣ କରାଯାଉନି। ସ୍ଥାୟୀ ପଦବୀଗୁଡ଼ିକରେ ଠିକା କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଅପରପକ୍ଷେ ବେକାର ଯୁବକଙ୍କ ପ୍ରତି ଅଣଦେଖା କରାଯାଉଛି। ଠିକାଦାର ପୋଷା ନୀତିକୁ ଆଉ ବରଦାସ୍ତ କରାଯିବ ନାହିଁ। ଦେଶର ସମୁଦାୟ ଜନସଂଖ୍ୟାର ୪୦ ପ୍ରତିଶତ ହେଉଛନ୍ତି ଯୁବତୀ ଓ ଯୁବକ। ଏମାନଙ୍କ ନିଯୁକ୍ତି ନେଇ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ସରକାର ବଦଳୁଛି କିନ୍ତୁ ଯୁବକଙ୍କ ଅବସ୍ଥା ଯେମିତିକୁ ସେମିତି ରହିଛି। କେନ୍ଦ୍ର କ୍ଷମତାସୀନ ମୋଦି ସରକାରଙ୍କ ଏ ସମ୍ପର୍କିତ ପ୍ରତିଶୃତି ଧୂଆଁବାଣ ହୋଇଛି। ରାଉରକେଲାରେ ଥିବା ଆରଏସପିରେ ଆଉ ନୂତନ ନିଯୁକ୍ତି ହେଉନାହିଁ। ଜିଲାରେ ଶିକ୍ଷିତ ଯୁବକ ବେକାର ବସିଛନ୍ତି। ବୈଠକରେ ବିଶ୍ୱଜିତ ମାଝି, ଦିବାକର ମହାରଣା, ହିତେଶ ମଲ୍ଲିକ, ପ୍ରଭାତ ମହାନ୍ତି, ଲାଲବାହାଦୁର ମହାନ୍ତ, ଶେଖର ଶର୍ମା ଓ ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ହକି ଛକରୁ ବେଦବ୍ୟାସ ରାସ୍ତା ବେହାଲ

# ଧୂଳି ଧୂଆଁରେ ଅତିଷ୍ଠ ପଥଚାରୀ

**ରାଉରକେଲା ଅଫିସ/ବେଦବ୍ୟାସ (ଡିଏନଏ)-୧୧।୯**

୧୪୩ନଂ ଜାତୀୟ ରାଜପଥ ପାନପୋଷ ହକି ଛକରୁ ନେଇ ବେଦବ୍ୟାସ ପର୍ଯ୍ୟନ୍ତ ରାସ୍ତା ବେହାଲ ହୋଇପଡ଼ିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧୂଳି ଧୂଆଁରେ ପଥଚାରୀ ଓ ସ୍ଥାନୀୟ ବ୍ୟବସାୟୀ ନାକେଦମ ହେଉଛନ୍ତି। ଏପରି ସାଂଘାତିକ ଅବସ୍ଥାରେ ବି ଭାରିଯାନ ଚଳାଚଳ ଜାରି ରହିଥିବାରୁ ପରିସ୍ଥିତି ଉଦ୍‌ବେଗଜନକ ହୋଇଛି। ଦୀର୍ଘ ୧ କିମି ବ୍ୟାପୀ ମୋଟା ଧୂଳିର ବଳୟରେ ଘନ କୁହୁଡ଼ିର ଆସ୍ତରଣ ଯାତାୟତକୁ ଯନ୍ତ୍ରଣାଦାୟକ କରିଛି। ମୁହଁରେ ରୁମାଲ ବାନ୍ଧି ରାସ୍ତା ପାର ହେଉଥିବା ପଥଚାରୀଙ୍କ ପୋଷାକ ଧୂସୁରିଆ ପାଲଟି ଯାଉଛି। କୋଇଡା ଖଣି ଅଞ୍ଚଳର ଦୁରବସ୍ଥା ନ କହିଲେ ଭଲ। ଏଠି ବର୍ଷା ହେଲେ ପାଣି କାଦୁଅ ଭର୍ତ୍ତି ଖାଲ ରାସ୍ତାରେ ଫସି ଖଣ୍ଡିଆଖାବରା ହେବା ଥୟ। ଖରା ହେଲେ ରାସ୍ତାରେ ଜମି ରହିଥିବା କାଦୁଅ ଉଠି ବାତାବରଣକୁ ଧୂଳିମୟ କରି ତୋଳୁଛି। ଏଥିରେ ଆଖି, କାନ, ନାକ ରୁଦ୍ଧି ହୋଇଯାଉଛି। ଏପରି ଜ୍ୱାଳାରେ ପଥଚାରୀ ଅତିଷ୍ଠ ହୋଇପଡ଼ିଲେଣି।




ଧୂଳି ଧୂସରମୟ ରାସ୍ତା।

### ଏନେଇ ସ୍ଥାନୀୟ ବାସିନ୍ଦା ଯାହା କହନ୍ତି...



"ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଚେଇଁ ଶୋଇବା ନୀତି ଯୋଗୁ ଅବସ୍ଥା ଏପରି ହୋଇଛି। ରାଉରକେଲା ସ୍ମାର୍ଟ ସିଟିକୁ ଏହି ରାସ୍ତା ଦେଇ ଯିଏ ଥରେ ଆସିବ, ସେ ଆଉ ଦ୍ୱିତୀୟଥର ଆସିବାକୁ ଦି'ଥର ଚିନ୍ତା କରିବ। ବଡ ଅଧିକାରୀ ସବୁ ଏସି ଗାଡ଼ିରେ ଯାତାୟତ କରୁଛନ୍ତି। ଏଣୁ ବାସ୍ତବ ସ୍ଥିତି ଜାଣିପାରୁନାହାଁନ୍ତି। ଏ ଦିଗରେ ତୁରନ୍ତ ଧ୍ୟାନ ଦିଆଯିବା ଆବଶ୍ୟକ।

- ଶ୍ରୀକାନ୍ତ ଦାସ ( ବିଧାୟକ ପ୍ରତିନିଧି, ରାଜାଗାଙ୍ଗପୁର)



"ସରକାରଙ୍କ ଅପାରଗତାର ଏହା ହେଉଛି ଚରମ ନିଦର୍ଶନ। ପାନପୋଷ ଛକରୁ ନେଇ ବେଦବ୍ୟାସ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ରାଜପଥ ଅଧିକାରୀ ଚେଇଁ ଶୋଇଛନ୍ତି। ଧୂଳି ଧୂଆଁରେ ଜୀବନ ଅସ୍ତବ୍ୟସ୍ତ ହେଲାଣି। ଆଖପାଖ ବାସିନ୍ଦା ଶାନ୍ତିରେ ନିଶ୍ୱାସ ନେଇ ପାରୁନାହାଁନ୍ତି। ଖରା ବଢିଲେ ଦୁର୍ଦ୍ଦଶା ବଢୁଛି। ଆଗକୁ ପରିସ୍ଥିତି ଅଣାୟତ୍ତ ହେବ। ଏଣୁ ତୁରନ୍ତ ଏ ଦିଗରେ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନିଅନ୍ତୁ।

-ଛବିଳ ପୂଜାରୀ, (ଜିଲା କଂଗ୍ରେସ ସମ୍ପାଦକ)



"ଗତ କିଛି ଦିନ ହେବ ଆମକୁ ଘର କବାଟ କିଳି ରହିବାକୁ ପଡୁଛି। ଅନବରତ ଧୂଳି ଉଡ଼ିବା ଯୋଗୁ ଅତିଷ୍ଠ ହୋଇପଡ଼ିଲୁଣି। ଯଦି କେବେ ବର୍ଷା ହେଉଛି ତେବେ ଧୂଳି ଉଡ଼ିବା ବନ୍ଦ ରହୁଛି। ଗତ ଲଗାଣ ବର୍ଷା ପରଠାରୁ ଆମେ ଏମିତି ହିନସ୍ତା ହେଉଛୁ। ରାସ୍ତାରେ ଭଲରେ ଯା'ଆସ କରି ହେଉନି। ଘର ବାହାର ସବୁଠି ଧୂଳିର ଆସ୍ତରଣ ଜମିଲାଣି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ବାଧ ହେବେ।

-ଅମର ଏକ୍କା (ସ୍ଥାନୀୟ ବାସିନ୍ଦା)

## ସଂକ୍ଷେପରେ

### ପାମରା ଫୁଟବଲ ଟୁର୍ନାମେଣ୍ଟ ୧୯ରୁ

**ବଡ଼ଗାଁ,୧୧।୯(ଡି.ଏନ୍.ଏ.)**– ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମରେ ୧୨ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଥିବା ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୨୩ରେ ଉଦ୍‌ଯାପିତ ହେବ। ୪ଟି ପୁଲରେ ପ୍ରତିଯୋଗିତା ହେବ। ୨୩ରେ ୨ଟି ସେମିଫାଇନାଲ, ଫାଇନାଲ ଓ ମହିଳା ପ୍ରଦର୍ଶନୀ ମ୍ୟାଚ ହେବ। ଟୁର୍ନାମେଣ୍ଟରେ ୪୦ରୁ ଊର୍ଦ୍ଧ୍ୱ ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ରନର୍ସଅପ୍, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହୁଥିବା ଟିମ୍‌କୁ ପୁରସ୍କୃତ କରାଯିବ। ଏହା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ଡିଫେଣ୍ଡର, ବେଷ୍ଟ ଗୋଲ କିପର, ବେଷ୍ଟ ସ୍କୋରରଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ।



### ବିରତୋଲା ଗାଁରେ ହାତୀ ୨ ଘର ଭାଙ୍ଗିଲେ

**ବଡ଼ଗାଁ, ୧୧।୯(ଡି.ଏନ.ଏ.)**- ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନଖଣ୍ଡ ଅଧୀନ ଜଙ୍ଗଲକୁ ଝାଡଖଣ୍ଡ ରାଜ୍ୟ ଜଙ୍ଗଲରୁ ଆସିଥିବା ହାତୀପଲ ଅଢେଇମାସ ହେଲା ଉପଦ୍ରବ କରୁଛନ୍ତି। ସୋମବାର ରାତି କୁତ୍ରା ବ୍ଲକ ବିରତୋଲା ଗ୍ରାମରେ ବାହାଡା ଲାକ୍ରା ଓ ମନୋରଞ୍ଜନ ଲାକ୍ରାଙ୍କ ଘର ଭାଙ୍ଗି ଏକ କୁଇଣ୍ଟାଲ ଧାନ ଖାଇଦେଇଛନ୍ତି। ଏହା ସହ ଅନେକ ଗ୍ରାମବାସୀଙ୍କ ବିଲଗୁଡିକରେ ମାଡି ଦଳିଧାନ ଚାଷ ନଷ୍ଟ କରି ଦେଇଛନ୍ତି। ୩ ଶାବକ ସହ ୧୯ଟି ହାତୀ ଥିବା ଏହି ପଲ ଦିନବେଳେ ମହାବୀର ପର୍ବତରେ ରହୁଥିଲାବେଳେ ସଞ୍ଜ ହେଲେ ଗାଁ ଭିତରକୁ ଚାଲି ଆସୁଛନ୍ତି। ହାତୀପଲକୁ ଘଉଡାଇ ଅନ୍ୟତ୍ର ପଠାଇବା ବନ କର୍ମଚାରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

### ଦଉଡ଼ି ଦେଇ ମହିଳାଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା, ୧୧।୯(ଡି.ଏନ.ଏ.)**- ବୀରମିତ୍ରପୁର ଥାନା ଅନ୍ତର୍ଗତ ମଙ୍ଗଲାଲ ଦଫେଇର ଅଜୟ କେଶରୀଙ୍କ ସ୍ତ୍ରୀ ତନୁ କେଶରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ରୋଷେଇ ଘରୁ ଜବତ କରିଛି। ପାରିବାରିକ କଳହକୁ ନେଇ ସେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଆଇଆଇପିଏମ୍‌ରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

**ଡାଇରେକ୍ଟରଙ୍କ ବହିଷ୍କାର ଦାବି**
- ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା, ବିକ୍ଷୋଭ
- ଟଙ୍କା ହେରଫେର ନେଇ ଛାତ୍ରୀଛାତ୍ରଙ୍କ ଅଭିଯୋଗ
- ଭାଜପା ପକ୍ଷରୁ ଅଭିଯୋଗର ତଦନ୍ତ ଦାବି

**ରାଜଗାଙ୍ଗପୁର, ୧୧।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍‌ସଷ୍ଟିଚ୍ୟୁଟ ଫର ପ୍ରୋଡକସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଛାତ୍ରୀଛାତ୍ରମାନେ ଏହି ଇନ୍‌ସଷ୍ଟିଚ୍ୟୁଟର ଡାଇରେକ୍ଟରଙ୍କ ବିରୋଧରେ ଅଭିଯୋଗ ସହ ତାଙ୍କ ବହିଷ୍କାର ଦାବି କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ପ୍ଲାକାର୍ଡ଼ ଧରି ଇନ୍‌ସଷ୍ଟିଚ୍ୟୁଟର ଫାଟକ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ କରିଛନ୍ତି। ଯଦି ଡାଇରେକ୍ଟରକୁ ବାହାର କରା ନ ଯାଏ, ତା ହେଲେ ସେମାନେ ଧାରଣାରୁ ଉଠିବେ ନାହିଁ। ଜିଲାପାଳ ଆସି ତଦନ୍ତ ଓ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ଧାରଣାରୁ ଉଠିବେ ବୋଲି ଛାତ୍ର ନେତା ମୁକ୍ତି ରଞ୍ଜନ ପ୍ରଧାନ, ସେକସିକୋର, ଆସିଫ ଅନସାରୀ, ସଗୁଣ୍ଡା ଖାନ, ତପସ୍ୱିନୀ ସାବତ, ଜତିନମାନ ଦୋତ୍ରା, ଗୀତା ଟପ୍ପୋ ପ୍ରମୁଖ ପ୍ରକାଶ କରିଥିଲେ।

କାଂଶବାହାଲଠାରେ ୧୯୮୦ ମସିହାରେ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟରେ ୧୫୬୭୫/୫୧୨ରେ ଇଣ୍ଡିଆନ ଇନସଷ୍ଟିଚ୍ୟୁଟ ଫର ଫୋରମାନ ଟ୍ରେନିଙ୍ଗ ସେଣ୍ଟର ନାମରେ ଏକ ସଂସ୍ଥା ରେଜିଷ୍ଟ୍ରେସନ କରି ଟ୍ରେନିଂ ସେଣ୍ଟର ତିଆରି କରାଯାଇଥିଲା। ଏହି ସଂସ୍ଥା ଆଇଆଇସି ବ୍ୟାଙ୍କ, ଏଲଏଣ୍ଟି ଓ ଭାରତ ସରକାରଙ୍କ ସାହାଯ୍ୟରେ





କାଂଶବାହାଲସ୍ଥିତ ଆଇଆଇପିଏମ୍‌ରେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଛନ୍ତି।

ଆରମ୍ଭ ହୋଇଥିଲା। ପରେ ଏହି ସଂସ୍ଥାଗୁଡିକୁ ଅଣଦେଖା କରି ସଂସ୍ଥାର ଡାଇରେକ୍ଟର ଡ଼. ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଏକ ମ୍ୟାନେଜମେଣ୍ଟ କମିଟି ଗଠନ କରାଯାଇଥିଲା। ଏହି କମିଟିର ସଭାପତି ଭାବେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନଙ୍କୁ ଚୟନ କରାଯାଇଥିଲା। ଏହି କମିଟି ଗଠନ ହେବା ପରେ ଡାଇରେକ୍ଟର ଡ. ନିରଞ୍ଜନ ନାଏକଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇଯିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଡାଇରେକ୍ଟର ଆଦିବାସୀ ଛାତ୍ରୀଛାତ୍ରଙ୍କ ଭତ୍ତାକୁ ହଡପ କରିବା ସାଙ୍ଗକୁ ସେମାନଙ୍କୁ ଠିକ୍ ବ୍ୟବହାର କରୁ ନ ଥିବା ରାଜଗାଙ୍ଗପୁର ଥାନାରେ ପୂର୍ବରୁ ଲିଖିତ ଅଭିଯୋଗ ହୋଇଥିବା ଛାତ୍ରୀଛାତ୍ର କହିଥିଲେ। ଡାଇରେକ୍ଟର ନାଏକ ୨୦୧୮ରେ ଅବସର ନେଇଥିଲେ ମଧ୍ୟ ରାଜଗାଙ୍ଗପୁର ବିଧାୟକ ତଥା ଆଇଆଇପିଏମ୍ ସଭାପତି ମଙ୍ଗଳା କିଷାନ ତାଙ୍କୁ ପୁଣି ଡାଇରେକ୍ଟର ପଦବୀରେ ଅବସ୍ଥାପିତ କରିଥିବା ରାଜଗାଙ୍ଗପୁର 'ଖ' ଜିଲା ପରିଷଦ ସଭ୍ୟ ତଥା ଭାଜପା ନେତା ସୁରେନ୍ଦ୍ର ଦେହୁରୀ ଅଭିଯୋଗ କରିଛନ୍ତି। ଏହି ସଂସ୍ଥାକୁ ବର୍ଷକୁ ଅନେକ ଟଙ୍କା ଅନୁଦାନ ଆସୁଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ନଜରକୁ ନ ନେଇ ଅର୍ଥ ହେରଫେର୍ ହେଉଥିବା ଜିଲା ପରିଷଦ ସଭ୍ୟଙ୍କ ସମେତ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହି ସଂସ୍ଥା ଉପରେ ଭିଜିଲାନ୍ସ ଚଢାଉ ପାଇଁ ମଧ୍ୟ ସେମାନେ ଦାବି କରିଛନ୍ତି। ସଂସ୍ଥାର ଡାଇରେକ୍ଟର ନାଏକଙ୍କୁ ପଚାରିବାରୁ ସଂସ୍ଥାରେ କୌଣସି ଦୁର୍ନୀତି ହୋଇ ନ ଥିବା କହିଥିଲେ। ଜଣେ ଆଡକ କର୍ମଚାରୀଙ୍କୁ ବହିଷ୍କାର କରିଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ। ଘଟଣାର ସମାଧାନ ନ ହେବା ଯାଏ ଛାତ୍ରୀଛାତ୍ର ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକ ଓ ଜନସାଧାରଣ ଘଟଣାର ତଦନ୍ତ ଦାବି କରିଛନ୍ତି।



ବଡଗାଁ ଏବିଡିଓ ଚୋରା ଓରାମଙ୍କୁ ଅଧ୍ୟାପିକ, ଅଧ୍ୟାପକ, କର୍ମଚାରୀମାନେ ଦାବିପତ୍ର ଦେଉଛନ୍ତି।

## ବଡ଼ଗାଁ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଦାବିପତ୍ର ପ୍ରଦାନ

**ବଡ଼ଗାଁ, ୧୧।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ୭ଦଫା ଦାବିକୁ ନେଇ ମଙ୍ଗଳବାର ବଡ଼ଗାଁ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଚୋକା ଓରାମଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପକ ହେମନ୍ତ କୁମାର ପଣ୍ଡା, ଅରୁଣ ରଞ୍ଜନ ପୂଜାରୀ, ଜେ. ନାୟକ, ସୁଶାନ୍ତ କୁମାର ବିଶି, ପିଇଟି ଜିତେନ୍ଦ୍ର ବୁଡୋ, ଲାଇବ୍ରେରିଆନ ଲୋକନାଥ ବେହେରା, ଡେମୋଷ୍ଟ୍ରେଟର ଉପାଧ୍ୟାୟ ପାଣିଗ୍ରାହୀ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ, ଅଧ୍ୟାପିକା ମାଳବିକା ସାମଲଙ୍କ ସହିତ ୨୫ଜଣ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୨୦୧୭ ମସିହାରେ ମୁଖ୍ୟମନ୍ତ୍ରୀ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ଅନୁଦାନ ଆଇନ ଲାଗୁ ଘୋଷଣା କଲେ। ଏହା ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ପାଇଲେ ନାହିଁ। ୨୦୧୭ ଅଗଷ୍ଟ ୩୧ରେ ମୁଖ୍ୟ ଶାସନ ସଚିବ ଯେଉଁ ପ୍ରତିଶ୍ରୁତି ଦେଲେ ତାହା ମଧ୍ୟ ଲାଗୁ ହେଲା ନାହିଁ। ୨୦୧୮ ଏପ୍ରିଲ ୧୮ରେ ପୂର୍ଣ୍ଣ ଅନୁଦାନ ଲାଗୁ କରାଯିବା ପ୍ରତିଶ୍ରୁତି ପାଣିର ଗାର ହେଲା। ବାରମ୍ବାର ପ୍ରତିଶ୍ରୁତି ଓ ଆଇନ ଲାଗୁ ହେଲା କହି ଚାଲିଥିଲେ ମଧ୍ୟ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ବର୍ତ୍ତମାନ ଦରମା ପାଉଥିବା ଅଧ୍ୟାପକମାନଙ୍କୁ ରିସାଇନଡ ଅର୍ଡର ବଳରେ ଚାକିରିରୁ ବହିଷ୍କୃତ କରିବାର ଅପକୌଶଳ ସରକାର ଆପଣେଇଛନ୍ତି। ରାଜ୍ୟର ୮୦ ପ୍ରତିଶତ ଶିକ୍ଷାର ଦାୟିତ୍ୱ ବହନ କରି ଆସୁଥିବା ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମାନସିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ୨୫ ଦିନ ଧରି ଶିକ୍ଷକ, ଅଧ୍ୟାପକ, କର୍ମଚାରୀମାନେ ଅହୋରାତ୍ର ଗଣଧାରଣାରେ ବସି ରହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର ଆଲୋଚନା ପାଇଁ ଡାକିନାହାନ୍ତି ବୋଲି ପତ୍ରରେ ଦର୍ଶାଯାଇଛି। ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅନୁଦାନ ଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ ଓ ୨୦୧୮ ଅନୁଦାନ ଆଇରେ ୪୦,୬୦ ଓ ୭୫ ପ୍ରତିଶତ ଦରମା ପାଉଥିବା ସ୍କୁଲର ଅନୁଦାନ ନିର୍ଦ୍ଦେଶପତ୍ର ସହିତ ବାର୍ଷିକ ଦରମା ବୃଦ୍ଧି ଯୋଗ କରାଯାଉ ଆଦି ୭ ଦଫା ଦାବି ପୂରଣ ପାଇଁ ଉଲ୍ଲେଖ କରାଯାଇଛି ।

## ଶୁଖା ମହାଦେବ ମନ୍ଦିର ପରିଚାଳନା କମିଟି ଗଠିତ

**ବାଲିଶଙ୍କରା,୧୧।୯(ଡି.ଏନ୍.ଏ.)**

ପ୍ରସିଦ୍ଧ ଶୈବପୀଠ ଶୁଖା ମହାଦେବ ମନ୍ଦିର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଦୀପ କୁମାର ସାହୁ, ଉପସଭାପତି ମନୋଜ କୁମାର ପଟେଲ, ସାଧାରଣ ସମ୍ପାଦକ ରାଜକୁମାର ଶତପଥୀ, ସହସମ୍ପାଦକ ସୁଧାଂଶୁ ପଶାୟତ, ବିଜୟ କୁମାର ବାଘ, ପରିସଂଖ୍ୟାନ ନିୟନ୍ତ୍ରକ ପ୍ରିତମ କୁମାର ନାଏକ, କୋଷାଧ୍ୟକ୍ଷ ମୀନକେଶନ ଦାଶ, ପରାମର୍ଶଦାତା ସୁଗ୍ରୀବ ବାଘ, ଦୁର୍ଗାଚରଣ ପଟେଲ, ନଗେନ୍ଦ୍ର ପ୍ରସାଦ ସିଂ, ସୁଶୀଲ ଶତପଥୀ, ମହେନ୍ଦ୍ର କୁମାର ପଟେଲ, ଗୋପାଳ ମିଞ୍ଜ, ଦେବେନ୍ଦ୍ର ପ୍ରସାଦ ମାଝୀ, ପ୍ରଦୀପ କୁମାର ନନ୍ଦ ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ପରାମର୍ଶଦାତା ଶିଶିର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପରିଚାଳନା କମିଟି ଗଠନ ଅବସରରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

## ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୧।୯ (ଡି.ଏନ୍.ଏ)**

ସ୍ଥାନୀୟ ରାଣୀ ଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଥିବା ବୀରମିତ୍ର ପାର୍କ ପରିସରରେ ଲୋକ ନୃତ୍ୟ ପରିବେଷଣ କରି ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହାଣୀଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ସଂଯୁକ୍ତା ବହିଦାର, ସାବାନା ବେଗମ୍, ସୁଜାତା ପଟେଲ, ସ୍ୱାଗତିକା ପଣ୍ଡା, ଶ୍ୟାମା ପଟେଲ, ଶିକ୍ଷକ ବୀରବିକ୍ରମ ସିଂଦେଓ, ପଦ୍ମଲୋଚନ ରାଉତିଆ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ରାସ୍ତା ଶୋଚନୀୟ

**ଲହୁଣୀପଡା,୧୧।୯ (ଡି.ଏନ.ଏ)**

ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରୁ ପିଚୁ ଉଠିଯାଇ ବଡବଡ ଗର୍ତ୍ତ ହୋଇ ପାଣି ଜମି ରହିଛି। ଏହା ସହିତ ରାସ୍ତାରୁ ଗେଟି ବାହାରି ଛୋଟ ବଡ ଦୁର୍ଘଟଣା ଘଟୁଛି। ବର୍ଷା ପାଣି ଶୁଖିଗଲା ପରେ ପ୍ରବଳ ଧୂଳି ଉଡି ଜନଜୀବନ ଅସ୍ତବ୍ୟସ୍ତ କରୁଛି। ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ବାଇପାସଠାରୁ ଲହୁଣୀପଡାକୁ ସଂଯୋଗ କରୁଥିବା ରାସ୍ତା ପିଡବ୍ଲୁଡି ଅଧିନରେ ରହିଛି। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ଶହଶହ ଲୁହା ପଥର ବୋଝେଇ ଗାଡିଗୁଡିକ ଯାତାୟତ କରିଥିବାବେଳେ ବହୁ ଭାରିଯାନ ମଧ୍ୟ ଯାତାୟତ କରିଥାନ୍ତି। ରାସ୍ତା ପାର୍ଶ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବାରୁ ଛାତ୍ରୀଛାତ୍ର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଯାଇଥାନ୍ତି। ଏହା ସହିତ ଲହୁଣୀପଡା ଓ ରାଜାମୁଣ୍ଡାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଲୋକେ ଯାତାୟାତ କରନ୍ତି। ଲହୁଣୀପଡା ଡାକ୍ତରଖାନାକୁ ଏହି ରାସ୍ତା ଦେଇ ରୋଗୀମାନଙ୍କୁ ନେଇ ଆମ୍ବୁଲାନ୍ସ ଯିବା ଆସିବା ମଧ୍ୟ କରେ। କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସୁ ନ ଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ରାସ୍ତାରେ ଯାତାୟତର ସୁବିଧା ପାଇଁ ତୁରନ୍ତ ମରାମତି କରିବା ସହିତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।



ରାସ୍ତାରୁ ପିଚୁ ଉଠିଯାଇ ଗର୍ତ୍ତହୋଇ ପାଣି ଜମି ରହିଛି।





ଛାତ୍ରୀଛାତ୍ର ଓ ଅଭିଭାବକମାନେ ଜାମପାଲି ଗ୍ରାମରେ ବୃକ୍ଷରୋପଣ କରିବାକୁ ବାହାରିଛନ୍ତି।

## ଡାଲମିଆ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରାମ ସ୍ୱଚ୍ଛତା ଅଭିଯାନ

**ରାଜଗାଙ୍ଗପୁର,୧୧।୯(ଡି.ଏନ୍.ଏ.)**

ଡାଲମିଆ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରାମ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଘବେନ୍ଦ୍ର ଦ୍ୱିବେଦୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଜାମପାଲି ଗ୍ରାମକୁ ଯାଇ ରାସ୍ତାଘାଟ ସଫା କରିବା ସହିତ ବୃକ୍ଷରୋପଣ କରିଥିଲେ। ଗ୍ରାମବାସୀଙ୍କୁ ଏକତ୍ରିତ କରାଇ ନିଜ ଘର ଆଖପାଖ ପରିବେଶକୁ ସଫା ରଖିବା ପାଇଁ ବୁଝାଇଥିଲେ। ସେଠାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିକଟସ୍ଥ କନ୍ୟାଶ୍ରମ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଅଧ୍ୟକ୍ଷ ଦ୍ୱିବେଦୀ ଛାତ୍ରୀମାନଙ୍କୁ ପାଠପଢ଼ାର ଆବଶ୍ୟକତା ଓ ମହତ୍ତ୍ୱ ବୁଝାଇଥିଲେ। ଏଥିସହ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ରହି ତଥା ସୁଷମ ଖାଦ୍ୟ ଗ୍ରହଣ କରି ବିଦ୍ୟାର୍ଜନ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରୋତ୍ସାହିତ କରିଥିଲେ।

## କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର: ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କୁଆଁରମୁଣ୍ଡା,୧୧।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିୟମିତ ଭାବେ ସଫେଇ ହେଉନାହିଁ। ଏପରିକି ଅନ୍ତର୍ବାସ କକ୍ଷ ସମ୍ମୁଖ ବାରଣ୍ଡାରେ ବୁଲା ଗୋରୁ ପଶି ମଳତ୍ୟାଗ କରୁଛନ୍ତି। ଗୋବରଗୁଡିକ ଚାରିଆଡେ ଛିଟିକି ଗୋରୁ ଗୁହାଳ ଭଳି ଅବସ୍ଥା ସୃଷ୍ଟି ହୋଇଥିଲେ ମଧ୍ୟ ଏ ନେଇ କେହି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଡାକ୍ତରଖାନା ପରିସର ସ୍ୱଚ୍ଛ, ସୁନ୍ଦର ରହିବା ପରିବର୍ତ୍ତେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକ ଅଞ୍ଚଳର ଗରିବ ଶ୍ରେଣୀ ଲୋକେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଲେ ବାଧ୍ୟ ହୋଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାଆନ୍ତି। ଦୈନନ୍ଦିନ ରୋଗୀଙ୍କ ଲମ୍ବା ଧାଡି ଲାଗିଥାଏ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ମାତ୍ର ସ୍ୱଚ୍ଛତାକୁ ନେଇ ସରକାରୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଏହି ଡାକ୍ତରଖାନାର ସ୍ୱଚ୍ଛତାକୁ ଯଦି ଉଦାହରଣଭାବେ ନିଆଯାଏ ତେବେ ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବତା ପ୍ରତି ଯେ ଅଙ୍ଗୁଳି ନିର୍ଦ୍ଦେଶ କରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏପରିସ୍ଥଳେ ଏହି ଡାକ୍ତରଖାନର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ତଦାରଖ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏହା ସହ ଡାକ୍ତରଖାନାର କେତେକ ଡାକ୍ତର ଓ କର୍ମଚାରୀ ମନମୁଖୀଭାବେ ମେଡିକାଲକୁ ଆସୁଥିବା ନେଇ ଗତ ପ୍ରାୟ ୨ମାସ ତଳେ ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କ ଅଚାନକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସମୟରେ ଧରାପଡିଥିଲା। ଏହା ସହ ଡାକ୍ତରଖାନା ପରିସର ଏପରିକି ଅନ୍ତର୍ବାସ ରୋଗୀଙ୍କ କକ୍ଷ ଓ ପାଇଖାନା ଗୃହ ନିୟମିତ ସଫେଇ ହେଉ ନ ଥିବା ନେଇ ବିରକ୍ତି ପ୍ରକାଶ କରିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୁପାରିଶ କରିଥିଲେ। ମାତ୍ର ଏହି ଘଟଣା ଘଟିବା ପରେ ମଧ୍ୟ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଡାକ୍ତରଖାନା ଗୃହ ଭିତରକୁ ବୁଲା ଗୋରୁ ପଶି ମଳତ୍ୟାଗ କରିବା ଘଟଣା ସାଧାରଣରେ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପ୍ରତି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମହଲରେ ଦାବି ହେଉଛି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୋବର ପଡି ଅପରିଷ୍କାର ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୨/୨୦୧୮



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ କଡାକଡି ପାଳନ ପାଇଁ ଗୁରୁତ୍ୱାରୋପ

**ସୁନ୍ଦରଗଡ, ୧୧।୯ (ଡି.ଏନ୍.ଏ)-** ଲିଙ୍ଗନିରୂପଣ ନିଷିଦ୍ଧ ଆଇନ୍ ୧୯୯୪ ର ଜିଲା ପରାମର୍ଶଦାତା କମିଟି ଏବଂ ଜିଲା ଟାସ୍କଫୋର୍ସ କମିଟିର ଏକ ବୈଠକ ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିଶୁ ଲିଙ୍ଗ ଅନୁପାତ ହାର ବୃଦ୍ଧି କରିବା ପାଇଁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା । ରାଉରକେଲା ସହରାଞ୍ଚଳରେ ଅନେକ ଅଲଟ୍ରାସାଉଣ୍ଡ ସେଣ୍ଟର ଥିବାରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ମହିଳା ଆରୋଗ୍ୟ ସମିତି ଗୁଡିକରେ କାନ୍ଥରେ ସଚେତନତା ବାର୍ତ୍ତା ଲେଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କନ୍ୟା ଭ୍ରୁଣହତ୍ୟା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

### ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ ଶିବିର

**ରିଆମାଳ, ୧୧।୯ (ଡି.ଏନ.ଏ.)-** ରିଆମାଳ ବ୍ଲକ ପରିସର ମଧ୍ୟରେ ମଙ୍ଗଳବାର ଦେବଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲେବର ୟୁନିୟନ ସଭାପତି ବିଦେଶୀ ସାହୁ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରଶ୍ନ ସିଂ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ନିଶାନୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପୋ, ଗ୍ରାମୀଣ ଶ୍ରମ ନିରିକ୍ଷକ ବିନୋଦ କୁମାର ନାଏକ, ଶ୍ରମ ସଂଯୋଜକ ସୌମ୍ୟରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିବାବେଳେ ବିବାହକାଳୀନ ସହାୟତା ରାଶି ୩୬ ଜଣଙ୍କୁ ପ୍ରଦାନ କରାଯାଇଥିଲା। ୧୧ଶହ ୭ଜଣଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ସେହିପରି ପ୍ରସୂତିକାଳୀନ ସହାୟତା ୮ଜଣଙ୍କୁ ୮୦ ହଜାର ଅର୍ଥ ରାଶି ପ୍ରଦାନ କରାଯାଇଛି।

### ଅପରେଶନ ପରୀ-୨: ୨ ଶିଶୁ ଶ୍ରମିକ ଉଦ୍ଧାର

**ଝାରସୁଗୁଡା ଅଫିସ,୧୧।୯-** ଅପରେଶନ 'ପରୀ-୨' ଅଧୀନରେ ମଙ୍ଗଳବାର କୋଲାବିରା ଅଞ୍ଚଳରୁ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁଦ୍ୱୟ ହୋଟେଲରେ କାମ କରୁଥିବା ଅବସ୍ଥାରେ ଚଢ଼ାଉ କରାଯାଇଥିଲା। ଶିଶୁ ମଙ୍ଗଳ କମିଟିଠାରେ ସେମାନଙ୍କୁ ଉପସ୍ଥିତ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶିଶୁ ଶ୍ରମିକ ନିୟୋଜିତ କରିଥିବା ହୋଟେଲ ମାଲିକଙ୍କ ବିରୋଧରେ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଦ୍ଧାରକାରୀ ଦଳରେ ପୋଲିସ, ଚାଇଲ୍ଡଲାଇନ, ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, ଶ୍ରମ ବିଭାଗ ଅଧିକାରୀ ସାମିଲ ହୋଇଥିଲେ।

### ବାଦିମାଲ ସ୍କୁଲ୍‌ରେ ମୋ ସ୍କୁଲ୍ ଅଭିଯାନ ବୈଠକ

**ଲଖନପୁର,୧୧।୯(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୩ ନଂ ଜୋନ୍ ବାଦିମାଲ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ମଙ୍ଗଳବାର ସ୍କୁଲ୍‌ର ପୂର୍ବତନ ଛାତ୍ର ରାମଶରଣ ସାହୁଙ୍କ ଅଧକ୍ଷତାରେ ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ୍ ଶିକ୍ଷକ, ପୁରାତନ ଛାତ୍ର, ଗ୍ରାମର ଶିକ୍ଷାପ୍ରେମୀମାନେ ଯୋଗଦେଇ ମୋ ସ୍କୁଲ୍ ଅଭିଯାନ ନିୟମାବଳୀ ଉପରେ ଆଲୋଚନା କରିଥିଲେ । ସ୍କୁଲ୍ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ସାହୁ ଓ ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନାମରେ ଯୁଗ୍ମ ବ୍ୟାଙ୍କ ଖାତା ଖୋଲିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଆସନ୍ତା ବୈଠକ ୧୫ ତାରିଖରେ କରାଯିବାକୁ ସ୍ଥିର ହୋଇଛି। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ । ଏଥିରେ ବହୁସଂଖ୍ୟାରେ ପୁରାତନ ଛାତ୍ର ଓ ଶିକ୍ଷାପ୍ରେମୀ ଯୋଗ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ପୁରାତନ ଛାତ୍ର ତଥା ଲଖନପୁର ଏବିଓ ଅଭିନ ରାଉତ, ପ୍ରଦୀପ ସାହୁ, ସରନ୍ ରାଉତ, ଦ୍ରୋଣ ନାଏକ, ସୁଶାନ୍ତ ରୋହିଦାସ, ପୁରୁଷୋତ୍ତମ ପାଣ୍ଡେ, ସରୋଜ ରାଉତ, ଜଗମୋହନ ନେଟୀ ପ୍ରମୁଖ ଉପସ୍ଥିତ ଥିଲେ ।

■ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ

# ବୋଇଂ-୭୩୭ର ପରୀକ୍ଷାମୂଳକ ଅବତରଣ ସଫଳ

**ଝାରସୁଗୁଡ଼ାଅଫିସ,୧୧।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଏବଂ ପ୍ରଶାସନିକସ୍ତରରେ ତତ୍ପରତା ଓ ଉତ୍କଣ୍ଠା ପ୍ରକାଶ ପାଇଛି। ମୋଦିଙ୍କ ଗସ୍ତ କାର୍ଯ୍ୟସୂଚୀ ମୁତାବକ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଜୋର୍‌ଦାର୍ ହୋଇଛି। ଭାରତୀୟ ବାୟୁ ସେନାର ବୋଇଂ-୭୩୭ ବିମାନ ଯୋଗେ ପ୍ରଧାନମନ୍ତ୍ରୀ ମୋଦି ଝାରସୁଗୁଡା ବିମାନବନ୍ଦରରେ ଅବତରଣ କରିବେ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଏହାକୁ



ଝାରସୁଗୁଡା ବିମାନବନ୍ଦରରେ ଅବତରଣ କରିଥିବା ବୋଇଂ ବିମାନ।

ପରୀକ୍ଷାମୂଳକ ଭାବେ ଅବତରଣ କରାଯାଇଛି। ସେପ୍ଟେମ୍ବର ୨୨ ତାରିଖ ପୂର୍ବରୁ ଏହିପରି ଆହୁରି ଥରେ କିମ୍ବା ଦୁଇଥର ବିମାନର ପରୀକ୍ଷାମୂଳକ ଅବତରଣ ହୋଇପାରେ ବୋଲି ବିମାନବନ୍ଦର ଅଧିକାରୀ ଜଣାଇଛନ୍ତି। ଅପରାହ୍ନ ୧ଟାରେ ଭାରତୀୟ ବାୟୁ ସେନାର ବିଜନେସ୍ ବୋଇଂ ଜେଟ୍-୭୩୭ ଅବତରଣ କରିଥିଲା। ବିମାନରେ ଆସିଥିବା ଅଧିକାରୀମାନେ ପ୍ରାୟ ଅଧଘଣ୍ଟା ଧରି ବିମାନବନ୍ଦରର ସ୍ଥିତି ଓ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଅପରାହ୍ନ ପ୍ରାୟ ୧.୪୦ରେ ବିମାନଟି ସେଠାରୁ ଫେରିଆସିଥିଲା। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବୋଇଂ ବିମାନର ଏହା ପ୍ରଥମ ଅବତରଣ। ଏହି ଅବତରଣ ସଫଳତାର ସହ ହୋଇଥିବା ଝାରସୁଗୁଡା ବିମାନ ବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ କହିଛନ୍ତି।

■ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ

# ଝାରସୁଗୁଡ଼ାରେ ୩୧ ସ୍କୁଲ, ୧୬ କଲେଜ ବନ୍ଦ

**ଝାରସୁଗୁଡ଼ା ଅଫିସ,୧୧।୯**

ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ମିଳିତ ମଞ୍ଚ ତରଫରୁ ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରହିଛି। ଗତ ୨୬ ଦିନ ହେବ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଏବଂ ଶିକ୍ଷକମାନେ ପିଏମ୍‌ଜି ରୋଡ଼ରେ ଦାବି ପୂରଣ ନେଇ ଆନ୍ଦୋଳନରତ ଥିବା ବେଳେ ଏହାର ପ୍ରଭାବରେ ଜିଲାମାନଙ୍କରେ ଶିକ୍ଷାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଝାରସୁଗୁଡ଼ା ଜିଲାର ୩୧ ବ୍ଲକ୍‌ଗ୍ରାଣ୍ଟ ସ୍କୁଲ ଗତ ୬ ତାରିଖରୁ ସମ୍ପୂର୍ଣ୍ଣ ବନ୍ଦ ହୋଇସାରିଛି। କେବଳ ସ୍କୁଲ ନୁହେଁ ୧୬ ବ୍ଲକ୍ ଗ୍ରାଣ୍ଟ କଲେଜରେ ମଧ୍ୟ ତାଲା ପଡ଼ିଛି। ସମାନ୍ତରାଳ ଭାବେ ଆନ୍ଦୋଳନକୁ ସମର୍ଥନ କରି ମଙ୍ଗଳବାର ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକମାନେ ଝାରସୁଗୁଡା ବ୍ଲକ୍ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏପରିକି ଦାବି ପୂରଣ ପାଇଁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରିଥିଲେ। ଗୋଟିଏପଟେ ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ସ୍କୁଲ କଲେଜରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପାଠପଢା ବନ୍ଦ ଯୋଗୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଚିନ୍ତାରେ ରହିଛନ୍ତି। ବନ୍ଦ ଥିବା ସ୍କୁଲର ଛାତ୍ରୀଛାତ୍ରଙ୍କୁ ପାଖ ସ୍କୁଲ ସହ ସଂଯୋଗ କରିବା ନିୟମ ରହିଛି। ହେଲେ ତାହା ମଧ୍ୟ ହୋଇପାରିନାହିଁ। ସ୍କୁଲରେ ଅଚଳାବସ୍ଥା ବଳବତ୍ତର ରହିଥିବାରୁ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ କହିବାନୁଯାୟୀ, ବନ୍ଦ ଥିବା ସ୍କୁଲରେ ପାଖ ସ୍କୁଲର ଶିକ୍ଷକଙ୍କୁ ନିୟୋଜିତ କରିବା ପାଇଁ ଯୋଜନା ହୋଇଛି। ଖୁବଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ।

■ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ୬ଦଫା ଦାବି

# ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

**ଲଖନପୁର,୧୧।୯(ଡି.ଏନ୍.ଏ)**

ରାଜ୍ୟ ସ୍କୁଲ୍ କଲେଜ୍ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଲଖନପୁର ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘ ତରଫରୁ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ବିଡିଓ ଗୋବିନ୍ଦ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା । ଏହାର ଏକ ନକଲ ବିଇଓଙ୍କୁ ଦିଆଯାଇଛି। ୬ଦଫା ଦାବି ମଧ୍ୟରେ ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ୍ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ, ସପ୍ତମ ବେତନ କମିଶନ ଲାଗୁ,



ଶିକ୍ଷକମାନେ ବିଡିଓ ଗୋବିନ୍ଦ ଦଣ୍ଡସେନାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସତ୍ୟପାଠ ତଥା ଲିଖିତ ନିର୍ଦ୍ଦେଶନାମା ପ୍ରତ୍ୟାହାର, ଅଧ୍ୟାପକମାନଙ୍କ ପାଇଁ ଲାଗୁ ହୋଇଥିବା ରିସାନ୍‌ଇଡ୍ ଅର୍ଡର ପ୍ରତ୍ୟାହାର, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ୍ ବାବଦ ଅର୍ଥ ତୁରନ୍ତ ପ୍ରଦାନ, ସମସ୍ତ ସ୍କୁଲ୍ କଲେଜରେ କାର୍ଯ୍ୟରତ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ବକେୟା ଦରମା ଅନ୍ତର୍ଭୁକ୍ତ ରହିଛି । ଏହିସବୁ ଦାବି ମଧ୍ୟରୁ କେତେକ ଦାବିକୁ ସରକାର ମାନିନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ସରକାର ଏବେ ଟାଳଟୁଳନୀତି ଅବଲମ୍ବନ କରିଚାଲିଛନ୍ତି। ଏଣୁ ଶିକ୍ଷକମାନେ ଦୀର୍ଘ ୨୫ ଦିନ ହେଲା ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ସ୍କୁଲ୍‌ମାନଙ୍କରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଶିକ୍ଷକଙ୍କ ଦାବିକୁ ମାନି ନିଅନ୍ତୁ ବୋଲି ସଂଘ ତରଫରୁ ଅନୁରୋଧ କରାଯାଇଛି । ଏହି ଦାବିପତ୍ରରେ ଶିକ୍ଷକ କେଶବ ସା, ରାଧାକାନ୍ତ ବାରିକ, ପରମାନନ୍ଦ ବାରିକ, ପ୍ରଦୀପ କୁମାର ଦାସ, ସମୀର ପ୍ରଧାନ, ଶିବଶଙ୍କର ମେହେର, ସୁଶାନ୍ତ ପ୍ରଧାନ, ଜୟପ୍ରକାଶ ମଲ୍ଲିକ, ଉମାକାନ୍ତ ପଣ୍ଡା, ଅନନ୍ତ କାଲୋ, ବିପଦ ଭଞ୍ଜନ ପଣ୍ଡା, ପ୍ରମୋଦ କୁମାର ଭୋଇ ପ୍ରମୁଖଙ୍କ ଦସ୍ତଖତ ରହିଛି।

### ଚୋରଙ୍କ ଦୌରାତ୍ମ୍ୟ: ଚୋରି କରିବାକୁ ପଶିଲେ, ରୋଷେଇ କରି ଖାଇଲେ

**ଝାରସୁଗୁଡ଼ା ଅଫିସ,୧୧।୯**

ଚୋର ଚୋରି କରିବା କଥା ସମସ୍ତେ ଜାଣନ୍ତି। ହେଲେ ଝାରସୁଗଡ଼ାର ଏକ ସ୍କୁଲରେ ପଶିଥିବା ଚୋରମାନେ ରୋଷେଇ କରି ଖାଇବା, ମଦ ପିଇବା ଏବଂ ଅନ୍ୟାନ୍ୟ ଜିନିଷପତ୍ର ଫିଙ୍ଗାଫୋପଡା କରିବା ଭଳି ନାଟକୀୟ ଘଟଣା ମଙ୍ଗଳବାର ଦେଖିବାକୁ ମିଳିଛି। ଏ ବାବଦରେ ଝାରସୁଗୁଡ଼ା ଟାଉନ ଥାନାରେ ସ୍କୁଲ ତରଫରୁ ଏତଲା ଦିଆଯାଇଛି। ଖବର ନେବାରୁ ଜଣାଯାଏ, ଝାରସୁଗୁଡ଼ା ସହରାଞ୍ଚଳରେ ଥିବା ସରବାହାଲ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଚୋରି ହୋଇଛି। ଚୋରମାନେ ତାଲା ଭାଙ୍ଗି ସ୍କୁଲ ମଧ୍ୟରୁ କମ୍ପ୍ୟୁଟର, ଫ୍ୟାନ୍ ଚୋରି କରି ନେଇଛନ୍ତି। ସୋମବାର ରାତିରେ ସ୍କୁଲରୁ ଚୋରି କରିବା ଉଦ୍ଦେଶ୍ୟରେ କେତେଜଣ ପଶିଥିଲେ। ହେଲେ ସ୍କୁଲରେ କିଛି ନ ଥିବାରୁ ସେମାନେ ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ଚାଉଳ, ଡାଲି, ଅଣ୍ଡାକୁ ରୋଷେଇ କରି ଖାଇଥିଲେ। ରାତିସାରା ସେଠାରେ ରହି ମଦ୍ୟପାନ କରିଥିଲେ। ଏପରି କି ଯିବା ବେଳେ ସ୍କୁଲର ଜରୁରୀ ନଥିପତ୍ର ଫିଙ୍ଗାଫୋପଡ଼ା କରି ଚାଲିଯାଇଥିଲେ। ସ୍କୁଲ ତରଫରୁ ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# କୁଆଁରମୁଣ୍ଡାରେ ସରକାରୀ ଜମି ଜବରଦଖଲ

**କୁଆଁରମୁଣ୍ଡା,୧୧।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ସଦର କୁଆଁରମୁଣ୍ଡା ରାଜସ୍ୱ ଇଲାକାରେ ସରକାରୀ ଜମି ବିଶେଷକରି ପତିତ, ଗୋଚର, ଅନାବାଦି ଆଦି ଜମି ଜବରଦଖଲ ବଢ଼ି ଚାଲିଛି। ଏତଦ୍‌ବ୍ୟତୀତ ଜଙ୍ଗଲ ଜମିକୁ ମଧ୍ୟ କେତେଜଣ ପ୍ରଭାବଶାଳୀ ଲୋକ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରିବାକୁ ପଛାଉ ନାହାନ୍ତି। କେବଳ ଏତିକି ନୁହେଁ, ଉକ୍ତ ଘରଗୁଡ଼ିକୁ ମଧ୍ୟ ଅନ୍ୟକୁ ଭଡ଼ା ଦେଇ ବେଶ୍ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀମାନେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ଆଳ କରି ଚୁପ୍ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜସ୍ୱ କର୍ମଚାରୀଙ୍କ ଜାଣତରେ ସବୁ କାର୍ଯ୍ୟ ଚାଲୁଥିବାବେଳେ ସେମାନେ କେବଳ ଏନ୍‌କ୍ରୋଚ୍‌ମେଣ୍ଟ ମାମଲାଟିଏ ରୁଜୁ କରି ଚୁପ୍ ରହୁଛନ୍ତି। ଫଳରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସରକାରୀ ଜମିକୁ ଜବରଦଖଲକାରୀ ନିଜ କବ୍‌ଜାକୁ ନେବାକୁ ଆଦୌ ପଛାଉ ନାହାନ୍ତି। ଏହାଦ୍ୱାରା ସରକାରୀ ପତିତ ଜମିର ପରିମାଣ ସଙ୍କୁଚିତ ହେବାରେ ଲାଗିଛି। ଏପରିକି ଏବେ ଏହି ଅଞ୍ଚଳରେ ଏଭଳି ପରିସ୍ଥିତି ହେଲାଣି ଯେ ଲୋକଙ୍କ ମଧ୍ୟରେ ସରକାରୀ ଜମି ଜବରଦଖଲ କରିବା ଦିଗରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏ ଦିଗରେ ମଧ୍ୟ ଦଲାଲମାନେ ତହସିଲ କର୍ମଚାରୀଙ୍କୁ ହାତ କରି ବେଶ୍ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିବା ଅଭିଯୋଗ ହେଉଛି। ଏ ନେଇ କୁଆଁରମୁଣ୍ଡା ତହସିଲଦାର ଦିଲୀପ ତ୍ରିପାଠୀଙ୍କୁ ପଚରାଯିବାରୁ ସେ କହିଲେ, ଜବରଦଖଲକାରୀଙ୍କ ବିରୋଧରେ ବିଭାଗ ପକ୍ଷରୁ ଏନକ୍ରୋଚମେଣ୍ଟ କେସ୍ ରୁଜୁ ହେଉଛି। ତେବେ ଜବରଦଖଲ ଉଚ୍ଛେଦ କରି ସରକାରୀ ଜମିକୁ ସରକାରୀ ଖାତାକୁ କାହିଁକି ଅଣା ନ ଯାଉଛି ବୋଲି ପ୍ରଶ୍ନ ଉଠୁଛି। ସେହିପରି ଏନ୍‌କ୍ରୋଚମେଣ୍ଟ କେସ୍ ପରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ୍ ଜାରି କରାଯିବାର ନିୟମ ରହିଛି। ହେଲେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କ୍ଷେତ୍ରରେ ସ୍ଥାନୀୟ ରାଜସ୍ୱ କର୍ମଚାରୀମାନେ ଅବହେଳା କରୁଥିବାରୁ ଦିନକୁ ଦିନ ଜବରଦଖଲ ସମସ୍ୟା ବୃଦ୍ଧି ପାଉଛି। ଏ ଦିଗରେ ରାଜସ୍ୱ ବିଭାଗର ଜିଲାସ୍ତରୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




ହକି ଖେଳାଳିଙ୍କ ସହ ଖବରଦାତା ସଂଘର କର୍ମକର୍ତ୍ତା ଓ ଅତିଥି।

# ଗ୍ରାମାଞ୍ଚଳ ଖବରଦାତା ସଂଘ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ବାଲିଶଙ୍କରା,୧୧।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଗ୍ରାମାଞ୍ଚଳ ଖବରଦାତା ସଂଘ ବାଲିଶଙ୍କରା ଶାଖା ପକ୍ଷରୁ ବନ୍ଧୁମିଳନ ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମେ କଳାହାଣ୍ଡି ଜିଲା କୋକସରାର ଖବରଦାତା କୁମୁଦ ନାଏକଙ୍କ ପରଲୋକରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି ପଙ୍କଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ଯୋଗଦେଇଥିଲେ। ଖବରଦାତାମାନେ ହେଉଛନ୍ତି ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଓ ଦେଶର ଜାଗ୍ରତ ପ୍ରହରୀ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ପି.ଏସ୍ କଲେଜ ଅଧ୍ୟକ୍ଷ କୁଳମଣି ସାହୁ, ଜୁଲୁସ ତିର୍କୀ, ପ୍ରମୋଦ ସାହୁ, ଉଜ୍ଜ୍ୱଳ ମିଞ୍ଜ, ଉତ୍ତମ ତନ୍ତୀ, ରାଜକୁମାର ଶତପଥୀ, ଚନ୍ଦ୍ରମଣି ପ୍ରଧାନ, ଜୟନ୍ତୀ ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନରେ ମହିଳା ହକି ଓ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପି.ଏସ୍. କଲେଜ ମହିଳା ଫୁଟବଲ ଦଳ ଓ ସଉନାମରା ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହେଇଥିଲା। ଏଥିରେ ପି.ଏସ୍. କଲେଜ ଟିମ୍ ୨-୦ ଗୋଲରେ ବିଜୟୀ ହୋଇଛି। ସେହିପରି ବାଲିଶଙ୍କରା ବାଳିକା ବିଦ୍ୟାଳୟ ଓ ସଉନାମରା ମଧ୍ୟରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଉନାମରା ୧-୦ ଗୋଲରେ ବିଜୟୀ ହୋଇଛି। ଖବରଦାତା ସଂଘର କୋଷାଧ୍ୟକ୍ଷ କ୍ଷେତ୍ରବାସ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଶୋକ ଷଡ଼ଙ୍ଗୀ, ଲବଣୀଧର ପୃଷ୍ଠେଠ, ପ୍ରଦୀପ ନନ୍ଦ, ସତ ସେଠ, ଅନନ୍ତ ପଟେଲ, ମୁକୁନ୍ଦ ପଣ୍ଡ, ଅନୀଲ ବାଘ, ପ୍ରଦ୍ୟୁମ୍ନ ପଟେଲ, ସୁରେନ ଏକ୍କା, ଚନ୍ଦନ ସିଂ, ଶିବଶଙ୍କର ଓରାମ, ଶିବନାରାୟଣ ମହାନ୍ତି, ରାମପ୍ରସାଦ ଚୌଧୁରୀ, ରୁଦ୍ରପ୍ରସାଦ ଦଣ୍ଡସେନା ସହଯୋଗ କରିଥିଲେ। ଅଶୋକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଡିଓଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

**ଲଇକେରା,୧୧।୯(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ବ୍ଲକର ଶତାଧିକ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ରାଜ୍ୟ ସ୍କୁଲ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲଇକେରା ବିଡିଓଙ୍କୁ ୭ ଦଫା ଦାବି ସମୂହ ଏକ ପତ୍ର ପ୍ରଦାନ କରିଛନ୍ତି । ବ୍ଲକର ୬୬୨ ବର୍ଗ ୫ କଲେଜ, ୪୪୮ ବର୍ଗ କଲେଜ, ୬ ହାଇସ୍କୁଲ ଏବଂ ୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଜିଲା ସଭାପତି ସନ୍ତୋଷ କୁମାର ପଟେଲ, କନଭେନର ପ୍ରମୋଦ କୁମାର ସିଂ, ସଭ୍ୟ ସୁଶାନ୍ତ ରଥ, ବିହାରୀ ପଟେଲ, ଦେବେନ୍ଦ୍ର ଭୋଇ ଏବଂ ସୁଧାଂଶୁ ଶେଖର ପୁରୋହିତଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି ।

## ଫଟୋରେ ଖବର



ମୋଦିଙ୍କ ଗସ୍ତ ପାଇଁ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ମଙ୍ଗଳବାର ଅମଲିପାଲି ସ୍ଥିତ ସଭା ସ୍ଥଳ ଅନୁଧ୍ୟାନ କରୁଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ସଭା ସ୍ଥଳ ଅମଲିପାଲି ପଡିଆକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରାଯାଉଛି।